# ଧରିତ୍ରୀ DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୫/୨୦୧୯ (୨୦ ପୃଷ୍ଠା) Sambalpur, Tuesday, October 15 / 2019 ★★

୧୫୫ଶ ଭାଗ ୨୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






**For Trade Enquiry:** Kantabanji - 9437964192, Bhubaneshwar - 9861052992, Cuttack - 9437020692, Jajpur - 9338710502, 7978048247, Jharsuguda - 9437095207, Haldipadar - 9437064123, Balasore - 9040122940, 9938377790

ଧରିତ୍ରୀ
ପେଟୁପାଳି ଗଜଲକ୍ଷ୍ମୀ ପୂଜା
ସ୍ୱତନ୍ତ୍ର ୨୦୧୯
ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୫/୨୦୧୯

ସଂସ୍କୃତି, ପରମ୍ପରାକୁ ସମ୍ମାନ ଦେବା ସହ ଖୁସି ମନେଇବାର ଅନ୍ୟନାମ ହେଉଛି ପୂଜା ପାର୍ବଣ। ବାର ମାସରେ ତେର ପୂଜା ସେଥିମଧ୍ୟରୁ ପାର୍ବଣ ପୂଜା ହେଉଛି ଅନ୍ୟତମ। ଜୀବନ ଜଞ୍ଜାଳରେ ଛନ୍ଦି ହୋଇଥିବା ମଣିଷ ଶାନ୍ତି ପାଇଁ ବହୁ ଦେବଦେବୀଙ୍କୁ ଆରାଧନା କରିଥାଏ। ବିଶ୍ୱାସ ରହିଛି ଦେବୀକୃପା ବଳରେ ଅସାଧ୍ୟ ସାଧନ ହୋଇପାରେ। ଯୁଗେ ଯୁଗେ ରହି ଆସିଛି ଦୈବୀ ଶକ୍ତିର ପ୍ରଭାବ। ଏହି କ୍ରମରେ ବରଗଡ ଜିଲା ପେଟୁପାଲି ଠାରେ ଆଜିକୁ ୨୮ ବର୍ଷ ହେଲା ପୂଜା ପାଇ ଆସୁଛନ୍ତି ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ଗଜଲକ୍ଷ୍ମୀ। ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ନ ରଖି ପାରସ୍ପରିକ ସହଯୋଗର ହାତ ବଢାଇ ଭ୍ରାତୃଭାବ ଏବଂ ଏକତାର ବାର୍ତ୍ତା ପ୍ରଚାର କରିଆସୁଛନ୍ତି ପେଟୁପାଲି ଗ୍ରାମବାସୀ। ଏଠାରେ ମା'ଙ୍କ ପୂଜା ସହିତ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। କୁମାର ପୂର୍ଣ୍ଣମୀରୁ ମାଁଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବା ଏହି ପରିପେକ୍ଷୀରେ ଘେଁସ ପ୍ରତିନିଧି ବିଶ୍ୱ କୁମାର ସାହୁଙ୍କ ଏକ ଉପସ୍ଥାପନା ।

## ପେଟୁପାଲି ଗଜଲକ୍ଷ୍ମୀ ପୂଜା

# ଭାଇଚାରା, ଏକତାର ବାର୍ତ୍ତାବହ

**ବଜାୟ ରହିଛି ଗାଁ ରୀତିନୀତି ଓ ପରମ୍ପରା:**
ପ୍ରତିବର୍ଷ ନୂଆଖାଇ ସନ୍ଧ୍ୟାରେ ଗଜଲକ୍ଷ୍ମୀ ପୂଜା ଲାଗି ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥାଏ। ସେହିଦିନ ଠାରୁ ଆରମ୍ଭ ହୋଇଯାଇଥାଏ ପ୍ରସ୍ତୁତି ପର୍ବ । ପଣ୍ଡିତଙ୍କୁ ଡାକି ନିର୍ଦ୍ଧାରିତ ହୋଇଥାଏ ପୂଜାଲଗ୍ନ ଏବଂ ଗାଁ ଲୋକଙ୍କୁ ନେଇ କର୍ମକର୍ତ୍ତା ଚୟନ। ପୂଜା ମହୋତ୍ସବ ନିଷ୍ଠାର ସହ ପାଳିତ ହୋଇଥାଏ । ପୂଜାରମ୍ଭ ଦିନ


ମଣ୍ଡପରେ ମାଁ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି ।

ସମସ୍ତେ ନିଜ ଘର ଲିପାପୋଛା କରି ପରିଷ୍କାର କରିଥାନ୍ତି। ପୂଜା ସରିବା ପର୍ଯ୍ୟନ୍ତ ଗାଁ ଲୋକେ ଆମିଷ ଭକ୍ଷଣ ବନ୍ଦ ରଖିଥାନ୍ତି। ଗଜଲକ୍ଷ୍ମୀ ପୂଜାକୁ ପେଟୁପାଲି ଗ୍ରାମବାସୀ ଏକ ଗଣପର୍ବ ଭାବେ ପାଳନ କରିଥାନ୍ତି ।

**ମାଁ ଗଜଲକ୍ଷ୍ମୀଙ୍କୁ ଆରାଧନା ଓ ପୂଜାବିଧି:**
ଆଶ୍ୱିନ କୁମାର ପୂର୍ଣ୍ଣମା ଦିନ ଆରମ୍ଭ ହୋଇଥାଏ ମାଁ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ପର୍ବ। ଏହି ରାତିରେ ସେ ଧରାବତରଣ କରି ମର୍ତ୍ତ୍ୟମଣ୍ଡଳ ଭ୍ରମଣ କରିଥାନ୍ତି । ସେହି ସମୟରେ ଯେ ଜାଗ୍ରତ ଥାଏ ତାକୁ ଲକ୍ଷ୍ମୀ ଧନ, ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତି ବୋଲି ବିଶ୍ୱାସ ରହିଛି। ଦୀର୍ଘ ତିନି ଦିନ ଧରି ନିଷ୍ଠାର ସହିତ ପାଳିତ ହୋଇଥାଏ ପୂଜା ମହୋତ୍ସବ। ପ୍ରତ୍ୟହ ସନ୍ଧ୍ୟା ସାଢେ ୬ଟାରୁ ୭ଟା ୧୫ ପର୍ଯ୍ୟନ୍ତ ମାଁଙ୍କ ଠାରେ ମହାଆଳତି କରାଯାଇଥାଏ ।

**ମା'ଙ୍କୁ ଲାଗି ହୁଏ ଛପନ ଭୋଗ:**
ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ଆଳତି କାର୍ଯ୍ୟକ୍ରମ ପରେ ମା'ଙ୍କ ଠାରେ ଅନ୍ନ ଭୋଗ ଲାଗି ହୁଏ । ମା'ଙ୍କ ପ୍ରସାଦ ସେବନ ଲାଗି ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥାଏ । ପୂଜାରେ ଅନ୍ନ ଭୋଗ ଯୋଗାଇ ଦେବା ପାଇଁ ଶ୍ରଦ୍ଧାଳୁ ଭକ୍ତମାନେ ଅଗ୍ରୀମ ପୂଜା କମିଟିକୁ ଜଣାଇଥାନ୍ତି। ପୂଜାର୍ଚ୍ଚନାର ତୃତୀୟ ଦିବସରେ ମା'ଙ୍କ ଠାରେ ଛପନ ଭୋଗ ଲାଗି ହୋଇଥାଏ । ଏହି ଅଞ୍ଚଳର ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ମା'ଙ୍କ ଅନ୍ନଭୋଗ ଭକ୍ଷଣ କଲେ ରୋଗ, କଷ୍ଟ ସବୁ ଲାଘବ ହୋଇଥାଏ । ତିନି ଦିନ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥାଏ ।

**ଅତୁଟ ରହିଛି ଲୋକ ବିଶ୍ୱାସ:**
ମା' ଲକ୍ଷ୍ମୀ ଅଞ୍ଚଳର ଭକ୍ତଙ୍କ ସୁଖଦୁଃଖର ସାଥୀ ଅଟନ୍ତି । ବିପଦ କିମ୍ବା ଅଭାବ ଅନଟନ ସମୟରେ ମା' ଭକ୍ତଙ୍କୁ ସହାୟ ହୋଇଥାନ୍ତି। ମାନସିକ ରଖି କର୍ତ୍ତା ଦାୟିତ୍ୱ ତୁଲାଇଲେ ମନୋକାମନା ନିଶ୍ଚିତ ଭାବେ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଦୁଃଖିଙ୍କ ସୁଖପ୍ରାପ୍ତି, ଅପୁତ୍ରିକକୁ ସନ୍ତାନ ଲାଭ, ନିର୍ଦ୍ଧନକୁ ଧନପ୍ରାପ୍ତି ଭଳି ବହୁ ମାନସିକ ପୂରଣ ହୋଇଥାଏ ବୋଲି ସସ୍ତ୍ରୀକ କର୍ତ୍ତାମାନେ ଅଙ୍ଗେ ନିଭାଇଥିବା କଥା କୁହନ୍ତି ।

**ହଜିଯାଇନି ଲୋକ ସଂସ୍କୃତି:**
ପେଟୁପାଲି ଗଜଲକ୍ଷ୍ମୀ ପୂଜାରେ ମହାରାଜ କଳାସୁରଙ୍କ ଭୂମିକା ରହିଛି । ଏକ ସୁସଜ୍ଜିତ ବିମାନରେ ମହାରାଜ କଳାସୁର ନଗର ଭ୍ରମଣ ପରେ ସ୍ୱତନ୍ତ୍ର ମଞ୍ଚରେ କଳାସୁର ଦରବାର ଅନୁଷ୍ଠିତ ହୋଇଥାଏ। ମଞ୍ଚରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଅତିଥି ରୁପେ ଦେଖିବାକୁ ମିଳିଥାଏ। ତିନିଦିନ ଧରି କଳାସୁରଙ୍କ ରାଜୁତି ଚାଲେ । ପେଟୁପାଲି ପାଲଟି ଥାଏ ଜେନାବଳୀ ପୁର । ତାଙ୍କ ଆଦେଶରେ ନର୍ତ୍ତକୀମାନେ ନୃତ୍ୟ ପରିବେଷଣ କରିଥାନ୍ତି। ଚଳିତବର୍ଷ ପୂଜା ମହୋତ୍ସବକୁ ସରସ, ସୁନ୍ଦର ତଥା ମନଲୋଭା କରିବା ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ହଜିବାକୁ ବସିଥିବା ଲୋକକଳା, ସଂସ୍କୃତି ଓ ଲୋକନୃତ୍ୟକୁ ପ୍ରାଧାନ୍ୟ ଦେଇ 'ମହନୀ ଲୋକ ମହୋତ୍ସବ' ଆୟୋଜନ କରାଯାଇଛି ।

**ଉତ୍ସବମୁଖର ପେଟୁପାଲି:**
ଗଜଲକ୍ଷ୍ମୀ ପୂଜା ପାଇଁ ଗତ କିଛି ଦିନ ହେଲା ପେଟୁପାଲି ହୋଇ ଉଠିଛି ଚଳଚଞ୍ଚଳ। ପୂଜା ମଣ୍ଡପ ସାଜସଜ୍ଜା ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ପୂଜା ପ୍ରସ୍ତୁତି ଦିନରାତି ସମାନ ହୋଇପଡିଛି । ଗ୍ରାମର ମୁଖ୍ୟ ଛକ ଗୁଡିକରେ ନିର୍ମିତ ତୋରଣ ଏବଂ ଆଲୋକମାଳା ଗ୍ରାମର ଶୋଭାବର୍ଦ୍ଧନ କରୁଛି । ମିନାବଜାର ସାଙ୍ଗକୁ ଚାଟ, ଗୁପଚୁପ ଖାଇବାର ମଜା ଏଠି ନିଆରା ।


ମହାରାଜା କଳାସୁର ନଗର ଭ୍ରମଣ କରୁଛନ୍ତି ।


ମହାରାଜା କଳାସୁର ଦରବାରର ଦୃଶ୍ୟ ।

## କଳାସୁର ରାଜୁତିରେ ଥରହର ଜେନାବଳୀପୁର

ବରଗଡ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲି ଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ମହୋତ୍ସବର ୨ୟ ଦିବସରେ ମାଁଙ୍କ ପୂଜା ମଣ୍ଡପରେ ହୋମଯଜ୍ଞ, ସୂର୍ଯ୍ୟପୂଜା, ପୀଠ ପୂଜା, ଅଙ୍ଗପୂଜା, ଅଷ୍ଟଲକ୍ଷ୍ମୀ ପୂଜା ଆଦି ଯଥାରୀତି ହୋଇଥିଲା । ସନ୍ଧ୍ୟାରେ ମାଁଙ୍କୁ ମହାଆଳତି ପ୍ରଦାନ କରାଯାଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା। ସେହିପରି ଅପରାହ୍ନରେ ମହାରାଜା କଳାସୁର ନଗର ପରିକ୍ରମା ପରେ ତାଙ୍କ ଦରବାରରେ ପହଞ୍ଚିଥିଲେ। ମହାରାଜା କଳାସୁରଙ୍କ ଅତ୍ୟାଚାରରେ ଦେବତାମାନେ ବିଷ୍ଣୁଙ୍କ ପାଖରେ ଶରଣ, କଳାସୁରଙ୍କୁ ମାରିବା ପାଇଁ ଲକ୍ଷ୍ମୀଙ୍କୁ ବିଷ୍ଣୁଙ୍କ ଆଦେଶ, କଳାସୁରଙ୍କ ବିବାହ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ରାମଚନ୍ଦ୍ର ଭୋଇ ନିର୍ଦ୍ଦେଶନା ଦେଇଥିଲେ। ଏହି ଅବସରରେ ରାଜଅତିଥି ଭାବେ ବରଗଡ ଏମ୍‌ପି ସୁରେଶ ପୁଝାରୀ, ଭାଜପା ରାଜ୍ୟ ସମ୍ପାଦକ ଶୁଶାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ମଞ୍ଚ କଳାକାର କଲାକାହ୍ନୁ ଚୌହାନ, ନିର୍ମଳ ମେହେରଙ୍କୁ ପେଟୁପାଲି ଜମିଦାର ସୁରେଶ ସିଂ ବରିହା ଏବଂ ପୂଜା କମିଟି ଉପସଭାପତି କୁଞ୍ଜ ବିହାରି ପଧାନ ରାଜଦରବାରରେ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ପରେ ମହାରାଜ କଳାସୁରଙ୍କ ଦରବାରରେ ସୋନପୁର ଜିଲା ସିଙ୍ଘେଂନପାଲିର ଡାଲଖାଇ, ବଲାଙ୍ଗୀର ଜିଲା ଶରଧାପାଲିର ପଞ୍ଚରସି ଡାପ ନୃତ୍ୟ ଏବଂ ରାତ୍ରିରେ ନାଟକ ପରିବେଷିତ ହୋଇଥିଲା । ଦିଲୀପ ଭୋଇ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସାଂସ୍କୃତିକ ସମ୍ପାଦକ ଅନୀଲ ସାବତ, ସଭାପତି ଶୁଶାନ୍ତ ଦିସ୍ରି, ରାଜୁ ପଧାନ, ମଣ୍ଟୁ ମେହେର, ବୁଲୁ ଭୁଏ ପ୍ରମୁଖ ସହଯୋଗ କରିଥିଲେ ।


ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଅନଭୋଗ ବଣ୍ଟନ କରୁଛନ୍ତି ।



ଗଜଲକ୍ଷ୍ମୀ ପୂଜା ଅବସରରେ ରକ୍ତଦାନ ଶିବିର ।

## ମନୋରଞ୍ଜନ କାର୍ଯ୍ୟକ୍ରମ

ମଙ୍ଗଳବାର ସନ୍ଧ୍ୟାରେ ମହନୀ ଲୋକ ମହୋତ୍ସବ, ସଙ୍ଗୀତ ସାଧନା(ଲୋଇସିଂହା), ଶିଳ୍ପୀ ଘୁମୁରା (କଳାହାଣ୍ଡି) ଏବଂ ରାତିରେ ଶ୍ରୀ ବୀର ବଜରଙ୍ଗ ଗଣନାଟ୍ୟ ପରିବେଷିତ ହେବ । ବୁଧବାର ଭଷାଣି ଉତ୍ସବ ଅନୁଷ୍ଠିତ ହେବ।



ଗଜଲକ୍ଷ୍ମୀ ପୂଜା ଅବସରରେ ଅଞ୍ଚଳବାସୀଙ୍କଠାରେ ଧନଧାନ୍ୟ, ସୁଖ ସମୃଦ୍ଧି, ଭାଇଚାରା ବିରାଜମାନ କରୁ। ଏତିକି ମାଁ ଲକ୍ଷ୍ମୀଙ୍କଠାରେ ପ୍ରାର୍ଥନା।
**ଘୋଷାମାଣୀ ବାଗ**
ସରପଞ୍ଚ ତଥା ପୂଜା କମିଟି ସଭାପତି

ଗଜଲକ୍ଷ୍ମୀ ପୂଜା ଉଦ୍ଧେଁ ଅଞ୍ଚଳର ଜ୍ଞାନୀ, ମାନୀ, ମାଁ ବହେନ, ସିଆନ ସୁଜନମାନଙ୍କୁ ମୋର ଜୁହାର। ମାଁ ଗଜଲକ୍ଷ୍ମୀ ସମକର୍ ଘରେ ସୁଖଶାନ୍ତି, ଧନ ସମ୍ପଦ୍ ଭରି ଦେଉନ ଏତିକି ମାଁଠାନେ ଗୁହାରି।

**କୁଞ୍ଜବିହାରୀ ପଧାନ**
ସମିତି ସଭ୍ୟ, ପେଟୁପାଲି ଗ୍ରା.ପ.

ସୁପ୍ରସିଦ୍ଧ ପେଟୁପାଲି ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅଞ୍ଚଳର ଅଗଣିତ ଶ୍ରଦ୍ଧାଳୁ ଭକ୍ତବୃନ୍ଦଙ୍କୁ ପୂଜା କମିଟି ତଥା ପେଟୁପାଲି ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ ଜଣାଉଛୁ। ଶାନ୍ତି ଶୃଙ୍ଖଳା ବଜାୟ ରଖି ମାଁଙ୍କ ଦର୍ଶନ କରି ଆଶୀର୍ବଚନ ଲାଭ କରନ୍ତୁ ଏତିକି ଅନୁରୋଧ।

ସୌଜନ୍ୟ: ଗଜଲକ୍ଷ୍ମୀ ପୂଜା କମିଟି ଏବଂ ପେଟୁପାଲି ଗ୍ରାମବାସୀବୃନ୍ଦ

ଗଜଲକ୍ଷ୍ମୀ ପୂଜା ଅବସରରେ ଅଗଣିତ ଶ୍ରଦ୍ଧାଳୁ ଭକ୍ତଙ୍କ ମନୋକାମନା ପୂର୍ଣ୍ଣ ହେଉ। ଧରାପୃଷ୍ଠ ଶସ୍ୟଶ୍ୟାମଳା ହୋଇଉଠୁ। ସମସ୍ତଙ୍କ ଘରେ ସୁଖ ଶାନ୍ତି ବିରାଜିତ ହେଉ। ଏତିକି ମାଁଙ୍କ ଠାରେ ଗୁହାରି।

**ସୁବୋଧ ଚୌହାନ**
ଶ୍ରଦ୍ଧାଳୁ ଭକ୍ତ

ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପେଟୁପାଲି ମହାଲକ୍ଷ୍ମୀ ପୋଲଟ୍ରି ଫାର୍ମ ପକ୍ଷରୁ ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା। ବ୍ରଏଲର କୁକୁଡ଼ା ପାଇଁ ଯୋଗାଯୋଗ କରନ୍ତୁ।

**ପୀତବାସ ରାଉତିଆ**
୯୯୩୮୨୧୮୩୦୨

ଗଜଲକ୍ଷ୍ମୀ ପୂଜା ଅବସରରେ ଅଞ୍ଚଳବାସୀଙ୍କଠାରେ ଧନସମ୍ପତ୍ତି, ସୁଖ ଶାନ୍ତି, ଭ୍ରାତୃପ୍ରେମ ଭରି ରହୁ ଏତିକି ମାଁଙ୍କ ଠାରେ ପ୍ରାର୍ଥନା।

**ଜୟଦେବ ରାଉତିଆ**
ଶ୍ରଦ୍ଧାଳୁ ଭକ୍ତ

ମାଁ ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ପେଟୁପାଲି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି, କାମନା କରୁଛି। ମାଁ ଗଜଲକ୍ଷ୍ମୀ ସମସ୍ତଙ୍କ ଘରେ ଧନଧାନ୍ୟ ଭରି ଦିଅନ୍ତୁ ଏତିକି ପ୍ରାର୍ଥନା।

**ଅଶୋକ ଦିସ୍ରି**
ଶ୍ରଦ୍ଧାଳୁ ଭକ୍ତ

ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କିଓସ୍କ, ଶାଖା ପେଟୁପାଲି ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ। ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ ସୁବିଧା ଯଥା ଜମାଖାତା ଖୋଲା, ଟଙ୍କା ଜମା ଓ ଉଠାଣ ଆଦି ସେବା ଉପଲବ୍ଧ।

**ସୁଶାନ୍ତ ଦିଶ୍ରୀ**
ପେଟୁପାଲି

ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ଗଜଲକ୍ଷ୍ମୀ ପୂଜା ଅବସରରେ ପେଟୁପାଲି ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

**କୁମରମଣି ବିଶି**
କୋଷାଧକ୍ଷ, ପୂଜା କମିଟି

ନମୋ ନମସ୍ତେ ମହାମାୟେ ଶ୍ରୀପୀଠେ ସୁରପୂଜିତେ, ଶଙ୍ଖଚକ୍ର ଗଦାହସ୍ତେ ମହାଲକ୍ଷ୍ମୀ ନମସ୍ତୁତେ। ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ପେଟୁପାଲି ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା।

**ଯୋଗେନ୍ଦ୍ର ମେହେର**
ଶ୍ରଦ୍ଧାଳୁ ଭକ୍ତ

ପେଟୁପାଲି ଗଜଲକ୍ଷ୍ମୀ ପୂଜା ଅବସରରେ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭକାମନା। ମାଁ ଲକ୍ଷ୍ମୀ ସମସ୍ତଙ୍କୁ ସୁଖ, ଶାନ୍ତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।

**ବଦ୍ରି ପ୍ରସାଦ ଅଗ୍ରୱାଲ**
ଶ୍ରଦ୍ଧାଳୁ ଭକ୍ତ

ସିଦ୍ଧି ବୁଦ୍ଧି ପ୍ରଦେଦେବୀ ଭୁକ୍ତି ଶୁକ୍ତି ପ୍ରଦାୟନୀ, ମନ୍ତ୍ରପୂତେ ସଦା ଦେବୀ ମହାଲକ୍ଷ୍ମୀ ନମସ୍ତୁତେ। ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଅବସରରେ ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା।

**ମିନିକେତନ ବାରିକ**
ଶ୍ରଦ୍ଧାଳୁ ଭକ୍ତ


ଗଜଲକ୍ଷ୍ମୀ ପୂଜା ଉଦ୍ଧେଁ ଅଞ୍ଚଳର ଜ୍ଞାନୀ, ଗୁଣୀ, ସିଆନ ସୁଜନ, ଗୁରୁଜନମାନଙ୍କୁ ଜୁହାର। ମାଁ ଲକ୍ଷ୍ମୀ ସମକିରି ଘରେଁ ସୁଖ ଶାନ୍ତି, ଧନ୍ ସମ୍ପଦ୍ ଭରି ଦେଉନ ଏତିକି ମାଁଠାନେ ଗୁହାରି।

**ବିଶ୍ୱକୁମାର ସାହୁ** **ଅନିଲ ସାବତ**

ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ପେଟୁପାଲି ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

**ମନୋଜ ମେହେର**
ଗ୍ରାମ ରୋଜଗାର ସେବକ, ପେଟୁପାଲି ଗ୍ରା.ପ.

ସୁପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ପେଟୁପାଲି ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି। ମାଁ ଗଜଲକ୍ଷ୍ମୀ ସମସ୍ତଙ୍କ ଚଲାପଥ କୁସୁମିତ କରନ୍ତୁ ଏତିକି ପ୍ରାର୍ଥନା କରୁଛି।

**ଗୌର ମେହେର**
ମାନସ କଲେକ୍ସନ, ଲୁହୁରାଚଟି, ମାନସ ଡ୍ରେସେସ, ପେଟୁପାଲି

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୫/୨୦୧୯ | Sambalpur, Tuesday, October 15 / 2019 | ପୃଷ୍ଠା-୧



**ପ୍ରିୟାଂଶୁଙ୍କୁ ବାହାରିନ ବ୍ୟାଡ୍‌ମିଣ୍ଟନ ଟାଇଟଲ**

ଭାରତର ପ୍ରିୟାଂଶୁ ରାଜାୱତ ବାହାରିନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ସିରିଜ ଫାଇନାଲରେ କାନାଡ଼ାର ଜାସନ ଆଣ୍ଟୋନୀ ହୋ-ଶୁଇଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭

୧୩ **ସଲମାନ୍-ଦିଶା ପୁଣି ଏକାଠି**

ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍ ୨୦୨୦ ଇଦ୍‌ରେ ଦିଶା ପଟାନୀଙ୍କ ସହ 'ରାଧେ-ଇଣ୍ଡିଆଜ୍ ମୋଷ୍ଟ ୱାଣ୍ଟେଡ୍ କୋପ୍' ଫିଲ୍ମ ଭେଟି ଦେବେ।



# ଓଡ଼ିଶାରେ ବାଂଲାଦେଶୀ ଆତଙ୍କବାଦୀ

ନୂଆଦିଲ୍ଲୀ,୧୪।୧୦(ପି.ଟି.)

- ଆସାମ, ଝାଡ଼ଖଣ୍ଡ ସମେତ ବିଭିନ୍ନ ରାଜ୍ୟରେ ସଂଗଠନ ସୁଦୃଢ଼ କରୁଛି ଜେଏମ୍‌ବି
- ସତର୍କ କରାଇଲେ ଏନ୍‌ଆଇଏ ଡିଜି
- ୧୨୫ ଆତଙ୍କବାଦୀଙ୍କ ତାଲିକା ପ୍ରକାଶ କଲା ତଦନ୍ତକାରୀ ସଂସ୍ଥା



ୱାଇ.ଏସ୍. ମୋଦି

ଜମାତ୍-ଉଲ୍ ମୁଜାହିଦ୍ଦିନ ବାଂଲାଦେଶ (ଜେଏମ୍‌ବି) ଆତଙ୍କବାଦୀ ସଂଗଠନ ଏବେ ଦେଶ ପାଇଁ ବିପଦ ସୃଷ୍ଟି କରିଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମହାନିର୍ଦ୍ଦେଶକ ୱାଇ.ଏସ୍. ମୋଦି କହିଛନ୍ତି। ଓଡ଼ିଶା ସମେତ ଦେଶର ୭ ରାଜ୍ୟରେ ଏହି ବାଂଲାଦେଶୀ ଆତଙ୍କବାଦୀ ସଂଗଠନ କାୟା ବିସ୍ତାର କରୁଥିବା ଏନ୍‌ଆଇଏ ଡିଜି ସତର୍କ କରାଇଦେଇଛନ୍ତି। ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ (ଏଟିଏସ୍) ଏବଂ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ମୁଖ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଜେଏମ୍‌ବି ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ମହାରାଷ୍ଟ୍ର, କର୍ଣାଟକ ଓ କେରଳ ଭଳି ରାଜ୍ୟରେ ଏହାର କାର୍ଯ୍ୟକଳାପ ବଢ଼ାଇଚାଲିଛି। ସେମାନେ ବାଂଲାଦେଶୀ ଦେଶାନ୍ତରୀ ଭାବେ ଛଦ୍ମବେଶରେ ରହୁଛନ୍ତି।

ଜେଏମ୍‌ବି ନେତୃତ୍ୱଙ୍କ ସହ ଘନିଷ୍ଠ ସମ୍ପର୍କ ରଖିଥିବା ୧୨୫ ଜଣ ସନ୍ଦିଗ୍ଧଙ୍କର ଏକ ତାଲିକା ଏନ୍‌ଆଇଏ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଦେଇଛି। ଓଡ଼ିଶା, ଆସାମ ଓ ଝାଡ଼ଖଣ୍ଡରେ ଜେଏମ୍‌ବିର ଗତିବିଧି ବୃଦ୍ଧି ପାଇଥିବା ଏନ୍‌ଆଇଏର ପାନ୍-ଇଣ୍ଡିଆ ତଦନ୍ତରୁ ଜଣାପଡ଼ିଛି। ଏହାବ୍ୟତୀତ ବିହାର, କର୍ଣାଟକ, କେରଳ ଓ ମହାରାଷ୍ଟ୍ରରେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି ବୋଲି ଡିଜି କହିଛନ୍ତି। ରାଜ୍ୟ ପୋଲିସର ତଦନ୍ତ ପରିସର ସୀମିତ ହୋଇଥିବା ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏ ସମ୍ପର୍କିତ ତଥ୍ୟ ଏନ୍‌ଆଇଏକୁ ଦେବା ଆବଶ୍ୟକ, ଯାହା ଫଳରେ ବଡ଼ ଧରଣର ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହୋଇପାରିବ ବୋଲି ଏନ୍‌ଆଇଏ ଆଇଜି ଆଲୋକ ମିତ୍ତଲ କହିଛନ୍ତି। ୨୦୧୪ରୁ ୨୦୧୮ ମଧ୍ୟରେ ଜେଏମ୍‌ବି ବେଙ୍ଗାଲୁରୁରେ ୨୦ରୁ ୨୨ ଗୁପ୍ତ ଆଡ୍ଡା ସ୍ଥାପନ କରି ଦକ୍ଷିଣ ଭାରତରେ ସଂଗଠନର ପ୍ରସାର କରାଉଥିବା ସେ ସୂଚନା ଦେଇଛନ୍ତି। ଏପରିକି କର୍ଣାଟକ ସୀମାନ୍ତ କ୍ରିଷ୍ଣଗିରି ପାର୍ବତ୍ୟାଞ୍ଚଳରେ ଜେଏମ୍‌ବି ରକେଟ ଲଞ୍ଚର୍ ପରୀକ୍ଷଣ କରିଛି। ମ୍ୟାନ୍‌ମାରରେ ରୋହିଙ୍ଗ୍ୟା ମୁସଲମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ପ୍ରତିଶୋଧ ନେବା ଲାଗି ଜେଏମ୍‌ବି ବୌଦ୍ଧ ମନ୍ଦିରଗୁଡ଼ିକୁ ଆକ୍ରମଣ କରିବା ଲାଗି ଲକ୍ଷ୍ୟ ରଖିଛି। ଏହି ସଂଗଠନ ପ୍ରଥମେ ୨୦୦୭ରେ ପଶ୍ଚିମବଙ୍ଗ ଓ ଆସାମରେ ସେମାନଙ୍କ କାର୍ଯ୍ୟକଳାପ ଆରମ୍ଭ କରିଥିଲେ ଓ ପରେ ସଂଗଠନକୁ ଅନ୍ୟ ରାଜ୍ୟକୁ ବିସ୍ତାର କରାଇଥିଲେ। ଜେଏମ୍‌ବି ନେତୃତ୍ୱଙ୍କ ସହ ୧୩୦ ଆତଙ୍କବାଦୀ ନିୟମିତ ସମ୍ପର୍କ ରଖିଥିବା ତଦନ୍ତରୁ ଜଣାପଡିଛି ବୋଲି ମିତ୍ତଲ କହିଛନ୍ତି।

ଅନ୍ୟ ଜିହାଦୀ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ଦେଇ ମିତ୍ତଲ କହିଛନ୍ତି, ମଧ୍ୟପ୍ରାଚ୍ୟ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ସମ୍ପର୍କ ରଖିଥିବା ୧୨୭ ଜଣଙ୍କୁ ଦେଶର ବିଭିନ୍ନ ଅଞ୍ଚଳରୁ ଗିରଫ କରାଗଲାଣି। ମୁମ୍ବାଇ ଜନ୍ମିତ ଇସ୍‌ଲାମୀୟ ବିଦ୍ୱାନ ତଥା ଆତଙ୍କବାଦ ଅଭିଯୁକ୍ତ ଜାକିର ନାଏକ ଏବଂ ଶ୍ରୀଲଙ୍କାରେ ଇଷ୍ଟର ବେଳେ ହୋଇଥିବା ବୋମାମାଡ଼ର ମାଷ୍ଟରମାଇଣ୍ଡଙ୍କ ଭିଡିଓ ବକ୍ତୃତାରେ ଅନୁପ୍ରାଣିତ ହୋଇଥିବା ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱୀକାର କରିଛନ୍ତି।

ଆତଙ୍କବାଦ ନିରୋଧୀ ସଂସ୍ଥା ବର୍ତ୍ତମାନ ସୁଦ୍ଧା ଯେଉଁସବୁ ମାମଲା ତଦନ୍ତ କରୁଛି ସେଥିରେ ଦୋଷୀସାବ୍ୟସ୍ତ ହାର ୯୦ ପ୍ରତିଶତ ରହିଥିବା ଏନ୍‌ଆଇଏ ଡିଜି କହିଛନ୍ତି। ଆତଙ୍କବାଦ ସମ୍ପର୍କିତ ମାମଲାଗୁଡ଼ିକୁ ପରିଚାଳନା କରିବାରେ ରାଜ୍ୟ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଉତ୍ତମ ଫଳାଫଳ ଲାଗି ଏହା ସମସ୍ତ ତଥ୍ୟ ଏନ୍‌ଆଇଏ ସହ ବିନିମୟ କରିବା ଆବଶ୍ୟକ ବୋଲି ଡିଜି ମତ ଦେଇଛନ୍ତି।

# ଅଭିଜିତ ବାନାର୍ଜୀଙ୍କୁ ଅର୍ଥନୀତିରେ ନୋବେଲ

ଷ୍ଟକ୍‌ହୋମ୍,୧୪।୧୦(ପି.ଟି.)

- ସ୍ତ୍ରୀ ଏସ୍ଥର ଓ ମାଇକେଲ କ୍ରେମରଙ୍କୁ ମିଳିତ ଭାବେ ପୁରସ୍କାର
- ବିଶ୍ୱର ଦାରିଦ୍ର୍ୟ ଦୂରୀକରଣ ପ୍ରୟାସ ପାଇଁ ମିଳିଲା



ଭାରତ ଜନ୍ମିତ ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ, ତାଙ୍କ ସ୍ତ୍ରୀ ଏସ୍ଥର ଡୁଫ୍ଲୋ ଏବଂ ମାଇକେଲ୍ କ୍ରେମର ଚଳିତ ବର୍ଷ ମିଳିତ ଭାବେ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇବେ। ବିଶ୍ୱର ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଏହି ଅର୍ଥନୀତିଜ୍ଞମାନଙ୍କର ପ୍ରୟୋଗାତ୍ମକ ଚିନ୍ତାଧାରା ଲାଗି ସେମାନଙ୍କୁ ଶ୍ରେଷ୍ଠ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ଅଭିଜିତ ଓ ଡୁଫ୍ଲୋ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରେ କାର୍ଯ୍ୟ କରୁଥିବାବେଳେ କ୍ରେମର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଅର୍ଥନୀତିରେ ନୋବେଲ ପାଇବାରେ ଡୁଫ୍ଲୋ ହେଉଛନ୍ତି ଦ୍ୱିତୀୟ ମହିଳା ଏବଂ ସର୍ବକନିଷ୍ଠ। ପୁରସ୍କାର ବାବଦରେ ମିଳିବାକୁ ଥିବା ୯ ନିୟୁତ କ୍ରୋନର (୯,୧୮,୦୦୦ ଡଲାର) ଅର୍ଥରାଶି, ଗୋଲ୍ଡ ମେଡାଲ ଏବଂ ଡିପ୍ଲୋମାକୁ ତିନି ବିଜେତାଙ୍କ ମଧ୍ୟରେ ସମାନ ଭାବେ ଭାଗ କରାଯିବ।

ତିନି ଅର୍ଥନୀତିଜ୍ଞଙ୍କ ଗବେଷଣା ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଯଥେଷ୍ଟ ସାମର୍ଥ୍ୟ ବୃଦ୍ଧି କରିଛି। ମାତ୍ର ଦୁଇ ଦଶନ୍ଧିରେ ସେମାନଙ୍କର ନୂତନ ପ୍ରୟୋଗାତ୍ମକ ଭିତ୍ତିକ ଦୃଷ୍ଟିକୋଣ ଅର୍ଥନୀତିରେ ବିକାଶ ଆଣିପାରିଛି ବୋଲି ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ କୁହାଯାଇଛି। ସେମାନଙ୍କ ☞ ପୃଷ୍ଠା-୨

## ■ ପୂର୍ବ ଶତ୍ରୁତାରୁ ଆକ୍ରମଣ
# ଖଣ୍ଡା ଚୋଟରେ ଯୁବକ ମୃତ, ଜଣେ ଅଟକ

କବିସୂର୍ଯ୍ୟନଗର,୧୪।୧୦

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କନିଆରୀ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ ବଚସାକୁ କେନ୍ଦ୍ରକରି ସାଙ୍ଗଙ୍କ ଖଣ୍ଡା ଚୋଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାର୍ତ୍ତିକ ପ୍ରଧାନ। ଏ ନେଇ ସୋମବାର ସ୍ଥାନୀୟ ପୋଲିସ ନଂ. ୨୪୬/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ଦିଲୀପ ସାହୁଙ୍କୁ ଅଟକ ରଖିଛି।

ପ୍ରକାଶ ଯେ, ଦୁଇଦିନ ତଳେ କନିଆରୀ ଗ୍ରାମର କାର୍ତ୍ତିକ ଓ ଦିଲୀପଙ୍କ ମଧ୍ୟରେ ନିଶାସକ୍ତ ଅବସ୍ଥାରେ କୌଣସି ଏକ କଥାକୁ ନେଇ ବଚସା ହୋଇଥିଲା। ଏହାର ପ୍ରତିଶୋଧ ନେବା ପାଇଁ ଦିଲୀପ ସୁଯୋଗ ଖୋଜୁଥିଲେ। ରବିବାର ରାତିରେ କ୍ଲବ ଘରେ କାର୍ତ୍ତିକ ଶୋଇଥିବା ଜାଣି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର କାର୍ତ୍ତିକଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ୨ ଘଣ୍ଟା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

## ■ ଆର୍ମି ନିଯୁକ୍ତି ପାଇଁ ଆସି ହଟହଟା
# ଫୁଟ୍‌ପାଥରେ ରାତି କଟାଉଛନ୍ତି ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)



୧୨୦ ବାଟାଲିୟନ ନିକଟ ଫୁଟ୍‌ପାଥ୍‌ରେ ଶୋଇଥିବା ପରୀକ୍ଷାର୍ଥୀ।

- ୮୧ ପଦବୀ ପାଇଁ ଆସିଛନ୍ତି ୮ହଜାରରୁ ଊର୍ଦ୍ଧ୍ୱ ଯୁବକ
- ଅସୁରକ୍ଷିତ ଅବସ୍ଥାରେ ବର୍ଷା, କାକରରେ ଭିଜୁଛନ୍ତି
- ଜ୍ୱର, ରାତି ଅନିଦ୍ରା ଯୋଗୁ ଅଧିକାଂଶ ଅସୁସ୍ଥ

ସମୟ ରବିବାର ରାତିସାଢ଼େ ବାରଟା। ସ୍ଥାନ ରବୀନ୍ଦ୍ର ମଣ୍ଡପ ଛକରୁ ୧୨୦ ବାଟାଲିଅନ ରାସ୍ତା। ବିହାରର ଆଶିଷ କୁମାର ଏମ୍‌ଏଲ୍‌ଏ କ୍ୱାର୍ଟର୍ସ ସାମ୍ନା ଫୁଟ୍‌ପାଥରେ ମନସ୍ତାପରେ ବସିଥିଲେ। ତାଙ୍କର ବିଚଳିତ ଅବସ୍ଥା ଦେଖି ଆମ ପ୍ରତିନିଧିଙ୍କ ନଜର ପଡ଼ିଥିଲା। ସେନାବାହିନୀରେ ଭର୍ତ୍ତି ପାଇଁ ବହୁତ ଇଚ୍ଛା ଥିଲା। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରି ବହୁ ଆଶା ନେଇ ଭୁବନେଶ୍ୱର ଧାଇଁ ଆସିଥିଲେ। ହେଲେ ପ୍ରଥମ ରାଉଣ୍ଡ ଦୌଡ଼ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ। ହେଲେ ଏଥିପାଇଁ ସେ ଭାଗ୍ୟକୁ ଯେତିକି ଦୋଷ ଦେଉଥିଲେ, ବ୍ୟବସ୍ଥାକୁ ସେତିକି ଦାୟୀ କରୁଥିଲେ। ରେଳ ଷ୍ଟେଶନରେ ପହଞ୍ଚି ସିଧା ପରୀକ୍ଷାସ୍ଥଳ ବାଟାଲିୟନ ନିକଟକୁ ଯାଇଥିଲେ। ସେଠାରେ ମୁଣ୍ଡ ଗୁଞ୍ଜିବାକୁ କୌଣସି ସେଡ୍ ନ ଥିଲା। ରାତି ପାହିଲେ ପରୀକ୍ଷା। ଅନ୍ୟମାନେ ଫୁଟ୍‌ପାଥରେ ଖୁନ୍ଦାଖୁନ୍ଦି ହୋଇ ରହିଥିବା ଦେଖି ଆଶିଷ ମଧ୍ୟ ବାଟାଲିୟନ ମୁଖ୍ୟ ଗେଟ୍ ନିକଟ ଫୁଟ୍‌ପାଥ୍‌ରେ ଶୋଇପଡ଼ିଥିଲେ। ହଠାତ୍ ବିଳମ୍ବିତ ରାତିରେ ବର୍ଷା ହେଲା। ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ପାଇ ଅନ୍ୟମାନଙ୍କ ଭଳି ସେ ମଧ୍ୟ ଓଦା ହୋଇଗଲେ। ସାର୍ଟିଫିକେଟକୁ ପେଟ ତଳେ ଦେଇ ସେମିତି ରାତି ବିତାଇଲେ। ରାତି ଅନିଦ୍ରା ସହ ବର୍ଷାରେ ଭିଜି ଯାଇଥିବାରୁ ଜ୍ୱର ଆସିଯାଇଥିଲା। ଏପରି ଅସୁସ୍ଥତା ଭିତରେ ଦୌଡ଼ ପରୀକ୍ଷାର ଅଧାରୁ ଫେରିବାକୁ ପଡ଼ିଲା। କେବଳ ଆଶିଷ ନୁହନ୍ତି, ତାଙ୍କ ଭଳି ହଜାର ହଜାର ପରୀକ୍ଷାର୍ଥୀ ଏବେ ଖୋଲା ଆକାଶ ତଳେ ରହି ବର୍ଷା ଓ କାକରରେ ଭିଜି ଦିନ ରାତିକାଟୁଛନ୍ତି। ଏଭଳି ଅବ୍ୟବସ୍ଥା ଭିତରେ ନାନା ହଟହଟା ହୋଇ ଆର୍ମି ପରୀକ୍ଷା ଦେଉଛନ୍ତି। ଅକୃତ କାର୍ଯ୍ୟ ହୋଇ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

ସୂଚନାଯୋଗ୍ୟ, ସୋମବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ବିହାର ରେଜିମେଣ୍ଟର ଟେରିଟୋରିଆଲ ଆର୍ମି ନିଯୁକ୍ତି ରାଲି ବା ପରୀକ୍ଷା। ୮ ବର୍ଗର ମୋଟ ୮୩ ପଦବୀ ପାଇଁ ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରୁ ୮ହଜାରରୁ ଊର୍ଦ୍ଧ୍ୱ ପିଲା ଏଠାକୁ ଆସିଛନ୍ତି। ରହଣି ପାଇଁ ରାଜ୍ୟ ସରକାର କିମ୍ବା ସେନା ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ନାହିଁ। ସେମାନେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନଠାରୁ ବାଟାଲିଅନ, ରାଜଭବନଠାରୁ ଜୟଦେବ ବିହାର, ସିଆର୍‌ପି ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି। ନାନା ହଟହଟା ଭିତରେ ସମୟ ବିତାଉଛନ୍ତି। ରାସ୍ତା ପାର୍ଶ୍ୱ ଓ ରେଳ ଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରେ ପରିସ୍ରା କରିବା ସହ ଶୌଚ ହେଉଛନ୍ତି। ଫଳରେ ସହରର ରାସ୍ତାଘାଟ ଦୁର୍ଗନ୍ଧରେ ଫାଟି ପଡୁଛି। ଷ୍ଟେଶନ ପରିସରରେ ଏପରିସ୍ଥିତି ସୃଷ୍ଟି ହେବାରୁ ରେଳ କର୍ତ୍ତୃପକ୍ଷ ମଧ୍ୟ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ଫଳରେ ସେମାନଙ୍କ ମଧ୍ୟରୁ ୧ହଜାରରୁ ଊର୍ଦ୍ଧ୍ୱ ପ୍ଲାଟ୍‌ଫର୍ମ ଟିକେଟ ☞ ପୃଷ୍ଠା-୨

## ■ ଓପିଜିସିରେ କୋଇଲା ସଙ୍କଟ
# ୨ୟ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ବନ୍ଦ

ଝାରସୁଗୁଡ଼ା ଅଫିସ / ଲଖନପୁର, ୧୪।୧୦ (ଡି.ଏନ୍.ଏ.)

- କୋଇଲା ଯୋଗାଣ ତଦାରଖ କଲା ଜିଲା ପ୍ରଶାସନ
- ଉପଜିଲାପାଳଙ୍କ କୋଇଲା ଖଣି ପରିଦର୍ଶନ



ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତ ଇବ୍‌ତାପଜ ବିଦ୍ୟୁତ୍ କେନ୍ଦ୍ରରେ ୧ ମାସହେଲା କୋଇଲା ସଙ୍କଟ ଦେଖାଦେଇଛି । ଜରୁରୀକାଳୀନ ବ୍ୟବହାର ପାଇଁ ରଖାଯାଇଥିବା ଗଚ୍ଛିତ କୋଇଲା ଇତିମଧ୍ୟରେ ଶେଷ ହେଇଛି । ଫଳରେ କମ୍ପାନୀ କର୍ତ୍ତୃପକ୍ଷ ୪ଟି ୟୁନିଟ୍ ମଧ୍ୟରୁ ୨ୟ ୟୁନିଟ୍‌କୁ ଗତ ରବିବାର ରାତି ୧୨ଟା ୧୭ମିନିଟ୍‌ରେ ବନ୍ଦ କରିବା ପାଇଁ ବାଧ୍ୟ ହୋଇଛି । ଫଳରେ ସେଠାରୁ ଉତ୍ପାଦନ ହେଉଥିବା ୨୧୦ମେଗାୱାଟ୍ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଏହାର ପ୍ରଭାବ ରାଜ୍ୟ ଉପରେ ପଡିବ । ଯାହାଫଳରେ ରାଜ୍ୟରେ ବିଦ୍ୟୁତ୍ ସଙ୍କଟ ଦେଖାଦେବ । ଏଭଳି କୋଇଲା ସଙ୍କଟ ଯଦି ଆଗକୁ ଜାରି ରହେ ତା'ହେଲେ ଆଗାମୀ ଦିନରେ ଅଧିକ ୟୁନିଟ୍ ବନ୍ଦ ହେବା ସମ୍ଭାବନା ରହିଛି । ଏଥିପାଇଁ ବେଳଥାଉଥାଉ ଏହାର ପ୍ରତିକାର କରିବା ପାଇଁ ରାଜ୍ୟ ସରକାର ଓ କମ୍ପାନୀ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିବା କଥା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ସଂଗ୍ରାମ କେଶରୀ ସ୍ୱାଇଁ ଗତ ୪ତାରିଖରେ ଏମ୍‌ସିଏଲ୍ ସିଏମ୍‌ଡିଙ୍କୁ ପତ୍ରସଂଖ୍ୟା ୮୦୬୫ରେ ଦୃଷ୍ଟି ଆକର୍ଷଣ କରିଥିଲେ । ତଥାପି କୋଇଲା ଯୋଗାଣ ବୃଦ୍ଧିରେ ସେତେଟା ସୁଧାର ଆସି ନ ଥିଲା । ଫଳରେ ଧିରେ ଧିରେ କୋଇଲା ସଙ୍କଟ ବୃଦ୍ଧି ପାଇଥିଲା । ଶେଷରେ କମ୍ପାନୀ କର୍ତ୍ତୃପକ୍ଷ ଗୋଟିଏ ୟୁନିଟ୍ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଭଳି ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗତ ରବିବାର ଜିଲାପାଳ ସରୋଜ ସାମଲଙ୍କ ଅଧ୍ୟକ୍ଷତାରେ ଏମ୍‌ସିଏଲ୍ ଓ ଓପିଜିସି କର୍ତ୍ତୃପକ୍ଷଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପ୍ରଶାସନର ନିର୍ଦ୍ଦେଶକ୍ରମେ ଏମ୍‌ସିଏଲ୍ ପୂର୍ବ ଅପେକ୍ଷା ପର୍ଯ୍ୟାୟକ୍ରମେ କୋଇଲା ଯୋଗାଣରେ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଏହାର ତଦାରଖ ଜିଲାପ୍ରଶାସନ କରୁଛି । ଏପରିକି ଜିଲାପାଳ ସରୋଜ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲାପାଳ ଶିବ ଟପ୍ପୋ ସୋମବାର ଲଖନପୁର କ୍ଷେତ୍ର ପ୍ରବନ୍ଧକ ଅନିଲ କୁମାର ସିଂହଙ୍କ ସହିତ ମିଶି ବିଭିନ୍ନ କୋଇଲାଖଣି ପରିଦର୍ଶନକରି କୋଇଲା ଉତ୍ପାଦନ କ୍ଷେତ୍ରରେ ଅନୁଧ୍ୟାନ କରିଥିଲେ।





ସୁନ୍ଦରଗଡ଼ ସିଡିଏମ୍‌ଓ ଡାକ୍ତର ପଙ୍କଜ କୁମାର ପଟେଲଙ୍କ ନିଲମ୍ବନ ପ୍ରତିବାଦରେ ସୋମବାର ସୁନ୍ଦରଗଡ଼ ସହର ବନ୍ଦ ଡାକରା ଯୋଗୁ ରାସ୍ତାଘାଟ ଶୂନଶାନ୍ ହୋଇପଡ଼ିଛି।

**ଆଜିର ସମ୍ପାଦକୀୟ**

**କମୁଛି ବାୟୁ ଗୁଣବତ୍ତା**

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନୀ ବ୍ୟବସାୟୀମାନଙ୍କ ଲାଉଡ୍‌ସ୍ପିକର।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

Taste the difference! Vencobb FRESH CHICKEN

14.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 68 | 116 | 126 |
| BHM | 65 | 113 | 123 |

*Conditions Apply
Issued in the Interest of Consumers

## ପଦାରେ ପଡ଼ିଲା ସ୍ୱାସ୍ଥ୍ୟ ବିଭାଗର ଅସଲ ଚେହେରା
# ଡାକ୍ତରଖାନା ବାରଣ୍ଡାରେ ଯମଜ କନ୍ୟା ଜନ୍ମ

ଭଦ୍ରକ ଅଫିସ, ୧୪।୧୦



ବାରଣ୍ଡାରେ ମହିଳାଙ୍କୁ ପ୍ରସବ କରାଯାଉଛି।

'ମୋ ସରକାର ଯୋଜନା'ରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସୁଧାର ପାଇଁ ତଦାରଖ କରାଯାଉଥିବା ବେଳେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ଜଣେ ଗର୍ଭବତୀ ସୋମବାର ଯମଜ କନ୍ୟାସନ୍ତାନ ପ୍ରସବ କରିବା ଘଟଣା ପଦାକୁ ଆସିଛି। ଗର୍ଭକଷ୍ଟ ପାଉଥିବା ତିହିଡ଼ି ଅଞ୍ଚଳର ଏହି ମହିଳାଙ୍କୁ ପରିବାର ଲୋକେ ୧୦୨ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଆସିଥିଲେ। ଆଉଟଡୋର ଚିକିତ୍ସା ପରେ ତାଙ୍କୁ ପ୍ରସୂତି ୱାର୍ଡରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା କରୁଥିବା ଡାକ୍ତର ବିଭିନ୍ନ ପରୀକ୍ଷା କରାଇବା ଲାଗି ପଠାଇବା ପରେ କଟକ ନେଇଯାଅ ବୋଲି କହିଥିଲେ। ଏଭଳି ସ୍ଥିତିରେ ପରିବାର ଲୋକେ କଟକ ନେବା ଲାଗି ତାଙ୍କୁ ୱାର୍ଡ ବାରଣ୍ଡାକୁ ଆଣି ବସାଇ ଆମ୍ବୁଲାନ୍ସ ଖୋଜିଥିଲେ। ଦୀର୍ଘ ଦୁଇ ଘଣ୍ଟା ଧରି ସେମାନେ ଚେଷ୍ଟା କରିଥିଲେ ମଧ୍ୟ ଆମ୍ବୁଲାନ୍ସ ମିଳି ନ ଥିଲା। ଏଭଳି ଅବସ୍ଥାରେ ମହିଳା ଜଣଙ୍କ ଅସହ୍ୟ ଗର୍ଭ ଯନ୍ତ୍ରଣା ପାଇ ଛଟପଟ ହୋଇଥିଲେ। ପ୍ରସୂତି ୱାର୍ଡରେ ଥିବା ଅନ୍ୟ ରୋଗୀଙ୍କ ମହିଳା ସମ୍ପର୍କୀୟମାନେ ଏଭଳି ଅବସ୍ଥା ଦେଖି ଅପରାହ୍ନ ୨ଟା ସମୟରେ ଗର୍ଭବତୀଙ୍କ ଚାରିପଟେ ଲୁଗା ଘେରାଇ ତାଙ୍କୁ ପ୍ରସବ କରାଇଥିଲେ। ଡାକ୍ତର ଓ କର୍ମଚାରୀ ଗର୍ଭବତୀଙ୍କୁ ଲେବର ରୁମ୍‌କୁ ନ ପଠାଇ କଟକ ସ୍ଥାନାନ୍ତର କରିବା ସକାଶେ କହି ଦାୟିତ୍ୱରୁ ମୁକୁଳିବାକୁ ଚେଷ୍ଟା କରିବା ଚିକିତ୍ସା ଅବହେଳାର ନମୁନା ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି।

ବାରଣ୍ଡାରେ ପ୍ରସବ ଘଟଣା ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କୁ ଘେରାଉ କରି ଅବହେଳା କରିଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହୋହଲ୍ଲା କରିଥିଲେ। ଏହି ସମୟ ମଧ୍ୟରେ ଡାକ୍ତରଖାନା କର୍ମଚାରୀ ପ୍ରସୂତି ଓ ଦୁଇ ନବଜାତ ଶିଶୁକନ୍ୟାଙ୍କୁ ତରବରରେ ୱାର୍ଡର ଶଯ୍ୟା ଉପରକୁ ନେଇଯାଇଥିଲେ।

୫-ଟି ସଚିବ ଓ ପ୍ରତିନିଧି ଦଳ ଭଦ୍ରକ ଜିଲା ଡାକ୍ତରଖାନା ପରିଦର୍ଶନରେ ଆସିବା କାର୍ଯ୍ୟକ୍ରମ ଥିବାରୁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଏବେ ଦିନରାତିକୁ ଏକ କରି ଡାକ୍ତରଖାନା ସ୍ଥିତି ସଜାଡ଼ିବାକୁ ଉଦ୍ୟମ ଚଳାଇଛନ୍ତି। ଏଭଳି ସ୍ଥିତିରେ ବାରଣ୍ଡାରେ ଜଣେ ଗର୍ଭବତୀ ସନ୍ତାନ ପ୍ରସବ କରିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ଅସଲ ଚେହେରାକୁ ପଦାରେ ପକାଇଛି। ଏହାମଧ୍ୟରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଏସ୍‌ପି ରାଜେଶ ପଣ୍ଡିତ, ଉପଜିଲାପାଳ ପୀତାମ୍ବର ସାମଲ, ଭଦ୍ରକ ତହସିଲଦାର ପ୍ରଦୀପ ସାହୁ ପ୍ରମୁଖ ଉଚ୍ଚ ପ୍ରଶାସନିକ ଅଧିକାରୀ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସିଡିଏମ୍‌ଓ ଡା. ଆର୍ଯ୍ୟ କୁମାର ମିଶ୍ର ଏବଂ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଦୀପ କୁମାର ଖୁଣ୍ଟିଆଙ୍କ ଉପସ୍ଥିତିରେ ପ୍ରସୂତି ରାନୁଲତା ଖିଲାରଙ୍କ ଶାଶୁ, ଶ୍ୱଶୁର ଓ ଅନ୍ୟ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରାଯାଇଛି। ରାନୁଲତାଙ୍କ ଶ୍ୱଶୁର ଦୁଃଖୀରାମ କହିଛନ୍ତି, ତାଙ୍କ ବୋହୂ ବିନା ଡାକ୍ତର ଓ ନର୍ସରେ ପ୍ରସବ କରିଥିବା ବେଳେ ଡାକ୍ତର କାହିଁକି ତାଙ୍କୁ କଟକ ସ୍ଥାନାନ୍ତର କରୁଥିଲେ ତାହାର ତଦନ୍ତ ହେବା ଦରକାର। ଏ ସମ୍ପର୍କରେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ(ମେଡିକାଲ) ପ୍ରଦୀପ ଖୁଣ୍ଟିଆଙ୍କୁ ପଚାରିବାରୁ ସେ କହିଥିଲେ, ଜଣେ ମହିଳା ୪୦ ସପ୍ତାହ ଗର୍ଭଧାରଣ ପରେ ପିଲା ଜନ୍ମ କରିଥାନ୍ତି। ଏହି ମହିଳାଙ୍କ ଗର୍ଭଧାରଣକୁ ୩୪ ସପ୍ତାହ ଚାଲିଥିଲା। ଗର୍ଭରେ ଯମଜ ଶିଶୁ ଥିବା ସମ୍ପୃକ୍ତ ଡାକ୍ତର ଜାଣି ତାଙ୍କୁ କଟକ ପଠାଇବାକୁ କହିଥିଲେ। ତେବେ ଦୁଇ ନବଜାତ ଶିଶୁଙ୍କ ଓଜନ ଆବଶ୍ୟକଠାରୁ କମ୍ ଥିବାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

**କିଛି ତଥ୍ୟ**
ସେପ୍ଟେମ୍ବରରେ ଜେମ୍ସ ଏବଂ ଜୁଏଲେରୀ ରପ୍ତାନି ୬% ହ୍ରାସ ଘଟି ୩.୩୪ ବିଲିୟନ ଡଲାର ରହିଛି।
– ଜେମ୍ସ ଜୁଏଲେରୀ ଏକ୍ସପୋର୍ଟ କାଉନସିଲ୍


**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ସୁଦୀପ୍ତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





■ ଏଟି ଚିଟ୍‌ଫଣ୍ଡ ମାମଲା

# ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଶୀର୍ବାଦ

**କଟକ ଅଫିସ, ୧୪।୧୦**

ଅର୍ଥତତ୍ତ୍ୱ(ଏଟି) ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଜାମିନ ପାଇଁ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ଆଶୀର୍ବାଦ ସିବିଆଇ ସ୍ପେଶାଲ କୋର୍ଟ ଏବଂ ଭୁବନେଶ୍ୱର ସେସନ କୋର୍ଟରେ ଜାମିନ ଆବେଦନ କରିଥିଲେ। ତେବେ ଉଭୟ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ପରେ ଆଶୀର୍ବାଦ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯାଇଛନ୍ତି। ଆଶୀର୍ବାଦଙ୍କ ପକ୍ଷରୁ ଆଇନଜୀବୀ ପ୍ରଭୁପ୍ରସନ୍ନ ବେହେରା ଓ ପ୍ରଣୟ ଦାସ ଏହି ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରଣଜୀ କ୍ରିକେଟ ଦଳର ପ୍ରାୟୋଜକ ହେବା ପାଇଁ ଅର୍ଥତତ୍ତ୍ୱ ଓସିଏକୁ ୧ କୋଟି ଟଙ୍କା ଦେଇଥିଲା। ୨୦୧୧ରେ ଅନୁଷ୍ଠିତ ଓଡ଼ିଶା ପ୍ରିମିୟର ଲିଗ୍(ଓପିଏଲ୍)ର ପ୍ରାୟୋଜକ ଥିଲା ଅର୍ଥତତ୍ତ୍ୱ। ଏହି ଚିଟ୍‌ଫଣ୍ଡ ସଂସ୍ଥା ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ବହୁ ଜମାକାରୀଙ୍କ କୋଟିକୋଟି ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତ ସିବିଆଇ କରୁଥିବାବେଳେ ଅର୍ଥତତ୍ତ୍ୱ ସହ ଆଶୀର୍ବାଦଙ୍କ ଲିଙ୍କ୍ ଥିବା ସୂଚନା ମିଳିଥିଲା। ଅନ୍ୟପକ୍ଷରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ଥିବାବେଳେ ସରକାରୀ ଜମିରେ କଲ୍ୟାଣ ମଣ୍ଡପ ଓ ଦୋକାନ ଗୃହ ନିର୍ମାଣ କରିବା ମାମଲାରେ ମଧ୍ୟ ଆଶୀର୍ବାଦଙ୍କ ସମ୍ପୃକ୍ତି ଥିବା ନେଇ ସିବିଆଇ ତଦନ୍ତରୁ ଜାଣିବାକୁ ପାଇଥିଲା। ଏ ନେଇ ଆଶୀର୍ବାଦଙ୍କୁ ବହୁବାର ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଜେରା କରାଯାଇଥିଲା। ତେବେ ଗତ ସେପ୍ଟେମ୍ବର ୧୯ରେ ସିବିଆଇ ଆଶୀର୍ବାଦଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ସିବିଆଇ ବିଚାରବିଭାଗୀୟ ହାଜତରେ ରହିଥିବାବେଳେ ଆଶୀର୍ବାଦ ଅସୁସ୍ଥ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ପ୍ରିୟାଂଶୀ ମିଶ୍ର


ମିନତୀ ରାଉଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଦୁର୍ଘଟଣାରେ ଦୁଇ ଛାତ୍ରଙ୍କ ପ୍ରାଣ ଗଲା

**ରେମୁଣା,୧୪।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଶେରଗଡ଼ ନିକଟ ମେଗା ଫୁଏଲ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ଅପରାହ୍ଣ ପ୍ରାୟ ୨ଟା ୪୫ମିନିଟ୍‌ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଇଞ୍ଚୁଡି ଗାଁର ଜଗବନ୍ଧୁ ମହାଲିକଙ୍କ ପୁଅ ଚନ୍ଦ୍ରକାନ୍ତ (୨୨) ଏବଂ ରସାଲପୁରର ଗଦାଧର ମହାଲିକଙ୍କ ପୁଅ ଲମ୍ବୋଦର (୨୦)।

ଏହି ଦୁଇ ଛାତ୍ର କୁରୁଡ଼ା ଜ୍ୟୋତି ହସ୍ପିଟାଲ ନିକଟସ୍ଥ ଓଡ଼ିଶା ପଲିଟେକ୍‌ନିକ କଲେଜରେ ପାଠ ପଢ଼ୁଥିଲେ। ଉଭୟେ ଏକ ବାଇକ୍ (ଓଆର୍‌୦୧ଡି-୬୬୪୫) ଯୋଗେ ଖନ୍ତାପଡ଼ାସ୍ଥିତ ଜୟପୁର ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘରକୁ କୌଣସି କାମରେ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ପେଟ୍ରୋଲ ପମ୍ପ ନିକଟରେ ଏକ ଡମ୍ପର (ନଂ. ଓଡ଼ି୦୧ଡ଼ି-୫୦୩୩) ହଠାତ୍ ତାଙ୍କୁ ଓଭରଟେକ କରି ବାମପଟକୁ କାଟି ଦେବାରୁ ସେମାନେ ଡମ୍ପର ଚକ ତଳେ ପଡିଯାଇଥିଲେ। ଘଟଣାସ୍ଥଳରେ ଲମ୍ବୋଦରଙ୍କ ମୃତ୍ୟୁ ହୋଇଯାଇଥିଲା। ଚନ୍ଦ୍ରକାନ୍ତଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ବାଟରେ ସେ ଆଖିବୁଜି ଦେଇଥିଲେ। ଡମ୍ପର ଚାଳକ ସେଠାରୁ ଖସି ଫେରାର ହେବାରେ ସକ୍ଷମ ହୋଇଛନ୍ତି। ପୋଲିସ ବାଇକ୍ ଓ ଡମ୍ପରକୁ ଥାନାରେ ରଖିଛି। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା (ନଂ. ୩୨୨/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଅଭିଜିତ...

ଗବେଷଣାର ଅନ୍ୟତମ ପ୍ରତ୍ୟକ୍ଷ ଫଳାଫଳ ହେଲା ସ୍କୁଲ୍‌ରେ ଉପଚାରାତ୍ମକ ଶିକ୍ଷାଦାନ ଫଳରେ ଭାରତର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଉପକୃତ ହୋଇପାରିଛନ୍ତି। ଅନ୍ୟ ଉଦାହରଣ ହେଲା ଅଧିକାଂଶ ଦେଶରେ ଲାଗୁ ହୋଇଥିବା ପ୍ରତିଶେଧମୂଳକ ସ୍ୱାସ୍ଥ୍ୟସେବା। ଜଣେ ମହିଳାଙ୍କ ପକ୍ଷେ ଏଭଳି ସମ୍ମାନ ମିଳିବା ସମ୍ଭବ ହୋଇଥିବାରୁ ଏହା ବହୁସଂଖ୍ୟାରେ ମହିଳାଙ୍କୁ ଏ ଦିଗରେ ଆଗେଇବା ଲାଗି ଅନୁପ୍ରାଣିତ କରିବ ଓ ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିବ ବୋଲି ଡୁଫ୍ଲୋ କହିଛନ୍ତି। ୫୮ ବର୍ଷୀୟ ଅଭିଜିତ କୋଲକାତା ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଶିକ୍ଷାଗ୍ରହଣ ପରେ ୧୯୮୮ରେ ହାଭାର୍ଡ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ସେ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରେ ଫୋର୍ଡ ଫାଉଣ୍ଡେଶନ୍ ଇଣ୍ଟରନ୍ୟାଶନାଲ ପ୍ରଫେସର ଅଫ୍ ଇକୋନୋମିକ୍ସ ଅଛନ୍ତି।

## ଫୁଟ୍‌ପାଥରେ...

କରି ଭିତରକୁ ପଶି ସ୍ଥାନ କବ୍‌ଜା କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ରେଲ୍‌ୱେ କର୍ତ୍ତୃପକ୍ଷ ନାନା ଆଶଙ୍କା କରି ଅଧିକ ଫୋର୍ସ ମୁତୟନ କରିଥିଲେ। ଆର୍ମି ନିଯୁକ୍ତି ସମୟରେ ରାଜଧାନୀରେ ପରୀକ୍ଷାର୍ଥୀମାନେ ଏଭଳି ଦୟନୀୟ ଅବସ୍ଥାରେ ରହୁଛନ୍ତି। ସହରରେ ବଡ଼ ବଡ଼ ପଡ଼ିଆ ସହ ଖୋଲା ସ୍ଥାନ ରହିଛି। ସେଠାରେ ସେମାନଙ୍କ ପାଇଁ ଆବଶ୍ୟକ ଶେଡ୍ କିମ୍ବା ଅସ୍ଥାୟୀ ବିଶ୍ରାମ ସ୍ଥଳର ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। ଏଥିସହ ପିଇବା ପାଣି, ଶୌଚାଳୟ ଆଦିର ସୁବିଧା ଯୋଗାଇ ଦିଆଯିବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଆପଣ କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ। ଜମିଜମା ବିବାଦ, ପରିବହନ ଝଗଡ଼ାର ସମାଧାନ ହୋଇପାରିବ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, ଯାହାକି ଆପଣଙ୍କୁ ସାମୟିକ ଆନନ୍ଦ ପ୍ରଦାନ କରିବ। ଅର୍ଥ, ପ୍ରଶାସନ, ଆଇନ, ସଭାସମିତି, ଆନୁଷ୍ଠାନିକ କାମରେ ଖୁସୀ ରହିବେ।

**ବୃଷ** – ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମିଥୁନ** – କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଅନୁରୋଧକ୍ରମେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। ମିଠା କଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ ପାଇଁ ସମର୍ଥନ ଓ ସାହାଯ୍ୟ ଆଶା କରିବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବ୍ୟବସାୟରେ ମାନ ମନାନ୍ତର ଦେଖାଦେଇପାରେ। ଅସୁବିଧାରେ ପଡ଼ି ଅର୍ଥ ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରି ନ ପାରେ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ ଓ ସହାନୁଭୂତି ପ୍ରକାଶ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବା କାରଣରୁ ମନେମନେ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** – ଆଜି ବିଭିନ୍ନ ଯୋଜନା ସମ୍ପର୍କିତ ଆଲୋଚନା, ଜମିଜମା କାରବାର ଏବଂ ଗାଡ଼ିମୋଟର ମରାମତି ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ, ଯାହାକି ଆପଣଙ୍କ କାମକୁ ବହୁ ପରିମାଣରେ ସାହାଯ୍ୟ କରିବ। ରାଜନୈତିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** – ଆଜି ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇ ଖୁସୀ ହେବେ। ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ ଏବଂ ଏଥିପାଇଁ ବନ୍ଧୁ ମଧ୍ୟରେ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି।

**ତୁଳା** – ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ସନ୍ତାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ସଭାସମିତିରେ ଯୋଗଦେଇପାରନ୍ତି। ଗତକାଲିଠାରୁ ସ୍ଥିରୀକୃତ ହୋଇଥିବା ଗସ୍ତ କାର୍ଯ୍ୟକ୍ରମ ଆକସ୍ମିକ ସମସ୍ୟା ହେତୁ ବାତିଲ ହେବାର ଆଶଙ୍କା ଦେଖାଦେବ।

**ବିଛା** – ବହୁ ଦିନର ଆଶା ପୂରଣ ହେବା କାରଣରୁ ମନ ଉତ୍ଫୁଲ୍ଲିତ ରହିବ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ଅନ୍ୟମାନଙ୍କ ଉଦ୍ଦେଶ୍ୟକୁ ବୁଝି ନ ପାରି ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** – ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ପରିବାର ମଧ୍ୟରେ ଛୋଟକଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଆଜି ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବ୍ୟାଘାତ ଘଟିପାରେ।

**ମକର** – ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** – ଆପଣ ଦୀର୍ଘଦିନ ହେଲା ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭକରି ବିବାଦୀୟ ପରିସ୍ଥିତିକୁ ସୁଧାରିନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଆତ୍ମୀୟମାନଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢ଼ାଇପାରେ।

**ମୀନ** – କର୍ମକ୍ଷେତ୍ରରେ ଅପରାହ୍ଣରେ ଟେନ୍‌ସନ କମିଯିବ ମାତ୍ର ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ଶିକ୍ଷା, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। କିନ୍ତୁ ପରିବାର ସକାଶେ ସେମାନେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେନି।

ଆଜି ମାସାନ୍ତ, କାର୍ତ୍ତିକ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର, ଅକ୍ଟୋବର ୧୫ ତାରିଖ, ବିଶ୍ୱ ଖାଦ୍ୟ ଦିବସ, ବିଶ୍ୱ ହାତଧୁଆ ଦିବସ, ବିଶ୍ୱ ଛାତ୍ର ଦିବସ, ଏପିଜେ ଅବ୍‌ଦୁଲ୍ କଲାମଙ୍କ ଜୟନ୍ତୀ, ରାଶି ନକ୍ଷତ୍ର–ଦିବା ଘ୧।୨୬ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୦ମି. ମଧ୍ୟେ ଘ୭।୧୭ମି. ଗତେ, ଘ୧୧।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୧୦।୧୮ମି. ଗତେ ଘ୧୧।୫୦ମି. ମଧ୍ୟେ, ଘ୧।୨୫ମି ଗତେ ଘ୪।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୨୬ମି. ଗତେ ଘ୩।୫୩ମି. ମଧ୍ୟେ ରାହୁକାଳ।


**classifieds Everyday 0674-2580101, 2549302**

automobile

**SALE**

2018 Bolero Plus Rs 650000/, New condition, Refinance available. 8249627855. D-14772

real estate

**SALE**

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-14666

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200ରୁ 2,00,000/- plot (outright/ installment) 8144706560, 9348817649. D-66800

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

**ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829.** D-66795

ସୁନ୍ଦରପଦା ହାଇଟେକ୍ ଛକପାଖରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ sqft 850/- 9337381796. D-56656

**ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312.** D-66788

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

to-let

Roadfacing Shoproom vacant in 2nd floor in shopping complex located opposite to Indradhanu market, Bhubaneswar, contact for rent 9438744451, 8328932447, 6370933260. D-56657

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D- 14635

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-14523

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Newly open full body massage by ladies, gents therapist. 8018656899 D-60842

Ayurvedic full body massage by ladies, gents therapist. 7008773793 D-60843

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Herbal full body massage by smart / expert therapist. Contact: 8338067247. D-68130

Refresh your mind and soul with best therapy at Orchid Salon/ Spa. 9937287222. D-66977

Summer special mesmerizing offer expert therapeutic refreshing massage appointment. 9668374480. D-68131

Ayurvedic full body massage ladies/gents smart experts therapist- 8480939300 D-66979

astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

ଏତଦ୍ୱାରା ଆମ୍ଭେ ଘୋଷଣା କରୁଅଛୁ କି ମୋର ନାମ କୃଷ୍ଣଚନ୍ଦ୍ର ବେହେରା ଓ କୃଷ୍ଣଚନ୍ଦ୍ର ଭୋଇ, ପିତା ମଙ୍ଗଳ ବେହେରା ଓ ମଙ୍ଗୁଳି ଭୋଇ ସା: କଂଚିଶାସନ, ପୋ: ଅଳସଣା, ଥାନା: ଚନ୍ଦନପୁର, ଜିଲ୍ଲା: ପୁରୀ ଏକ ଓ ଅଭିନ୍ନ ଅଟୁ। ଧ–୧୪୭୭୩

By virtue of an affidavit before Executive Magistrate, Cuttack 19.08.2019. I Jyotsnarani Pandey, W/o- Ghanashyam Pandey, Brahman Jharilo, Kothapatna, P.S- Cuttack Sadar. Henceforth, I shall be known as Jyotsnarani Pandey for all purposes. D-46267

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**ବିଜେପୁର ଉପନିର୍ବାଚନ**

# ପ୍ରାର୍ଥୀଙ୍କ କଥା, ସେମାନଙ୍କ ମୁହଁରୁ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**
ବରଗଡ ଜିଲା ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ। ମାତ୍ର ୧୮ ମାସ ମଧ୍ୟରେ ତୃତୀୟ ଥର ପାଇଁ ଭୋଟ ଦେବେ ବିଜେପୁରବାସୀ। ୨୦୧୮ ପରି ୨୦୧୯ରେ ମଧ୍ୟ ଏହି ଅଞ୍ଚଳ ଦେଖିବାକୁ ଯାଉଛି ଏକ ଉପନିର୍ବାଚନ। ନିର୍ବାଚନ ରଣାଙ୍ଗନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଭାବେ ଉଭା ହୋଇଛନ୍ତି ବିଜେଡି ପ୍ରାର୍ଥିନୀ ରୀତା ସାହୁ ଓ ଭାଜପାର ସନତ ଗଡତିଆ। ଅପରପକ୍ଷରେ ଏହି ଆସନରେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଜିତି ଆସିଥିବା କଂଗ୍ରେସ ନିଜର ସ୍ଥିତି ରକ୍ଷା ପାଇଁ ପ୍ରୟାସ କରୁଛି। ଦଳ ପକ୍ଷରୁ ସ୍ଥାନୀୟ ନେତା ଦିଲ୍ଲୀପ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଛି। ଦିନ କେଇଟା ପରେ ବିଜେପୁରବାସୀ ଭୋଟ ଦେବେ। ତେଣୁ କିପରି ରହିଛି ପ୍ରଚାର ଏବଂ କ'ଣ ରହିଛି ପ୍ରାର୍ଥୀଙ୍କ ଆଭିମୁଖ୍ୟ। ସେ ସବୁକୁ ନେଇ ୩ ପ୍ରମୁଖ ଦଳ ପ୍ରାର୍ଥୀଙ୍କ ସହ ଧରିତ୍ରୀ ପକ୍ଷରୁ କରାଯାଇଥିଲା ଆଲୋଚନା, ଯାହାର କ୍ରିୟଦଂଶ ନିମ୍ନରେ ପ୍ରଦାନ କରାଗଲା।

## ମୋର କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି : ରୀତା ସାହୁ

**ଉପନିର୍ବାଚନରେ ପ୍ରଚାର କାର୍ଯ୍ୟ କିପରି ଚାଲିଛି?**
❍ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି। ଦଳର କର୍ମୀ ଓ ବିଜେପୁର ଭୋଟର ସମସ୍ତେ ଉତ୍ସାହିତ ଅଛନ୍ତି। ବିଜେଡିର ସମସ୍ତ ନେତୃବୃନ୍ଦ ଓ କର୍ମକର୍ତ୍ତା ମୋତେ ବିଜୟୀ କରିବା ପାଇଁ ଚେଷ୍ଟା କରୁଛନ୍ତି।
**ପୂର୍ବ ଦୁଇଥର ଭଲ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ଏଠିାରୁ ବିଜୟୀ ହୋଇଥିଲେ। ଚଳିତ ଥର ପୂର୍ବାପେକ୍ଷା ବିଜୟ ବ୍ୟବଧାନ ବଢିବ ନା କମିବ?**
❍ ପ୍ରଚାର କାର୍ଯ୍ୟ ଠିକ୍‌ଭାବେ ଚାଲିଛି। ସମସ୍ତେ ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ସମସ୍ତଙ୍କ ବିଶ୍ୱାସ ରହିଛି। ତେଣୁ ପୂର୍ବପରି ଭଲ ବ୍ୟବଧାନରେ ବିଜୟୀ ହେବି ବୋଲି ଆଶା।
**ଏହି ଉପନିର୍ବାଚନରେ କେଉଁ ଦଳ ବା ପ୍ରାର୍ଥୀଙ୍କଠାରୁ ଆପଣ କଡା ଲଢେଇର ସମ୍ମୁଖୀନ ହେଉଥିବା ଅନୁଭବ କରୁଛନ୍ତି?**
❍ ଏହି ନିର୍ବାଚନରେ କାହାକୁ ବି ମୁଁ ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବୁ ନାହିଁ। ମୋର କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି।
**ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢି ଆସନ ଛାଡିଦେବା ପ୍ରସଙ୍ଗ ହିଁ ଭାଜପାର ଅସ୍ତ୍ର ପାଲଟିଛି। ଏହାର ପ୍ରଭାବ ଉପନିର୍ବାଚନ ଉପରେ ପଡିବ ବୋଲି ଭାବୁଛନ୍ତି କି?**
❍ ନାଁ, ବିଲକୁଲ୍ ନୁହେଁ। ଆମ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କରିଛନ୍ତି। ଆମର ନିଶ୍ଚିତ ରୂପେ ବିଜୟ ହେବ। ଅଞ୍ଚଳର ବିକାଶ ପାଇଁ ବହୁତ କିଛି ଅନୁଦାନ ଦେଇଛନ୍ତି, ଏକଥା ସମସ୍ତେ ଜାଣିଛନ୍ତି। ମୁଖ୍ୟମନ୍ତ୍ରୀ ହିଁ ଉନ୍ନତି ଓ ବିକାଶର ଧାରା ଆଗକୁ ନେବେ। ନିଶ୍ଚିତ ଭାବେ ଲୋକଙ୍କ ବିକାଶ ହେବ, ଏଥିରେ କୌଣସି ଅସୁବିଧା ହେବ ନାହିଁ।
**ନିର୍ବାଚନମଣ୍ଡଳୀରେ ଜଳସେଚନ ଏବଂ ବୁଣାକାର ସମସ୍ୟା ନେଇ ଅଭିଯୋଗ ରହିଛି, ଏ ସମ୍ପର୍କରେ କ'ଣ କହିବେ?**
❍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଏହାକୁ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଯୋଜନା ଅଛି। ଖୁବ୍‌ଶୀଘ୍ର ଲୋକମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ। ସେହିପରି ବୁଣାକାରମାନଙ୍କ ସମସ୍ୟା ମଧ୍ୟ ସମାଧାନ କରାଯିବ।
**ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ୧୭,୧୮ରେ ବିଜେପୁର ଆସୁଛନ୍ତି, ଏହାକୁ ନେଇ କେତେ ଉତ୍ସାହିତ?**
❍ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସମ୍ପୂର୍ଣ୍ଣ ଅଞ୍ଚଳବାସୀ ବହୁତ ଉତ୍ସାହିତ ଅଛନ୍ତି। ମୁଁ ନିଜେ ମଧ୍ୟ ବହୁତ ଖୁସି ଅଛି।
**ପୂର୍ବ ଉପନିର୍ବାଚନରେ ୪୧ ହଜାରୁ ଅଧିକ ବ୍ୟବଧାନରେ ଜିତିଥିଲେ। ଚଳିତ ଥର ବିଜୟ ବ୍ୟବଧାନ ନେଇ କ'ଣ କହିବେ?**
❍ ମୋର ଲୋକମାନଙ୍କ ଉପରେ ଭରସା ରହିଛି। ନିଶ୍ଚିତଭାବେ ବ୍ୟବଧାନ ବଢିବ।

## କଂଗ୍ରେସ ଜିତିଲେ ଲୋକଙ୍କ ସ୍ୱର ପ୍ରତିଫଳିତ ହେବ : ଦିଲୀପ ପଣ୍ଡା



**କଂଗ୍ରେସ ଉପନିର୍ବାଚନରେ କେଉଁଠି ରହିଛି?**
❍ କଂଗ୍ରେସ ଲୋକମାନଙ୍କ ହୃଦୟରେ ଅଛି। ଲୋକମାନେ ମୋ ହୃଦୟରେ ଅଛନ୍ତି। ରାଜନୀତି ମୋ ପାଇଁ ନୂଆ ନୁହେଁ, ବିଜେପୁରର ପ୍ରତି ଗାଁରେ ମୋର ଶୁଭେଚ୍ଛୁ ରହିଛନ୍ତି। ସେମାନଙ୍କୁ ନେଇ ହିଁ ରାଜନୀତି ଜାରି ରଖିଛି।
**ଗତ ୨ଟି ନିର୍ବାଚନରେ କଂଗ୍ରେସ ଭୋଟ ଅହେତୁକ ଭାବେ ହ୍ରାସ ପାଇଛି। ଦଳ ପୂର୍ବ ଭୋଟ ଫେରି ପାଇବ କି ?**
❍ ହ୍ରାସ ପାଇଛି, ହେଲେ ଆଗକୁ ଦଳର ଭୋଟ ବଢିବ। ଯେତେବେଳେ କଂଗ୍ରେସ ଭଲ ସ୍ଥିତି ଥିଲା। ସେ ସମୟରେ ଏତେଟା ଆଲୋଚନା ହେଉ ନ ଥିଲା। ଏବେ ସ୍ଥିତି ଖରାପ ହୋଇଥିବାରୁ ଅଧିକ ଆଲୋଚନା ହେଉଛି।
**କଂଗ୍ରେସ ଦଳ ନିର୍ବାଚନରେ ଜିଣିବା ପାଇଁ ଯେପରି ରଣକୌଶଳ ଆବଶ୍ୟକ, ତାହା ପ୍ରସ୍ତୁତ କରିଛି କି ?**
❍ ଦଳ ମୋତେ ଲଢିବା ପାଇଁ ଟିକେଟ୍ ଦେଇଛି। ମୁଁ ସେ ସୁଯୋଗକୁ ହାତଛଡ଼ା କରିବି ନାହିଁ। ବିଜେଡି ଓ ଭାଜପାର ପ୍ରାର୍ଥୀମାନେ ଦଳ ପାଇଁ ଭୋଟ ପାଉଛନ୍ତି। ମୋର ନିଜସ୍ୱ ଭୋଟ ରହିଛି।
**ସବୁଥର ପ୍ରାର୍ଥୀ ବଦଳାଇବା, ନେତାଙ୍କ ନକାରାତ୍ମକ ମନ୍ତବ୍ୟ ଦଳକୁ କ୍ଷତି କରିବ ନାହିଁ କି?**
❍ ସବୁ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ରହିଛି। ଏହି ସମସ୍ୟାକୁ ପଛରେ ଛାଡିଦେଇ ଆଗକୁ ବଢିଯିବା ହିଁ ନେତାର କର୍ତ୍ତବ୍ୟ।
**୨୦୧୮ ଉପନିର୍ବାଚନରେ ଦଳ ପ୍ରାୟ ୧୦ ହଜାର ଓ ଗତ ସାଧାରଣ ନିର୍ବାଚନରେ ପାଖାପାଖି ୧୪ ହଜାର ଭୋଟ ପାଇଥିଲା। ଚଳିତ ଥର କେତେ ଭୋଟ ପାଇବେ ବୋଲି ଭାବୁଛନ୍ତି ?**
❍ କେତେ ଭୋଟ ପାଇବି, ସେ କଥା କହିବି ନାହିଁ। ହେଲେ ଏ ନିର୍ବାଚନ ଆମେ ଜିତିବା ପାଇଁ ଲଢୁଛୁ।
**କେନ୍ଦ୍ରରେ ଭାଜପା ସରକାର, ରାଜ୍ୟରେ ବିଜେଡି ସରକାର ଏସବୁ ମଧ୍ୟରେ କଂଗ୍ରେସ ପାଇଁ ଲଢ଼େଇ କିପରି ରହିଛି?**
❍ ବିଜେଡି ଓ ଭାଜପା ମଧ୍ୟରୁ ଗୋଟିଏ ଜିତିଲେ କିଛି ଅଧିକ ହେବ ନାହିଁ। କଂଗ୍ରେସ ଜିତିଲେ ଲୋକଙ୍କ ସ୍ୱର ପ୍ରତିଫଳିତ ହେବ। ଗୋଟିଏ ଉପଯୁକ୍ତ ବିରୋଧୀ ସୃଷ୍ଟି ହୋଇପାରିବ।
**ଯଦି ନିର୍ବାଚନରେ ବିଜୟୀ ହୁଅନ୍ତି, ତେବେ କେଉଁ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେବେ?**
❍ ମୁଁ ସର୍ବପ୍ରଥମେ ସ୍ୱାସ୍ଥ୍ୟ ସମସ୍ୟାକୁ ଗୁରୁତ୍ୱ ଦେବି। ଛୁଆଟିଏ ଜନ୍ମ ହେଲେ ତାହାର ପ୍ରଥମେ ସ୍ୱାସ୍ଥ୍ୟ ସୁବିଧାର ଆବଶ୍ୟକତା ରହିଛି। ଏହା ପରେ ଶିକ୍ଷା ଓ କୃଷି କଥାକୁ ପ୍ରାଥମିକତା ଦେବି। ଡାକ୍ତରଖାନାର ଭିତ୍ତିଭୂମି ନାହିଁ, ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ଅଭାବ ରହିଛି। ଚାଷୀଙ୍କୁ ଉପଯୁକ୍ତ ସବ୍‌ସିଡି ମିଳୁନାହିଁ।

## ପୂର୍ବାପେକ୍ଷା ଦୁଇଗୁଣା ଅଧିକ ଭୋଟ ପାଇବି: ସନତ



**ଉପନିର୍ବାଚନକୁ ନେଇ ପ୍ରଚାର କିପରି ଜାରି ରହିଛି?**
❍ ପ୍ରଚାର ଜୋର୍‌ଦାର ଚାଲିଛି। ଭାଜପାର ପ୍ରତିଟି କର୍ମୀ ଓ ନିର୍ବାଚନମଣ୍ଡଳୀର ଭୋଟର ଉତ୍ସାହିତ ଅଛନ୍ତି।
**ଭାଜପା ପଶ୍ଚିମ ଓଡ଼ିଶାରେ ପାଇଥିବା ଲୋକ ସଭା ଆସନର ସଫଳତା ବିଧାନସଭା ସିଟ୍‌ରେ ପ୍ରତିଫଳନ କରିପାରିବ କି?**
❍ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଲୋକେ ଆସ୍ଥା ରଖିଥିଲେ। ଏହି କାରଣରୁ ଲୋକ ସଭା ନିର୍ବାଚନରେ ସଫଳତା ମିଳିଥିଲା, ବିଧାନସଭା ଆସନରେ ମିଳି ନ ଥିଲା। ହେଲେ ମୁଖ୍ୟମନ୍ତ୍ରୀ ଏଠାରୁ ପ୍ରାର୍ଥୀ ହୋଇ ବିଜୟୀ ହେଲେ, କିନ୍ତୁ ଜିତିବା ପରେ ଆସନ ଛାଡି ଦେଲେ। ଏହି ନିଷ୍ପତ୍ତି ବିଜେପୁରବାସୀଙ୍କ ଆଶା, ଆକାଂକ୍ଷାକୁ ଧୂଳିସାତ୍ କଲା। ଅଞ୍ଚଳବାସୀ ପ୍ରତାରିତ ହେବା ଭଳି ମନେ କରୁଛନ୍ତି। ତେଣୁ ଏଥର ଭାଜପାକୁ ନିଶ୍ଚିତ ସଫଳତା ମିଳିବ।
**କୁହାଯାଇଛି ଭାଜପା ଭଲ ପ୍ରାର୍ଥୀ ଦେଇଛି, ହେଲେ ବିଜେଡି ସହ ଉପର ସ୍ତରରେ ବୁଝାମଣା ପାଟକୁରା ନିର୍ବାଚନ ଭଳି ଫଳ ଦେବ?**
❍ ବିଜୟୀ ହେବା ପାଇଁ ଭାଜପା ଲଢୁଛି। ଉପର ସ୍ତରରେ କୌଣସି ମେଣ୍ଟ ନାହିଁ, ଆଗକୁ ମଧ୍ୟ ହେବାର ସମ୍ଭାବନା ନାହିଁ।
**ଆପଣ ବିଧାୟକଭାବେ ନିର୍ବାଚିତ ହେଲେ କେଉଁ ୩ଟି ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବେ?**
❍ ସର୍ବପ୍ରଥମେ ଚାଷୀଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେବି। ଅଞ୍ଚଳବାସୀ ଧାର୍ଯ୍ୟ ଦରଠାରୁ କମ୍ ମୂଲ୍ୟରେ ଧାନ ବିକୁଛନ୍ତି। ମଣ୍ଡି ଖୋଲୁ ନାହିଁ, ଧାନ ପଡି ରହୁଛି। ଦ୍ୱିତୀୟତଃ ଜଳସେଚନର ଯଥେଷ୍ଟ ଉନ୍ନତି ହୋଇନାହିଁ। ତାହାର ସମାଧାନକୁ ଗୁରୁତ୍ୱ ଦେବି। ତୃତୀୟତଃ ଅଞ୍ଚଳରେ ଶିକ୍ଷା ସମସ୍ୟା ରହିଛି। ଅନେକ ସ୍ଥାନରେ କେବଳ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବିଦ୍ୟାଳୟ ରହିଛି, ହେଲେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଶିକ୍ଷା ଭିତ୍ତିଭୂମିର ଆହୁରି ଉନ୍ନତି ହେବାର ଆବଶ୍ୟକତା ରହିଛି।
**ଗତଥର ୫୩ ହଜାରରୁ ଅଧିକ ଭୋଟ ପାଇଥିଲେ। ଏଥର କେତେ ଭୋଟ ପାଇବେ ବୋଲି ଆଶା କରିଛନ୍ତି?**
❍ ପୂର୍ବାପେକ୍ଷା ଦୁଇଗୁଣା ଅଧିକ ଭୋଟ ପାଇବି। ମୁଁ ଲକ୍ଷାଧିକ ଭୋଟ ପାଇବି ବୋଲି ଆଶା କରୁଛି।
**ପୂର୍ବ ଉପନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଶୋକ ପାଣିଗ୍ରାହୀ ଦଳ ଛାଡିବା ସହ ବିଜେଡିକୁ ବାହ୍ୟ ସମର୍ଥନ ଘୋଷଣା କରିଛନ୍ତି। ଏହାର କି ପ୍ରଭାବ ପଡିବ ବୋଲି ଭାବୁଛନ୍ତି?**
❍ ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ଭଲ ପାଇବା ଅଛି। କୌଣସି ବ୍ୟକ୍ତିବିଶେଷ ଦଳ ଛାଡି ଗଲେ ତାହାର ପ୍ରଭାବ ଭୋଟ ଉପରେ ପଡିବ ନାହିଁ। ଭାଜପା ପୂର୍ବାପେକ୍ଷା ଭଲ କରିବ।

**ସାକ୍ଷାତକାର : ଚିଦାନନ୍ଦ ଜେନା**
**ଫଟୋ: ମୁକେଶ ରାମ୍**




ବିଜେପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କ ସହ ସାକ୍ଷାତକାର
ଦେଖନ୍ତୁ ଭିଡିଓ
YouTube /dharitrilive

# ବ୍ରହ୍ମପୁରର ୭ ୟୁପିଏଚ୍‌ସିକୁ ମିଳିଲା ଆଇଏସ୍‌ଓ

### ରାଜ୍ୟରେ ପ୍ରଥମ : ଟୁଇଟ୍ କରି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର ଅଫିସ,୧୪।୧୦**
ରାଜ୍ୟର ପ୍ରଥମ ବାହ୍ୟମଳମୁକ୍ତ ପ୍ଲସ ପ୍ଲସ(ଓଡିଏଫ ++) ସହର ଭାବେ ବ୍ରହ୍ମପୁର ପୁରସ୍କୃତ ହେବା ପରେ ଏବେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇଁ ବ୍ରହ୍ମପୁରର ୭ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏଚସି)କୁ ଆଇଏସ୍‌ଓ(ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ) ସାର୍ଟିଫିକେଟ ମିଳିଛି। ଏହି ସାର୍ଟିଫିକେଟ ହାସଲ କରିବାରେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହା ଘୋଷଣା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଅଗଷ୍ଟ ୧୩ରେ ସ୍ୱଚ୍ଛତା, ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ବିଏମ୍‌ସି ଅନ୍ତର୍ଗତ ଆସ୍କାରୋଡ, ଆଗାସାହି ଓ ଆମ୍ବପୁଆ ୟୁପିଏଚସିକୁ ଏନ୍‌କ୍ୟୁଏଏସ୍(ନ୍ୟାସନାଲ କ୍ୱାଲିଟି ଆସୁରାନ୍ସ ଷ୍ଟାଣ୍ଡାର୍ଡ) ସାର୍ଟିଫିକେଟ ମିଳିଥିଲା। ଏହାପରେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଆଇଏସ୍‌ଓର ଏକ ପ୍ରତିନିଧି ଦଳ ବ୍ରହ୍ମପୁରର ସମସ୍ତ ୟୁପିଏଚ୍‌ସି ପରିଦର୍ଶନ କରି ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ସେବାର ମାନ ଯାଞ୍ଚ କରିଥିଲେ। ସେପ୍ଟେମ୍ବର ୮ରେ ୭ ୟୁପିଏଚ୍‌ସିକୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଆଇଏସ୍‌ଓ ୯୦୦୧ :୨୦୧୫ ସର୍ଟିଫିକେଟ ମିଳିଥିବା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆସିଷ୍ଟାଣ୍ଟ ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ କହିଛନ୍ତି। ସୋମବାର ଏହି ପ୍ରମାଣପତ୍ର ହାସଲ କରିବାରେ ବ୍ରହ୍ମପୁର ରାଜ୍ୟର ପ୍ରଥମ ପୌର ସଂସ୍ଥା ବୋଲି ମୁଖ୍ୟମନ୍ତ୍ରୀ ନିଜ ଟୁଇଟର୍‌ରେ ଘୋଷଣା କରିଛନ୍ତି।

# ସ୍ତ୍ରୀକୁ ପିଟି ପିଟି ହତ୍ୟା, ସ୍ୱାମୀଙ୍କୁ ପୋଲିସର ଅଟକ

**ଲହୁଣୀପଡା, ୧୪।୧୦ (ଡି.ଏନ.ଏ.)**
ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବାଙ୍କି ଗ୍ରାମର ଓରାମ ବସ୍ତିରେ ରବିବାର ବିଳମ୍ବିତ ରାତିରେ ଘରେ କେହି ନ ଥିବାବେଳେ ଶୁକ୍ରା ଓରାମ (୫୧) ତାଙ୍କ ସ୍ତ୍ରୀ ମାରିଆମ ଓରାମ (୪୫)ଙ୍କୁ ବାଡିରେ ପିଟି ପିଟି ହତ୍ୟା କରିଛନ୍ତି। ପୋଲିସ କହିଛି ଯେ, ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶୁକ୍ରା ତାଙ୍କ ସ୍ତ୍ରୀ ମାରିଆନଙ୍କୁ ବାଡିରେ ପିଟି ପିଟି ରକ୍ତାକ୍ତ କରି ଦେଇଥିଲେ। ମାରିଆମ ପଡିରହି ସୋମବାର ସକାଳେ ମୃତ୍ୟୁ ଘଟିଥିଲା। ଖବର ପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ। ଶୁକ୍ରାଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଚଳାଇବା ସହିତ ଘଟଣାର ତଦନ୍ତ ଚଳାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ମନେ ପଡ଼ନ୍ତି

**୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ବିନାୟକ ରଥ
(୧୯୩୪-୨୦୦୪)
ରାଜଲକ୍ଷ୍ମୀ ଭବନ, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର-୨
ଆପଣଙ୍କର ୧୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୭୨୪୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ଧୀରେନ୍ଦ୍ର କୁମାର ଦାସ
ଜଗନ୍ନାଥନଗର, ଭୁବନେଶ୍ୱର
ଆବିର୍ଭାବ: ୨୨।୦୬।୧୯୫୫
ତିରୋଧାନ: ୦୭।୧୦।୨୦୧୭
(କାର୍ତ୍ତିକ କୃଷ୍ଣ ଦ୍ୱିତୀୟା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୧୪୭୭୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ ଉପଲକ୍ଷେ

✓ପଦ୍ମାବତି ମହାନ୍ତି
ସ୍ଥାନ- ପଟିଆଗଡ଼, ଜି-ଖୋର୍ଦ୍ଧା
ଆବିର୍ଭାବ :୧୯୨୮-ସୀତାନବମୀ
ତିରୋଧାନ :୦୫-୧୦-୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଶୋକଭରା ହୃଦୟରେ ବିନମ୍ର ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
- ଶୋକସନ୍ତପ୍ତ -
ପୁତ୍ର-ବିଜୟ, ଅଜୟ, ଅକ୍ଷୟ, ସଞ୍ଜୟ, ଅମିୟ, ଉପେନ୍ଦ୍ର, ପୁତ୍ରବଧୂ, କନ୍ୟା ଓ ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ଓ ଅନଣାତି ଏବଂ ସମସ୍ତ ପରିବାରବର୍ଗ।
ଧ-୧୪୭୭୧

CLASSIFIED DISPLAY




ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
▪Exchange Offer ▪EMI Facility ▪Attractive Discount
ଶ୍ରବଣ ଯନ୍ତ୍ର
signia Life sounds brilliant. SIEMENS
DIGITAL HEARING AID
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: ▪GNM (Nursing) ▪ANM (Nursing) ▪DMRT (X-Ray) ▪DMLT (Pathology)
ELIGIBILITY : +2 PASS
CERTIFICATE PROGRAMME: ▪MEDICAL LAB TECH. ▪X-RAY TECH ▪O.T TECH ▪WARD TECH ▪DIALYSIS TECH
ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

ତୁମର ପଡୋଶୀ ଭିତରେ ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଭିତରେ ବି ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଦେଶରେ ଓ ତୁମର ଶତ୍ରୁର ଦେଶରେ ବି ଈଶ୍ୱରଙ୍କ ଲାଗି ବଞ୍ଚ ଓ ସମଗ୍ର ମାନବଜାତି ଭିତରେ- ବୃକ୍ଷଲତା ମାଟିପଥର ଓ ପଶୁପକ୍ଷୀଙ୍କ ଭିତରେ- ପୃଥିବୀ ଭିତରେ ଓ ପୃଥିବୀ ବାହାରେ ତୁମେ କେବଳ ଈଶ୍ୱରଙ୍କ ପାଇଁ ବଞ୍ଚ। ତେବେ ଯାଇ ତୁମେ ମୁକ୍ତିର ପଥରେ ପାଦ ଦେଇଛ।

-ଶ୍ରୀଅରବିନ୍ଦ



# କମୁଛି ବାୟୁ ଗୁଣବତ୍ତା

ନୂଆଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ୧୪ ଅକ୍ଟୋବର ୨୦୧୯ରେ ଅତ୍ୟନ୍ତ ନିମ୍ନସ୍ତରକୁ ଚାଲିଯାଇଛି। ପଞ୍ଜାବ ଓ ହରିୟାଣାରେ ଖେତରେ ନଡ଼ାକୁ ବ୍ୟାପକ ମାତ୍ରାରେ ପୋଡ଼ି ଦିଆଯାଉଥିବାରୁ ଏହାର ଧୂଆଁ ସେଠାକାର ସମଗ୍ର ବାୟୁମଣ୍ଡଳକୁ ଆଚ୍ଛାଦିତ କରିଦେଉଛି। ଫଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୨୩୫ ମାର୍କରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତମ ବାୟୁ ଗୁଣବତ୍ତା ସ୍ତର ଶୂନରୁ ୫୦ ରହିଥିବା ବେଳେ ମଧ୍ୟମ ଧରଣର ହେଲେ ତାହା ୫୧ରୁ ୧୦୦ ସ୍ଥିର କରାଯାଇଛି। ଏହାକୁ ମାନକ ଭାବେ ନେଇ ତର୍ଜମା କରାଗଲେ ଦିଲ୍ଲୀରେ ବାୟୁ ଗୁଣବତ୍ତା ସ୍ତର ୨୩୫ ଛୁଇଁବା ନିଶ୍ଚିତ ଭାବେ ସେଠାକାର ଅଧିବାସୀଙ୍କ ପାଇଁ ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିଛି। ଗତ ୫ ଦିନ ହେବ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳବାସୀ ବିଷାକ୍ତ ବାୟୁ ଗ୍ରହଣ କରିଚାଲିଛନ୍ତି। ଦୁଇମାସ ତଳକୁ ଫେରିଗଲେ ତାମିଲନାଡୁ ରାଜଧାନୀ ଚେନ୍ନାଇର କେତେକ ଅଞ୍ଚଳରେ ପାଣିର ଉତ୍କଟ ଅଭାବ ଦେଖାଦେବା ପରେ ଲୋକେ ସମ୍ପୃକ୍ତ ଇଲାକା ଛାଡ଼ିବାକୁ ବାଧ୍ୟ ହୋଇଥିଲେ ବୋଲି ଖବର ମିଳିଥିଲା। ଏପଟେ ଅଗଷ୍ଟ ଓ ସେପ୍ଟେମ୍ବରରେ ହୋଇଥିବା ବର୍ଷା ପୂର୍ବ ରେକର୍ଡ ଭାଙ୍ଗି ଦେଇଛି। ସେହିଭଳି ଗୋଟିଏ ପଟେ ମୌସୁମୀ ଠିକ୍ ସମୟରେ ଆସୁ ନ ଥିବା ବେଳେ ଫେରନ୍ତା ମୌସୁମୀ ଯିବାରେ ଅତ୍ୟନ୍ତ ବିଳମ୍ବ ଘଟୁଛି।

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ସୃଷ୍ଟି ହେଉଥିବା ବେଳେ ଦିଲ୍ଲୀ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏବେ ବାୟୁ ଗୁଣବତ୍ତା କମିଯିବା ଲାଗି ମନୁଷ୍ୟକୃତ ବିପର୍ଯ୍ୟୟ ଦାୟୀ ବୋଲି କୁହାଯାଇପାରିବ। ପଞ୍ଜାବ ଓ ହରିୟାଣାର ଖେତଗୁଡ଼ିକରୁ ଫସଲ ଅମଳ କରିସାରିବା ପରେ ଚାଷୀ ନଡ଼ାରେ ନିଆଁ ଲଗାଇ ଦେଇଥାଆନ୍ତି। ସେଗୁଡ଼ିକୁ ବୋହିବାରେ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏଭଳି ପଦକ୍ଷେପ ନେଇଥାଆନ୍ତି। ଫଳରେ ସେଥିରୁ ନିର୍ଗତ ହେଉଥିବା ଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରିଦେଉଛି। ପ୍ରାତଃ ସମୟରେ ଗାଡ଼ି ଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀତଦିନର କୁହୁଡ଼ି ଏହି ଧୂଆଁ ସହ ମିଶିଯିବା ଫଳରେ ରାସ୍ତା ଦେଖିବା ମଧ୍ୟ କଷ୍ଟକର ହୋଇପଡ଼େ। ସେଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟେ। ବିଗତ କିଛିବର୍ଷ ହେବ ଜାତୀୟ ରାଜଧାନୀ ଦିଲ୍ଲୀ ପ୍ରଦୂଷଣଜନିତ ସମସ୍ୟାରେ ଜର୍ଜରିତ ହୋଇଯାଉଥିବାରୁ ସେଥିରୁ ତ୍ରାହି ପାଇବା ସକାଶେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡେକର ୭ ଅକ୍ଟୋବରରେ ଏକ ଖବରଦାତା ସମ୍ମିଳନୀରେ ଏହାର ସମାଧାନ ଦିଗ ଉପରେ ସୂଚନା ଦେଇଥିଲେ। କେନ୍ଦ୍ର ସରକାର ପଞ୍ଜାବ ଓ ହରିୟାଣାରେ ଚାଷୀଙ୍କ ସମସ୍ୟାକୁ ଦେଖି ପରିବେଶ ଉପଯୋଗୀ ମେଶିନ କିଣିବା ବାବଦକୁ ୧୧୫୦ କୋଟି ଟଙ୍କା ସହାୟତା ଦେଇଥିବା ବିଷୟ ଜାଭଡେକର ଉଲ୍ଲେଖ କରିଥିଲେ। ଇତିମଧ୍ୟରେ ପ୍ରାରମ୍ଭିକ ଅବସ୍ଥାରେ ଚାଷୀଙ୍କୁ ୧୮,୦୦୦ ମେଶିନ ମଧ୍ୟ ଯୋଗାଇ ଦିଆସରିଲାଣି। ଉକ୍ତ ମେଶିନ ସେହି ନଡ଼ାକୁ ସାରରେ ପରିବର୍ତ୍ତନ କରିବାରେ ସହାୟକ ହେବ ବୋଲି କୁହାଯାଉଛି। କେନ୍ଦ୍ର ସରକାର ଏହି ବିଷୟକୁ ଗମ୍ଭୀରତାର ସହ ବିଚାର କରି ସହାୟତା ରାଶି ଦେବା ସହ ମେଶିନ ଯୋଗାଇ ଦେବା ଏକ ଉତ୍ତମ ପଦକ୍ଷେପ ବୋଲି କୁହାଯାଇପାରେ। କିନ୍ତୁ କୃଷକମାନେ ଆନ୍ତରିକତାର ସହ ତାହାକୁ କାର୍ଯ୍ୟକାରୀ ନ କଲେ ସମସ୍ୟା ବଢ଼ିଚାଲିବ।

ଆଜିର ସମୟରେ ଗୋଟିଏ କଥା ଦେଖାଯାଉଛି ଯେ, ଅନେକେ ସର୍ବଦା ଭାବୁଛନ୍ତି ସେମାନଙ୍କ ଲାଗି ଅନ୍ୟ କେହି କାର୍ଯ୍ୟ କରନ୍ତୁ। ସରକାରକୁ ପ୍ରତି କଥାରେ ଦୋଷ ଦିଆଯାଉଛି। ଓଡ଼ିଶା କଥା ଦେଖିଲେ ଏଠାକାର ଅନେକ ସହରାଞ୍ଚଳରେ ଅଳିଆକୁ ସ୍ଥାନାନ୍ତର କରିବା ବ୍ୟୟସାପେକ୍ଷ ଭାବି ପୋଡ଼ି ଦିଆଯାଉଥିବା ବାରମ୍ବାର ଦେଖିବାକୁ ମିଳୁଛି। ଏଥିରେ ମହାନଗର ନିଗମ ବା ନଗରପାଳିକାରେ କାର୍ଯ୍ୟରତ କର୍ତ୍ତୃପକ୍ଷ ସିଧାସଳଖ ସମ୍ପୃକ୍ତ ରହୁଛନ୍ତି ବୋଲି ସନ୍ଦେହ କରାଯାଉଛି। ଏଠାରେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍‌ର ଉଦାହରଣ ଦିଆଯାଇପାରେ। ପ୍ରବଳ ମାତ୍ରାରେ ଅଳିଆ ଉପୁଜାଉଥିବା ଏହି ମଲ୍ ନିଜର ଅଳିଆ ନିଷ୍କାସନର କୌଣସି ବ୍ୟବସ୍ଥା କରିବାକୁ ଚେଷ୍ଟା କରୁନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ପ୍ଲାଷ୍ଟିକ୍ ବ୍ୟବହାରକୁ ବନ୍ଦ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ମଲ୍‌ରୁ ବାହାରୁଥିବା ଅନେକ ପରିମାଣ ବର୍ଜ୍ୟ ପ୍ଲାଷ୍ଟିକ୍ ବସ୍ତାରେ ପୂରାଯାଇ ଫିଙ୍ଗାଯାଉଥିବାର ସମସ୍ତେ ଦେଖୁଛନ୍ତି। ସେଥିରୁ ଅନୁମାନ କରାଯାଇପାରୁଛି ଯେ, ଏହି ମଲ୍‌କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଆସୁଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉଚ୍ଚ କର୍ମକର୍ତ୍ତା ପ୍ରବଳମାତ୍ରାରେ ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବେ। ଦୁହାଁଳିଆ ଗାଈ ଭଳି ବ୍ୟବସାୟିକ ସଂସ୍ଥା ଥରେ ଅଧେ ନୁହେଁ, ନିୟମିତ ଭାବେ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିବାକୁ ବାଧ୍ୟ ହେଉଥିବେ। ତେଣୁ ପରିବେଶକୁ ବିଷାକ୍ତ ଓ ପ୍ରଦୂଷଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ହୋଇପଡ଼ିଲାଣି। ଏଥିସହିତ ବର୍ଜ୍ୟବସ୍ତୁରୁ କିଭଳି ଶକ୍ତି ଉତ୍ପନ୍ନ ହୋଇପାରିବ ସେଭଳି ଅନେକ ପ୍ଲାଣ୍ଟ ବସାଇବା ଲାଗି ସରକାର ପଦକ୍ଷେପ ନେବା ଜରୁରୀ। ଏଠାରେ ସିଙ୍ଗାପୁରର ଦୃଷ୍ଟାନ୍ତ ମଧ୍ୟ ଦିଆଯାଇପାରେ। ସେହି କ୍ଷୁଦ୍ର ଦେଶରେ ଅଳିଆ ପୁନର୍ବ୍ୟବହାର କରାଯିବାର ଅନେକ ଉପାୟ କାର୍ଯ୍ୟକାରୀ କରାଯାଉଛି। ସହରର ସବୁବର୍ଜ୍ୟକୁ ଏକାଠି କରାଯାଇ ସେଥିରୁ ଉତ୍ତାପ ଓ ଶକ୍ତି ଉତ୍ପନ୍ନ କରାଯିବା ଭଳି ଅଭିନବ ପଦକ୍ଷେପ ନିଆଯିବା ସହ ସେହି ଅଳିଆକୁ ଶୂନ ସ୍ତରକୁ ଅଣାଯାଇପାରୁଛି। ଏହା କୌଣସି ବୈଜ୍ଞାନିକଙ୍କ ସ୍ୱପ୍ନ ନୁହେଁ, ସିଙ୍ଗାପୁରର ବାସ୍ତବ ଚିତ୍ର। ଭାରତର କୌଣସି ସହରାଞ୍ଚଳରେ ସେଭଳି ପ୍ରଯୁକ୍ତିବିଦ୍ୟା ଉପଯୋଗ କରାଯାଉ ନାହିଁ, ଯାହାଫଳରେ ନିକଟ ଭବିଷ୍ୟତରେ ଭାରତର ଏୟାର କ୍ୱାଲିଟିକୁ ଆହୁରି ଅଧିକ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଲାଣି।

## su | do | ku — ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | | B | | | A | | 6 | | | |
| | | | | | | | | | | D | | | 1 | A |
| 5 | C | | | 1 | | | | | | | | 2 | | 7 |
| | | | 0 | D | C | | E | | | 8 | | | 6 | 4 |
| 8 | | | B | 6 | | | 4 | | | 5 | 0 | 3 | | |
| 7 | 6 | | D | C | | 2 | 0 | | | 1 | | | | |
| B | | 2 | | | | 1 | | | | | | | C | 5 |
| | | | | 3 | 8 | D | | | 0 | 7 | | 1 | | |
| | | 1 | 2 | | | 8 | | 5 | | 3 | | 4 | | |
| 4 | | | E | | | 7 | B | 6 | | | D | | | |
| 2 | 1 | | | | | | | | B | | A | 8 | 9 | |
| | | 8 | 6 | E | B | | | | 1 | | 3 | A | 0 | |
| | | | 5 | | 4 | E | | | | 9 | | | | |
| | 7 | | | | | | 2 | | | | 5 | D | E | 3 |
| | | | | 2 | | | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | B | 8 | A | C | 1 | 6 | 4 | 3 | 7 | 0 | 5 | 9 | E | 2 |
| 4 | 3 | A | E | 8 | 0 | 1 | B | 9 | 6 | 2 | C | 7 | 5 | D |
| E | C | 5 | 4 | 9 | 2 | 0 | 7 | A | 3 | D | 8 | B | 1 | 6 |
| 0 | 9 | 2 | B | 6 | 7 | D | 8 | 5 | 1 | A | E | 3 | 4 | C |
| 1 | 6 | 7 | 3 | 5 | D | E | 2 | C | 4 | B | 9 | 8 | A | 0 |
| 9 | 8 | E | 7 | A | 6 | 4 | 0 | 1 | 5 | C | D | 2 | 3 | B |
| A | 4 | B | C | 3 | 8 | 9 | D | 2 | E | 7 | 6 | 5 | 0 | 1 |
| 7 | 0 | D | 1 | 2 | 5 | A | 3 | 6 | 8 | 4 | B | C | 9 | E |
| 3 | 5 | 6 | D | B | 9 | C | E | 8 | 2 | 1 | 0 | A | 7 | 4 |
| C | 2 | 1 | 0 | E | 4 | B | 5 | 7 | A | 9 | 3 | D | 6 | 8 |
| 6 | E | 3 | 9 | D | A | 7 | C | B | 0 | 8 | 1 | 4 | 2 | 5 |
| B | A | C | 8 | 0 | 3 | 2 | 1 | E | 9 | 5 | 4 | 6 | D | 7 |
| 8 | 1 | 9 | 2 | 4 | E | 5 | A | D | B | 6 | 7 | 0 | C | 3 |
| 5 | 7 | 0 | 6 | 1 | C | 8 | 9 | 4 | D | 3 | 2 | E | B | A |
| 2 | D | 4 | 5 | 7 | B | 3 | 6 | 0 | C | E | A | 1 | 8 | 9 |

ଗତକାଲିର ଉତ୍ତର

# ନେତା ନୁହେଁ, ଜନତାର ସେବା



ବୈକୁଣ୍ଠନାଥ ମିଶ୍ର

ବ୍ରିଟିଶ ରାଜତ୍ୱ ସମୟରୁ ଆଜି ପର୍ଯ୍ୟନ୍ତ ପୋଲିସ ପ୍ରତି ଭିନ୍ନ ଏକ ଧାରଣା ଜନମାନସରେ ରହିଆସିଛି। ଏ ଧାରଣାର ପ୍ରମୁଖ ଉତ୍ସ ହେଉଛି ଭୟ। ପୋଲିସବାବୁ ଗାଁକୁ ଆସିଲେ ଲୋକଙ୍କ ମନରେ ସନ୍ଦେହର ଜାଲ ବୁଣି ହୋଇଯାଏ। ମନରେ ଶଙ୍କା ଜାତ ହୁଏ ଯେ କିଛି ଗୋଟିଏ ଅଘଟଣ ଘଟିଛି ନିଶ୍ଚୟ। ଏହା କିନ୍ତୁ ଅନ୍ୟ ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ହୁଏ ନାହିଁ। ଉଚ୍ଚ ଅଧିକାରୀଙ୍କ ଆଗମନରେ ଲୋକେ ରୁଣ୍ଡ ହୋଇ କିଛି ପ୍ରତ୍ୟାଶା ରଖି ତାଙ୍କ କଥା ଶୁଣୁଥିବା ସମୟରେ ପୋଲିସ ଅଧିକାରୀଙ୍କ ଆଗମନରେ 'କାଦୁଅକୁ ଯିବି ନାହିଁ କି ଗୋଡ ଧୋଇବି ନାହିଁ' ନ୍ୟାୟରେ ସେମାନେ ଛତ୍ରଭଙ୍ଗ ଦେଇ ଅବିଳମ୍ବେ ସେ ସ୍ଥାନ ତ୍ୟାଗ କରନ୍ତି। ସହରାଞ୍ଚଳ କଥା ଭିନ୍ନ- ଗ୍ରାମାଞ୍ଚଳରେ ପୋଲିସ ପ୍ରତି ନକାରାତ୍ମକ ଚିନ୍ତାଧାରା ଏବେ ମଧ୍ୟ ବଳବତ୍ତର ଅଛି। ପୋଲିସ ମଧ୍ୟ କେବେ ନିଜ ଆଡୁ ଜନସାଧାରଣଙ୍କର ନିକଟତର ହେବାକୁ ଉଦ୍ୟମ କରିନାହିଁ। ଯଦିଓ 'ମୋ ସରକାର' ଭଳି କେତେକ କାର୍ଯ୍ୟକ୍ରମ ଯୋଗୁ ସେ ଜନତାର ବନ୍ଧୁ ରୂପେ ପ୍ରତୀତ ହେବାକୁ ଚେଷ୍ଟା କରୁଛି। ଅନ୍ୟଥା ସେ କେବଳ ନେତାଙ୍କର ରକ୍ଷାକବଚ ସାଜିଛି।

ଅଶାଳୀନ ଭାଷା ଓ ଅମାର୍ଜିତ ବ୍ୟବହାର ପୋଲିସ ଭିନ୍ନ ଅନ୍ୟ କାହାଠାରେ ପ୍ରାୟ ପରିଦୃଷ୍ଟ ହୁଏ ନାହିଁ। ମୋ ଜୀବନର ଏକ ତିକ୍ତ ଅନୁଭୂତି ଏଠାରେ ପ୍ରାସଙ୍ଗିକ ମନେହୁଏ। ୧୯୭୯ ମସିହାରେ ମୁଁ ଏକ ନୂଆ ହମ୍ବର ସାଇକେଲ କିଣିଥିଲି, ଯାହାର ଦାମ୍ ଥିଲା ୫୦୦ ଟଙ୍କା- ମୋର ପ୍ରାୟ ୧୫ ଦିନର ବେତନ। କିଣିବାର ମାସକ ମଧ୍ୟରେ ସାଇକେଲଟି ଚୋରି ହୋଇଗଲା। ମୁଁ ଥାନାରେ ଏତଲାଟିଏ ଦେଇ ମନ ଦୁଃଖରେ ଥାଏ। କିଛିଦିନ ପରେ ଖବର ମିଳିଲା ଥାନାକୁ କିଛି ଚୋରି ସାଇକେଲ ଧରାହୋଇ ଆସିଛି। ଥାନା ବାବୁଙ୍କ ଅନୁମତି ନେଇ ମାଲଖାନା ଦେଖିଲି। ଅନେକ ସାଇକେଲ ଭିତରେ ମୋ ସାଇକେଲଟି ଚିହ୍ନଟ କରି ଦାୟିତ୍ୱରେ ଥିବା କନଷ୍ଟେବଲଙ୍କୁ ଦେଖାଇଲି। ସେ କହିଲେ, ସାଇକେଲର ମୂଳ କାଗଜପତ୍ର ଧରି କାଲି ଆସ, ସାରଙ୍କୁ ଦେଖାଇ ତୁମ ସାଇକେଲ ନେଇଯିବ। ପରଦିନ ଥାନାରେ ପହଞ୍ଚି ଆନୁଷଙ୍ଗିକ କାର୍ଯ୍ୟ ସାରି ଦେଖେ ତ ଅନେକ ଭିତରେ ମୋ ସାଇକେଲଟି ନାହିଁ। ମୁଁ ଥାନା ବାବୁଙ୍କୁ ଏହା ଜଣାଇବାରୁ ସେ କିଛି କହିବା ପୂର୍ବରୁ କନଷ୍ଟେବଲ ଜଣକ ଯାହା କହିଲେ, ଆଉ ଯେଉଁ ଭାଷାରେ କହିଲେ ତାହା ପ୍ରକାଶ କରିବା ସମ୍ଭବ ନୁହେଁ। ମୋଟାମୋଟି ତାଙ୍କ ଉତ୍ତର ଥିଲା, ଶ..., ଆମେ କ'ଣ ଚୋର! ଯାଉଛୁ ନା ଦେଖିବୁ। ମୁଁ କାନମୁଣ୍ଡା ଆଉଁଶି ମନ ଦୁଃଖରେ ଫେରି ଆସିଲି। ଥାନା ବାବୁଙ୍କ ଉପସ୍ଥିତିରେ ଜଣେ କନଷ୍ଟେବଲର ଏତାଦୃଶ ଆଚରଣ ବାସ୍ତବିକ ଅନୁଶୋଚନୀୟ। ସେହିଦିନଠାରୁ ପୋଲିସ ପ୍ରତି ମୋର ଧାରଣା ଅତ୍ୟନ୍ତ ଅସ୍ୱାଭାବିକ।

ସ୍ୱାଧୀନତାର ୭୨ ବର୍ଷ ଭିତରେ ଦେଶ ବହୁ ପରିବର୍ତ୍ତନକୁ ଅଙ୍ଗେ ନିଭାଇଛି। ହେଲେ ପୋଲିସ ସଂସ୍ଥାର ମାନସିକତାରେ ସେପରି କିଛି ପରିବର୍ତ୍ତନ ହୋଇଥିବା ପରି ସାଧାରଣ ମଣିଷ ଅନୁଭବ କରେନାହିଁ। ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପମେଣ୍ଟ ବ୍ୟୁରୋ ଦ୍ୱାରା ଆୟୋଜିତ ଏକ କର୍ମଶାଳାରେ କହିଲେ ଯେ, ବ୍ରିଟିଶ ରାଜତ୍ୱ ସମୟରେ ପୋଲିସ ବାହିନୀ କେବଳ ଶାସକ ଗୋଷ୍ଠୀର ସ୍ୱାର୍ଥରକ୍ଷା ଛଡ଼ା ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ଅନ୍ଧ ଥିଲା। କିନ୍ତୁ ଆଜିର ପୋଲିସ ଜନସ୍ୱାର୍ଥ ପାଇଁ ଉତ୍ସର୍ଗୀକୃତ। ତାଙ୍କ ବକ୍ତବ୍ୟ ଅନୁଯାୟୀ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୩୪୦୦୦ରୁ ଊର୍ଦ୍ଧ୍ୱ କର୍ତ୍ତବ୍ୟରତ ପୋଲିସ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ପ୍ରଶ୍ନ ଉଠେ ଆଜିର ପୋଲିସ କ'ଣ ବାସ୍ତବରେ ଜନସେବା ଓ ଜନସ୍ୱାର୍ଥ ପାଇଁ ତତ୍ପର? ଏକଥା ସାଧାରଣ ମଣିଷ ଭଲ ଭାବରେ ବୁଝିଛି ଯେ ପୋଲିସ ଆଜି ମଧ୍ୟ ନେତା ସେବାରେ ସମ୍ପୂର୍ଣ୍ଣ ସମର୍ପିତ।

ଜାତୀୟ ପୋଲିସ କମିଶନଙ୍କ ୧୯୭୯ ରିପୋର୍ଟ ଅନୁସାରେ ସ୍ୱାଧୀନତା ପୂର୍ବରୁ ପୋଲିସ ଓ ବିଦେଶୀ ଶାସକଙ୍କ ମଧ୍ୟରେ ଥିବା ସମ୍ପର୍କ ବର୍ତ୍ତମାନର ପୋଲିସ ଓ ଶାସକ ଦଳଙ୍କ ସମ୍ପର୍କରେ ପରିଣତ ହୋଇଛି। ୧୯୯୭ ଏପ୍ରିଲ ୩ ତାରିଖରେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ଇନ୍ଦ୍ରଜିତ ଗୁପ୍ତା ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ, "ବର୍ତ୍ତମାନ ସମୟ ଉପଗତ, ଯେତେବେଳେ କି ଆମେ ଆମର ସଂକୀର୍ଣ୍ଣ ଉପଲବ୍ଧିର ଊର୍ଦ୍ଧ୍ୱକୁ ଉଠି ପୋଲିସ ସଂଗଠନର ବ୍ୟାପକ ସଂସ୍କାର ଓ ପୁନର୍ଗଠନ କରିବା ଜରୁରୀ। ତେଣୁ ମୁଖ୍ୟମନ୍ତ୍ରୀମାନେ ଔପନିବେଶିକ ଚିନ୍ତାଧାରାରୁ ମୁକ୍ତ ହୋଇ ପୋଲିସ ସଂସ୍ଥାର ସଂସ୍କାର ଓ ପୁନର୍ଗଠନ ମାଧ୍ୟମରେ ଜନସାଧାରଣଙ୍କୁ ଆପରାଧିକ ମାମଲାରେ ତ୍ୱରିତ ନ୍ୟାୟ ପ୍ରଦାନ ଲାଗି ପ୍ରୟାସ କରିବା ଉଚିତ।" କେବଳ ସେତିକି ନୁହେଁ ନିକଟରେ ପ୍ରକାଶିତ 'ଦି ସେଣ୍ଟର ଫର୍ ଷ୍ଟଡି ଅଫ୍ ଡେଭ୍‌ଲପିଙ୍ଗ ସୋସାଇଟିଜ୍'ଓ 'କମନ୍ କଜ୍' ନାମକ ଏକ ଖ୍ୟାତନାମା ବେସରକାରୀ ସଂସ୍ଥାର ମିଳିତ ଉଦ୍ୟମରେ ପ୍ରସ୍ତୁତ ଏକ ସର୍ଭେ ରିପୋର୍ଟ ଅନୁଯାୟୀ ପୋଲିସର ଅପରାଧ ଅନୁସନ୍ଧାନ ଓ ଅପରାଧୀକୁ କବଳିତ କରିବା ଦିଗରେ ସବୁଠାରୁ ବୃହତ୍ ଆହ୍ୱାନ ହେଲା ପୋଲିସ ପ୍ରଶାସନରେ ରାଜନୈତିକ ହସ୍ତକ୍ଷେପ। ସାଧାରଣ ଅପରାଧୀକୁ ଧରିବାରେ ପୋଲିସ ଯେତେ ତତ୍ପର ଶାସକ ଦଳ ନେତାଙ୍କ ସମ୍ପୃକ୍ତି ଥିବା ଅପରାଧଗୁଡ଼ିକରେ କାର୍ଯ୍ୟାନୁଷ୍ଠାନ ପ୍ରାୟ ଶୂନ। ସେହିସବୁ କେସ୍ ନାଳିଫିତା ତଳେ ଚାପି ହୋଇ ପରିଶେଷରେ ଗୁରୁତ୍ୱହୀନ ହୋଇଯାନ୍ତି। ସମୟାନୁକ୍ରମେ ଜନମାନସରୁ ତାହା ଲିଭିଯାଏ।

ଅଧିକନ୍ତୁ ୨୨ ସେପ୍ଟେମ୍ବର ୨୦୦୬ରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରମାନଙ୍କୁ ଦେଇଥିବା ନିର୍ଦ୍ଦେଶନାମାରେ କୁହାଯାଇଥିଲା ଯେ ପୋଲିସକୁ ରାଜନୀତିକ ଚାପରୁ ମୁକ୍ତ ରଖାଯାଉ ଏବଂ ପୋଲିସ ଉପରେ କାର୍ଯ୍ୟର ଦାୟବଦ୍ଧତା ନିର୍ଦ୍ଧାରଣ କରାଯାଉ। ଡିଜିଙ୍କ ନିଯୁକ୍ତିକୁ ରାଜନୀତି ପୃଷ୍ଠପୋଷକତା ଦୃଷ୍ଟିରୁ ବିଚାର କରା ନ ଯାଇ କାର୍ଯ୍ୟଦକ୍ଷତା ଓ ନିଷ୍ଠା ପ୍ରତି ଗୁରୁତ୍ୱ ଦିଆଯାଉ। ଏଥିରେ ସ୍ୱଚ୍ଛତା ରକ୍ଷା କରାଯାଉ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ମେଟ୍ରୋ ସହରଗୁଡ଼ିକରେ ଅପରାଧୀ ଅନୁସନ୍ଧାନ ଓ ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପରସ୍ପରଠାରୁ ପୃଥକ୍ ହେବା ଜରୁରୀ। ୨୦୦୬ ଶେଷ ସୁଦ୍ଧା ଏ କାର୍ଯ୍ୟ ସମାପନ ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଏ ଯାବତ୍ ବିଶେଷ କିଛି ପଦକ୍ଷେପ ନିଆଯାଇନାହିଁ। ପୋଲିସ ସଂସ୍କାର କଥା ଯାହା କୁହାଯାଉଛି, ତାହା କେବଳ ଯୋଜନାରେ ସୀମାବଦ୍ଧ। ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶରେ ପ୍ରାୟ ୫ ଲକ୍ଷ ବିଭିନ୍ନ ବର୍ଗର ପୋଲିସ ପଦବୀ ଖାଲି ପଡିଛି, ଯାହା ମଧ୍ୟରେ ଓଡିଶାରେ ପ୍ରାୟ ୮ ହଜାର ପଦବୀ ଅନ୍ତର୍ଭୁକ୍ତ। ପୋଲିସ ସଂସ୍ଥାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରଚଳନ ଆଶାନୁରୂପ ନୁହେଁ। କ୍ଷେତ୍ର ବିଶେଷରେ ଅପରାଧୀ ପୋଲିସଠାରୁ ଜ୍ଞାନକୌଶଳରେ ଢେର୍ ଆଗୁଆ। ପୋଲିସ ଅପରାଧୀକୁ ଧରିବାରେ ବିଫଳ ହେଉଛି ବୋଲି ଯାହା କୁହାଯାଉଛି ତାହା ଅନେକାଂଶରେ ସତ୍ୟ। ଏହାର କାରଣ ସ୍ୱରୂପ ଦୁଇଟି ସୂଚକକୁ ଚିହ୍ନିତ କରାଯାଇପାରେ। ପ୍ରଥମତଃ ସୂଚନାପ୍ରଯୁକ୍ତି ବିଦ୍ୟାର ପର୍ଯ୍ୟାପ୍ତ ପ୍ରୟୋଗର ଅଭାବ ଓ ଦ୍ୱିତୀୟତଃ ପୋଲିସ ଉପରେ ରାଜନୀତିକ ଚାପର ଆଧିକ୍ୟ। ଉତ୍ତରପ୍ରଦେଶରେ ଯୌନ ନିର୍ଯାତନାରେ ସଂପୃକ୍ତ ଜଣେ ଶାସକ ଦଳର ବିଧାୟକଙ୍କୁ ଗିରଫ କରିବାରେ ପୋଲିସ କାଳକ୍ଷେପଣ ନୀତି ଗ୍ରହଣ କରି ଚାଲିଥିଲା। ପରେ ବିରୋଧୀଙ୍କ ସ୍ୱର ଉଗ୍ର ରୂପ ଧାରଣ କରିବାରୁ ସରକାରଙ୍କ ନିର୍ଦ୍ଦେଶରେ ବିଧାୟକଙ୍କୁ ଗିରଫ କରାଗଲା।

ଏତଦ୍‌ବ୍ୟତୀତ କେତେଜଣ ପୋଲିସବାବୁଙ୍କ ମାତ୍ରାଧିକ କାର୍ଯ୍ୟ ସମଗ୍ର ବିଭାଗ ପାଇଁ ନିନ୍ଦାର କାରଣ ହୋଇଥାଏ। ସ୍ଥାନେ ସ୍ଥାନେ ହାଜତ ମୃତ୍ୟୁର ଖବର ଗଣମାଧ୍ୟମରୁ ଜଣାଯାଏ। ହାଜତରେ ହୁଏତ ବ୍ୟକ୍ତିର ସାଧାରଣ ମୃତ୍ୟୁ ଘଟିଥାଇପାରେ, ମାତ୍ର ପୋଲିସ ନିର୍ଯାତନାଜନିତ ମୃତ୍ୟୁକୁ ଅସ୍ୱୀକାର କରିହେବନାହିଁ। ନିକଟରେ ଆମ ମୁଖ୍ୟମନ୍ତ୍ରୀଙ୍କ 'ମୋ ସରକାର' କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ସ୍ୱୟଂ ପୋଲିସ ଡିଜି ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ସହ ସିଧାସଳଖ ଫୋନ ଯୋଗେ କଥା ହେଉଛନ୍ତି ଓ ଥାନାରେ ତାଙ୍କ ପ୍ରତି ହୋଇଥିବା ବ୍ୟବହାରର ସମୀକ୍ଷା କରୁଛନ୍ତି। ସେ ଅଭିଯୋଗକାରୀଙ୍କୁ ପଚାରୁଥିବା ପ୍ରଶ୍ନର ଉତ୍ତର ଅନୁସାରେ ଥାନାବାବୁଙ୍କ ଚରିତ୍ର ଓ କାର୍ଯ୍ୟଶୈଳୀର ମୂଲ୍ୟାୟନ କରୁଛନ୍ତି। ଅଭିଯୋଗକାରୀଙ୍କ ଦ୍ୱାରା ୧ ନମ୍ବର ପ୍ରାପ୍ତ ପୋଲିସ ଅଧିକାରୀ ସର୍ବନିମ୍ନସ୍ତରର ଓ ୫ ନମ୍ବର ପାଉଥିବା ପୋଲିସ ଅଧିକାରୀ ସର୍ବୋଚ୍ଚ ସ୍ତରର ବୋଲି ବିବେଚନା କରାଯାଉଛି। ସୂଚନା ଅନୁସାରେ ୯୦ ଭାଗ ଅଭିଯୋଗକାରୀଙ୍କ ମନ୍ତବ୍ୟ ନକାରାତ୍ମକ।

ପୋଲିସର ପ୍ରାଥମିକ କର୍ତ୍ତବ୍ୟ ହେଲା ଜନତାର ସୁରକ୍ଷା। ନିଜ କର୍ତ୍ତବ୍ୟ ଓ ଜନତାର ସ୍ୱାର୍ଥରକ୍ଷାରେ ଉତ୍ସର୍ଗୀକୃତ ପୋଲିସ ଅଧିକାରୀ ସଦା ପ୍ରଶଂସନୀୟ। ନେତା-ଜନତା, ଧନୀ-ଦରିଦ୍ର, କ୍ଷମତାଶାଳୀ ଓ ଅକ୍ଷମ ମଧ୍ୟରେ ପାର୍ଥକ୍ୟ ଦେଖୁ ନ ଥିବା ପୋଲିସ ଅଧିକାରୀଙ୍କୁ ଏ ଦେଶ ପୂଜା କରିବ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# କର୍ମଯୋଗୀ କଲାମ



ଗିରିଜାଶଙ୍କର ତରାସିଆ

ତାମିଲନାଡୁର କ୍ଷୁଦ୍ର ରାମେଶ୍ୱରମ୍ ଦ୍ୱୀପରୁ ରାଷ୍ଟ୍ରପତି ଭବନକୁ ଯାତ୍ରା। ୨୦୦୨ ଜୁଲାଇ ୨୫ରେ ରାଷ୍ଟ୍ରପତି ଭବନର କେନ୍ଦ୍ରୀୟ ହଲରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ଏକାଦଶ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଥିବା ଡ. ଅବୁଲ ପାକିର ଜୈନୁଲ୍ଲାବ୍ଦିନ ଅବଦୁଲ କଲାମଙ୍କ ନିମନ୍ତ୍ରଣକ୍ରମେ ତାଙ୍କର ୩୭ ଜଣ ପାରିବାରିକ ଅତିଥିଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଡ. କଲାମଙ୍କ ପୁରୁଣା ପଦାର୍ଥ ବିଜ୍ଞାନ ଶିକ୍ଷକ ପ୍ରଫେସର ଚିନ୍ନା ଦୁରାଇ, ରାମେଶ୍ୱରମ୍ ମନ୍ଦିରର ମୁଖ୍ୟ ପୂଜକ ଭେଙ୍କଟ ସୁବ୍ରମଣ୍ୟମ୍ ଶାସ୍ତ୍ରୀଗଲ, ରାମେଶ୍ୱରମ୍ ମସଜିଦ୍‌ର ଇମାମ ନୁରୁଲାଖୁଦା, ରାମେଶ୍ୱରମ୍ ଚର୍ଚ୍ଚର ରେଭେରେଣ୍ଡ ଏ.ଜି. ଲିଓନାର୍ଡ, ବିଖ୍ୟାତ ଚକ୍ଷୁ ବିଶେଷଜ୍ଞ ଡ. ଜି. ଭେଙ୍କଟସ୍ୱାମୀ, ଓଡ଼ିଶାର ଗୌରବ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ସୋନାଲ ମାନସିଂହ। ଏତଦ୍‌ବ୍ୟତୀତ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୦୦ ଜଣ ଛାତ୍ର ନିମନ୍ତ୍ରିତ ଅତିଥିଭାବରେ ଯୋଗଦାନ କରିଥିଲେ। କ୍ଷମତାର ସର୍ବୋଚ୍ଚ ପାହାଚରେ ପହଞ୍ଚିଥିଲେ ମଧ୍ୟ ଡ. କଲାମ ନିଜ କ୍ଷୁଦ୍ର ଗାଁକୁ କଦାପି ପାସୋରି ଦେଇ ନ ଥିଲେ।

ନିଜକୁ ସାଂସାରିକ ବିବାହ ବନ୍ଧନରେ ବାନ୍ଧି ନ ଥିବା ଏହି ବିରଳ ନିରଳସ ଦେଶଭକ୍ତ ୧୯୩୧ ଅକ୍ଟୋବର ୧୫ରେ ପିତା ଜନାବ ଅବୁଲ ପାକିର ଜୈନୁଲ୍ଲାବ୍ଦିନ ଏବଂ ମାତା ଅସିଅମ୍ମାଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ଜୀବନରେ ବହୁ ପ୍ରତିକୂଳ ପରିସ୍ଥିତି ସହ ମୁକାବିଲା କରି ସେ ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଥମ ନାଗରିକ ହେବାର ଗୌରବ ଅର୍ଜନ କରିଥିଲେ। ପାଠପଢ଼ିବା ପାଇଁ ପିଲାଦିନେ ତାଙ୍କୁ ଖବରକାଗଜ ବିକ୍ରି କରିବାକୁ ପଡ଼ିଥିଲା। ଏପରିକି ଭଉଣୀଙ୍କ ସୁନାଗହଣା ବିକ୍ରିକରି ସେ ପାଠପଢ଼ା ପାଇଁ ବ୍ୟୟ କରିଥିଲେ। ପିତା ଜନାବ ଜୈନୁଲ୍ଲାବ୍ଦିନ ନୌକା ଭଡ଼ାରେ ଲଗାଇ ସେଥିରୁ ଉପାର୍ଜିତ ଅର୍ଥରେ ପରିବାର ପ୍ରତିପୋଷଣ କରୁଥିଲେ। ୧୯୫୮ ମସିହାରେ ହିନ୍ଦୁସ୍ଥାନ ଏରୋନଟିକ୍ସରେ ଯୋଗଦାନ କରି ଡ. କଲାମ ତାଙ୍କର କର୍ମମୟ ଜୀବନ ଆରମ୍ଭ କଲେ। ୧୯୬୨ ମସିହାରେ ସେ ଇସ୍ରୋର ଜଣେ ବୈଜ୍ଞାନିକ ଭାବେ ଯୋଗଦାନ କଲେ। ତାଙ୍କର ଅଦମ୍ୟ ଚେଷ୍ଟା ଯୋଗୁ ପୋଖରାନ୍ (୨) ପରମାଣୁ ପରୀକ୍ଷା, ଏସ୍.ଏଲ୍.ଭି. ଉପଗ୍ରହ ନିର୍ମାଣ,



ଜୟନ୍ତୀ ଉପଲକ୍ଷେ

ରୋହିଣୀ ଉପଗ୍ରହ ଉତ୍କ୍ଷେପଣ ସମ୍ଭବ ହୋଇପାରିଥିଲା। ତ୍ରିଶୂଳ, ନାଗ, ପୃଥ୍ୱୀ, ଅଗ୍ନି, ଆକାଶ ଆଦି କ୍ଷେପଣାସ୍ତ୍ର ବିକାଶ ଦିଗରେ ସେ ମୁଖ୍ୟ ଭୂମିକା ନିଭାଇଥିଲେ। ଏହି ମହାନ୍ ପ୍ରତିଭାଧରଙ୍କୁ ୧୯୯୦ ମସିହାରେ ପଦ୍ମବିଭୂଷଣ ଏବଂ ୧୯୯୭ରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ଉପାଧିରେ ଭୂଷିତ କରାଯାଇଥିଲା।

ପିତାଙ୍କ ଅନୁଶାସନ ଏବଂ କଠୋର ସଚ୍ଚୋଟତା ଡ. କଲାମଙ୍କ ଜୀବନର ଛତ୍ରେ ଛତ୍ରେ ପ୍ରତିଫଳିତ ହେଉଥିଲା। ସେ ଗୋଟିଏ ଘଟଣାର ସ୍ମୃତିଚାରଣ କରି ତାଙ୍କ ପ୍ରସିଦ୍ଧ ଇଂଲିଶ ପୁସ୍ତକ ଟର୍ନିଂ ପଏଣ୍ଟସ୍‌ରେ ଉଲ୍ଲେଖ କରିଛନ୍ତି କି ଭାରତବର୍ଷ ସ୍ୱାଧୀନତା ଲାଭ କରିବାର ଅଳ୍ପ କିଛିଦିନ ପରେ ୧୯୪୭ ମସିହାରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେଲା। ରାମେଶ୍ୱରମ୍ ଗ୍ରାମ ପରିଷଦ ସଭାପତି ଭାବେ କଲାମଙ୍କ ପିତା ନିର୍ବାଚିତ ହେଲେ। ସେତେବେଳକୁ କଲାମ ବିଦ୍ୟାଳୟର ଜଣେ ଛାତ୍ର। ଆଗକୁ ପରୀକ୍ଷା ଥିବାରୁ ସେ ତାଙ୍କ ଦୁଆର କବାଟ ଅଧା ଆଉଜା କରି ପାଟିକରି ପାଠ ପଢୁଥାନ୍ତି। ଏହି ସମୟରେ ଜନୈକ ବ୍ୟକ୍ତି ହାତରେ ଗୋଟିଏ ଉପହାର ଧରି କଲାମଙ୍କ ପିତାଙ୍କୁ ସାକ୍ଷାତ କରିବା ନିମନ୍ତେ କଲାମ ପଢୁଥିବା କୋଠରିରେ ପ୍ରବେଶ କଲେ। ସେତେବେଳକୁ କଲାମଙ୍କ ପିତା ସାଂଧ୍ୟ ନମାଜ କରିବାକୁ ଯାଇଥିବାରୁ ଭଦ୍ରବ୍ୟକ୍ତି ଜଣକ ଉପହାରଟି ଖଟ ଉପରେ ଥୋଇଦେଇ ଚାଲିଗଲେ। କିଛି ସମୟ ପରେ କଲାମଙ୍କ ପିତା ଆସି ରୁପେଲି କାଗଜଗୁଡ଼ା ଉପହାର ପ୍ୟାକେଟଟି ଦେଖି କିଏ ଥୋଇଛି ବୋଲି ପଚାରିବାରୁ କଲାମ କହିଲେ ଜଣେ ବ୍ୟକ୍ତି ଥୋଇଦେଇ ଯାଇଛନ୍ତି। କଲାମଙ୍କ ପିତା ପ୍ୟାକେଟ ଖୋଲି ଦେଖନ୍ତି ତ ତା' ଭିତରେ କିଛି ମୂଲ୍ୟବାନ ଲୁଗା, ରୁପାର କେତୋଟି କପ୍, କିଛି ଫଳ ଏବଂ କିଛି ମିଠା ରହିଛି। ଏହା ଦେଖି ତାଙ୍କ ପିତା କ୍ରୋଧଜର୍ଜରିତ ହୋଇ କଲାମଙ୍କୁ ଖୁବ୍ ମାଡ଼ ମାରିବାକୁ ଲାଗିଲେ। କଲାମ ସାନପୁଅ ହୋଇଥିବାରୁ ବାପା ଖୁବ୍ ଭଲ ପାଉଥିଲେ। ସେଦିନ ସେ ପ୍ରଥମ କରି ବାପାଙ୍କଠାରେ ଏପରି କ୍ରୋଧ ଦେଖିବା ସହିତ ତାଙ୍କଠାରୁ ନିର୍ମମ ପ୍ରହାର ଖାଇଥିଲେ। ଅନ୍ୟଠାରୁ ଉପହାର ଗ୍ରହଣ କରିବା ପାପ ବୋଲି ତାଙ୍କ ପିତା କଲାମଙ୍କୁ ଚେତାଇ ଦେଇଥିଲେ। ପିତାଙ୍କର ଏହି କଠୋର ନିୟମଟି ଡ. କଲାମ ଜୀବନର ଅନ୍ତିମ ସୋପାନ ପର୍ଯ୍ୟନ୍ତ ପାଳନ କରି କାହାଠାରୁ ଉପହାର ଗ୍ରହଣ କରୁ ନ ଥିଲେ। ଏହି ଜ୍ଞାନତପସ୍ୱୀ, କର୍ମଯୋଗୀ ମହାନ୍ ସନ୍ଥ ଡ. କଲାମ ମେଘାଳୟର ରାଜଧାନୀ ଶିଲଂଠାରେ ୨୦୧୫ ଜୁଲାଇ ୨୭ରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଉଥିବା ବେଳେ ହୃଦ୍‌ଘାତର ଶିକାର ହୋଇ ଇହଲୀଳା ସମ୍ବରଣ କଲେ।

ଖଣ୍ଡପଡ଼ା, ନୟାଗଡ଼, ମୋ-୯୯୩୭୩୩୪୮୦୦

## ଏଇ ଭାରତରେ

ଜଣେ ବ୍ୟକ୍ତି ରେଲ୍‌ୱେ ଚାକିରି ଛାଡି ଆଦିବାସୀ ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ ସବୁ ସମୟ ଲଗାଇଦେବା ଘଟଣା ଦେଖିବାକୁ ମିଳିଛି ଝଡ଼ଖଣ୍ଡରେ। ଚାଇବାସା ପୁଲହାତୁର ସଞ୍ଜୟ କଚ୍ଛପ ପରଶୁଡିହ (ଜାସେଦପୁର)ର କୃଷି ଉତ୍ପାଦନ ବଜାର ସମିତିର ସମ୍ପାଦକ। ୨୦୦୮ରେ କୃଷି ଉତ୍ପାଦନ ବଜାର ସମିତିରେ ସମ୍ପାଦକ ହେବା ପୂର୍ବରୁ ସଞ୍ଜୟ ୨୦୦୫ରେ ରେଲ୍‌ୱେର ତିନୋଟି ଭିନ୍ନ ଭିନ୍ନ ପଦ ଲାଗି ହୋଇଥିବା ପରୀକ୍ଷାରେ ସଫଳ ହୋଇଥିଲେ। କିନ୍ତୁ ତାହାକୁ ସେ ଛାଡି ଦେଇଥିଲେ। ଆଦିବାସୀ ସମାଜକୁ ଶିକ୍ଷା ସହ ଯୋଡିବାକୁ ପିଲାଦିନରୁ ତାଙ୍କର ଲକ୍ଷ୍ୟ ରହିଥିଲା। ଏହି ଲକ୍ଷ୍ୟ ପୂରଣ କରିବାକୁ ଚାକିରି ଛାଡି ସେ ୧୨ ବର୍ଷ ହେବ ଗରିବ ଆଦିବାସୀ ପିଲାଙ୍କ ଜୀବନ ଗଢ଼ିବାରେ ଲାଗିଛନ୍ତି। ବ୍ୟସ୍ତତା ଭିତରୁ ସମୟ ବାହାର କରି ପୂରା ଆଦିବାସୀ ସମାଜକୁ ଜାଗ୍ରତ କରି ଶିକ୍ଷା ଉପରେ ସଚେତନ କରୁଛନ୍ତି। ଆଦିବାସୀ ଅଞ୍ଚଳରେ ଶିକ୍ଷାର ସୁବିଧା ପାଇଁ ୧୨ ବର୍ଷ ଭିତରେ ସେ ଝାଡ଼ଖଣ୍ଡର ୪ଟି ଜିଲା (ରାଞ୍ଚି, ପଶ୍ଚିମ ସିଂହଭୂମ, ଷଢ଼େଇକଳା-ଖରସୁଆଁ ଓ ପୂର୍ବ ସିଂହଭୂମ)ରେ ୧୬ଟି ଡିଜିଟାଲ୍ ଲାଇବ୍ରେରୀ ମଧ୍ୟ ଖୋଲିଛନ୍ତି। ଏମିତିକି କେତେଜଣ ଗରିବ ପିଲାଙ୍କୁ ପଢାଇ ଅଫିସର୍ ମଧ୍ୟ କରିପାରିଛନ୍ତି। ସେ ଗଢ଼ିଥିବା ଲାଇବ୍ରେରୀରେ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡିକ ଲାଗି ପିଲାମାନଙ୍କୁ ପ୍ରସ୍ତୁତ କରୁଛନ୍ତି। ଏଥିରେ ଯେଉଁ ଶିକ୍ଷକମାନେ ପଢାଉଛନ୍ତି ସେମାନେ ପିଲାମାନଙ୍କଠାରୁ କୌଣସି ଦେୟ ନେଉନାହାନ୍ତି। ଏହି ଖର୍ଚ୍ଚ ସଞ୍ଜୟ କଚ୍ଛପ ଓ ତାଙ୍କ ସହଯୋଗୀମାନେ ତୁଲାଉଛନ୍ତି।

## ଚିରନ୍ତନୀ

"ଆସ ବୀର! ଧର ତୋଳି
ଆଶାର ଉଜ୍ଜ୍ୱଳ ମହାଦୀପ
"ଜୀବନ ପାବଚ୍ଛେ ତବ
ସାଜି ଦିଅ ସ୍ୱପନ-ସ୍ଫଟିକ।
"ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
"କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ-ନୀଡ଼େ।
(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚାନ୍ଦା ଓ ଦାଦାବଟି ଆଦାୟ

ମହାଶୟ,

ଗାଁଗହଳିଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ଚାନ୍ଦା, ଦାଦାବଟିର ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପର୍ବପର୍ବାଣି, ଯାତ୍ରା ଓ ନାଟକ ଆଦିକୁ ଆଳ କରି କେତେକ ଯୁବକ ସଂଘବଦ୍ଧ ଭାବେ ରାସ୍ତା ଉପରେ ଦଉଡି କିମ୍ବା ବାଉଁଶ ପକାଇ ଲୋକଙ୍କଠାରୁ ଜବରଦସ୍ତ ଚାନ୍ଦା ଆଦାୟ କରୁଛନ୍ତି। ସେହିପରି ଦୁଇଚକିଆ, ଚାରିଚକିଆ ଯାନକୁ ଅଟକାଇ ମୋଟା ଅଙ୍କର ଦାଦାବଟି ଆଦାୟ କରୁଛନ୍ତି। ପୋଲିସ ମାମଲାଟିକୁ ହାଲୁକା ଭାବେ ଗ୍ରହଣ କରୁଥିବାରୁ ଅଭିଯୁକ୍ତ ଅଧିକ ଉଗ୍ର ହୋଇ ପରବର୍ତ୍ତୀ ସମୟରେ ଜଘନ୍ୟକାଣ୍ଡ ଘଟାଉଛି। ସୁତରାଂ ଏହାର ପ୍ରତିକାର ନିମିତ୍ତ ସରକାର କଡା ଆଇନର ବ୍ୟବସ୍ଥା କରନ୍ତୁ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ନାରୀ ବ୍ରହ୍ମା ପଦବୀ ପ୍ରାପ୍ତିର ଯୋଗ୍ୟା

ଧରିତ୍ରୀ(୧୪।୯)ର ପ୍ରଥମ ପୃଷ୍ଠାରେ ପ୍ରକାଶିତ ଖବରଟି ପାଠକରି ମୋର ମନେ ପଡିଗଲା ବେଦରେ ଥିବା ମନ୍ତ୍ରଟି, ଯାହାର ଅର୍ଥ ନାରୀ ବ୍ରହ୍ମା ପଦବୀ ପ୍ରାପ୍ତିର ଯୋଗ୍ୟା। ମହାଭାରତରେ ଯକ୍ଷ ପ୍ରଶ୍ନର ଉତ୍ତର ଦେଇ ଯୁଧିଷ୍ଠିର କହିଥିଲେ, 'ମାତା ଗୁରୁତରା ଭୂମେଃ'। ଧରିତ୍ରୀରେ ପ୍ରକାଶିତ ଖବର ଜନକଲ୍ୟାଣମୁଖୀ ଓ ତ୍ୟାଗପୁତ ମାନସିକତାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ରହିବ। ଯଥା-ଉଜୁଡା ସଂସାର ସଜାଡିଦେଲେ ଶାଶୁ, ବିଧବା ବୋହୂକୁ ଦେଲେ ବିବାହ, ଭାଇ ପରିବାର ବି ଦେଖାଇଲେ ମାନବିକତା। ଶାଶୁ ହୋଇ ବୋହୂ ପ୍ରତି ପ୍ରତିମାଙ୍କର ଏପରି ସ୍ନେହ, ଶ୍ରଦ୍ଧା ଏବେ ଅନୁଗୋଳ ଜିଲାରେ ଚର୍ଚ୍ଚାର ବିଷୟ। ଏପରି ଜଣେ ମହୀୟସୀ ମହିଳାଙ୍କୁ ମୁଁ ପ୍ରଣାମ ଜଣାଉଛି।

ଡ. ବାବାଜୀ ଚରଣ ସେଠୀ, ପୂର୍ବତନ ଅଧକ୍ଷ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟକୁ ନେଇ ଅନିଶ୍ଚିତତା

**ବଲାଙ୍ଗୀର ଅଫିସ, ୧୪।୧୦**

- ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଲା
- ଭବାନୀପାଟଣାରେ କେନ୍ଦ୍ରୀୟ କାର୍ଯ୍ୟାଳୟ ପାଇଁ ଓୟୁଏଟିର ପ୍ରସ୍ତାବ
- ବଲାଙ୍ଗୀରବାସୀଙ୍କ ଦାବିକୁ ଅଣଦେଖା
- ଆଗକୁ ଜୋରଦାର ଆନ୍ଦୋଳନ ଚେତାବନୀ

କେବିକେ ଅଞ୍ଚଳରେ ପ୍ରସ୍ତାବିତ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ ସମ୍ପ୍ରତି ଶୀତଳ ଭଣ୍ଡାରରେ ରହିଛି । ଏ ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯିବା ପରେ ସରକାର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାକୁ ନେଇ ଘୋର ଅବହେଳା ପ୍ରଦର୍ଶନ କରୁଥିବା ସ୍ପଷ୍ଟ ହୋଇଛି । ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ସ୍ଥାନୀୟ ଅମଲା ଭବନଠାରେ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ।

ରାଜ୍ୟ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗତ ୨୧ ମେ ୨୦୧୫ରେ କେବିକେ ଅଞ୍ଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଇତିମଧ୍ୟରେ ୪ ବର୍ଷ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ କେବିକେ (କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ) ଅଞ୍ଚଳରେ ପ୍ରତିଷ୍ଠା ହୋଇପାରିନାହିଁ। କେବିକେ ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଘୋଷଣା ପରେ କେବିକେ ଅନ୍ତର୍ଗତ ବଲାଙ୍ଗୀର ସମେତ ଅନ୍ୟ ଜିଲାରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଥିଲା । ବଲାଙ୍ଗୀରରେ ଜୋରଦାର ଆନ୍ଦୋଳନ କରାଯାଇ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଥିଲା । ତେବେ ରାଜ୍ୟ ସରକାର ଏଦିଗରେ ଏପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ପଦକ୍ଷେପ ନେଇନାହାନ୍ତି । ପଣ୍ଡା ସୂଚନା ଅଧିକାର ଆଇନ ବଳରେ ଏନେଇ ତଥ୍ୟ ମାଗିବା ପରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଯୋଜନା, ପର୍ଯ୍ୟାଲୋଚନା ଓ ମୂଲ୍ୟ ନିର୍ଦ୍ଧାରଣ ନିର୍ଦ୍ଦେଶକ ପ୍ରଫେସର ଏସ୍.କେ. ରାଉତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ପ୍ରସ୍ତାବ ସମ୍ପର୍କିତ ତଥ୍ୟ ତାଙ୍କୁ ପ୍ରଦାନ କରାଯାଇଛି । ଏହି ପ୍ରସ୍ତାବରେ ରାଜ୍ୟର ପ୍ରସ୍ତାବିତ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ କାର୍ଯ୍ୟାଳୟ ଏବଂ କୁଳପତିଙ୍କ ସଚିବାଳୟ ଭବାନୀପାଟଣାରେ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବ ଅନୁଯାୟୀ ୩ଟି ନୂତନ ମହାବିଦ୍ୟାଳୟ ପ୍ରତିଷ୍ଠା ସହ ଭବାନୀପାଟଣାରେ ଥିବା କୃଷି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଆସନ ସଂଖ୍ୟା ୪୮ରୁ ୯୬କୁ ବୃଦ୍ଧି କରିବା ଉଲ୍ଲେଖ ରହିଛି । ବଲାଙ୍ଗୀରରେ ଭେଟେରିନାରୀ ସାଇନ୍ସ ଏବଂ ଆନିମଲ ହଜବ୍ୟାଣ୍ଡରୀ କଲେଜ, ରାୟଗଡାରେ ଏଗ୍ରିକଲ୍ଚର ଇଞ୍ଜିନିୟରିଂ ଓ ଟେକ୍ନୋଲଜି କଲେଜ ଏବଂ କୋରାପୁଟର ସେମିଳିଗୁଡାଠାରେ ହର୍ଟିକଲ୍ଚର କଲେଜ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ରହିବା ସହ ରିଜିଓନାଲ ରିସର୍ଚ୍ଚ ଏଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର ଷ୍ଟେଶନ-୧, ୨ ଏବଂ ୩ ଯଥା କୋରାପୁଟର ସେମିଳିଗୁଡା, ମାଲକାନଗିରିର କାଲିମେଳା ଏବଂ କଳାହାଣ୍ଡିର ଭବାନୀପାଟଣାର ନବୀକରଣ ପ୍ରସ୍ତାବ ରହିଛି । ରାଜ୍ୟରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ଚିଠା ଅଧିନିୟମ ୨୦୧୪ ବଳରେ ପ୍ରକ୍ରିୟା ଆରମ୍ଭ କରିଥିଲେ । ରାଜ୍ୟର ଏକମାତ୍ର କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନର ୫୭ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର ଉଦାସୀନ ରହି ଏହି ପ୍ରସ୍ତାବକୁ ଶୀତଳ ଭଣ୍ଡାରରେ ପକାଇ ରଖିବା କେତେଦୂର ଯୁକ୍ତିସଙ୍ଗତ ବୋଲି ସୂଚନାକର୍ମୀ ପଣ୍ଡା ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଇତିମଧ୍ୟରେ ରାଜ୍ୟର ଜନସଂଖ୍ୟା ଢ଼େର ଅଧିକ ବୃଦ୍ଧି ପାଇଥିଲେ ମଧ୍ୟ ଚାଷୋପଯୋଗୀ ଜମି ମୁଣ୍ଡପିଛା ହାରରେ କମି କମି ଯାଉଛି । ରାଜ୍ୟରେ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ବର୍ତ୍ତମାନ ମଧ୍ୟ କୃଷି ଉପରେ ନିର୍ଭରଶୀଳ । ତେଣୁ ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନେବା ପାଇଁ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି । ଆଗାମୀ ଦିନରେ ବଲାଙ୍ଗୀର ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ ଜାରି ରଖିଲେ ଜିଲାର ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ପଣ୍ଡା କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ସୂଚନା କର୍ମୀ ପଣ୍ଡାଙ୍କ ସହ ବଲାଙ୍ଗୀର ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର ଓ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଉପସ୍ଥିତ ରହି ବଲାଙ୍ଗୀରରେ ହିଁ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଦାବି କରିଥିଲେ ।



ଖବରଦାତା ସମ୍ମିଳନୀରେ ସୂଚନା କର୍ମୀ ହେମନ୍ତ ପଣ୍ଡା ତଥ୍ୟ ପ୍ରଦାନ କରୁଛନ୍ତି ।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଅଂଶୁ


ସୁବ୍ରତ


ଦେବନନ୍ଦା


ମନିଷ


ଉପେନ୍ଦ୍ର


ରଞ୍ଜନ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ଆଜି କ'ଣ କେଉଁଠି

**ଦେବଗଡ଼**
- ସାଂସ୍କୃତିକ କାର୍ଯ୍ୟକ୍ରମ,ଜଗତିପାଲି ସାହି, ସନ୍ଧ୍ୟା ୭ଟା
- ଫୁଟବଲ ଟୁର୍ନାମେଣ୍ଟ, କଣ୍ଡଳ, ବାରକୋଟ, ଅପରାହ୍ନ-୩ଟା,
- ମନୋରଞ୍ଜନ କାର୍ଯ୍ୟକ୍ରମ,ସନ୍ଧ୍ୟା-୭ଟା ।

**ସମ୍ବଲପୁର**
- ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, ରେଲୱେ କମ୍ୟୁନିଟି ହଲ୍, ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢ଼େ ୨ଟା ।

**ବଲାଙ୍ଗୀର**
- ଜିଲାସ୍ତରୀୟ ପୁସ୍ତକ ମେଳା ଉଦ୍‌ଘାଟନୀ ସମାରୋହ, କୋଶଳ କଳାମଣ୍ଡଳ ପଡିଆ, ସନ୍ଧ୍ୟା ୬ଟା ୩୦ ।

## ଜିଲା ଟିଠି ସମ୍ବଲପୁର



### ଅବହେଳିତ ପର୍ଯ୍ୟଟନସ୍ଥଳ

କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ବହୁ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପର୍ଯ୍ୟଟନ, ଜଙ୍ଗଲ ଓ ପରିବେଶ ବିଭାଗ ଏ ଦିଗରେ ମିଳିତ ଉଦ୍ୟମ କରୁଛନ୍ତି। ଜିଲା ପ୍ରଶାସନକୁ ଏ ଦିଗରେ ରିପୋର୍ଟ ମଗାଯାଉଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ୱେବ୍‌ସାଇଟ୍‌ଗୁଡିକରେ ବିଜ୍ଞାପନ ସହ ସଚେତନ କରାଯାଉଛି। ବିଭିନ୍ନ ସ୍ଥାନରେ ବ୍ୟାନର, ହୋର୍ଡିଂ ଲଗାଇ ପ୍ରଚାର ପ୍ରସାର କରାଯାଉଛି। ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହିତ ସ୍ଥାନୀୟ ହୋଟେଲ ଓ ଟ୍ରାଭେଲ ଏଜେନ୍ସିଗୁଡିକର ସହଯୋଗ ନିଆଯାଇଛି। ହେଲେ ବାସ୍ତବରେ ଦେଖିବାକୁ ଗଲେ ପର୍ଯ୍ୟଟନସ୍ଥଳଗୁଡିକର ବିକାଶ ଦିଗରେ ସେଭଳି କୌଣସି ଉନ୍ନତି ହୋଇପାରିନାହିଁ। ସମ୍ବଲପୁର ଜିଲାର ପର୍ଯ୍ୟଟନସ୍ଥଳଗୁଡିକ ଏବେ ବି ଅବହେଳିତ ଅବସ୍ଥାରେ ରହିଛି। ଡେବ୍ରିଗଡ ଅଭୟାରଣ୍ୟ, ଉଷାକୋଠୀ, ମାଁ ଘଣ୍ଟେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ହୁମା ବକ୍ର ମନ୍ଦିର, ଗୁଦଗୁଦା ଜଳପ୍ରପାତ, ଦେବଝରନ ଜଳପ୍ରପାତ, ବୁଢାରଜା ମନ୍ଦିର, ଡିୟର ପାର୍କ, ହୀରାକୁଦ ଡ୍ୟାମ୍, ମାନେଶ୍ୱର ମାନଧାତା ବାବା ମନ୍ଦିର ପ୍ରମୁଖ ପର୍ଯ୍ୟଟନ ସ୍ଥଳର ଉନ୍ନତି ଆଖିଦୃଶିଆ ହୋଇପାରିନାହିଁ ବୋଲି ଅଭିଯୋଗ ହୋଇଛି। ସେହିପରି ରାଣୀ ବଖରୀ, ରାଜା ବଖରୀ ଭଳି ଐତିହାସିକ ରାଜ ଉଆସ ଜିଲାରେ ରହିଛି। ଦେବଝରନ ଜଳପ୍ରପାତ ପାଇଁ ୯୪ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ହେଲେ କାମ ଆରମ୍ଭ ହୋଇ ପାରିନାହିଁ। ସେହିପରି ୱାଟର ପାର୍କ, ସହରରେ ବିଳାସପୂର୍ଣ୍ଣ ହୋଟେଲ ପାଇଁ ଏକ ଜାତୀୟସ୍ତରର କମ୍ପାନୀ ଜମି ଯୋଗାଇଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି। କେତୋଟି ଐତିହାସିକ ସ୍ଥାନରେ ଇନ୍‌ଟାକ ପକ୍ଷରୁ ମରାମତି କାମ ଆରମ୍ଭ ହୋଇଛି। ହେଲେ ତାହା ମନ୍ଥର ଗତିରେ ଚାଲିଛି। ସେହିପରି ପର୍ଯ୍ୟଟନ ସ୍ଥଳଗୁଡିକରେ ଭିତ୍ତିଭୂମିର ବିକାଶ, ସୌନ୍ଦର୍ଯ୍ୟକରଣ, ଅତ୍ୟାଧୁନିକ ଆରାମଦାୟକ ରହିବା ଓ ଖାଇବା ବ୍ୟବସ୍ଥା, ବୁଲିବା ପାଇଁ ପାର୍କ, ବୋଟିଂ, ୱାଟର ପାର୍କ ଭଳି ମଜା ଉଠାଇବା ପ୍ରକଳ୍ପ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଜିଲାକୁ ଧୀରେ ଧୀରେ ପର୍ଯ୍ୟଟକ ସଂଖ୍ୟା କମିବାରେ ଲାଗିଛି। ଅନ୍ୟପକ୍ଷେ ଜିଲାରେ ଏତେ ଗୁଡାଏ ପର୍ଯ୍ୟଟନସ୍ଥଳ ଥିଲେ ମଧ୍ୟ ଟୁରିଷ୍ଟ ବସ୍ ସୁବିଧା କରାଯାଉନାହିଁ। ବସ୍ ନ ଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଅନେକ ସମୟରେ ସମସ୍ୟା ଭୋଗିବାକୁ ପଡୁଛି। ପ୍ରଶାସନ ପର୍ଯ୍ୟଟନ ସ୍ଥଳଗୁଡିକ ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କଲେ ରାଜସ୍ୱ ବଢିବ। ଏଥିରେ ଅନେକ ପରିବାର ରୋଜଗାର ପାଇପାରିବେ। ବିଭାଗୀୟ ଅଧିକାରୀମାନେ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

– ଶୁଭାଶିଷ ପାଢୀ


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୪.୧୧.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ :**
**ତା୦୫.୧୧.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୩.୩୦ଘଟିକା ମଧ୍ୟରେ**

**କ୍ଷମତାପ୍ରାପ୍ତ ଅଧିକାରୀ: ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩**

| କ୍ର. ନଂ. | ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ରଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ, ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗ୍ରାମ: ଗଡିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨ | ଜାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ, ପିତା: ୰ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ଜିଲ୍ଲା: କେନ୍ଦ୍ରାପଡା | (କ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହ ଓ କାରଖାନା ଏବଂ କଳକବ୍ଜା ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର (ସମ୍ପତ୍ତି-୧): ମୌଜା: ଭିରୁଡ଼ା, ଖାତା ନଂ.: ୧୨୮୯/୬୬୮, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨୦ଡିସିମିଲି (ପୁରୁଣା ରେକର୍ଡ ଅନୁଯାୟୀ ମୌଜା: ଭିରୁଡ଼ା, ଖାତା ନଂ.: ୪୬୯, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨୦ଡିସିମିଲି), ଏହାର ଚାରିପାର୍ଶ୍ୱରେ- ଉତ୍ତର: ମାୟାଧର ଧଳ, ଦକ୍ଷିଣ: ଗୋବର୍ଦ୍ଧନ ବାରିକ, ପୂର୍ବ: କସ୍ତୁରୀ ସାହୁ, ପଶ୍ଚିମ: ବିଶ୍ୱନାଥ ସ୍ୱାଇଁ, (ସମ୍ପତ୍ତି-୨): ମୌଜା: ଭିରୁଡ଼ା, ଖାତା ନଂ.: ୧୨୮୯/୬୦୦, ପ୍ଲଟ୍ ନଂ.: ୬୭୭୭/୯୮୩୧, କ୍ଷେତ୍ର: ଏକର୧.୨୦୦ଡିସିମିଲି (ପୁରୁଣା ରେକର୍ଡ ଅନୁଯାୟୀ ମୌଜା: ଭିରୁଡ଼ା, ଖାତା ନଂ.: ୯୩୬, ପ୍ଲଟ୍ ନଂ.: ୬୭୭୭, କ୍ଷେତ୍ର: ଏକର୧.୨୦୦ଡିସିମିଲି), ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାମ ଚନ୍ଦ୍ର ଧଳ, ପଶ୍ଚିମ: ଦ୍ୱିଜବର ଘଡ଼େଇ, ଉତ୍ତର: କୁମୁଦିନୀ ପଟ୍ଟନାୟକ, ଦକ୍ଷିଣ: ୨୮ ଫୁଟ ଚଉଡ଼ା ରାସ୍ତା, ନୂତନ ପରିବର୍ତ୍ତିତ ଖାତା ନଂ.: ୧୨୮୯/୭୭୮, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨୦ଡିସିମିଲି, ପ୍ଲଟ୍ ନଂ.: ୬୭୭୭/୯୮୩୧, କ୍ଷେତ୍ର: ଏକର୧.୨୦୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୧.୫୨୦ଡିସିମିଲି** | ୨୪.୦୨.୨୦୧୪ ସୁଦ୍ଧା ଟ.୧,୧୮,୧୫,୦୬୦/- + ସେବାବଦ ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୨୫.୦୨.୨୦୧୪ | (କ) ଟ.୪୮,୩୪,୦୦୦/- / ଟ.୪,୮୩,୪୦୦/- / ଟ.୧୦,୦୦୦/- |
| | | | (ଖ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର (ସମ୍ପତ୍ତି-୧): ମୌଜା: ବରାଲିଓ, ଖାତା ନଂ.: ୦୩, ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: କାଦ ନଳା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୫୭୧, ପୂର୍ବ: କ୍ରେତାଙ୍କ ଜମି, ପଶ୍ଚିମ: ବିକ୍ରେତାଙ୍କ ବଳକା ଜମି, (ସମ୍ପତ୍ତି-୨): ମୌଜା: ବରାଲିଓ, ଖାତା ନଂ.: ୨୪, ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ମୁଖ୍ୟ ଚକନାଳ, ଦକ୍ଷିଣ: ସୁକି ମଲ୍ଲିକ, ପୂର୍ବ: ନାହିଁ, ପଶ୍ଚିମ: ନାହିଁ, (ସମ୍ପତ୍ତି-୩): ମୌଜା: ବରାଲିଓ, ଖାତା ନଂ.: ୧୦୧, ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଚକ ରାସ୍ତା, ଦକ୍ଷିଣ: ରମେଶ ମଲ୍ଲିକ, ପୂର୍ବ: ଗୋଚର ଜମି, ପଶ୍ଚିମ: କାହ୍ନୁ ଚରଣ କର | | (ଖ) ଟ.୧୪,୩୪,୦୦୦/-/ ଟ.୧,୪୩,୪୦୦/- / ଟ.୧୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୨.୧୧.୨୦୧୯ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **Ms. e-Procrurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ **ତା.୦୫.୧୧.୨୦୧୯ରିଖରେ** ଅସିମୀତ ପ୍ରତ୍ୟେକ ବର୍ଦ୍ଧିତ ୫ ମିନିଟ ସମୟ ସହିତ **ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା** ମଧ୍ୟରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30784275855, Name of the A/C.: SARB Cuttack Recovery Account, Name of the Beneficiary: State Bank of India, IFSC Code No.: SBIN0009029** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ/ ତାଲିକାଭୁକ୍ତ ବ୍ୟାଙ୍କରୁ **"Asst. General Manager, State Bank of India, SARB, Cuttack"**ଙ୍କ ସପକ୍ଷରେ କଟକ ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319 / Land Line No.: 079-61200548. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକଙ୍କ** ଠାରେ **ତା.୦୪.୧୧.୨୦୧୯ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକଙ୍କ** ଦ୍ୱାରା ଚିହ୍ନଟ କରାଯିବ। **M/S e-Procurement Technologies Limited, Ahmedabad**ଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, **Mob.: 8599002703** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ/ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୫) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିୟୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୬) ଏହି ବିକ୍ରୟ ନୋଟିସ୍‌ଟି ଉପରୋକ୍ତ ରଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ **୧୫ ଦିନିଆ** ନୋଟିସ୍ ଅଟେ।

**ତାରିଖ : ୧୪.୧୦.୨୦୧୯, ସ୍ଥାନ : କଟକ** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**



“ ଜମ୍ମୁ-କଶ୍ମୀରରେ ଶହୀଦ ହୋଇଥିବା ଯବାନଙ୍କ ପରିବାରକୁ କଂଗ୍ରେସ ୩୭୦ ଧାରାକୁ ଭଲ ପାଇବା ସମ୍ପର୍କରେ ବୁଝାଉ।
- ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ସିଲିଣ୍ଡର ବିସ୍ଫୋରଣରେ ୧୩ ମୃତ

ମାଉ(ୟୁପି),୧୪।୧୦(ପି.ଟି.)- ଉତ୍ତରପ୍ରଦେଶର ମାଉ ଅନ୍ତର୍ଗତ ୱାଲିଦପୁରରେ ଏକ ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବାରୁ ୧୩ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ଯୋଗୁ ଦୁଇମହଲା ଅଟ୍ଟାଳିକାଟି ଭୁଶୁଡ଼ି ପଡ଼ିଛି। ପାଖରେ ଥିବା ଅନ୍ୟ କେତେକ ବିଲ୍ଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣ ବେଳେ ଘରେ ରୋଷେଇ ଚାଲିଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାରାଣସୀରୁ ଏନ୍‌ଡିଆର୍‌ଏଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାର ଲାଗି ଶୋକବ୍ୟକ୍ତ କରିବା ସହ ଆହତମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବାକୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଫୋରଣ ସ୍ଥଳରୁ ଭଗ୍ନାବଶେଷ ହଟାଯାଉଥିବା ଏସ୍‌ପି ଅନୁରାଗ ଆର୍ଯ୍ୟ କହିଛନ୍ତି। ଏହି କାର୍ଯ୍ୟରେ ଜେସିବି ଓ ଗ୍ୟାସ୍ କଟର ବ୍ୟବହାର କରାଯାଉଛି। ପାଖ ଅଞ୍ଚଳକୁ ମଧ୍ୟ ଖାଲି କରିଦିଆଯାଇଛି।

### ପାକ୍‌କୁ ନିନ୍ଦାକଲେ ଥରୁର

ନୂଆଦିଲ୍ଲୀ,୧୪।୧୦:ସର୍ବିଆ ରାଜଧାନୀ ବେଲ୍‌ଗ୍ରେଡ୍‌ରେ ଏସିଆନ୍ ପାର୍ଲାମେଣ୍ଟାରି ଆସେମ୍ବ୍ଲି (ଏପିଏ)ରେ କଶ୍ମୀର ପ୍ରସଙ୍ଗ ଉଠାଇଥିବାରୁ ରବିବାର ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ପାକିସ୍ତାନକୁ ନିନ୍ଦା କରିଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଏକ ସଂସଦୀୟ ପ୍ରତିନିଧି ମଣ୍ଡଳୀ ବେଲ୍‌ଗ୍ରେଡ୍ ଗସ୍ତରେ ଅଛନ୍ତି। ୧୭ ତାରିଖ ଯାଏ ଚାଲିବାକୁ ଥିବା ଇଣ୍ଟର ପାର୍ଲାମେଣ୍ଟାରି ୟୁନିୟନ୍ (ଆଇପିୟୁ)ର ୧୪୧ତମ ସଭାରେ ଏହି ପ୍ରତିନିଧି ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସାମିଲ ଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ଭାଗ ନେଇଛନ୍ତି।

■ ସୋସିଆଲ ମିଡିଆରେ ଆଧାର ସଂଯୋଗ

# ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

■ ୧୦ ପ୍ରତିଶତ ଟୁଇଟର୍ ଆକାଉଣ୍ଟ ନକଲି

■ ମିଥ୍ୟା ଖବର, ପେଡ୍ ନ୍ୟୁଜ୍ ବନ୍ଦ ଲାଗି ପିଟିଶନ ଦାଏର ହୋଇଥିଲା

ନୂଆଦିଲ୍ଲୀ,୧୪।୧୦

ସୋସିଆଲ ମିଡିଆ ସହ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରିବା ଲାଗି ହୋଇଥିବା ଏକ ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ସବୁ ମାମଲା ସର୍ବୋଚ୍ଚ ଅଦାଲତକୁ ଆସିବା ଆବଶ୍ୟକ ନାହିଁ। ଏହି ମାମଲା ଏବେ ମାଡ୍ରାସ ହାଇକୋର୍ଟଙ୍କ ବିଚାରାଧୀନ ଥିବାରୁ ସେଠାକୁ ଯିବା ଲାଗି ଆବେଦନକାରୀ ଅଶ୍ୱିନୀ ଉପାଧ୍ୟାୟଙ୍କୁ ଅଦାଲତ କହିଥିଲେ।

ସୋସିଆଲ ମିଡିଆରେ ମିଥ୍ୟା ଓ ପଇସାଦିଆ ଖବର ଛପାଯାଉଥିବାରୁ ଏହାକୁ ରୋକିବା ଲାଗି ଉପାଧ୍ୟାୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ନକଲି ଓ ଜାଲ୍ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଦେବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନକାରୀ ଅଦାଲତଙ୍କୁ ଅନୁରୋଧ କରିଥିଲେ। ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ପେଡ୍ ନ୍ୟୁଜ୍ (ଟଙ୍କା ଦେଇ ପ୍ରସାରଣ କରାଯାଉଥିବା ଖବର) ଏବଂ ରାଜନୈତିକ ବିଜ୍ଞାପନ ଛପାକୁ ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ଭାବେ ଘୋଷଣା କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଉ ବୋଲି ମଧ୍ୟ ଆବେଦନକାରୀ ନିବେଦନ କରିଥିଲେ।

ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେବା ପରେ ଭାଜପା ନେତା ଉପାଧ୍ୟାୟ ତାଙ୍କ ପିଟିଶନ ପ୍ରତ୍ୟାହାର କରିନେଇଛନ୍ତି। ପୂର୍ବରୁ ଫେସବୁକ୍ ପକ୍ଷରୁ ଦାଏର ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ ଶୁଣାଣି କରିସାରିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟରେ ଆଧାର ସଂଯୋଗ ସମ୍ପର୍କିତ କେତେକ ମାମଲା ମାଡ୍ରାସ, ବମ୍ବେ ଓ ମଧ୍ୟପ୍ରଦେଶ ହାଇକୋର୍ଟଗୁଡିକରେ ବିଚାରାଧୀନ ଥିଲାବେଳେ ସେଗୁଡିକୁ ସର୍ବୋଚ୍ଚ ଅଦାଲତକୁ ସ୍ଥାନାନ୍ତର ଲାଗି ଫେସ୍‌ବୁକ୍ କର୍ତ୍ତୃପକ୍ଷ ଆବେଦନ କରିଥିଲେ।



ଉପାଧ୍ୟାୟ ତାଙ୍କ ଆବେଦନରେ ଫେସ୍‌ବୁକ୍ ଓ ଟୁଇଟରରେ ସାମିଲ ଥିବା ବ୍ୟକ୍ତି ସେମାନଙ୍କ ବିବରଣୀ ସାମିଲ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ଲାଗି ଅନୁରୋଧ କରିଥିଲେ। ଏଥିସହିତ ମିଥ୍ୟା ଓ ପେଡ୍ ନ୍ୟୁଜ୍ ରୋକିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଲାଗି ନିର୍ବାଚନ କମିଶନ ଓ ଭାରତର ପ୍ରେସ୍ କାଉନସିଲଙ୍କୁ ନିର୍ଦ୍ଦେଶ ଦେବା ଲାଗି ପିଟିଶନରେ ଅନୁରୋଧ କରାଯାଇଥିଲା।

୩.୫ କୋଟି ଟୁଇଟର ହ୍ୟାଣ୍ଡଲ ମଧ୍ୟରୁ ୧୦ ପ୍ରତିଶତ ନକଲି। ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶତାଧିକ ଖ୍ୟାତନାମା ବ୍ୟକ୍ତିଙ୍କ ନାଁରେ ଜାଲ୍ ଟୁଇଟର୍ ଆକାଉଣ୍ଟ ଥିବା ପିଟିଶନ୍‌ରେ ଦାବି କରାଯାଇଥିଲା। ସେହିପରି ଲକ୍ଷ ଲକ୍ଷ ଫେସ୍‌ବୁକ୍ ଆକାଉଣ୍ଟ ନକଲି ବୋଲି ଅଭିଯୋଗ ହୋଇଛି। ଉକ୍ତ ଜାଲ୍ ଆକାଉଣ୍ଟରେ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ଫଟୋ ବ୍ୟବହାର କରାଯାଇ ଏହାକୁ ଜାତିବାଦ, ସାମ୍ପ୍ରଦାୟିକତାବାଦ ଓ ବିଚ୍ଛିନ୍ନତାବାଦର ପ୍ରସାରଣ ଲାଗି ବ୍ୟବହାର କରାଯାଉଛି। ଏଭଳି କାର୍ଯ୍ୟ ଜାତୀୟ ସଂହତି ପାଇଁ ବିପଦ ସୃଷ୍ଟି କରିବା ସହ ଅଧିକାଂଶ ଦଙ୍ଗାର ମୂଳ କାରଣ ସାଜିଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଠିକ୍ ତଥ୍ୟ ଭୋଟରମାନଙ୍କ ଲାଗି ଜରୁରୀ ହୋଇଥିଲା ହୋଇଥିଲାବେଳେ ଭୁଲ୍ ତଥ୍ୟ ସୋସିଆଲ ମିଡିଆରେ ଛାଡ଼ି ସେମାନଙ୍କୁ ବିଭ୍ରାନ୍ତ କରାଯାଉଥିବା ଭାଜପା ନେତା ପିଟିଶନରେ ଦର୍ଶାଇଛନ୍ତି।

# କଶ୍ମୀରରେ ଆରମ୍ଭ ହେଲା ମୋବାଇଲ ସେବା

ଶ୍ରୀନଗର,୧୪।୧୦(ପି.ଟି.)

ଦୀର୍ଘ ୭୨ ଦିନ ପରେ ଜମ୍ମୁ-କଶ୍ମୀରରେ ପୋଷ୍ଟପେଡ୍ ମୋବାଇଲ ସେବା ସୋମବାର ଆରମ୍ଭ ହୋଇଛି। ଏହାକୁ ନେଇ ଉପତ୍ୟକାରେ ଆନନ୍ଦର ଲହରି ଖେଳିଯାଇଛି। ପରିବାର, ବନ୍ଧୁ ଓ ସମ୍ପର୍କୀୟମାନଙ୍କ ସହ ଯୋଗାଯୋଗର ସଂଯୋଗ ପାଇଥିବାରୁ ଏହା ସେମାନଙ୍କ ପାଇଁ ଇଦ୍‌ଠାରୁ କମ୍ ନ ଥିଲା। କେନ୍ଦ୍ର ସରକାର ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ। ସେବେଠାରୁ କଶ୍ମୀରରେ ଫୋନ୍, ମୋବାଇଲ ଓ ଇଣ୍ଟରନେଟ୍ ସେବା ବନ୍ଦ ହୋଇଥିଲା। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳରେ ଲ୍ୟାଣ୍ଡଲାଇନ୍ ସେବା ଉପଲବ୍ଧ ହୋଇଥିଲାବେଳେ ସୋମବାର ପର୍ଯ୍ୟନ୍ତ

### ଉପତ୍ୟକାରେ ଇଦ୍‌ର ଆନନ୍ଦ

ମୋବାଇଲ ସେବା ସମ୍ପୂର୍ଣ୍ଣ ବନ୍ଦ ଥିଲା।

ସୋମବାର ମୋବାଇଲ ସେବା ଆରମ୍ଭ ହେବ କ୍ଷଣି ଲୋକେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ଫୋନ୍ କରିବାରେ ଆଦୌ ବିଳମ୍ବ କରି ନ ଥିଲେ। ଘଣ୍ଟାକ ମଧ୍ୟରେ ୩୦ ଥର ଫୋନ୍ କରିଥିବା ଶ୍ରୀନଗରର ବଶରତ ଅହମଦ କହିଛନ୍ତି। ଦୀର୍ଘ ବ୍ୟବଧାନରେ ବାହାରେ ରହୁଥିବା ନିକଟ ସମ୍ପର୍କୀୟଙ୍କ କଣ୍ଠସ୍ୱର ଶୁଣିବାର ସୁଯୋଗ ମିଳିଲା ବୋଲି ସେ କହିଛନ୍ତି। ସେ ୭୦ ଦିନ ହେଲା ଦିଲ୍ଲୀ ଓ କଶ୍ମୀର ବାହାରେ ରହୁଥିବା ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିପାରି ନ ଥିଲେ। ସେ ଏବେ ବି ବଞ୍ଚିଛନ୍ତି ଏହା ସମ୍ପର୍କୀୟମାନଙ୍କୁ ଜଣାଇଦେବାକୁ ଏବଂ ସେମାନଙ୍କଠାରୁ କିଛି ଶୁଣିବା ପାଇଁ ଏହି ଫୋନ କରିଥିଲେ। ପୁଣି ଥରେ ଇଦ୍ ଫେରିଆସିଥିବା ନିଘାତ ଶାହ କହିଛନ୍ତି।

# ଡିସେମ୍ବର ୧୦ ଯାଏ ଜାରି ରହିବ ୧୪୪



ଅଯୋଧ୍ୟାରେ ଦିୱାଲି ପାଳନ ଲାଗି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପ୍ରଶାସନକୁ ଦାବିପତ୍ର ଦିଆଯାଉଛି।

■ ରାମ ଜନ୍ମଭୂମି ମାମଲା ରାୟ ପୂର୍ବରୁ ଅଯୋଧ୍ୟାରେ କଟକଣା

■ ହିନ୍ଦୁ ପକ୍ଷଙ୍କୁ ପ୍ରଶ୍ନ କରାଯାଉ ନ ଥିବା ଅଭିଯୋଗ

ନୂଆଦିଲ୍ଲୀ,୧୪।୧୦

ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାର ଶୁଣାଣି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ହିଂସାକାଣ୍ଡ ସୃଷ୍ଟି ହେବା ଆଶଙ୍କାରେ ଅଯୋଧ୍ୟାରେ ୧୪୪ ଧାରା ଜାରି କରାଯାଇଛି। କୌଣସି ସ୍ଥାନରେ ୪ କିମ୍ବା ତାହାଠାରୁ ଅଧିକ ଲୋକ ଏକାଠି ହେବାକୁ ବାରଣ କରାଯାଇଛି। ଶନିବାର ରାତିରୁ ଲାଗୁ ହୋଇଥିବା ଏହି କଟକଣାକୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଅଯୋଧ୍ୟା ଜମିବିବାଦ ରାୟ ପ୍ରକାଶ ପାଇବାକୁ ଥିବାରୁ ଉକ୍ତ ଅଞ୍ଚଳରେ ସୁରକ୍ଷା ଓ ନିରାପତ୍ତାକୁ ବିଚାରକୁ ନେଇ କଟକଣା ଲାଗୁ କରାଯାଇଥିବା କୁହାଯାଇଛି। ସୁଟିଂ ପାଇଁ ଡ୍ରୋନ୍ ବ୍ୟବହାରକୁ ମଧ୍ୟ ନିଷିଦ୍ଧ କରାଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ନଭେମ୍ବର ୧୭ରେ ଅବସର ଗ୍ରହଣ କରୁଥିବାରୁ ଏହା ପୂର୍ବରୁ ଅଯୋଧ୍ୟା ରାୟ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।

କଟକଣାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଅସନ୍ତୋଷ ବ୍ୟକ୍ତ କରିଛି। ଦିୱାଲିରେ ଦୀପ ଜାଳିବା ଲାଗି ଅନୁମତି ଦେବାକୁ ଉକ୍ତ ସଂଗଠନ ଦାବି କରିଛି। ଦିୱାଲିରେ ସାରା ଅଯୋଧ୍ୟା ଆଲୋକମୟ ହେବାକୁ ଥିଲାବେଳେ ରାମଲାଲା କ'ଣ ପାଇଁ ଅନ୍ଧକାରରେ ରହିବେ ବୋଲି ମହନ୍ତ ନୟନ ଦାସ ପ୍ରଶ୍ନ କରିବା ସହ ଏନେଇ ସେ ଡିଭିଜନାଲ କମିଶନରଙ୍କୁ ଭେଟିଛନ୍ତି। ଅନ୍ୟପକ୍ଷରେ ଯଦି ବିବାଦୀୟ ସ୍ଥାନରେ ଦୀପ ଜାଳିବାକୁ ଭିଏଚ୍‌ପିକୁ ଅନୁମତି ମିଳେ ତେବେ ମୁସଲମାନ ମଧ୍ୟ ନମାଜ ପଢ଼ିବା ଲାଗି ଅନୁମତି ଲୋଡିବେ ବୋଲି ହାଜି ମେହବୁବ୍ କହିଛନ୍ତି।

ହିନ୍ଦୁପକ୍ଷଙ୍କୁ ପ୍ରଶ୍ନ କରା ନ ଯାଇ କେବଳ ମୁସଲମାନ ପକ୍ଷଙ୍କୁ ପ୍ରଶ୍ନ କରାଯାଉଥିବା ସୋମବାର ସୁପ୍ରିମକୋର୍ଟରେ ଅଭିଯୋଗ ହୋଇଛି। ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ଅଯୋଧ୍ୟା ମାମଲାର ୩୮ତମ ଦିବସର ଶୁଣାଣି ବେଳେ ମୁସଲମାନ ପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ରାଜୀବ ଧାୱନ ଏଭଳି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାମଲାଲା ପକ୍ଷର ଓକିଲ ସି.ଏସ୍. ବୈଦ୍ୟନାଥନ ଏହାର ବିରୋଧ କରିଥିଲେ। ବିବାଦୀୟ ସ୍ଥଳର ଭିତର ଅଗଣାକୁ ବାହାର ଅଗଣାଠାରୁ ଅଲଗା କରିବା ଲାଗି ଲୁହା ରେଲିଂ ଲଗାଇବାର ଚିନ୍ତାଧାରା କରାଯାଇଥିବା ସାମ୍ବିଧାନିକ ପୀଠ କହିବାରୁ ଧାୱନ ଉପରୋକ୍ତ ଅଭିଯୋଗ ଆଣିଥିଲେ।

# ଲଶ୍କର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

### ଆମେରିକାର ତାଗିଦ୍

ୱାଶିଂଟନ,୧୪।୧୦(ପି.ଟି.)

ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରବିବାର ଇସ୍‌ଲାମାବାଦକୁ ଆମେରିକା ତାଗିଦ କରିଛି। ଆସନ୍ତା ସପ୍ତାହରେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଫାଇନାନ୍ସିଆଲ ଆକ୍ସନ୍ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବା ପାକିସ୍ତାନକୁ ଏଫ୍‌ଏଟିଏଫ୍ କଳାତାଲିକାଭୁକ୍ତ କରିପାରେ। ଏଥିଲାଗି ନିକଟରେ ଗିରଫ ହୋଇଥିବା ଲଶ୍କର ଆତଙ୍କବାଦୀମାନଙ୍କୁ ଆଇନର କାଠଗଡ଼ାକୁ ଟାଣି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପାକିସ୍ତାନକୁ ହ୍ୱାଇଟ୍‌ହାଉସ୍ କହିଛି। ଲଶ୍କର ପକ୍ଷରୁ କରାଯାଇଥିବା ଆକ୍ରମଣରେ ନିହତଙ୍କ ପରିବାର ଲୋକେ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚାହାନ୍ତି। ଏନେଇ ଆମେରିକା ପରରାଷ୍ଟ୍ର ବିଭାଗ ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆ ବ୍ୟୁରୋ ମୁଖ୍ୟ ଆଲିସ୍ ୱେଲ୍ସ ରବିବାର ଟୁଇଟ୍ କରିଛନ୍ତି।

# ‘ଗାନ୍ଧିଜୀ ଆତ୍ମହତ୍ୟା କଲେ କେମିତି’

### ଗୁଜରାଟ ସ୍କୁଲ ପରୀକ୍ଷାରେ ପ୍ରଶ୍ନ

ଅହମ୍ମଦାବାଦ, ୧୪।୧୦

ଗୁଜରାଟରେ ନବମ ଏବଂ ଦ୍ୱାଦଶ ଶ୍ରେଣୀ ସ୍କୁଲ୍ ଇଣ୍ଟରନାଲ୍ ପରୀକ୍ଷାରେ ଆସିଥିବା ୨ଟି ପ୍ରଶ୍ନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗାନ୍ଧିଜୀ କିପରି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଗୁଜରାଟୀ ଭାଷାରେ ଏଭଳି ଏକ ଆପତ୍ତିଜନକ ପ୍ରଶ୍ନ ଆସଥିଲା। ଅନ୍ୟପକ୍ଷରେ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ‘ତୁମ ଅଞ୍ଚଳରେ ମଦ ବିକ୍ରି ବୃଦ୍ଧି ଏବଂ ଚୋରା ମଦ ବ୍ୟବସାୟୀମାନଙ୍କ ବିଶୃଙ୍ଖଳା ସମ୍ପର୍କରେ ଜିଲା ପୋଲିସ ମୁଖ୍ୟଙ୍କୁ ଅଭିଯୋଗପତ୍ର ଲେଖ’ ନେଇ ଅନ୍ୟ ଏକ ପ୍ରଶ୍ନ ଆସିଥିଲା। ଏହା ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ୍‌ଙ୍କ ମନକୁ ଆନ୍ଦୋଳିତ କରିଛି। ଅନ୍ୟପକ୍ଷରେ ଏଭଳି ଆପତ୍ତିଜନକ ପ୍ରଶ୍ନକୁ ନେଇ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, କେତେକ ବ୍ଲକ୍ ଗ୍ରାଣ୍ଟପ୍ରାପ୍ତ ଏବଂ ସେଲ୍ଫ ଫାଇନାନ୍ସ ସ୍କୁଲଗୁଡ଼ିକୁ ନେଇ ଗାନ୍ଧୀନଗରସ୍ଥିତ ‘ସୁଫଲମ୍ ଶାଳା ବିକାଶ ସଙ୍କୁଲ୍’ ସଙ୍ଗଠନ ଗଠିତ। ଏହି ସଂଗଠନ ଅଧୀନରେ ଚାଲିଥିବା ସ୍କୁଲର ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ୨ ପ୍ରଶ୍ନ ପିଲାଙ୍କ ପାଇଁ ପ୍ରସ୍ତୁତ ହୋଇଥିଲା, ଏଥିରେ ରାଜ୍ୟ ଶିକ୍ଷା ବିଭାଗର କୌଣସି ସମ୍ପୃକ୍ତି ନ ଥିବା ଗାନ୍ଧୀନଗର ଡିଇଓ ଭାରତ ବଧେର୍ ସୂଚନା ଦେଇଛନ୍ତି। ଏ ବିଷୟକୁ ନେଇ ତଦନ୍ତ ଆରମ୍ଭ ହୋଇଥିବାବେଳେ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ମୋଦିଙ୍କ ଝିଆରୀଙ୍କୁ ଲୁଟ୍ ଘଟଣାରେ ଜଣେ ଗିରଫ

ନୂଆଦିଲ୍ଲୀ,୧୪।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝିଆରୀ ଦମୟନ୍ତୀ ବେନ୍ ମୋଦିଙ୍କ ହ୍ୟାଣ୍ଡବ୍ୟାଗ୍ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ପାନିପତ୍‌ରୁ ଶନିବାର ଗିରଫ କରିଛି। ଦମୟନ୍ତୀଙ୍କ ବ୍ୟାଗ୍‌ରେ ୫୬ ହଜାର ଟଙ୍କା, ୨ ମୋବାଇଲ ଥିଲା।

## [ଇତିହାସର ଆଇନାରେ] ଅକ୍ଟୋବର ୧୫ର ପ୍ରମୁଖ ଘଟଣା

୧ ୯୯୫ ଅକ୍ଟୋବର ୧୫ରେ ଇରାକର ରାଷ୍ଟ୍ରପତି ଭାବେ ସଦ୍ଦାମ ହୁସେନ୍ ପୁଣି ନିର୍ବାଚିତ ହୋଇଥିଲେ। ୧୯୭୯ରେ ବଳପୂର୍ବକ କ୍ଷମତା ଦଖଲ କରିଥିବା ସଦ୍ଦାମ ପ୍ରଥମ ଥର ଲାଗି ଜନମତ ଲୋଡ଼ି ନିର୍ବାଚନରେ ବିଜୟୀ ହୋଇଥିଲେ। ରାଷ୍ଟ୍ରପତି ଭାବେ ସଦ୍ଦାମଙ୍କୁ ଦେଖିବାକୁ ଚାହାନ୍ତି କି ନା ବୋଲି ବାଲାଟ ପେପରରେ ଉଲ୍ଲେଖ କରାଯାଇଥିଲା।

୨ ୦୧୩ ଅକ୍ଟୋବର ୧୫ରେ ଫିଲିପାଇନ୍ସରେ ଭୟଙ୍କର ଭୂକମ୍ପ ଦେଖାଦେବାରୁ ବୋହୋଲ ଦ୍ୱୀପରେ ୨୨୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୨ ରହିଥିଲା। ୮ ଜଣ ନିଖୋଜ ହୋଇଥିବାବେଳେ ୯୭୬ ଜଣ ଏହାର ପ୍ରଭାବରେ ଆହତ ହୋଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
8287944769
8287944965
Brahma Sahi, Nayagarh

ASTROLOGY

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା କେବଳ ପ୍ୟାନ୍ କାର୍ଡ ଦ୍ୱାରା ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କେଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

Hi-Tech Tower Company
(1980ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କେଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287944770

FINANCE

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କେଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 9853098836
9853098829
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କେଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଜସ୍ଥାନ ଏକ ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ରାଜ୍ୟ। ଏହାର ମରୁଭୂମିରେ ପର୍ଯ୍ୟଟନ ଏକ ଆର୍ଥିକ ସମ୍ପତ୍ତି, ଯାହା ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ବହୁ ସମ୍ଭାବନା ବହନ କରେ।

-କଲରାଜ ମିଶ୍ର, ରାଜସ୍ଥାନ ରାଜ୍ୟପାଳ



## ସଂକ୍ଷେପରେ

### ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ଦେଲେ ଚାଷୀ

ନାକଟିଦେଉଳ, ୧୪।୧୦ (ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚଖଣ୍ଡା କୃଷକ ସଂଗଠନ ପକ୍ଷରୁ ୬ ଦଫା ଦାବି ନେଇ ସୋମବାର ଦିନ ନାକଟିଦେଉଳ ତହସିଲଦାରଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅଞ୍ଚଳର ଚାଷୀମାନଙ୍କୁ ଗତ ୨୦୧୮-୧୯ ବର୍ଷର ଇନପୁଟ ସବସିଡି ପ୍ରଦାନ କରାଯାଉ। ଗତ ଖରିଫ ଚାଷର ଶସ୍ୟବୀମା ସହାୟତା ରାଶି ପ୍ରଦାନ କରାଯାଉ। ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀ ଏବଂ ମୃତ୍ୟୁ ଘଟିଥିବା ପରିବାର ବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯାଉ। ଚାଷରେ ଚକଡା ପୋକର ନିରାକରଣ କରାଯାଉ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କମ୍ ଅମଳ ଯୋଗୁ କ୍ଷତିପୂରଣ ମିଳୁ। ଶିମିଳିପାଳ ଗ୍ରାମ ପଞ୍ଚାୟତରେ ଚାଷୀମାନଙ୍କ ସୁବିଧା ନିମନ୍ତେ ଧାନମଣ୍ଡି ଖୋଲାଯାଉ। ଚମ୍ପାଳି ନଦୀର ଭୀମ ମଣ୍ଡଳୀଠାରୁ କେନାଲ ଯୋଗେ ଚାଷ ଜମିକୁ ଜଳ ସେଚନ କରାଯାଉ। ଏହିଭଳି ଦାବି ନେଇ ପଞ୍ଚଖଣ୍ଡା କୃଷକ ସଂଗଠନ ପକ୍ଷରୁ ଅତିରିକ୍ତ ତହସିଲଦାର ଇଦଲୁସ ବିଜୟ କୁଲୁଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ସଂଗଠନର ସଭାପତି ସୁଦାମଚରଣ ପ୍ରଧାନ, ସମ୍ପାଦକ କୁମାରେଶ ସ୍ୱାଇଁ, ବାସୁଦେବ ସ୍ୱାଇଁ, ଧନେଶ୍ୱର ପ୍ରଧାନ, ଭାଗୀରଥି ପ୍ରଧାନ, ପ୍ରଦୀପ ସ୍ୱାଇଁ ଏବଂ ଆନନ୍ଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଦାବୀପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

### ଲଣ୍ଡାପାହାଡ଼ରେ ବଏଲ ଯାତ୍ରା ଉଦ୍‌ଯାପିତ

ବାମରା, ୧୪।୧୦ (ଡି.ଏନ.ଏ.) ବାମରା ବ୍ଲକ ସଦର ମହୁକୁମା ଗୋବିନ୍ଦପୁର ପଞ୍ଚାୟତ ଖୋକୋପଡା (ଲଣ୍ଡାପାହାଡ)ଠାରେ ଗତ ୪୦ ବର୍ଷ ଧରି ଚାଲି ଆସୁଥିବା ପ୍ରସିଦ୍ଧ ବଏଲ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଲଣ୍ଡାପାହାଡ ଗୁଡିର ଉଦ୍ୟୋକ୍ତା ଭାଗିରଥି ଛତ୍ରିଆଙ୍କ ତତ୍ତ୍ୱାବଧାନରେ ସକାଳୁ ଖଣ୍ଡାଧୁଆ, ବିଲ୍ୱବରଣ, ଦେବ ଆବାହନ, ଆଳତି, ପୁଷ୍ପାଞ୍ଜଳି ଓ ପାରମ୍ପାରିକ ପୂଜାର୍ଚ୍ଚନା କରାଯାଇଥିଲା । ସନ୍ଧ୍ୟାରେ ବିଧିବଦ୍ଧ ଭାବେ ମାଁ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ନିକଟସ୍ଥ ଗଂଜୁଡିହି (ଝଟାପଡା)ର ପବିତ୍ର ଛତ୍ରିଆ ଓ ବାଦପଡାର ଚନ୍ଦ୍ର ମିଞ୍ଜ ବରୁଆ ବେଶରେ ଥାଇ ଦାୟିତ୍ୱ ତଲାଇଥିଲେ । ସହାୟକ ଭାବେ ବାସମତୀ ମାଝୀ, ଉଷା ଛତ୍ରିଆ ଓ ହନୁମାନ ବେଶରେ ସୁନ୍ଦର ମାଝୀ ଭୂମିକା ତୁଲାଇ ଥିଲେ । ଏହି ଅବସରରେ ଜଙ୍ଘା ବଡଦେଓ, ସମଲେଇ, ହନୁମାନ, ମାଁ କାଳୀଙ୍କ ମୂର୍ତ୍ତି ରଖି ପୂଜାର୍ଚ୍ଚନା କରାଯାଇଥିଲା। ସମଲେଇ ସଂଗୀତ ଓ ବାଦ୍ୟଯନ୍ତ୍ରରେ ଜଟିଆ ବାଘ, ମୁନୁ ବାଘ, ଖଇରା ଧୁବା, ଶିବ ବାଘ ଓ ଲକ୍ଷ୍ମଣ ବାଘ ଏବଂ ଉମେଶ ଛତ୍ରିଆ, କ୍ଷୀରୋଦ ଛତ୍ରିଆ, ବସନ୍ତ ଛତ୍ରିଆ, ଡେଗୁ ମାଝୀ, ନିରଞ୍ଜନ କିସାନ, ନିତ୍ୟାନନ୍ଦ ମାଝୀ ସହଯୋଗ କରିଥିଲେ । ରାତ୍ରି ୧୦ଟା ପର୍ଯ୍ୟନ୍ତ ବଏଲ ଯାତ୍ରାରେ ଲୁହା କଣ୍ଟା ଓ ଧୂଳି ଖେଳ ଦେଖିବାକୁ ଭକ୍ତ ଆସିଥିଲେ।

### ଜିଲାସ୍ତରୀୟ ସୁପରଲିଗ୍ ଫୁଟବଲ ଟୁର୍ନାମେଣ୍ଟ

### ଆମାଜିଂ ଏକାଦଶ ବିଜୟୀ

ସମ୍ବଲପୁର, ୧୪।୧୦ (ବ୍ୟୁରୋ)- ଜିଲାସ୍ତରୀୟ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ମ୍ୟାଚରେ ଆମାଜିଂ ଏକାଦଶ ବିଜୟୀ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆମାଜିଂ ଏକାଦଶ ବନାମ ବୁର୍ଲା ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ୍ ମ୍ୟାଚ ଚିତ୍ତାକର୍ଷକ ହୋଇଥିଲା । କିନ୍ତୁ ଆମାଜିଂ ଏକାଦଶ ୪-୧ ଗୋଲରେ ବିଜୟୀ ହୋଇଥିଲା । ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ଟୁର୍ନାମେଣ୍ଟ ହୋଇଥିଲା। ରେଫରି ମଥୁରା ଓରାମ, ମନୋଜ ଭୋଇ, ରାଜାରାମ ଓରାମ, ପଦ୍ମନାଭ ନାୟକ ମ୍ୟାଚ ପରିଚାଳନା କରିଥିଲେ । ସୁବାଷ ରାଉତ, ଅଲ୍ଲି ଅଜଗର, ଅବଦୁଲ ହମିତ୍, ଲକ୍ଷ୍ମଣ ନାଥ, ସୟଦ ଜିନ୍ଦା, ବଳରାମ ମଟାରୀ ଓ ଉପସଭାପତି ରାଜୀବ ବିଶ୍ୱାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ରାଜୁ ଓରାମଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

■ ଫସଲ ବୀମା ମିଳିଲାନି ବୋଲି ତାତିଲେ ଚାଷୀ

# ସଚେତନତା କାର୍ଯ୍ୟକ୍ରମ ବନ୍ଦ କରିଦେଲେ

**ବାମରା, ୧୪।୧୦ (ଡି.ଏନ.ଏ.)**

କୃଷି ବିଭାଗ ପକ୍ଷରୁ ବାମରା ବ୍ଲକର ମହୁଲପାଲି ପଞ୍ଚାୟତରେ ହେବାକୁ ଥିବା ଏକ ସଚେତନତା କାର୍ଯ୍ୟକ୍ରମକୁ ସୋମବାର ଚାଷୀମାନେ ବିରୋଧ କରି ବନ୍ଦ କରି ଦେଇଛନ୍ତି । ଗତ ବର୍ଷର ଫସଲ ବୀମା ନ ମିଳିବା ପର୍ଯ୍ୟନ୍ତ କୃଷି ବିଭାଗର କୌଣସି କାର୍ଯ୍ୟକ୍ରମ କରାଇ ଦେବେ ନାହିଁ ବୋଲି ରୋକ୍‌ଠୋକ୍ ଚେତାବନୀ ଦେଇଛନ୍ତି ।

ରାଜ୍ୟ ସାରା କୃଷକଙ୍କୁ କୀଟନାଶକର ନିରାପଦ ବ୍ୟବହାର ନେଇ ସମସ୍ତ ପଞ୍ଚାୟତରେ ତାଲିମ ଶିବିର କରିବାକୁ କୃଷି ବିଭାଗ ନିର୍ଦ୍ଦେଶ ରହିଛି । ସେହି ଅନୁସାରେ ମହୁଲପାଲି ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ତାଲିମ କାର୍ଯ୍ୟକ୍ରମ ହେବାର ଥିଲା । ଏଥିରେ ଯୋଗ ଦେବାକୁ କୁଚିଣ୍ଡା ଭାରପ୍ରାପ୍ତ କୃଷି ଜିଲା ଅଧିକାରୀ ରାମଚନ୍ଦ୍ର ଦାସ, ବାମରା ସହକାରୀ କୃଷି ଅଧିକାରୀ ଦେବାନନ୍ଦ ସାହୁ ଓ ମହୁଲପାଲି କୃଷି ନୀରିକ୍ଷକ ବୀରେନ୍ଦ୍ର କୁମାର ମହାନ୍ତି ପହଞ୍ଚି ଥିଲେ । ମାତ୍ର କାର୍ଯ୍ୟକ୍ରମ ପୂର୍ବରୁ ମହୁଲପାଲି ପଞ୍ଚାୟତ କୃଷକ ସଂଗଠନ ଏହାକୁ ବିରୋଧ କରିଥିଲା । ୨୦୧୮-୧୯ର ଫସଲ ବୀମା ନ ମିଳିବା ପର୍ଯ୍ୟନ୍ତ କୃଷି ବିଭାଗର ସମସ୍ତ କାର୍ଯ୍ୟକ୍ରମର ବିରୋଧ କରିବେ ବୋଲି ଧମକ ଦେଇଥିଲେ । ଏଣୁ ସେଠାରେ କୃଷି ବିଭାଗ ଅଧିକାରୀ ଓ କୃଷକ ସଂଗଠନ ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଶେଷରେ କାର୍ଯ୍ୟକ୍ରମ ବାତିଲ କରାଯାଇଥିଲା । ଚାଷୀ ସଂଗଠନ ସଦସ୍ୟ ଭିକାରୀଚରଣ ପଟେଲ, ନରେନ୍ଦ୍ର ପଟେଲ, ରସାନନ୍ଦ ପଟେଲ, ନିଳାଦ୍ରୀ ବିହାରୀ ପଟେଲ, ସନ୍ତୋଷ ପଟେଲ, ମଣ୍ଟୁ ମିଶ୍ର, ସାନ୍ତନୁ ନାଏକ, ସଞ୍ଜୀବ ସାହୁ ଓ ବେଣୁ କିଶାନଙ୍କ ସହ ଅନ୍ୟ ଚାଷୀମାନେ ଉପସ୍ଥିତ ରହି ବିରୋଧ କରଥିଲେ ।



ମହୁଲପାଲି ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଉତ୍ତ୍ୟକ୍ତ ଚାଷୀ ।

### କନକେଶ୍ୱର ଶିବ ମନ୍ଦିର ସିଆରପିଏଫ ଯବାନ ସଫେଇ କଲେ

**ନାକଟିଦେଉଳ, ୧୪।୧୦ (ଡି.ଏନ.ଏ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରଠାରେ ଥିବା ସିଆରପିଏଫ ସି/୧୨ ବାଟାଲିୟନ ପକ୍ଷରୁ ସୋମବାର ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁସାରେ ସିଆରପିଏଫର ଯବାନମାନେ ସୋମବାର ସକାଳୁ ସ୍ଥାନୀୟ କନକେଶ୍ୱର ଶିବ ମନ୍ଦିରର ସମ୍ମୁଖ ଭାଗ ସହ ଚତୁଃପାର୍ଶ୍ୱରେ ସଫେଇ କରିଥିଲେ। ସିଆରପିଏଫ ପକ୍ଷରୁ ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନର ବାର୍ତ୍ତା ଦେଇ ଜନ ସାଧାରଣଙ୍କ ମଧ୍ୟ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ ଆହ୍ୱାନ ଦିଆଯାଇଛି। ସି/୧୨ ବାଟାଲିୟନ ସିଆରପିଏଫର ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଯୋଶୀଙ୍କ ନେତୃତ୍ୱରେ ସମସ୍ତ ଯବାନମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସବୁଜ ବନାନୀ, ସୁସ୍ଥ ପରିବେଶ ଏମ୍‌ସିଏଲ୍‌ର ଲକ୍ଷ୍ୟ




ଏମସିଏଲ୍ ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ଚାରାରେ ପାଣି ଦେଉଛନ୍ତି ।

**ସମ୍ବଲପୁର, ୧୪।୧୦ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ବୃକ୍ଷଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପୃଥିବୀରେ ସବୁଜ ବନାନୀ ଜରୁରୀ। ଏହାଦ୍ୱାରା ସୁସ୍ଥ ପରିବେଶ ଗଢ଼ି ଉଠିବ । ଏହାକୁ ଦୃଷ୍ଟିରେ ରଖି ଏମ୍‌ସିଏଲ ପକ୍ଷରୁ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଅଧ୍ୟକ୍ଷ ଭୋଳାନାଥ କହିଛନ୍ତି। ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ, କାର୍ମିକ ନିର୍ଦ୍ଦେଶକ କେ.ଆର. ବାସୁଦେବନ, ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ କେ.କେ. ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

### ମାଲିକଙ୍କ ବିରୋଧରେ ହତ୍ୟା ଧମକ ଆଣିଲେ କର୍ମଚାରୀ

**ସମ୍ବଲପୁର,୧୪।୧୦(ବ୍ୟୁରୋ)**

ଅଇଁଠାପାଲି ଥାନା ଅଧୀନ ବୁଢାରଜା ଏଲଆଇସି ଅଫିସ ନିକଟରେ ଥିବା ସାକ୍ଷୀ ହାଣ୍ଡଲୁମ୍‌ର ମାଲିକ ଜଣେ କର୍ମଚାରୀଙ୍କୁ ହତ୍ୟା ଧମକ ଦେଇଛନ୍ତି। ଖୋଦ୍ କର୍ମଚାରୀ ଜଣକ ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପରେ ଅଇଁଠାପାଲି ଥାନାରେ ୪୪୭/୧୯ରେ ଏକ ମାମଲା ରୁଜୁ ହୋଇଛି। ସୁନାପାଲିର ଅଲତାଫ ହୁସେନ ସୋମବାର ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ରଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ, ସେ ପ୍ରାୟ ୫ ବର୍ଷ ହେଲା ଉକ୍ତ କପଡା ଦୋକାନରେ କାମ କରୁଥିଲେ । ହେଲେ କିଛି ଦିନ କାମ କରିବାକୁ ଯାଇ ନ ଥିଲେ। ଅକ୍ଟୋବର ୧୦ ତାରିଖ ଦୋକାନ ମାଲିକ ତାଙ୍କୁ ଏକ ହୋଟେଲ ସମ୍ମୁଖକୁ ଡାକି ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଏକ ସାଧା କାଗଜରେ ଦସ୍ତଖତ କରି ନେଇଥିଲେ।

## ନିଶାଦ୍ରବ୍ୟ ବିକ୍ରି ଉପରେ କାର୍ଯ୍ୟାନୁଷ୍ଠାନ ଦାବି

**ସମ୍ବଲପୁର,୧୪।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ବିଶାଳଖଣ୍ଡା ଗ୍ରାମରେ ଅବାଧରେ ନିଶାଦ୍ରବ୍ୟ ବିକ୍ରି କରାଯାଉଛି । ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଗାଁରେ ଥିବା ପାନ ଦୋକାନ ଗୁଡିକରେ ମଦ ବିକ୍ରି କରାଯାଉଛି । ସେହିବାଟେ ଯିବା ଆସିବା କରୁଥିବା ମହିଳା, ସ୍କୁଲ ପିଲା ଏହାଦ୍ୱାରା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନିଶା ଦ୍ରବ୍ୟ ସେବନ କରି ସେଠାରେ ପ୍ରତିଦିନ ଲୋକେ ହୋହାଲ୍ଲା ହେଉଛି । ପାନ ଦୋକାନ ପାଖ ଅସାମାଜି ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି ବୋଲି ଦେବାଶିଷ ସାହୁ, ସନ୍ଦୀପ କୁମାର ଶ୍ରୀବାସ୍ତବ, ଦେବଶିଷ ସାହୁ, ପରେଶ ପ୍ରଧାନ, ଚତୁର୍ଭୁଜ ଗର୍ଡିଆ, ପ୍ରିୟଙ୍କା ମଲିକ, ମମତା କର, କମଳ ଧରୁଆ ପ୍ରମୁଖ ଅଭିଯୋଗ କରିଛନ୍ତି।



ନିଶାଦ୍ରବ୍ୟ ବିକ୍ରି ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୋମବାର ବିଶାଳଖଣ୍ଡା ଗାଁ ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ଆସିଛନ୍ତି ।

### ଝୁଣ୍ଟିପଡି ଗର୍ଭବତୀ ମହିଳାଙ୍କ ମୃତ୍ୟୁ

**ସମ୍ବଲପୁର,୧୪।୧୦(ବ୍ୟୁରୋ)**

ଯୁଯୁମୁରା ଥାନା ହତାବାରୀ ଗ୍ରାମରେ ରବିବାର ଝୁଣ୍ଟିପଡି ସୁରେଖା ବନଛୋର ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସୁରେଖା ୮ ମାସର ଗର୍ଭବତୀ ଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ଆଇନ ଶୃଙ୍ଖଳା ନେଇ ଡିଆଇଜିଙ୍କ ସହ ଆଲୋଚନା



ସମ୍ବଲପୁର ଜିଲା କଂଗ୍ରେସ କମିଟି ପ୍ରତିନିଧି ଦଳ ସୋମବାର ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲଙ୍କ ସହ ଆଲୋଚନା କରୁଛନ୍ତି ।

**ସମ୍ବଲପୁର, ୧୪।୧୦ (ବ୍ୟୁରୋ)**

ସମ୍ବଲପୁର ଜିଲା ଓ ମହାନଗର ନିଗମ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଟ୍ରାଫିକ ସମସ୍ୟାରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅବାଧରେ ଜୁଆ, ସଟ୍ଟା ଖେଳ ଚାଲିଛି। କମ୍ ବୟସର ଯୁବକମାନେ ନିଶା ଦ୍ରବ୍ୟ ସେବନ କରି ପଥଭ୍ରଷ୍ଟ ହେଉଛନ୍ତି। ଏଣୁ ପଦକ୍ଷେପ ଗ୍ରହଣ କରିବାକୁ ଜିଲା କଂଗ୍ରେସ କମିଟି ସୋମବାର ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲଙ୍କ ସହ ଆଲୋଚନା କରିଛି। ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳରେ ନିରଞ୍ଜନ ତ୍ରିପାଠୀ, ସୁତାପା ମିତ୍ର, ଆଶୁତୋଷ ସ୍ୱାଇଁ, ତ୍ରିଲୋଚନ ପୁରୋହିତ, ଶିବବ୍ରତ ପ୍ରଧାନ, ସସ୍ମିତା ଦେହୁରୀ, ପରିକ୍ଷୀତ ଦେହୁରୀ, ସରୋଜକାନ୍ତ ମିଶ୍ର, ମହମ୍ମଦ ମୁଖତାର, ଦୀନବନ୍ଧୁ ପରିଡା, ଅମିତ ଗୁରୁ, ରାହୁଲ ଶର୍ମା, ରେଣୁ କରିମ, ସୁମିତ ଷଡଙ୍ଗୀ, ପ୍ଲାବନ ବହିଦାର, ଶ୍ରବଣ କୁମାର ମେହେର ସାମିଲ ଥିଲେ ।

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ



ସୋମବାର ଏନଏସସିବି କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ସେବା ଯୋଜନା ଶିବିରରେ ଅତିଥିଙ୍କୁ ସମ୍ମାନିତ କରାଯାଉଛି ।

**ସମ୍ବଲପୁର, ୧୪।୧୦ (ବ୍ୟୁରୋ)**

ସମ୍ବଲପୁର ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ସମ୍ମିଳନୀ କକ୍ଷରେ ସୋମବାର ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି । ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଓ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ନିହାଲ ସିଂ, ଜିଲା ଜାତୀୟ ସେବା ଯୋଜନା ସଂଯୋଜକ ଦିଲୀପ ନନ୍ଦ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଡ. ପି ଆଚାର୍ଯ୍ୟ, ସତ୍ୟଜିତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନଏସସିବି କଲେଜ ଅଧ୍ୟକ୍ଷ ପ୍ରଫେସର ହରିହର ସାହୁ ଛାତ୍ରୀଛାତ୍ରଙ୍କୁ ମାନବ ସେବା କରିବାକୁ ଆହ୍ୱାନ ଦେଇଥିଲେ। ଏନଏସସିବି କଲେଜ ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଫିସର ଡ. ବିଶ୍ୱମୋହନ ଜେନା ଓ ଇତିହାସ ବିଭାଗ ଅଧ୍ୟାପକ ଡ. ରଘୁମଣୀ ନାୟକ ଶିବିର ବିଷୟରେ ସୂଚନା ଦେଇଥିଲେ। ଶେଷରେ ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ୭ ଦିନ ପର୍ଯ୍ୟନ୍ତ ଏହି ଶିବିର ଚାଲିବ । ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକମାନେ ପିଲାକଣ୍ଡେଇ ପଡାକୁ ଯାଇ ବିଭିନ୍ନ ସେବା କରିବେ।

### ୨୦ରେ ବହୁଭାଷୀ କବିତା ପାଠୋତ୍ସବ

**ସମ୍ବଲପୁର, ୧୪।୧୦ (ବ୍ୟୁରୋ)**

ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଚଳିତ ମାସ ୨୦ ତାରିଖ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଏଥିରେ କବିମାନେ ଯୋଗଦେଇ କବିତା ପାଠ କରିବେ। ସେହିଭଳି ସାହିତ୍ୟର ବିଭିନ୍ନ ଦିଗ ଉପରେ ଏହି କାର୍ଯ୍ୟକ୍ରମରେ କବି ଓ ସାହିତ୍ୟିକମାନେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହ କବିତା, ସାହିତ୍ୟ, ସମାଜସେବା ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଏଥିରେ ସମ୍ମାନିତ କରାଯିବ। ସୋମବାର କୁଲୁଥକାନୀଠାରେ ସମ୍ବଲଭୂମି ଅନୁଷ୍ଠାନର ଏକ ପ୍ରସ୍ତୁତି ବୈଠକରେ ଶିଶୁ ସାହିତ୍ୟକ ପ୍ରହଲ୍ଲାଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହା ସ୍ଥିର କରାଯାଇଛି।

## ଶିକ୍ଷକଙ୍କୁ ମାନସିକ ନିର୍ଯାତନା, ଦୁର୍ବ୍ୟବହାର, ନିରୁତ୍ସାହିତ କରିବା ଉଚିତ ନୁହେଁ

**ସମ୍ବଲପୁର, ୧୪।୧୦ (ବ୍ୟୁରୋ)**

ଧନକଉଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ କିରବା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଧନକଉଡା ବ୍ଲକର ସମସ୍ତ ସ୍କୁଲକୁ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ଚାଉଳ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଯୋଗାଇ ଦେବାକୁ ସଭ୍ୟମାନେ ଦାବି କରିଥିଲେ। ଶିକ୍ଷକମାନଙ୍କୁ ମାନସିକ ନିର୍ଯାତନା, ଦୁର୍ବ୍ୟବହାର, ନିରୁତ୍ସାହିତ କରିବା ଉଚିତ ନୁହେଁ ବୋଲି ବୈଠକରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ମତବ୍ୟକ୍ତ କରିଛନ୍ତି। କୁନ୍ଦନ ଭୋଇ, ବବ୍ରୁବାହାନ ଭୋଇ, ଚେରୁ ପାତ୍ର, ମଜିଉଦ୍ଦିନ୍ ଖାନ୍, ଏ. ମାଝି, ଚନ୍ଦ୍ରମଣୀ ବାଗ, ସରସ୍ୱତୀ ମହନ୍ତ, ମନୋରମା ଦାଶ ଆଲୋଚନାରେ ଭାଗ ନେଇଥିଲେ ।



ସୋମବାର ଧନକଉଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା ଓ ଅତିଥିମାନେ ।

### ସଟ୍ଟା ଖେଳାଉଥିବା ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର,୧୪।୧୦(ବ୍ୟୁରୋ)**

ଧନୁପାଲି ଥାନା ପୋଲିସ ସଟ୍ଟା ଖେଳାଉଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସାକ୍ଷୀପଡାର ବିଜୟ ପ୍ରଧାନ (୩୩) । ଅଭିଯୁକ୍ତଙ୍କ ନିକଟରୁ ୯୬୦ ଟଙ୍କା ଓ ସଟ୍ଟା ଖେଳ ସାମଗ୍ରୀ ଜବତ ହୋଇଛି। ଏ ନେଇ ଧନୁପାଲି ଥାନାରେ ଏକ ମମାଲା (ନଂ.୪୦୭/୧୯ ) ରୁଜୁ ହୋଇଛି।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।

- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ବ୍ରଜରାଜନଗର, ୧୪।୧୦ (ଡି.ଏନ୍.ଏ.)-** ସ୍ଥାନୀୟ ରେମଜା ଛକରେ ସନ୍ଧ୍ୟା ସାଢ଼େ ୭ଟା ସମୟରେ ଏକ ଅଜଣା ଗାଡ଼ି ଦ୍ରୁତ ଗତିରେ ଜଣେ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଆହତ ବାଇକ ଆରୋହୀଙ୍କୁ ଉଦ୍ଧାର କରି କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ବାଇକର ନମ୍ବର ଓଡି ୨୩-୯୧୬୬ ବୋଲି ଜଣାପଡ଼ିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଆହତ ଯୁବକଙ୍କର ପରିଚୟ ମିଳିପାରିନାହିଁ।

### ରୀତାଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଲେ ଅଶୋକ

**ବରଗଡ଼ ଅଫିସ୍/ବରପାଲି,୧୪।୧୦** ବିଜେପୁର ଉପନିର୍ବାଚନକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି । ଦୁଇଦିନ ତଳେ ଭାଜପା ଛାଡ଼ିଥିବା ଅଶୋକ ପାଣିଗ୍ରାହୀ ରବିବାର ବିଜେଡ଼ିକୁ ବାହ୍ୟ ସମର୍ଥନ ଦେବେ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ମାତ୍ର ଏହାର ୨୪ଘଣ୍ଟା ନ ପୂରୁଣୁ ଅଶୋକ ସୋମବାର ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ପାଟକୁଲୁଣ୍ଡା, ପ୍ରଧାନଟିକ୍ରା, ବିଶିପାଲି, କାଇଁଶିର ଅଞ୍ଚଳକୁ ତାଙ୍କ ସମର୍ଥକଙ୍କ ସହିତ ଯାଇ ବିଜେଡ଼ି ପ୍ରାର୍ଥିନୀ ରୀତା ସାହୁଙ୍କ ସପକ୍ଷରେ ପ୍ରଚାର କରିଥିଲେ । ପ୍ରଚାର ସମୟରେ ତାଙ୍କ ସହିତ ପୂର୍ବତନ ସରପଞ୍ଚ କୃଷ୍ଣ କୁମାର ସିଂ, ପୂର୍ବତନ ସମିତି ସଭ୍ୟ ବିରେନ୍ଦ୍ର ପ୍ରଧାନ, ସୁବାସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅଶୋକ ଏପର୍ଯ୍ୟନ୍ତ ବିଜେଡ଼ିରେ ମିଶି ନ ଥିଲେ ମଧ୍ୟ ରୀତାଙ୍କ ପାଇ ସିଧାସଳଖ ପ୍ରଚାର ମଇଦାନକୁ ଓହ୍ଲାଇବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏହାସହିତ ରାଜନୀତି ପାଣିପାଗକୁ ସରଗରମ କରି ପକାଇଛି ।

### କବାଡ଼ି ପାଇଁ ପ୍ରଶିକ୍ଷଣ ଶିବିର

**ବରଗଡ଼ ଅଫିସ୍,୧୪।୧୦-** ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରିସରରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ ଓ ୧୪ବର୍ଷରୁ କମ ସ୍କୁଲ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବରଗଡ଼ ଜିଲା କବାଡ଼ି ଟିମ୍ ଗୁଡ଼ିକର ପ୍ରଶିକ୍ଷଣ ଶିବିର ରବିବାରଠାରୁ ଆରମ୍ଭ ହୋଇଛି । ଆସନ୍ତା ୧୭ରୁ ୨୨ତାରିଖ ମଧ୍ୟରେ ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମଠାରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବରଗଡ଼ ଜିଲାର ଉଭୟ ବାଳିକା, ବାଳକ କବାଡ଼ି ଟିମ୍ ଅଂଶଗ୍ରହଣ କରିବେ । ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠି ଏହି ୬ ଦିନିଆ ପ୍ରଶିକ୍ଷଣ ଶିବିରରେ ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାଏକ, ନିଶିକାନ୍ତ ମହାନ୍ତି, ନମିତା ସାହୁ, ରଶ୍ମିତା ତନସନା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଉଛନ୍ତି । କେଶବ ପ୍ରଧାନ, ଧରମ ବେହେରା, ଗୀତା ବାରା, ରଶ୍ମିରେଖା ଦାଶ, ଝରଣା ଦାଶ, ସୁବାଶିନୀ ତ୍ରିପାଠୀ, ଡାକ୍ତର ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି ।

ପ୍ରତିଶ୍ରୁତିରେ ସୀମିତ ସରକାରୀ ଯୋଜନା

# ରାଶନ କାର୍ଡରୁ ବଞ୍ଚିତ ଦିନମଜୁରିଆ କୃଷ୍ଣ

**ବେଲପାହାଡ଼,୧୪।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦରେ ବହୁ ବ୍ୟବସାୟୀ ଓ ସ୍ୱଚ୍ଛଳବର୍ଗ ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ତାଲିକାଭୁକ୍ତ ହୋଇ ରିହାତି ମୂଲ୍ୟରେ ଚାଉଳ ପାଉଥିବା ବାରମ୍ବାର ଅଭିଯୋଗ ହେଉଛି। ଅଭିଯୋଗ ଉପରେ କିଛିଟା କାର୍ଯ୍ୟାନୁଷ୍ଠାନ ହୋଇଛି। ହେଲେ ପୌରାଞ୍ଚଳରେ ଏବେ ବି ଅନେକ ଅସହାୟ ଗରିବ ଶ୍ରେଣୀୟ ଲୋକ ରାଶନ କାର୍ଡ ନ ପାଇ ସରକାରୀ ଚାଉଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ସୂଚନାନୁସାରେ ବେଲପାହାଡ଼ ପୌରପରିଷଦ ଅଧୀନ ଜୁନାଡ଼ିହିରେ ଏକ କୁଡ଼ିଆଘରେ ରହୁଛନ୍ତି କୃଷ୍ଣ ମେହେର (୪୫)। ପରିବାର କହିଲେ ସ୍ତ୍ରୀ ଓ ପୁଅ। ହେଲେ ସେମାନେ



ଦିନମଜୁରିଆ କୃଷ୍ଣ ମେହେର।

ଗାଁରେ ରହୁଛନ୍ତି। କୃଷ୍ଣ ପରିବାର ପ୍ରତିପୋଷଣ ପାଇଁ ପ୍ରତ୍ୟହ କୁଲିମଜୁରି କରିବା ସହ ଅଞ୍ଚଳର କିଛି ହୋଟେଲକୁ ପାଣି ଭାର ଯୋଗାଇଥାନ୍ତି। ଏଥିରୁ ଯାହା ଅର୍ଥ ଉପାର୍ଜନ ହେଉଛି ସେଥିରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି କୃଷ୍ଣ କହିଛନ୍ତି। କୃଷ୍ଣଙ୍କ କହିବା ହେଲା ପୂର୍ବରୁ ତାଙ୍କ ପାଖରେ ଏକ ବିପିଏଲ କାର୍ଡ ଥିଲା। କାର୍ଡରେ ମାସକୁ ୨୫ କେ.ଜି ଚାଉଳ ମିଳୁଥିଲା। ମାତ୍ର ୮ ବର୍ଷ ହେଲା ବିପିଏଲ କାର୍ଡ ଅଚଳ ହେଲା ପରେ ତାଙ୍କୁ ଆଉ ନୂଆ ରାଶନ କାର୍ଡ ଦିଆଯାଇନାହିଁ। ଫଳରେ ତାଙ୍କ ପରିବାର ସରକାରୀ ଯୋଜନାରେ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଶନ କାର୍ଡ ପାଇଁ କୃଷ୍ଣ ବାରମ୍ବାର ପୌର ଅଫିସକୁ ଯାଇଛନ୍ତି, ପୌରାଧ୍ୟକ୍ଷ ଓ ୱାର୍ଡ କାଉନସିଲରଙ୍କ ନିକଟରେ ସେ ନେହୁରା ହୋଇ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି। ସବୁବେଳେ ପ୍ରତିଶ୍ରୁତି ମିଳୁଛି, ହେଲେ ଏପର୍ଯ୍ୟନ୍ତ ରାଶନ କାର୍ଡ ମିଳିନାହିଁ ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବେଲପାହାଡ଼ ପୌର ପରିଷଦ ଅଧୀନରେ ୫୦୩୩ ରାଶନ କାର୍ଡଧାରୀ ଅଛନ୍ତି। ଏମାନଙ୍କ କାର୍ଡ ଜରିଆରେ ପରିବାରର ୧୮,୧୯୯ ଜଣ ସଦସ୍ୟ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଲାଭାନ୍ୱିତ ହେଉଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ କିଏ ଯୋଗ୍ୟ ଓ ଅଯୋଗ୍ୟ ଏହାର ଠିକ୍ ଯାଞ୍ଚ ହୋଇପାରୁନାହିଁ। ପୂର୍ବରୁ ଜରିମାନା ଭୟରେ ଅନେକ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ସ୍ୱଇଚ୍ଛାରେ ଫେରାଇ ଦେଇଥିଲେ। ଏବେ ସେମାନେ ପୁନର୍ବାର କାର୍ଡ ପାଇଁ ପୌର ଅଫିସକୁ ଧାଉଁଛନ୍ତି। ସେହିଭଳି କେତେ ହିତାଧିକାରୀ ଆଧାର କାର୍ଡରେ ତ୍ରୁଟି ଯୋଗୁ ରାଶନ କାର୍ଡ ପାଉ ନ ଥିବା ଅଭିଯୋଗ ହେଉଛି। ଯୋଗ୍ୟ ହିତାଧିକାରୀ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେଉଥିବା ସମ୍ପର୍କରେ ଯୋଗାଣ ଅଧିକାରୀ ଆର୍.କେ.ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଖୁବ୍ ଶୀଘ୍ର ଅଭିଯୋଗକାରୀଙ୍କ ନଥିପତ୍ର ଯାଞ୍ଚ କରାଯାଇ ଯୋଜନାରେ ସାମିଲ କରାଯିବ ବୋଲି ସେ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଟି ବସି କିଏ ଝାଟିରେ ଛାଟିଲା,**
**ଝଡ଼ିପଡ଼ି ଅଛି ଖଣ୍ଡେ;**
**କାନ୍ତଙ୍କ କଥାରେ କରିଛି ମାନ,**
**ରହି ପାରିବି କି ଦଣ୍ଡେ ?**

ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଏକ ସାଧାରଣ କଥା। ବେଳେ ବେଳେ କିଛି ସାମାନ୍ୟ କଥା ପାଇଁ ପତି-ପତ୍ନୀଙ୍କ ମଧ୍ୟରେ ରାଗରୁଷା ଓ ମାନ ଅଭିମାନ ପ୍ରକାଶ ପାଇଥାଏ। ତେବେ ଏଭଳି ଅଭିମାନ ଯେ ଖୁବ୍ କ୍ଷଣସ୍ଥାୟୀ ତାହା ଏଠାରେ ବର୍ଣ୍ଣନା କରାଯାଇଛି।

**ମହତା ପାନ, ଚିତ୍ତ କରୁଥିଲୁ ଛନଛନ;**
**ଆଶା କରିଥେଲି ତତେ,**
**ପିଲାଙ୍କୁ ଯେମିତି ଭଣ୍ଡେଇ ଦିଅନ୍ତି,**
**ସେହିମିତି କହୁ ମତେ ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। ଛୋଟ ଛୋଟ ପିଲାଙ୍କୁ ୟାଡୁ ସାଡୁ କହି ଭଣ୍ଡେଇବା ଭଳି ପ୍ରେମ ମଧ୍ୟ ଅନେକ ସମୟରେ ଛଳନାପୂର୍ଣ୍ଣ ହୋଇଯାଇଥାଏ। ପ୍ରେମିକାର ଛଳନାପୂର୍ଣ୍ଣ ବ୍ୟବହାରରେ ମର୍ମାହତ ହୋଇପଡ଼ିଥିବା ପ୍ରେମୀ ଦୁଃଖରେ ଭାଙ୍ଗିପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମାଲକାନଗିରି, କୋରାପୁଟ, ନବରଙ୍ଗପୁର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ପଦକ୍ଷେପ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

- ମୋ ସରକାର ଟିମ୍‌ର ପ୍ରଥମ ଗସ୍ତ ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ବେଡ୍ ସଂଖ୍ୟା ୭୦୦କୁ ବୃଦ୍ଧି ପାଇବ
- ୪ ରୋଗୀକଲ୍ୟାଣ ସମିତିକୁ ମିଳିବ ୬୦ ଲକ୍ଷ

କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ସଦର ମହକୁମା ଚିକିତ୍ସାଳୟ ଏବଂ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ୪ଟି ରୋଗୀ କଲ୍ୟାଣ ସମିତିକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଏହି ୩ଟି ଜିଲାର ଏସପିମାନଙ୍କୁ ରକ୍ତଦାନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ମୋ ସରକାର କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନଙ୍କ ପ୍ରଥମ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ସୋମବାର ଏହି ଘୋଷଣା କରିଛନ୍ତି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜରେ ୫୦୦ ଶଯ୍ୟା ବିଶିଷ୍ଟ ଏକ କମ୍ପୋଜିଟ ହସ୍ପିଟାଲ ନିର୍ମାଣ କରାଯିବ। ଦୁଇ ବର୍ଷ ମଧ୍ୟରେ ଏହାର ଶଯ୍ୟା ସଂଖ୍ୟା ୭୦୦କୁ ବୃଦ୍ଧି କରାଯିବ। ରୋଗୀମାନଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ମେଡିକାଲ କ୍ୟାମ୍ପସରେ ଏକ ବିଶ୍ରାମାଗାର ନିର୍ମାଣ କରାଯିବ। ନୂତନ କମ୍ପୋଜିଟ କ୍ୟାମ୍ପସରେ କର୍ମଚାରୀମାନଙ୍କ ପାଇଁ ବାସଗୃହ ବ୍ୟବସ୍ଥା ଓ ଟ୍ରାନଜିଟ୍ ହୋମ ନିର୍ମାଣ ହେବ। ମେଡିକାଲ କଲେଜ ପାଇଁ ୫ଟି ଆମ୍ବୁଲାନ୍ସ ଓ ୩ଟି ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ। କୋରାପୁଟ ସଦର ମହକୁମା ହସ୍ପିଟାଲରେ ବେଡ୍ ସଂଖ୍ୟା ୨୫୦କୁ ବୃଦ୍ଧି କରାଯିବା ସହିତ ବର୍ତ୍ତମାନର ବିଲ୍ଡିଂ ଉପରେ ଏକ ନୂଆ ୱାର୍ଡ ନିର୍ମାଣ କରାଯିବ। କର୍ମଚାରୀମାନଙ୍କ ପାଇଁ ସରକାରୀ ବାସଗୃହ ଏବଂ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ୨ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯିବ। ସେହିପରି ମାଲକାନଗିରି ସଦର ମହକୁମା ହସ୍ପିଟାଲରେ ଡାକ୍ତରମାନଙ୍କ ପାଇଁ ବାସଗୃହ ଓ ଟ୍ରାନଜିଟ୍ ହୋମ ନିର୍ମାଣ ହେବ। ଶଯ୍ୟା ସଂଖ୍ୟା ୨୦୦କୁ ମଧ୍ୟ ବୃଦ୍ଧି କରାଯିବ। ମୋଟୁଠାରୁ ମାଲକାନଗିରି ପର୍ଯ୍ୟନ୍ତ ସବୁଦିନିଆ ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ। ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ସେହିପରି ନବରଙ୍ଗପୁର ସଦର ମହକୁମା ହସ୍ପିଟାଲର ଶଯ୍ୟା ସଂଖ୍ୟା ୨୦୦କୁ ବୃଦ୍ଧି କରାଯିବା ସହିତ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ୩ଟି ଆମ୍ବୁଲାନ୍ସ ଓ ୩ଟି ମହାପ୍ରୟାଣ ଯାନ ଯୋଗାଇ ଦିଆଯିବ। ୨୦୦ ବେଡ୍ ବିଶିଷ୍ଟ ନୂତନ ହସ୍ପିଟାଲ ବିଲ୍ଡିଂ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସୋମବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋ ସରକାର କାର୍ଯ୍ୟକ୍ରମକୁ ଅଧିକ ଦକ୍ଷ ଓ ଉତ୍ତରଦାୟୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ଟି ଜିଲା ପାଇଁ କେତେକ ଘୋଷଣା କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାୟ ୧୦ ଦିନ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ମୋ ସରକାର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପୋଲିସ ଓ ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ଦୃଷ୍ଟି ନିବେଶ କରାଯାଇଥିଲା। ନିଜେ ୧୨୦ ଟି କଲ କରିଛି । ଲୋକମାନଙ୍କ ପ୍ରତିକ୍ରିୟା ବହୁତ ଉତ୍ସାହଜନକ ଥିଲା। ଯୋଜନା ଅନୁଯାୟୀ ପ୍ରଥମେ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ଅତି କମ୍‌ରେ ୧୫ଟି ଜିଲା ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଟୋଲ ଟ୍ୟାକ୍ସକୁ ନେଇ ଟ୍ରକ ମାଲିକଙ୍କ ଆନ୍ଦୋଳନ

**ବ୍ରଜରାଜନଗର, ୧୪।୧୦ (ଡି.ଏନ୍.ଏ.)**

ବ୍ରଜରାଜନଗର ଟ୍ରକ୍ ଆସୋସିଏଶନ ତରଫରୁ ଟୋଲ୍ ଟ୍ୟାକ୍ସ ଆଦାୟକୁ ନେଇ ଟୋଲ୍ ଗେଟଠାରେ ଆନ୍ଦୋଳନ କରିଛନ୍ତି। ଦିନତମାମ ଜାତୀୟ ରାଜପଥ ପଦାଧିକାରୀଙ୍କ ସହିତ ଚାଲିଥିବା ଆଲୋଚନା ବିଫଳ ହେବା ପରେ ସନ୍ଧ୍ୟା ୬ଟାରେ ଟ୍ରକ୍ ଆସୋସିଏଶନର କର୍ମକର୍ତ୍ତା ଟୋଲ୍‌ଗେଟ ସମ୍ମୁଖରେ ଧାରଣା ଦେବା ସହ ଟ୍ରକ୍‌ଗୁଡ଼ିକୁ ଅବରୋଧ କରି ରାସ୍ତାଜାମ କରିଥିଲେ। ବ୍ରଜରାଜନଗର ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱମିତ୍ର ହରପାଲ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷ ସହିତ ଆଲୋଚନା କରିଥିଲେ। ପରେ ସେ ଜିଲା ପ୍ରଶାସନ, ଜାତୀୟ ରାଜପଥ ପଦାଧିକାରୀ ଓ ଟ୍ରକ୍ ଆସୋସିଏଶନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟା ସମୟ ମାଗିଥିଲେ। ପରେ ଆସୋସିଏଶନର କର୍ମକର୍ତ୍ତା ଆନ୍ଦୋଳନରୁ ଓହରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଟୋଲ୍ ଟ୍ୟାକ୍ସ ଆଦାୟ ପୂର୍ବରୁ ସ୍ଥାନୀୟ ମାଲିକମାନଙ୍କ ସୁବିଧା ପ୍ରତି ଗୁରୁତ୍ୱ ଦେବା ପାଇଁ ଜିଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଥିଲା। ସେଥିରେ ଟ୍ରକ୍ ମାଲିକମାନେ ରାଜି ହୋଇଥିଲେ। ହେଲେ ଟୋଲ୍ ଗେଟ ଖୋଲିବା ପରେ କେବଳ ଓଡି ୨୩ ନମ୍ବର ଥିବା ଗାଡ଼ିରୁ ଅଧା ଟୋଲ୍ ଟ୍ୟାକ୍ସ ଆଦାୟ କରାଯାଉଛି। ଅନ୍ୟ ନମ୍ବର ଗାଡ଼ିରୁ ପୂରା ଟୋଲ୍ ଟ୍ୟାକ୍ସ ଆଦାୟ କରାଯାଉଛି। ବ୍ରଜରାଜନଗର ଲୋକାଲ ଆଧାର କାର୍ଡ ଓ ଗାଡ଼ି ନମ୍ବର ଥିବା ମାଲିକମାନଙ୍କୁ ଅଧା ରେଟରେ ଟୋଲ୍ ଟ୍ୟାକ୍ସ ଆଦାୟ କରିବାକୁ ମାଲିକମାନେ ଦାବି କରିଥିଲେ। ହେଲେ ଟୋଲ୍ ଗେଟ କର୍ତ୍ତୃପକ୍ଷ ଏହା ଶୁଣି ନ ଥିଲେ। ଫଳରେ ସୋମବାର ବ୍ରଜରାଜନଗର ଟ୍ରକ୍ ଆସୋସିଏଶନର ସଦସ୍ୟମାନେ ସନ୍ଧ୍ୟାରେ ରାସ୍ତା ଅବରୋଧ କରିଥିଲେ।



ଟୋଲ୍ ଟ୍ୟାକ୍ସ ଆଦାୟକୁ ନେଇ ସ୍ଥାନୀୟ ଟ୍ରକ୍ ଆସୋସିଏଶନର କର୍ମକର୍ତ୍ତା ପ୍ରତିବାଦ କରୁଛନ୍ତି।

ସରକାରୀ ଜମି ହଡ଼ପକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

# ଗାଁ ମୁଖିଆ ମୃତ, ୭ ଆହତ

**ବାଲିଆପାଳ, ୧୪।୧୦ (ସ୍ୱ.ପ୍ର/ଡି.ଏନ୍.ଏ)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା କଟ୍ରାମହଲ ଗ୍ରାମରେ ସୋମବାର ଏକ ସରକାରୀ ଜମି ହଡ଼ପକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ବିବାଦ ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଆକ୍ରମଣରେ ଗ୍ରାମର ମୁଖ୍ୟ ରାମଚନ୍ଦ୍ର ଗିରିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୭ଜଣ ଗୁରୁତର ଆହତ ହୋଇଛନ୍ତି । ପୋଲିସ ୩ ଆକ୍ରମଣକାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ପରିସ୍ଥିତିକୁ ନିୟନ୍ତ୍ରଣ ଲାଗି ବାଲିଆପାଳ ଥାନା ପକ୍ଷରୁ ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ନୂଆଗାଁ ପଞ୍ଚାୟତ କଟ୍ରାମହଲ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ଜାଗାକୁ ସେହି ଗ୍ରାମର ଭାନୁ ଦଳାଇ ଓ ତାଙ୍କର ପରିବାର ସଦସ୍ୟମାନେ ଗତ ୩ଦିନ ତଳେ ଜବରଦଖଲ କରି ବାଡ଼ ବସାଇଥିଲେ। ସେଠାରେ ସେମାନେ ଘର କରିବାକୁ ଯୋଜନା କରିଥିବା ଜାଣିପାରି ଗ୍ରାମର ମୁଖିଆ ରାମଚନ୍ଦ୍ର ଗିରି ଏବଂ କେତେକ ଗ୍ରାମବାସୀ ପୂର୍ବାହ୍ନରେ ଏ ବିଷୟରେ ପଚରାଉଚୁରା ପାଇଁ ତାଙ୍କ ଘରକୁ ଯାଇଥିଲେ। ସେମାନେ କଥାବାର୍ତ୍ତା ହେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଭାନୁ ଦଳାଇ ଓ ତାଙ୍କ ପରିବାରର ୧୦ରୁ ୧୨ଜଣ ଲୋକ ବିଭିନ୍ନ ଧାରୁଆ ଅସ୍ତ୍ରରେ ଗ୍ରାମବାସୀଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗ୍ରାମର ମୁଖିଆ ରାମଚନ୍ଦ୍ର ଗିରି, ଲକ୍ଷ୍ମୀଧର ସ୍ୱାଇଁ, ରମେଶ ଦଳାଇ, ସଚିନ୍ଦ୍ର ଦଳାଇ, ଗେଡ଼ା ଦଳାଇ, ମଙ୍ଗଳି ପାତ୍ର, ଗେହ୍ଲିମଣି ସ୍ୱାଇଁ, ସରସ୍ୱତୀ ପାତ୍ର, ପୂର୍ବତନ ସରପଞ୍ଚ ମନ୍ମଥ ଗିରି ଓ ଗଣେଶ ସ୍ୱାଇଁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ବସ୍ତା ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଗୁରୁତର ଆହତ ହୋଇଥିବା ରାମଚନ୍ଦ୍ରଙ୍କର ମୃତ୍ୟୁ ହୋଇଛି। ଆହତମାନଙ୍କ ମଧ୍ୟରୁ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ରାମଚନ୍ଦ୍ରଙ୍କ ପୁତୁରା ହେମନ୍ତ ଗିରି ଏନେଇ ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୨୨୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଆକ୍ରମଣକାରୀ ଭାନୁ ଦଳାଇ, ତାଙ୍କ ପୁଅ ଶାନ୍ତନୁ ଓ ଅନ୍ୟ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ଆକ୍ରମଣରେ ବ୍ୟବହୃତ କୋଦାଳ, ଶାବଳ, ଦାଉଲା, ପନିଖି ଓ କାତି ଜବତ କରିଛି।

# ଦ୍ୱିପାକ୍ଷିକ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

**ଲଖନପୁର,୧୪।୧୦(ଡି.ଏନ୍.ଏ.)**

**ବିସ୍ଥାପିତ ସଂଗ୍ରାମ ସମିତି ପ୍ରସଙ୍ଗ**

ଏମ୍‌ସିଏଲ୍ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ବହୁବିଧ୍‌ସମସ୍ୟାକୁ ନେଇ ଲଖନପୁର କୋଇଲାଖଣି ସଂଗ୍ରାମ ସମିତି ଲଢ଼େଇ ଜାରି ରଖିଛି। ଏଭଳି ସ୍ଥିତିରେ ସମିତି ତରଫରୁ ଗତ ୧ ତାରିଖରେ ଖଣିକର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯଦି ଖଣି କର୍ତ୍ତୃପକ୍ଷ ୨ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ନ କଲେ ୧୪ତାରିଖରୁ ସଂଗ୍ରାମ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲା। ଏନେଇ ଖଣି କର୍ତ୍ତୃପକ୍ଷ ସଂଗ୍ରାମ ସମିତିର କେତେକ ଦାବିକୁ ସମାଧାନ ପାଇଁ ପତ୍ର ମାଧ୍ୟମରେ ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନ ନ କରିବା ପାଇଁ ଅନୁରୋଧ କରିଥିଲା। ଖଣି କର୍ତ୍ତୃପକ୍ଷ ସମିତିର ମୁଖ୍ୟଦାବି ନିଯୁକ୍ତି, ଥଇଥାନ ଓ ଉପଯୁକ୍ତ କ୍ଷତିପୂରଣ ଆଦି ସମ୍ପର୍କରେ ଗୁରୁତ୍ୱ ଦେଇ ନ ଥିଲା। ଫଳରେ ସମିତି ଅସନ୍ତୋଷ ବ୍ୟକ୍ତ କରି ଡାକରା ଦେଇଥିବା ଆନ୍ଦୋଳନରୁ ଓହରିବ ନାହିଁ ବୋଲି କହିଥିଲା। ଯାହା ଖଣି କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ହୋଇଥିଲା। ଏନେଇ ସଂଗ୍ରାମ ସମିତି ପୂର୍ବସୂଚନା ଅନୁସାରେ ସୋମବାର ଆନ୍ଦୋଳନ ପାଇଁ ସଜବାଜ ହେଉଥିବାବେଳେ ଖଣି କର୍ତ୍ତୃପକ୍ଷ ପୁନର୍ବାର ସଂଗ୍ରାମ ସମିତିକୁ ଅନୁରୋଧ କରି ଆଲୋଚନା ପାଇଁ ଆହ୍ୱାନ କରିଥିଲା। ଖଣି କର୍ତ୍ତୃପକ୍ଷଙ୍କ ଅନୁରୋଧକୁ ରକ୍ଷାକରି ଲଖନପୁର କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଖଣି କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରବନ୍ଧକ ଅନିଲ କୁମାର ସିଂ, ଆର୍ ଆଣ୍ଡ୍ ଆର୍ ଅଧିକାରୀ ମିତ୍ରଭାନୁ ବଡ଼େଇ, ଅରୁଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଂଗ୍ରାମ ସମିତି ତରଫରୁ ସଭାପତି ବିରଞ୍ଚି ସାହୁ, ଉପସଭାପତି ଗଙ୍ଗାପ୍ରସାଦ ଦୀପ, ସମ୍ପାଦକ ଲୋକନାଥ ବୁଦ୍ଧିଆ, କୋଷାଧ୍ୟକ୍ଷ ସରୋଜ ଛଞ୍ଚାଣ, ଉପଦେଷ୍ଟା ଗୋପୀନାଥ ମାଝି, ସାଧୁ ଚରଣ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପ୍ରଥମେ ସଂଗ୍ରାମ ସମିତି ନିଜର ଦାବି ସମ୍ପର୍କରେ ନିଜ ପକ୍ଷ ରଖିଥିଲା। ସଂଗ୍ରାମ ସମିତିର କେତେକ ଦାବିକୁ ଖଣି କର୍ତ୍ତୃପକ୍ଷ ଅଣଦେଖା କରିଥିଲେ। ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସ୍ୱାର୍ଥକୁ ଅଣଦେଖା କଲାଭଳି କେତେକ ନୀତିନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ସଂଗ୍ରାମ ସମିତି ବିରୋଧକରି ବୈଠକରେ ନିଜର ଯୁକ୍ତିଯୁକ୍ତ ଦାବି ରଖିଥିଲା। ସଂଗ୍ରାମ ସମିତିର ଦାବି ସମ୍ପର୍କରେ ଖଣି କର୍ତ୍ତୃପକ୍ଷ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ଦିଗରେ ଚେଷ୍ଟାକରିବେ ବୋଲି କହିଛନ୍ତି।



ବୈଠକରେ ଉପସ୍ଥିତ ଖଣି କର୍ତ୍ତୃପକ୍ଷ ଓ ସଂଗ୍ରାମ ସମିତି କର୍ମକର୍ତ୍ତା।



ସ୍ଥାନୀୟ ଯୁବକମାନେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଲଖନପୁର,୧୪।୧୦(ଡି.ଏନ୍.ଏ.)**

ପଶ୍ଚିମବଙ୍ଗର ମୁର୍ଶିଦାବାଦରରେ କିଛିଦିନ ତଳେ ଏକ ପରିବାର ୩ ଜଣଙ୍କୁ ଦୁର୍ବୃତ୍ତମାନେ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏ ଘଟଣାକୁ ନେଇ ସାରାଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ବନ୍ଧବାହାଲ ହିନ୍ଦୁ ସମାଜ ତରଫରୁ ବନ୍ଧବାହାଲ ଜଗନ୍ନାଥ ମନ୍ଦିର ସମ୍ମୁଖରେ ମୃତକମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଘଟଣାକୁ ନିନ୍ଦା କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନଦେଇ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ହିନ୍ଦୁ ସମାଜର ଅଜୟ ବିଶ୍ୱାଳ, ବିଷ୍ଣୁ ମହାନ୍ତି, ପ୍ରଶାନ୍ତ ଖମାରୀ, ବିଶ୍ୱଜିତ ଷଡଙ୍ଗୀ, ସରୋଜ ପ୍ରଧାନ, ରମେଶ ସିଂ ପ୍ରମୁଖ ଉପସ୍ଥିତଥିଲେ।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।

- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଭସାଣି ସହ ଶେଷ ହେଲା ବଳମ ଦୁର୍ଗାପୂଜା

ବାରକୋଟ, ୧୪।୧୦(ଡି.ଏନ.ଏ): ଜାଗୃତି କ୍ଲବ ଦୁର୍ଗାପୂଜା କମିଟି ବଳମ ଆନୁକୂଲ୍ୟରେ ଚାଲିଥିବା ସାର୍ବଜନୀନ ଦୁର୍ଗାପୂଜା ସୋମବାର ଅନ୍ତିମ ଦିବସରେ ଭସାଣୀ କାର୍ଯ୍ୟକ୍ରମ ଦ୍ୱାରା ମା’ ଦୁର୍ଗାଙ୍କୁ ମେଲାଣି ଦିଆଯାଇଛି । ଦେବଗଡ ଜିଲା ବାରକୋଟ ବ୍ଲକ ବଳମର ସ୍ଥାୟୀ ଦୁର୍ଗାପୂଜା ମଣ୍ଡପର ଦୀର୍ଘ ୧୦ଦିନ ଧରି ଆନନ୍ଦ ଉଲ୍ଲାସ ସହକାରେ ପୂଜା ଏବଂ ମେଳା ପାଳିତ ହେବାପରେ ମା’ଙ୍କୁ ଅଶ୍ରୁଳ ବିଦାୟ ଦିଆଯାଇଥିଲା। ଏଥିସହିତ ମା’ଙ୍କ ହାତରେ ଥିବା ରୂପା କଏନଙ୍କୁ ନିଲାମ କରାଯାଇଥିଲା । ଚଳିତ ବର୍ଷ ବଳମ ଗ୍ରାମର ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ପ୍ରଧାନ ସର୍ବାଧିକ ୧୬ ହଜାର ୧୬ ଟଙ୍କାରେ ମାଁ ରୂପା କଏନ ହାସଲ କରିଥିଲେ । ରୂପା କଏନ ନିଲାମ ପରେ ସନ୍ଧ୍ୟାରେ ମାଁଙ୍କର ଭସାଣୀ ଯାତ୍ରା ଆରମ୍ଭ ହୋଇଥିଲା । ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଦୁଲଦୁଲି, ହାତିବାଜା, ସଂକୀର୍ତ୍ତନ, ଡିଜେ ସାଉଣ୍ଡ ଆଦି ସାମିଲ ହୋଇଥିଲା। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ କଳାଜୀରା ନାଳରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦେବଗଡ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷର ଆତସବାଜି ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଶାନ୍ତି ଶୃଙ୍ଖଳାର ସହିତ ପୂଜା ସମାପନ ହୋଇଥିବାରୁ କମିଟିର ସଭାପତି ପ୍ରଦୀପ ମୁଣ୍ଡା, ସମ୍ପାଦକ ମହେଶ୍ୱର ସାହୁ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

### କଣ୍ଢେଲ ଲକ୍ଷ୍ମୀପୂଜା ସାଂସ୍କୃତିକ ମଣ୍ଡପ ଉଦଘାଟିତ

ବାରକୋଟ, ୧୪।୧୦ (ଡି.ଏନ.ଏ)

ଦେବଗଡ ଜିଲାର ପ୍ରସିଦ୍ଧଲାଭ କରିଥିବା ଅଗ୍ରଗତି ସଂଘ କଣ୍ଢେଲର ସାର୍ବଜନୀନ ଗଜଲକ୍ଷ୍ମୀ ଅବସରରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥିଭାବେ ବରିଷ୍ଠ ଶିକ୍ଷକ ଚୂଡ଼ାମଣୀ ପ୍ରଧାନ ଯୋଗଦେଇ ମଣ୍ଡପକୁ ଉଦଘାଟନ କରିଥିଲେ। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥାଏ। ମେଳା ଅବସରରେ ସବୁ ବର୍ଗର ଦର୍ଶକଙ୍କୁ ଗୁରୁତ୍ୱଦେଇ କମିଟି ପକ୍ଷରୁ କ୍ରୀଡା, ସାହିତ୍ୟ, କଳା, ସଂସ୍କୃତି ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି ଅବସରରେ ସୋମବାର ସନ୍ଧ୍ୟାରେ କେକେ ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର ସଂଗୀତ ପରିବେଷଣ କରିଥିଲେ । ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ନାନାବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨୦ ତାରିଖରେ ସାହିତ୍ୟ ପ୍ରେମୀଙ୍କୁ ଆକୃଷ୍ଟ କରିବା ପାଇଁ ଚତୁର୍ଦ୍ଦଶ ସାହିତ୍ୟ ସାରସ୍ୱତ ସମାରୋହ ପତିତପାବନ ସାହିତ୍ୟ ସଂସଦ କଣ୍ଢେଲ ଆନୁକୂଲ୍ୟରେ ଅନୁଷ୍ଠିତ ହେବ । ୨୧ ତାରିଖରେ କଟକ ଚାଉଳିଆଗଞ୍ଜର ପାୟଲ ଅର୍କେଷ୍ଟ୍ରା ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିବା କମିଟି ସୂତ୍ରରୁ ପ୍ରକାଶ । ଚଳିତ ବର୍ଷ ସାଂସ୍କୃତିକ ମଣ୍ଡପକୁ ସାମଲ ଲାଇଟ ସାଉଣ୍ଡ ପକ୍ଷରୁ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଛି । ଯାତ୍ରା ସଚ୍ଚିଦାନନ୍ଦରେ ଆଇଟମ ଗାର୍ଲ୍ସ ରାନୀ ପଣ୍ଡା ମୁଖ୍ୟଆକର୍ଷଣ ଥିବା କମିଟି ସୂତ୍ରରୁ ପ୍ରକାଶ ।

ରିଆମାଳ ବ୍ଲକ୍ ଅଧ୍ୟକ୍ଷାଙ୍କ ଚେତାବନୀ

### ମଙ୍ଗଳବାରଠାରୁ ବ୍ଲକ ଅଫିସରେ ତାଲା ପଡ଼ିବ

ରିଆମାଳ,୧୪।୧୦(ଡି.ଏନ୍.ଏ.)- ସୋମବାର ରିଆମାଳ ବ୍ଲକ ସଭାଗୃହରେ ଅଧକ୍ଷା ରୀତାଞ୍ଜଳୀ ହାତୀ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଗତ ୨୫।୨।୨୦୧୯ରେ ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଟପୋ ଚାକିରିରେ ପଦୋନ୍ନତି ପାଇ ଝାରସୁଗୁଡାକୁ ବଦଳିହେବା ପରେ ସ୍ଥାନୀୟ ତହସିଲଦାର ବିମଳା ବିରୁଲିଙ୍କୁ ଜିଲା ପ୍ରଶାସନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାୟିତ୍ୱରେ ରଖିଥିଲେ। ବ୍ଲକର ଉପଯୁକ୍ତ ଉନ୍ନତିମୂଳକ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରିପାରୁ ନ ଥିବାରୁ ଗତ ୨।୮।୨୦୧୯ ତାରିଖରେ ବ୍ଲକ ଅଧକ୍ଷା ହାତୀ ପଞ୍ଚାୟତରାଜ ବିଭାଗକୁ ଚିଠିଲେଖି ଅବଗତ କରିଥିଲେ। ପରେ ସମସ୍ତ ସରପଞ୍ଚ ସମିତିସଭ୍ୟ, ବ୍ଲକ ଅଧକ୍ଷା, ବ୍ଲକ ଉପାଧକ୍ଷ ଏ ବାବଦରେ ଜିଲାପାଳଙ୍କୁ ତା୧୧।୯।୨୦୧୯ରେ ବିମଳା ବିରୁଲିଙ୍କ ବିରୋଧରେ ଅବଗତ କରିଥିଲେ । କିନ୍ତୁ ଜିଲାପାଳ ଚୁପ୍ ରହିବା ପରେ ପୁନର୍ବାର ସମସ୍ତ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧକ୍ଷା, ବ୍ଲକ ଉପାଧକ୍ଷ ତା୧୯।୯।୨୦୧୯ରେ ସାକ୍ଷାତ କରିଥିଲେ । ସେହିମାସ ୨୮ ତାରିଖ ସୁଦ୍ଧା ଏହାର ସମାଧାନ କରାଯିବ ବୋଲି ଜିଲାପାଳ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏହାର ସମାଧାନ ଆଜି ପର୍ଯ୍ୟନ୍ତ ହେଲା ନାହିଁ ବୋଲି ଅଧକ୍ଷା ହାତୀ, ସମସ୍ତ ସରପଞ୍ଚ, ସମସ୍ତ ସମିତିସଭ୍ୟ ପ୍ରକାଶକରିଛନ୍ତି। ଅପରପକ୍ଷରେ ବର୍ତ୍ତମାନ ବ୍ଲକରେ ଏବିଡିଓ, ଜିପିଓ, ସହାକାରୀ ଯନ୍ତ୍ରୀ ପଦବୀଖାଲି ଥିବାରୁ ଉନ୍ନତିମୂଳକ କାର୍ଯ୍ୟରେ ବାଧା ହେଉଥିବା ମଧ ପ୍ରକାଶ କରିଥିଲେ । ଏନେଇ ମଙ୍ଗଳବାରଠାରୁ ବ୍ଲକ କାର୍ଯ୍ୟାଳୟରେ ତାଲା ପଡିବ ବୋଲି ଅଧକ୍ଷା ପ୍ରକାଶ କରିଥିଲେ ।

# ପରିବେଶ, ସ୍ୱାସ୍ଥ୍ୟକୁ ବିପଦ ଇ- ବର୍ଜ୍ୟବସ୍ତୁ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ (ଇ-ୱେଷ୍ଟ) ପରିବେଶ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କଲାଣି। ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ବହୁଳମାତ୍ରରେ ଇଲେକ୍ଟ୍ରୋନିକ ଉପକରଣର ବ୍ୟବହାର ବଢି ଚାଲିଛି। ଅକାମୀ ହୋଇଯାଉଥିବା ଇଲେକ୍ଟ୍ରୋନିକ ସାମଗ୍ରୀକୁ ମନଇଚ୍ଛା ଫୋପାଡ଼ି ଦିଆଯାଉଛି। କବାଡି ବାଲା ଏହାକୁ ସଂଗ୍ରହ କରି ଅତ୍ୟନ୍ତ ବିପଜ୍ଜନକ ଭାବେ ତରଳାଇ କିମ୍ବା ଭାଙ୍ଗି ଅଲଗା କରୁଛନ୍ତି। ଏହାର ଭୟାବହତା ପ୍ରତି ଅଣଦେଖା କରାଯାଉଛି। ବ୍ୟବହାରକାରୀମାନଙ୍କ ସଚେତନତା ଅଭାବ ସାଙ୍ଗକୁ ସରକାରୀ ସ୍ତରରେ ଏ ନେଇ କୌଣସି ନୀତି ନିର୍ଦ୍ଧାରଣ କରାଯାଇ ନ ଥିବାରୁ ଏହାର ଭୟଙ୍କର କୁ ପ୍ରଭାବ ଏବେ ସମଗ୍ର ପରିବେଶକୁ ବିପଦ ଆଡ଼କୁ ଟାଣି ନେଉଛି। ଇ- ବର୍ଜ୍ୟବସ୍ତୁକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ରାଜ୍ୟଗୁଡ଼ିକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ୨୦୦୭ରେ ଦେଶରେ ୩ ଲକ୍ଷ ୩୦ ହଜାର ମେଟ୍ରିକ ଟନ ଇ-ବର୍ଜ୍ୟବସ୍ତୁ ବାହାରୁ ଥିବାବେଳେ ୨୦୧୧ରେ ୪ ଲକ୍ଷ ୮୭ ହଜାର ୫୧୫, ୨୦୧୩ରେ ୫ଲକ୍ଷ ୮୯ ହଜାର, ୨୦୧୫ ରେ ୭ ଲକ୍ଷ ୧୩ ହଜାର, ୨୦୧୭ରେ ୮ ଲକ୍ଷ ୬୩ ହଜାର ଏବଂ ୨୦୧୯ରେ ୧୦ ଲକ୍ଷ ୪୫ ହଜାର ମେଟ୍ରିକ ଟନରେ ପହଞ୍ଚିଲାଣି। ୨୦୨୫ ବେଳକୁ ଏହା



■ ସଂଗ୍ରହ, ପୁନଃ ପ୍ରକ୍ରିୟାକରଣ ପାଇଁ ରାଜ୍ୟ ସରକାରଙ୍କୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

■ ୨୦୨୧ ସୁଦ୍ଧା ଓଡ଼ିଶାରେ ଗଦାହେବ ୨୦୫୦ ମେଟ୍ରିକ ଟନ ଇ-ୱେଷ୍ଟ

୧୮ ଲକ୍ଷ ୬୧ ହଜାର ମେଟ୍ରିକ ଟନରେ ପହଞ୍ଚିବ। ଦେଶରୁ ବାହାରୁଥିବା ବର୍ଜ୍ୟବସ୍ତୁ ମଧ୍ୟରୁ ମହାରାଷ୍ଟ୍ରରୁ ସର୍ବାଧିକ ୧୯.୮ ପ୍ରତିଶତ ଇ-ବର୍ଜ୍ୟବସ୍ତୁ ବାହାରୁଥିବାବେଳେ ତାମିଲନାଡୁରୁ ୧୩, ଆନ୍ଧ୍ର ପ୍ରଦେଶ ୧୨.୫, ଉତ୍ତର ପ୍ରଦେଶରୁ ୧୦ ପ୍ରତିଶତ ବର୍ଜ୍ୟବସ୍ତୁ ବାହାରୁଛି। ଓଡ଼ିଶାରେ ମଧ ଇ-ବର୍ଜ୍ୟବସ୍ତୁ ବିପଜ୍ଜନକ ପରିସ୍ଥିତିକୁ ଗତି କଲାଣି। ଏକ ଅଧ୍ୟୟନରୁ ଜଣାପଡିଛି ଯେ ରାଜ୍ୟରେ ୨୦୨୧ ସୁଦ୍ଧା ୨୦୫୦ ମେଟ୍ରିକ୍ ଟନ ବର୍ଜ୍ୟବସ୍ତୁ ଗଦା ହେବ। ବର୍ଜ୍ୟବସ୍ତୁଗୁଡ଼ିକୁ ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଘାତକ ହୋଇଛି। ଏଥିରେ ଆରସେନିକ, କାଡିମମ୍, କ୍ରୋମିୟମ, କାର୍ବନ,ଏସିଡି, ହେବିମେଟାଲ ଭଳି ମାରାତ୍ମକ ପଦାର୍ଥ ରହିଛି। ଏହାଦ୍ୱାରା ଉଭୟ ମାଟି ଓ ଭୂଗର୍ଭ ଜଳ ପ୍ରଦୂଷଣ ହେଉଛି। ନଦୀ ନାଳରେ ଏହି ପଦାର୍ଥ ମିଶିବା ଦ୍ୱାରା ଜୀବଜନ୍ତୁ ଓ ମାନବ ସ୍ୱାସ୍ଥ୍ୟ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରୁଛି । ଏପରି କି ଏଥିଯୋଗୁ ମାନବର ଡିଏନଏ ନଷ୍ଟ ହେବା ସହ ମସ୍ତିଷ୍କ, ଖାଦ୍ୟ ନଳୀ ସଂକ୍ରମଣ ହେବା ସହ ମାରାତ୍ମକ କର୍କଟ ରୋଗ ହେବାର ଆଶଙ୍କା ରହିଛି। ଇ-ବର୍ଜ୍ୟବସ୍ତୁ ପରିଚାଳନା ଉପଯୁକ୍ତ ଢଙ୍ଗରେ ହେଉ ନ ଥିବାରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଇ-ବର୍ଜ୍ୟବସ୍ତୁଗୁଡ଼ିକର ସଂଗ୍ରହ ଓ ସେଗୁଡ଼ିକର ସୁରକ୍ଷିତ ପ୍ରକ୍ରିୟାକରଣ ନେଇ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ ଏ ନେଇ ଏକ ଗାଇଡଲାଇନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପ୍ରଦାନ କରିଛି। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ ଇ-ବର୍ଜ୍ୟବସ୍ତୁଗୁଡ଼ିକୁ ସଂଗ୍ରହ ଓ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସେପରି କୌଣସି ପଦକ୍ଷେପ ନିଆଯାଇ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ମାତ୍ର ୪ଟି ସଂସ୍ଥା ଇ- ବର୍ଜ୍ୟବସ୍ତୁ ସଂଗ୍ରହ କରିବାକୁ ଅନୁମତି ପାଇଛନ୍ତି। ୩ଟି ଭୁବନେଶ୍ୱରରେ ଥିବାବେଳେ ଅନ୍ୟଟି ରାଉରକେଲାରେ ରହିଛି। ଏହା ବ୍ୟତୀତ ରାଜ୍ୟର ବଡ଼ବଡ଼ ସହରରେ ଇ- ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଇ- ବର୍ଜ୍ୟବସ୍ତୁର ଭୟାବହତାକୁ ନେଇ ସେଣ୍ଟର ଫର ପଲିସି, ଗଭର୍ନାନ୍ସ ଆଣ୍ଡ ଆଡଭୋକେସି(ସିପିଜିଏ) ପକ୍ଷରୁ ଏଠାରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲସ୍ ଆଣ୍ଡ ମ୍ୟାଟେରିଆଲ ଟେକ୍ନୋଲୋଜି (ଆଇଏମଏମଟି)ର ବରିଷ୍ଠ ବୈଜ୍ଞାନିକ ମମତା ମହାପାତ୍ର କହିଛନ୍ତି ଯେ ଇ-ବର୍ଜ୍ୟବସ୍ତୁରେ ବହୁ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି। ଏହାକୁ ଠିକ ଢଙ୍ଗରେ ପରିଚାଳନା କରା ନ ଗଲେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ। ଏଥିପାଇଁ ଜନସଚେତନା ସହ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି। ସିପିଜିଏର ଅଧକ୍ଷ ତେଜେଶ୍ୱର ପରିଡା କହିଛନ୍ତି ଯେ ଇ-ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ଗଠନମୂଳକ ଓ ବୈଜ୍ଞାନିକ ପଦ୍ଧତିର ଆବଶ୍ୟକତା ରହିଛି।

ରେଢ଼ାଖୋଲରେ ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି

## ଚିରାଚରିତ ଶୁଣାଣି ହେଲା, ଜିଲାପାଳ ଆସିଲେନି



ରେଢାଖୋଲ ବ୍ଲକ ସଭା ଗୃହରେ ଜିଲାପାଳଙ୍କ ଅନୁପସ୍ଥିତିରେ ଜନ ଶୁଣାଣି ଚାଲିଛି।

ରେଢାଖୋଲ,୧୪।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ରେଢାଖୋଲ ବ୍ଲକ ସଭାଗୃହଠାରେ ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହେଲେ କାର୍ଯ୍ୟକ୍ରମକୁ ଜିଲାପାଳ ଶୁଭମ୍ ସକ୍‌ସେନା ଆସି ନ ଥିଲେ। ସମ୍ବଲପୁର ଏସ୍‌ପି ଡ. କନୱର ବିଶାଲ ସିଂ, ରେଢାଖୋଲ ଡିଏଫଓ ସଂଗ୍ରାମ କେଶରୀ ବେହେରା, ଏ.ଡି. ଏମ ଲିଙ୍ଗରାଜ ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ବିଶିକେସନ ଦେହୁରୀ, ବିଡିଓ ପରିକ୍ଷିତ ସାହୁ, ତହସିଲଦାର ରୁବି ବେହେରା, ଏସ୍‌ଡିଏମ୍‌ଓ ଡା.ବିପିନ ବିହାରୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଚିରାଚରିତ ଢଙ୍ଗରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ସମୁଦାୟ ୧୩୩ଟି ଅଭିଯୋଗରୁ ୭ଟି ଗୋଷ୍ଠୀଗତ ଓ ୧୨୬ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅବସରରେ ୬୮ ଜଣଙ୍କୁ ଭତ୍ତା, ୬ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର, ଜଣଙ୍କୁ ତିନିଚକିଆ ସାଇକେଲ ଓ ୧୪ ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୬ ଜଣ ଭିନ୍ନକ୍ଷମଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଓଡିଶା ଜୀବିକା ମିଶନ, ଉଠାଜଳସେଚନ, କୃଷି, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ ଆଦି ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଉପରେ ସଚେତନ ପାଇଁ ସ୍ୱତନ୍ତ୍ର ଷ୍ଟଲ ଖୋଲା ଯାଇଥିଲା। ହେଲେ ପୂର୍ବରୁ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଆସିଥିବା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏଣୁ ଆଉ କାହିଁକି ଅଭିଯୋଗ କରିବେ ବୋଲି ଅଭିଯୋଗକାରୀ କହିଥିଲେ। ଅନ୍ୟପକ୍ଷେ ଏହି ଅଭିଯୋଗ ଶୁଣାଣି ପାଇଁ ରବିବାର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ରେଢାଖୋଲ ସହର ସମେତ ଗ୍ରାମାଞ୍ଚଳରେ ବ୍ୟାପକ ପ୍ରଚାର କରାଯାଇଥିଲା। ହେଲେ ଜିଲାପାଳଙ୍କ ଅନୁପସ୍ଥିତି ବହୁ ଆଡମ୍ବରରେ ଲଘୁକ୍ରୀୟା ଭଳି ହୋଇଥିଲା।

## କଣ୍ଢେଲ ଲକ୍ଷ୍ମୀପୂଜା କପ ଫୁଟବଲ ଟୁର୍ନାମେଣ୍ଟ

ବାରକୋଟ, ୧୪।୧୦ (ଡି.ଏନ.ଏ)

ଦେବଗଡ ଜିଲାରେ ପ୍ରସିଦ୍ଧ ଲାଭ କରିଥିବା କଣ୍ଢେଲ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଅବସରରେ ଅଗ୍ରଗତି ସଂଘ କଣ୍ଢେଲ ଆନୁକୂଲ୍ୟରେ ଲକ୍ଷ୍ମୀପୂଜା କପ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। କଣ୍ଢେଲ ସରପଞ୍ଚ ବିରଞ୍ଚି ବେହେରା ଖେଳକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ ବାବା କ୍ଲବ କଳାକାଠ ଏବଂ ପଞ୍ଚାୟତ ଆଥେଲେଟିକ ଟିମ ବାହାଡାପଶି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ଗୋଲରେ ବରାବର ରହିଥିଲା। ଶେଷରେ ବାବା କ୍ଲବ କଳାକାଠ ଟାଇବ୍ରେକର ଜରିଆରେ ଦ୍ୱିତୀୟ ରାଉଣ୍ଡକୁ ପ୍ରବେଶ କରିଥିଲେ। ଖେଳ ପରିଚାଳନା ସରୋଜ ଗଡନାୟକ, ପ୍ରଦୀପ ସାହୁ, ଲିଙ୍କନ ସାହୁ, ଡ. ବେହେରା କରିଥିଲେ। ନଅଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ନୃତ୍ୟ ପ୍ରତିଯୋଗିତା ସହ ଦଶହରା ଖେଳ

ଦେବଗଡ଼,୧୪।୧୦(ଡି.ଏନ.ଏ)

ଦେବଗଡ ସହରର ରଜାମୁଣ୍ଡାରେ ଦଶହରା ଖେଳ ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ମ୍ୟୁଜିକ ଚେୟାର, ଝୋଟି, ବସ୍ତାଡିଆ, ଅନ୍ଧପୁଟିଲି, ଦୌଡ, ବାଟି ଚାମୁଚ ଏପରି ଅନେକ ଖେଳ ହେଇଥିଲା। ତୃତୀୟ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ମଧୁସ୍ମିତା ସାହୁ, ଦ୍ୱିତୀୟ ଉର୍ମିଳା ପାତ୍ର ଏବଂ ପଦ୍ମ ପ୍ରିୟଂସ୍ ଖୁଣ୍ଟିଆ ତୃତୀୟ ସ୍ଥାନ ଅଧିକାର




କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ କ୍ଲବର କର୍ମକର୍ତ୍ତା ।

କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଥମ ପୁରସ୍କାର ନଗଦ ୩୩୩୩, ଦ୍ୱିତୀୟ ୨୨୨୨ ଏବଂ ତୃତୀୟ ୧୧୧୧ ଟଙ୍କା ଦିଆଯାଇଥିଲା । କ୍ଲବର ପୂର୍ବତନ ସଦସ୍ୟମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନୀ ଅତିଥି ଭାବେ ଜିଲା ଭାଜପା ସାଧାରଣ ସମ୍ପାଦକ ଭାରତ ଭୂଷଣ ପ୍ରଧାନ ଯୋଗ ଦେଇଥିଲେ। ବିଚାରକ ଭାବେ ନିର୍ଦ୍ଦେଶକ ପ୍ରେମାନନ୍ଦ ମାଝି, ସ୍ମାଇଲ ଏଲ୍.ଏମ୍. ଜିତୁ, ଆଲବମ୍ ଅଭିନେତ୍ରୀ, ଅଭିନେତା ଲିଙ୍କନ ଆଣ୍ଡ ଅଙ୍କିତା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘୋଷକ ଭାବେ ପ୍ରୀତମ ବେହେରା ମଞ୍ଚ ପରିଚାଳନା କରିଥିଲେ । କ୍ଲବ ସଭାପତି ସୁଧୀର ବ୍ରହ୍ମା, ଉପ ସଭାପତି ରାଜୁ ଆଚାର୍ଯ୍ୟ, ସମ୍ପାଦକ ମନୋଜ ମହାପାତ୍ର, କୋଷାଧ୍ୟକ୍ଷ ଅଜିତ ନନ୍ଦ, ଚିତ୍ତରଞ୍ଜନ ନନ୍ଦ, ରଞ୍ଜନ ସାମଲ, ଭାରତ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ରେଢାଖୋଲ,୧୪।୧୦(ଡି.ଏନ.ଏ.)

ରେଢାଖୋଲ ବ୍ଲକ ଓ ଏନ୍‌ଏସି ବିଜୁ ଯୁବ ବାହିନୀ ପକ୍ଷରୁ ସୋମବାର ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ସ୍ଥାନୀୟ ଏନଏସି କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଭୀମ ଭୋଇ ଛକରେ ପହଞ୍ଚି ଥିଲେ। ୫୫ନଂ ଜାତୀୟ ରାଜପଥରେ ଯାତାୟତ କରୁଥିବା ବାଇକ୍ ଆରୋହୀଙ୍କୁ ହେଲମେଟ ପନ୍ଧିବା, ଗାଡିର କାଗଜପତ୍ର, ଡିଏଲ୍ ଆଦି ରଖିବା ଉପରେ ସଚେତନ କରିଥିଲେ। ସେହିଭଳି ୪ ଚକିଆ ଯାନ ଚଳାଉଥିବା ବ୍ୟକ୍ତିଙ୍କୁ ସିଟ୍ ବେଲ୍‌ଟ ପିନ୍ଧିବା ପାଇଁ ସଚେତନ କରିଥିଲେ। ବିଜୁ ଯୁବ ବାହିନୀର ଏନଏସି ସଂଯୋଜକ ଭାଗୀରଥି ପ୍ରଧାନ, ବ୍ଲକ ସଂଯୋଜକ ଭକ୍ତବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ




ରେଢାଖୋଲରେ ସୋମବାର ବିଜୁ ଯୁବ ବାହିନୀ ପକ୍ଷରୁ ଗାଡି ଚାଳକଙ୍କୁ ସତର୍କ ଓ ସଚେତନ କରିବାକୁ ଶୋଭାଯାତ୍ରା ବାହାରିଛି ।

ହୋଇଥିଲା। ଏନଏସି ଉପାଧକ୍ଷ ସୁନୀଲ କୁମାର ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜୁ ଯୁବ ବାହିନୀର ଅଶୋକ ସ୍ୱାଇଁ, ଜୟଦେବ ପୃଷ୍ଠେଠ, ଅକ୍ଷୟ ଦେହୁରୀ, ରିନୀ ପ୍ରଧାନ, ବନିତା ଗିରି, ସଂହାର କେସରୀ ଭଞ୍ଜ, କୈଳାଶ ସ୍ୱାଇଁ, ଉଦୟ ଦେହୁରୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଦିବାରାତ୍ର ଫୁଟବଲ: ଜାମୁଝରୀ ଚାମ୍ପିୟନ

ଦେବଗଡ଼,୧୪।୧୦(ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ ଅଧିନ ନଳବନ୍ଧ ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହୋଇଥିବା ଦ୍ୱିଦିବସୀୟ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମେଞ୍ଚାରୀବାହାଲ ଫୁଟବଲ ଟିମକୁ ୩-୨ ଗୋଲରେ ପରାସ୍ତ କରି ଜାମୁଝରୀ ଫୁଟବଲ ଟିମ ଚାମ୍ପିୟନ ହୋଇଥିଲା । ଫାଇନାଲ ମ୍ୟାଚକୁ ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ସେଠ, ସନ୍ୟାସୀ ମୁଣ୍ଡା ଓ ପ୍ରଦୀପ ପ୍ରଧାନ ପରିଚାଳନା କରିଥିଲେ। ତୁଷାରକାନ୍ତ ଧଳ, ଟିକେଶ୍ୱର ସାହୁ , ବିଜୟାନନ୍ଦ ବେହେରା ଓ ବିକାଶ ଚନ୍ଦ୍ର ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ । ଗୋପବନ୍ଧୁ କ୍ଲବର ସଭାପତି ସୁବ୍ରତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାମଣ୍ଡା ରାଜକୁମାର ନମନ ଗଙ୍ଗଦେବ, ସମ୍ମାନିତ ଅତିଥିଭାବେ ସମ୍ବଲପୁର ଏମପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚାମ୍ପିୟନ ଜାମୁଝରୀ ଫୁଟବଲ ଟିମକୁ ରନିଂ ଟ୍ରଫିସହ ନଗଦ ୯୦୦୧ ଟଙ୍କା ଓ ରନର୍ସ ଅପ୍ ମେଞ୍ଚାରିବାହାଲ ଫୁଟବଲ ଟିମକୁ ୭୦୦୧ ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ଏଥିସହ ବେଷ୍ଟ ପ୍ଲେୟାର ଭାବେ ପ୍ରକାଶ ତରାଇ,ବେଷ୍ଟ ଗୋଲକିପର ହୃଦାନନ୍ଦ ସାହୁ, ଶୃଙ୍ଖଳିତ ଦଳ ସୁନାମୁଣ୍ଡା ଫୁଟବଲ ଟିମ, ବେଷ୍ଟ ପେନାଲଟୀ ସେଭର ଗଣେଶ୍ୱର ସାହୁ, ଶ୍ରେଷ୍ଠ ଯୁବଦର୍ଶକ ଅମିତ ଦେହୁରୀ, ଶ୍ରେଷ୍ଠ ବୟସ୍କ ଦର୍ଶକଭାବେ ଡିଲେଶ୍ୱର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ ଟିକେଶ୍ୱର ସାହୁ, ବିଜୟାନନ୍ଦ ବେହେରା, ତପନ ବେହେରା, ବିରେନ ବେହେରା ଓ ସୁବ୍ରତ ସାହୁ ,ଲିପୁନ ସାହୁ, ସୁବ୍‌ରତ ସାହୁ, ପବିତ୍ର କିସାନ ଓ ପ୍ରଶାନ୍ତ ବେହେରା ସହଯୋଗ କରିଥିଲେ ।

ଜିଲାପାଳଙ୍କ ଭିଡିଓ କନଫରେନ୍ସିଂ

## ସ୍ୱଚ୍ଛ,ସୁସ୍ଥ,ସୁନ୍ଦର ଦେବଗଡ଼ ଅଭିଯାନ ଉପରେ ଗୁରୁତ୍ୱ

ଦେବଗଡ଼,୧୪।୧୦(ଡି.ଏନ୍.ଏ.)

ସ୍ୱଚ୍ଛ,ସୁସ୍ଥ ଓ ସୁନ୍ଦର ଦେବଗଡ଼ ଅଭିଯାନ ପ୍ରତିମାସର ତୃତୀୟ ରବିବାର ଦିନ ଜିଲାସାରା ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାପାଇଁ ସୋମବାର ଜିଲାପାଳ ସୁଧାଂଶୁ ମୋହନ ସାମଲ ସ୍ଥାନୀୟ ଓସ୍ୱାନ ହଲରେ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ବିଡିଓ, ସରପଞ୍ଚ ଏବଂ ପଞ୍ଚାୟତସ୍ତରୀୟ ନୋଡାଲ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଅବସରରେ ଜିଲାପାଳ ସାମଲ ‘ମୋ ଗାଁର ସ୍ୱଚ୍ଛତା ମୋ ଦାୟିତ୍ୱ ଓ କର୍ତ୍ତବ୍ୟ’ ମନୋଭାବନେଇ ଗାଁର ପ୍ରତି ପରିବାରରୁ ଜଣେ ସଦସ୍ୟ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ଆସନ୍ତା ୨୦ ତାରିଖ ରବିବାର ଦିନ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି ସାମାଜିକ




ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଭିଡିଓ କନଫରେନ୍ସିଂ ।

ଅନୁଷ୍ଠାନ, କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସରକାରୀ କର୍ମଚାରୀମାନେ ଭାଗନେବେ । ସେମାନେ ନିଜ ଅଞ୍ଚଳରେ ଥିବା ମନ୍ଦିର,ଶିକ୍ଷାନୁଷ୍ଠାନ, କ୍ଲବଘର, କୋଠଘର, ପୋଖରୀ, ଗାଡିଆ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତାଘାଟ, ଖେଳପଡିଆ ଏବଂ ବଜାର ପ୍ରାଙ୍ଗଣରେ ସଫେଇ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ପ୍ରତି ଗାଁରେ ଗ୍ରାମ୍ୟ କମିଟି ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତିଯୋଗିତା ମୂଳକ ମନୋଭାବ ନେଇ ଗ୍ରାମବାସୀ ଏଥିରେ ଭାଗନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଯେଉଁ ଗାଁରେ ଅଧିକରୁ ଅଧିକ ଲୋକଙ୍କ ଯୋଗଦାନ ରହିବ ଏବଂ ଉକ୍ତ କାର୍ଯ୍ୟକ୍ରମ ସଫଳ ହେବ ସେହି ଗାଁ କମିଟିକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ । ପୌରାଞ୍ଚଳରେ ଏହି କାର୍ଯ୍ୟକ୍ରମ ପାଇଁ ଅନୁରୂପ ଭାବେ ୱାର୍ଡ କମିଟି ଗଠନ କରି ଦାୟିତ୍ୱ ପ୍ରଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ ।

ଭିଡିଓ କନଫରେନ୍ସିଂରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଉପ-ଜିଲାପାଳ ବ୍ରଜବନ୍ଧୁ ଭୋଇ, ପୌରାଞ୍ଚଳ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ଡେପୁଟି କଲେକ୍ଟର ସିପ୍ରା ସେଠୀ, ଗୀତାଞ୍ଜଳି ବେହେରା, ସହକାରୀ କଲେକ୍ଟର ସୁଶାନ୍ତ ନାୟକ, କୈବଲ୍ୟ କର, ଲୀଳାବତୀ ନାୟକ ଏବଂ ଯଶୋବନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଅସ୍ଥାୟୀ ପୂଜା କାର୍ଯ୍ୟାଳୟ ଉଦ୍‌ଘାଟିତ

ଦେବଗଡ଼,୧୪।୧୦(ଡି.ଏନ.ଏ.)

ସହରର କାରଗିଲ ଛକରେ ଧନଲକ୍ଷ୍ମୀ ପୂଜା ପାଇଁ ଶିଶୁ ଉଦ୍ୟାନ ପାଖରେ ଅସ୍ଥାୟୀ ପୂଜା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ କାରଗିଲ୍ ବଏଜ୍ ପକ୍ଷରୁ ସଭାପତି ସୁବ୍ରତ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସଞ୍ଜିବ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଅସ୍ଥାୟୀ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ କାଉନସିଲର୍ ଇଂ.ସୁଜିତ ପ୍ରଧାନ, ଟିକି ପାତ୍ର, କ୍ଷୀରୋଦ ବେହେରା, ଇଂ.ସୁମନ୍ତ ଦ୍ୱିବେଦୀ, ରଶ୍ମୀ ରଞ୍ଜନ ବରେଇ, ସରୋଜ ପାଢୀ ଉପସ୍ଥିତ ରହିଥିଲେ ।



"ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ମାହେଶ୍ୱରୀ ଦେବୀଙ୍କ ମହାଖଳାପୂଜା

ଜହ୍ନାପଙ୍କ, ୧୪।୧୦ (ଡି.ଏନ.ଏ): ବୌଦ୍ଧ ଜିଲା ମୁଣ୍ଡିପଦର ପଞ୍ଚାୟତ ଅନ୍ତର୍ଗତ ବଲାକିରା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମହାଖଳାପୂଜା ଓ କୁମାର ପୂର୍ଣ୍ଣିମା ଯାତ୍ରା ରବିବାର ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ବାହାରି ବଲାକିରା ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ପରେ ପୂଜକ ହରିଶଙ୍କର ଦେହୁରୀ ସପରିବାର ମାହେଶ୍ୱରୀଙ୍କୁ ୧୦୦୮ ବେଲପତ୍ର, ଫୁଲ, ଦହି, କ୍ଷୀର ଦେଇ ମହାସ୍ନାନ ସହିତ ପୂଜାର୍ଚ୍ଚନା କରିଥିଲେ। ଶୋଭାଯାତ୍ରା ତଥା ଅନ୍ୟ କାର୍ଯ୍ୟକ୍ରମରେ ବଲାକିରା ଆଞ୍ଚଳିକ ଡୁମ୍ବାଳ ସମାଜ ସଭାପତି ସୁଧୀର କର୍ଣ୍ଣ, ରାଜ୍ୟ ସହ ସମ୍ପାଦକ ଶମ୍ଭୁ ଗିରି, କେନ୍ଦ୍ର ସମ୍ପାଦକ ଦାଶରଥି ମହାକୁଳ, ଭୀମ କ୍ଷେତିଙ୍କ ସମେତ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ । ରାତିରେ ମହିଳା ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା ।

### ଭେଡେନରେ ଦଶରାପୁନି ବଏଲଯାତ୍ରା ଉଦ୍‌ଯାପିତ

ଭେଡ଼େନ, ୧୪।୧୦(ଡ଼ି.ଏନ.ଏ): ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶକ୍ତିପୀଠରେ ଦଶରାପୁନି ବଏଲ ଯାତ୍ରା ସୋମବାର ଉଦଯାପିତ ହୋଇଛି। ରେମଣ୍ଡା ସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ରବିବାର ମାଁଙ୍କର ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତ୍ରିରେ ବରଣ କାର୍ଯ୍ୟକ୍ରମ ହୋଇଥିଲା। ସୋମବାର ସକାଳୁ ଲାଲ ମନ୍ଦାର ଫୁଲ, ସିନ୍ଦୁର ସହ ଦୁଲଦୁଲି ବାଜାର ଭରନି ପାରରେ ଭୀମାଦେବୀଙ୍କ ବରୁଆ ମଡ଼ାଯାଇଥିଲା। ବରୁଆ ମନ୍ଦିର ପାହାଚରେ ପହଞ୍ଚିଲା ପରେ ମେହେର ସେବାକାରୀମାନେ ଗରିଆ ଗଡୁରେ ଗୋରସ ଢ଼ାଳି ଦେବୀଙ୍କୁ ସ୍ୱାଗତ କରିଥିଲେ । ମଝି ପାହାଚରେ ବରୁଆ ପହଞ୍ଚିବା ପରେ ପାତ୍ର ସେବାକାରୀ ମାଲଶ୍ରୀ ଗାନ କରିଥିଲେ । ବରୁଆ ପ୍ରଥମେ ଗୌନ୍ତିଆ ଘରକୁ ଯିବା ପରେ ଗ୍ରାମ ପରିକ୍ରମା କରିଥିଲେ। ଅପରାହ୍ନରେ ମନ୍ଦିର ପ୍ରାଙ୍ଗଣରେ ଚାଚେରୀ ଖେଳ ହୋଇଥିଲା। ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଭେଡ଼େନ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ସେପରି ତାଲଗାଁ, ତାଲମେଣ୍ଡା, ସାଲନା, ଥୁଆପାଲି, ଭେଡ଼େନ, ବୁର୍ଦ୍ଦା, ରେଶମ, ସିଂହେନପାଲି, ସମଲେଇ ମନ୍ଦିରରେ ପୁନିଯାତ୍ରା ପାଳିତ ହୋଇଛି।



ବିଜେପୁର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥିନୀ ରୀତା ସାହୁ ପ୍ରଚାର କରୁଛନ୍ତି ।



ଭାଜପା ପ୍ରାର୍ଥୀଙ୍କ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରଚାର କରୁଛନ୍ତି ।

# ଘର ଘର ବୁଲି ଭୋଟ୍ ମାଗୁଛନ୍ତି ନେତା

**ବିଜେପୁର ଉପନିର୍ବାଚନ**

ବରଗଡ଼ ଅଫିସ୍/ଗାଇସିଲେଟ୍/ବିଜେପୁର,୧୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନକୁ ନେଇ ପ୍ରଚାର ଜୋର ଧରିଛି। ସୋମବାର ବରପାଲି ଏନଏସି ୱାର୍ଡ଼ ନଂ–୩ରେ ସ୍ଥାନୀୟ ବିହାରୀ ସମାଜକୁ ନେଇ ଏକ ନିର୍ବାଚନୀ ସଭା ହୋଇଥିଲା । ଏଥିରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନାକ କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କୁ ଭୋଟ୍ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ଯୁବନେତା ପ୍ରଦ୍ୟୁମ୍ନ ତ୍ରିପାଠୀ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗାଇସିଲେଟ ବ୍ଲକରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପ୍ରଭାତ ବିଶ୍ୱାଳ, ପ୍ରଫୁଲ୍ଲ ସାମଲ ପ୍ରମୁଖ ରୀତାଙ୍କ ପାଇଁ ପ୍ରଚାର କରିଥିଲେ । ଏହା ସହିତ ମନ୍ତ୍ରୀ ଟୁକୁନୀ ସାହୁ, ପୂର୍ବତନ ବିଧାୟକ ସାଧୁ ନେପାକ ପ୍ରମୁଖ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ସହିତ ପ୍ରଚାର କରିଥିଲେ। ଅନ୍ୟପଟେ ଗାଇସିଲେଟ ବ୍ଲକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ ଭାଜପା ପ୍ରାର୍ଥୀ ସନତ ଗଡ଼ତିଆଙ୍କ ପାଇଁ ପ୍ରଚାର କରିଥିଲେ। ଗମାଙ୍ଗ କେର୍ମେଲି, ମଲମୁଣ୍ଡା, ଗନିଆପାଲି, ଚାଣ୍ଟିପାଲି ଆଦି ଗ୍ରାମରେ ପ୍ରଚାର କରିଥିବାବେଳେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ମଣ୍ଡଳ ସଭାପତି ପୂର୍ଣ୍ଣାନନ୍ଦ ଠାକୁର, ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ ମଧ୍ୟ ଉକ୍ତ ବ୍ଲକର ବିଭିନ୍ନ ଗ୍ରାମରେ ସନତଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ଜାରିଂ, ଲେମଧର, ପୂର୍ଣ୍ଣା, ଭୈରୋପୁର, ବୁଡ଼ାପାଲି, ପିପିଲିପାଲି, ସର୍ଗିପାଲି, ଜାଲପାଲି, ସୁରୁବାଲି, ସମଲାଇପଦର, ବିଲେଇପାଲି ଆଦି ଅଞ୍ଚଳରେ ପ୍ରଚାର କରିଥିଲେ । ଧିରେନ ଭୋଇ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା ପ୍ରମଉଖ ତାଙ୍କ ସହିତ ଥିଲେ । ସେହିପରି କଂଗ୍ରେସ ନେତା ପ୍ରଦୀପ ଦେବତା, ଅବଦୁଲ ଗଫାର ମଧ୍ୟ ବିଜେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଦିଲୀପଙ୍କ ପାଇଁ ପ୍ରଚାର କରିଥିଲେ। ଅନ୍ୟପଟେ ବିଜେପୁର ବ୍ଲକର ଭଟିଗାଁ, ବାଦିପାଲି, ମୁଣ୍ଡୋମହୁଲ, ସାନବାଉଶେନ ଆଦି ଗ୍ରାମରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଦଳୀୟ ପ୍ରାର୍ଥୀ ସନତଙ୍କ ପାଇଁ ପ୍ରଚାର କରିଥିଲେ । ଏହି ବ୍ଲକର ବଡ଼ବ୍ରାହ୍ମଣୀରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମନ୍ତ୍ରୀ ଅରୁଣ ସାହୁ, ସୁଶାନ୍ତ ସିଂ, ଦିବ୍ୟଶଙ୍କର ମିଶ୍ର, ମଙ୍ଗଳା କିଶାନ, ବ୍ୟୋମକେଶ ରାୟ ପ୍ରମୁଖ ଉପସ୍ଥିତ ରହି ଦଳୀୟ ପ୍ରାର୍ଥିନୀ ରୀତାଙ୍କ ପାଇଁ ପ୍ରଚାର କରିବା ସହିତ ବିଜେଡ଼ି ସପକ୍ଷରେ ଭୋଟ୍ ଦେବା ପାଇଁ ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ ।

### ଖୁଣ୍ଟିଗୋରାରେ ବରୁଳ ଯାତ୍ରା ସମ୍ପନ୍ନ

ଘଣ୍ଟାପଡା, ୧୪।୧୦ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଖୁଣ୍ଟିଗୋରାରେ ରବିବାର ବରୁଳ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଥମେ ବରୁଳ ଦେବତାଙ୍କୁ ମୁଖ୍ୟ ଦେବତା ଭାବେ ପୂଜା କରାଯିବା ପରେ ଭୀମ, ଶୁଳିଆ, ଦଶମତି, ସିକେରପାଟ, ପୋଡାପାଟ, ପେଞ୍ଜିପାଟ, ପାଟଖଣ୍ଡା, ସୁନାଦେଇ, ଧନଦେଇ, ମନଦେଇ, ଟିର୍ଣ୍ଣିଦେଇ, ଡିମୁଲ, ଭୁଆସେନ ଆଦି ଦେବାଦେବୀଙ୍କୁ ପୂଜା କରାଯାଇଥିଲା । ଠାକୁରଙ୍କୁ ପୂଜା ପାଇଁ ଲିଆ, ମୁଆଁ, ନଡିଆ, ଅରୁଆ ଚାଉଳ ଆଦି ଭୋଗ ଲଗାଯାଇଥିଲା। ମାନସିକଧାରୀ ଭକ୍ତମାନେ ଭୋଗ ଭାବେ ବୋଦା, କୁକୁଡା, ପୋଢ଼ ଆଦି ବଳି ଦେଇଥିଲେ । ଜୟ ଭୋଇ, ଦିର୍ବ ଭୋଇ, ଦୁଃଶାସନ ଭୋଇ, ଶ୍ରୀପତି କବାଟ ଓ ଭୁତୁଲୁ କାସଲେ ପ୍ରମୁଖ ବରୁଆଙ୍କ ଦେହରେ ବିଭିନ୍ନ ଦେବାଦେବୀ ସବାର ହୋଇଥିଲେ। ପୂଜା ଶେଷ ହେବାପରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଯାତ୍ରା ସମାପ୍ତ ହେବାର ସାତ ଦିନ ପରେ ବରୁଳ ଦେବତାଙ୍କ ଭୁଆସେନଙ୍କୁ ପାରା ଏବଂ ଧଳା କିମ୍ବା କଳା ରଙ୍ଗର ପେଠୀ (ମାଈ ଛେଳି) ବଳି ଦେବାର ପ୍ରଥା ରହିଛି । ସେହିପରି ମସିଣାଗୋରା ବରୁଳ ପୀଠରେ ମଧ୍ୟ ଉକ୍ତ ଯାତ୍ରା ପାଳିତ ହୋଇଯାଇଛି । ପୂଜକ ଅଇବନ ଭୋଇ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଦଇତାରି ଷାଣ୍ଡ, ହେମନ୍ତ କାଲସେ ଓ ଯଦୁ ଭୋଇ ବରୁଆ ଥିଲେ । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦଣ୍ଡନୃତ୍ୟ ଆୟୋଜନ କରାଯାଇଥିଲା ।

■ ଓକିଲଙ୍କ ଆନ୍ଦୋଳନ ସ୍ଥଗିତ

# ଆଜିଠୁ ଖୋଲିବ ସରକାରୀ ଅଫିସ୍

ବରଗଡ଼ ଅଫିସ୍,୧୪।୧୦

ପଶ୍ଚିମଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ନେଇ ବରଗଡ଼ ଜିଲା ଓକିଲ ସଂଘ ଅର୍ଥନୈତିକ ଅବରୋଧ ସହିତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇ ଆସିଥିଲା । ଏହି ପରିପ୍ରେକ୍ଷୀରେ ସୋମବାର ସଂଘ କାର୍ଯ୍ୟାଳୟରେ ସଭାପତି ବେଲାଲସେନ ସରାଫଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି କ୍ରମେ ସଂଘ ଅର୍ଥନୈତିକ ଅବରୋଧ ଓ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖିଛି । ଫଳରେ ମଙ୍ଗଳବାରଠାରୁ ସ୍ଥାନୀୟ ସରକାରୀ ଅଫିସ ଗୁଡ଼ିକ ଖୋଲା ରହିବ । ସେହିପରି ବୁଧବାରଠାରୁ ଓକିଲମାନେ ମଧ୍ୟ କାର୍ଯ୍ୟରେ ଯୋଗଦେବେ ଏବଂ ସମସ୍ତ ଅଦାଲତ ଖୋଲା ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଦୃଷ୍ଟିରୁ ବୁଧବାର ଜିଲାରେ କୋର୍ଟ କାର୍ଯ୍ୟ ମଧ୍ୟ ସ୍ୱାଭାବିକ ଭାବେ ଚାଲିବ । ବୈଠକରେ ସଂଘ ଉପସଭାପତି ସରୋଜ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ମଞ୍ଚାସୀନ ଥିବାବେଳେ ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଜିଲା ଓକିଲ ସଂଘର ନିଷ୍ପତ୍ତି ଅନୁଯାୟୀ, ଗତ ମାସ ୨୪ ତାରିଖରୁ ଏଠାରେ ଅର୍ଥନୈତିକ ଅବରୋଧ ଚାଲିଥିବାବେଳେ ପରବର୍ତ୍ତୀ ସମୟରେ ପିକେଟିଂ କରି କୋର୍ଟ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅଫିସକୁ ମଧ୍ୟ ଅଚଳ କରି ଦିଆଯାଇଥିଲା ।



ବୈଠକରେ ମଞ୍ଚାସୀନ ଓକିଲ ସଂଘର କର୍ମକର୍ତ୍ତାବୃନ୍ଦ ।

### ଗଞ୍ଜେଇ ଜବତ, ୨ ଗିରଫ

ବରଗଡ଼ ଅଫିସ୍,୧୪।୧୦

ଅମ୍ବାଭୋନା ଥାନା ପୋଲିସ ଗଞ୍ଜେଇ କାରବାରରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମହାଦେବ ଡୁଙ୍ଗୁରୀ ଏବଂ ସନ୍ତୋଷ ସୁନା। ସେମାନଙ୍କ ପାଖରୁ ୩କିଗ୍ରା ୬୮୫ ଗ୍ରାମ ଗଞ୍ଜେଇ ଏବଂ ଏକ ବାଇକ୍ ଜବତ ହୋଇଛି ।

### ଗଜଲକ୍ଷ୍ମୀ ପୂଜା

ବାଉଁଶୁଣୀ, ୧୪।୧୦ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ପଞ୍ଚାୟତ ବୈଦ୍ୟନାଥପୁର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭକ୍ତିସିଦ୍ଧାନ୍ତ ଭୋଇ ଓ ତାଙ୍କ ସ୍ତ୍ରୀ ସଙ୍ଗିତା ସମର୍ଥା କର୍ତ୍ତା ଥିଲେ । ପୂଜକ ଭାବେ ବସନ୍ତ ତ୍ରିପାଠୀ ପୂଜାକାର୍ଯ୍ୟ ତୁଲାଇଥିଲେ। ମନ୍ଦାକିନୀ ଭୁକ୍ତା, ଶୌଭାଗିନୀ ଭୁକ୍ତା, ଲବ ବେହେରା, ନିହାରିକା ଭୁକ୍ତା, ଅଜିତ କୁମାର, ଆଶିଷ ରାଜହଂସ, ତରୁଣ ନାଏକ, ପୁରନ୍ଦର ରାଜହଂସ, ମାଧବାନନ୍ଦ ମଲ୍ଲିକ ପ୍ରମୁଖ ନଦୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସନ୍ଧ୍ୟା ସମୟରେ ଭାଗବତ ପାରାୟଣ ହୋଇଥିଲା ।

# ଦଳ ଛାଡ଼ିଲେ ଭାଜପା ନେତ୍ରୀ

ବରଗଡ଼ ଅଫିସ୍,୧୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପୂର୍ବରୁ ଭାଜପାର ଅଡୁଆରେ ବଢ଼ିବାରେ ଲାଗିଛି। ଦୁଇଦିନ ତଳେ ପୂର୍ବତନ ବିଧାୟକ ତଥା ଭାଜପା ନେତା ଅଶୋକ ପାଣିଗ୍ରାହୀ ଦଳ ଛାଡ଼ିଥିବାବେଳେ ସୋମବାର ଦଳର ଅନ୍ୟ ଜଣେ ନାରୀନେତ୍ରୀ ଶକୁନ୍ତଳା ମହାପାତ୍ର ଭାଜପାରୁ ଇସ୍ତଫା ଦେଇଛନ୍ତି। ଦଳର ରାଜ୍ୟ ସଭାପତିଙ୍କ ପାଖକୁ ସେ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଥିବା ଶକୁନ୍ତଳା କହିଛନ୍ତି । ସେ କହିଛନ୍ତି, ଯେତେବେଳେ ବିଜେପୁର ନିର୍ବାଚନ ମଣ୍ଡଳୀରେ ଭାଜପାର ଅସ୍ତିତ୍ୱ ନ ଥିଲା, ସେହିଦିନଠାରୁ ସେ ଦଳର ଜଣେ ସକ୍ରିୟ କର୍ମୀ ଭାବେ କାମ କରି ଆସିଛନ୍ତି । ହେଲେ ଗତ ସାଧାରଣ ନିର୍ବାଚନ ଭଳି ଏଥର ମଧ୍ୟ ଦଳ ତାଙ୍କୁ ଅଣଦେଖା କରିଛି। ଏପରିକି ପ୍ରାର୍ଥିପତ୍ର ଦାଖଲ ସମୟରେ ମଧ୍ୟ ତାଙ୍କୁ କୌଣସି ସୂଚନା ଦିଆଗଲା ନାହିଁ। ଦଳର ଏଭଳି ଅଣଦେଖା ତାଙ୍କୁ ମର୍ମାହତ କରିଛି ଏବଂ ସେଥିପାଇଁ ଦଳ ଛାଡ଼ିଥିବା ଶକୁନ୍ତଳା କହିଛନ୍ତି । ଅନ୍ୟ କେଉଁ ଦଳରେ ମିଶିବେ କି ବୋଲି ପ୍ରଶ୍ନ କରାଯିବାରୁ ମଙ୍ଗଳବାର ନିଜ ସମର୍ଥକଙ୍କୁ ନେଇ ସେ ବୈଠକ କରିବେ ଏବଂ ତାହାପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ପ୍ରକାଶଥାଉକି, ଶକୁନ୍ତଳା ଗତ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ଭାଜପାର ବରଗଡ଼ ଜିଲା ସଭାନେତ୍ରୀ, ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଏବଂ ତା ପରଠାରୁ ଦଳର ରାଷ୍ଟ୍ରୀୟ ପରିଷଦ ସଦସ୍ୟା ରହିଥିଲେ ।



ଶକୁନ୍ତଳା ମହାପାତ୍ର ।

# ମୁରାସୁରଙ୍କ ଇନ୍ଦ୍ରପୁର ଆକ୍ରମଣ, ପଦ୍ମାବତୀ ବିବାହ



ମୁକ୍ତମଞ୍ଚ ମୁରାସୁର ରାଜ୍‌ର ଏକ ଦୃଶ୍ୟ ।

କନ୍ଧମାଳ,୧୪।୧୦(ଡି.ଏନ.ଏ)

ବୌଦ୍ଧ ଜିଲା ପଲଶାଗୋରାଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ସୋମବାର ସନ୍ଧ୍ୟାରେ ମୁରାସୁର ନଗର ପରିଭ୍ରମଣ କରିଛନ୍ତି। ମୁକ୍ତମଞ୍ଚରେ ଅଭିନୀତ ଏହି ନାଟକର ଦ୍ୱିତୀୟ ସନ୍ଧ୍ୟାରେ ନଗର ପରିଭ୍ରମଣ କରିବା ବେଳେ ପ୍ରଜାମାନଙ୍କ ହାନିଲାଭ ବୁଝିଥିଲେ। ଏହାପରେ ଦରବାରକୁ ପ୍ରବେଶ ପରେ ସେ ଇନ୍ଦ୍ରପୁର ଆକ୍ରମଣ ପାଇଁ ସୈନ୍ୟ ସାମନ୍ତଙ୍କୁ ଆଦେଶ ଦେଇ ନିଜେ ବାହାରି ଯାଇଥିଲେ। ଘମାଘୋଟ ଯୁଦ୍ଧ ପରେ ଇନ୍ଦ୍ର ପରାଜିତ ହୋଇଥିଲେ। ଏହାପରେ ଦରବାରରେ ପରିବେଷିତ ହୋଇଥିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ । ପରବର୍ତ୍ତୀ ଦୃଶ୍ୟରେ ମୁରାସୁର କୈଳାସ ପର୍ବତ ଯାଇ ଶିବଙ୍କୁ ଆକ୍ରମଣ କରିବା ପରେ ଯମପୁରୀ ଆକ୍ରମଣ କରିଥିଲେ। ୨ୟ ସନ୍ଧ୍ୟାର ଦରବାରରେ ଅତିଥି ଭାବେ ଯୋଗ ଦେଇଥିଲେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଡାକ୍ତର ସୁବ୍ରତ କୁମାର ମିଶ୍ର, ଯୁବନେତ୍ରୀ ମମତା ପ୍ରଧାନ ଓ ପଞ୍ଚାନନ ସାହୁ। ରବିବାର ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରବୀନ୍ଦ୍ରନାଥ କହଁର ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମଞ୍ଚରେ ବ୍ରହ୍ମାଙ୍କ ଠାରୁ ମୁରାସୁରର ବରପ୍ରାପ୍ତି ଓ କର୍ଣ୍ଣାଟକେଶ୍ୱର ରାଜ୍ୟପ୍ରାପ୍ତି ନାଟକ ଅଭିନୀତ ହୋଇଥିଲା। ମୁରାସୁର ଭୂମିକାରେ ଅଭିନେତା ହୃଷିକେଶ ଭୋଇଙ୍କ ଅଭିନୟ ଉଚ୍ଚକୋଟୀର ଥିଲା ।

# ସର୍ବଭାରତୀୟ କୋସଲ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

ପଦ୍ମପୁର, ୧୪।୧୦ (ଡି.ଏନ.ଏ)

କୋସଲ ରାଜ୍ୟ ସମନ୍ୱୟ ସମିତି ପଦ୍ମପୁର ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ରାଜବୋଡାସମ୍ବର ହାଇସ୍କୁଲ ପରିସରରେ ଦୁଇଦିନିଆ ସର୍ବଭାରତୀୟ ପ୍ରଥମ ଓପନ କୋସଲ ଚେସ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସମିତି ସଭାପତି ମନୋରଞ୍ଜନ ସିଂ ବରିହା ଉଦଘାଟନ କରିଥିଲେ । ଉଦଯାପନୀ ସମାରୋହରେ ସମାଜସେବୀ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ବିଭାଗରେ ରାଜ୍ୟ ତଥା ରାଜ୍ୟ ବାହାରୁ ୫୪ଜଣ ତଥା ସ୍କୁଲ ବିଭାଗରେ ୧୧ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ନ୍ୟାଶନାଲ ଆରବିଟର ପ୍ରଫେସର କେ. ଆର ପ୍ରଧାନ ଓ ଟୁର୍ନାମେଣ୍ଟ ଡାଇରେକ୍ଟର ଡ. ମାନଭଞ୍ଜନ ପ୍ରଧାନ ଖେଳ ପରିଚାଳନା କରିଥିଲେ । ବରିଷ୍ଠ ବିଭାଗରେ ବାସ୍ତବ ବ୍ରଜେଶ ଭୋଇ, ଦେବେନ୍ଦ୍ର କୁମାର ସାହୁ, ମନୋଜ କୁମାର ତ୍ରିପାଠୀ, ଟିକେଟାନ୍ଦ ବାରିକ, ରଞ୍ଜିତ ଢ଼ାଲି, ହିମାଂଶୁ ପ୍ରଧାନ, ଅଖିଳେଶ କର, ଆନନ୍ଦ ତାଣ୍ଡି, କ୍ଷୀରୋଦ୍ର ପୁରୋହିତ, ଅନୀଲ କୁମାର ମିଶ୍ର ଯଥାକ୍ରମେ ପ୍ରଥମରୁ ଦଶମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସ୍କୁଲ ବିଭାଗରେ ଛତିଶଗଡର ପ୍ରବୀଣ ବିଶ୍ୱକର୍ମା ଚାମ୍ପିୟନ, ରୋହନ ସାହୁ, ସ୍ଥିତପ୍ରଜ୍ଞ ପ୍ରଧାନ, ଅଞ୍ଜଳି ମେହେର, ଚନ୍ଦନ ବିଶ୍ୱକର୍ମା, ଅନୁଭବ ନାୟକ, ଶୁଭଶ୍ରୀ ବରିହା, ଜୀତେଶ ସାହୁ ଯଥାକ୍ରମେ ଦ୍ୱିତୀୟରୁ ଅଷ୍ଟମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ଡ. ଜୟକେତନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ରାମାବତାର ଅଗ୍ରୱାଲ, ରାମକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଉପନିର୍ବାଚନ ପାଇଁ କଣ୍ଟ୍ରୋଲ ରୁମ୍

ବରଗଡ଼ ଅଫିସ୍,୧୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଆସନ୍ତା ୨୧ତାରିଖରେ ହେବ । ଏଥିପାଇଁ ଜିଲାପାଳ ଅଫିସରେ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ଉପନିର୍ବାଚନ ସମ୍ପର୍କିତ କୌଣସି ଆପତ୍ତି ଅଭିଯୋଗ ଜନସାଧାରଣ ଫୋନ ନଂ– ୦୬୬୪୬ ୨୩୪୩୬୦ ମାଧ୍ୟମରେ ଜଣାଇ ପାରିବେ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଜଣାଇଛନ୍ତି । ସେହିପରି ଜିଲାପାଳ ଅଫିସ ପରିସରରେ ରହିଥିବା ମିଡ଼ିଆ ସେଲ, ମିଡ଼ିଆ ମନିଟରିଂ ଓ ସାର୍ଟିଫିକେଶନ କେନ୍ଦ୍ରରେ ମଧ୍ୟ ମିଡ଼ିଆ ସମ୍ପର୍କିତ ସୂଚନା ଦେଇପାରିବେ ବୋଲି ଜିଲାପାଳ ପ୍ରଧାନ ଜଣାଇଛନ୍ତି ।

# ବରଗଡ଼କୁ ହରାଇ ଦେବଗଡ଼ ଚାମ୍ପିୟନ

ବରଗଡ଼ ଅଫିସ୍,୧୪।୧୦

ବରଗଡ଼ ବ୍ଲକ ଅନ୍ତର୍ଗତ ମାଲିପାଲିଠାରେ ରବିବାର ଶହୀଦ ରଞ୍ଜନ ଦାଶ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରଗଡ଼କୁ ହରାଇ ଦେବଗଡ଼ ଚାମ୍ପିୟନ ହୋଇଥିଲା । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦେବଗଡ଼ ଦଳକୁ ପୁରସ୍କୃତ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବରଗଡ଼, ସମ୍ବଲପୁର, ଦେବଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର, ବଲାଙ୍ଗୀର, କଟକ ଦଳ ଅଂଶଗ୍ରହଣ କରିଥିଲେ । ମାଲିପାଲି ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦଯାପନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଉମେଶ ପଣ୍ଡା, ଅଶ୍ୱିନୀ ତ୍ରିପାଠୀ, କ୍ଷୀରୋଦ୍ର ସାହୁ, ଶହୀଦ ରଞ୍ଜନଙ୍କ ବଡ଼ଭାଇ ଉତ୍ତମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଆଦିତ୍ୟ ସାହୁ, ନରୋତ୍ତମ ପ୍ରଧାନ, ଗିରିଧାରୀ ପ୍ରଧାନ, ପଦ୍ମଲୋଚନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।



ମୁଖ୍ୟଅତିଥି ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।



ଫିଲ୍ମ ନିର୍ଦ୍ଦେଶକ ମଣି ରତ୍ନମ୍‌ଙ୍କ ସହ କାମ କରିବାକୁ ମୁଁ ଆଗ୍ରହୀ। ତାଙ୍କର ଆଗାମୀ ଫିଲ୍ମରେ ମୋତେ ଡବଲ ରୋଲ୍‌ରେ ଆପଣମାନେ ଦେଖିପାରିବେ।

- **ଐଶ୍ୱର୍ଯ୍ୟା ରାୟ ବଚ୍ଚନ,**
ବଲିଉଡ୍ ଅଭିନେତ୍ରୀ

# ବିଶ୍ୱ ଦାରିଦ୍ର୍ୟ ଦୂର ଲାଗି ପ୍ରୟାସ

## ଆର୍ଥିକ ସ୍ଥିତି ପରଖିବା ଲାଗି ଫିଲ୍ଡ ଏକ୍ସପେରିମେଣ୍ଟ ଜରୁରୀ



ଅଭିଜିତ୍ ବାନାର୍ଜୀ

**ଷ୍ଟକହୋମ:** ଚଳିତ ବର୍ଷ ଲାଗି ଇଣ୍ଡିଆନ୍ ଆମେରିକାନ୍ ଅଭିଜିତ୍ ବାନାର୍ଜୀ, ଇଷ୍ଟର ଡୁଫ୍ଲୋ ଓ ମାଇକେଲ୍ କ୍ରେମରଙ୍କୁ ମିଳିତ ଭାବେ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଗି ସୋମବାର ମନୋନୀତ କରାଯାଇଛି। ବିଶ୍ୱରୁ ଦାରିଦ୍ର ଦୂରୀକରଣ କ୍ଷେତ୍ରରେ ସେମାନଙ୍କ ଗବେଷଣା ଓ ପ୍ରୟାସକୁ ପ୍ରଶଂସା କରାଯାଇଛି। ବାନାର୍ଜୀ ହେଉଛନ୍ତି କୋଲକାତା ପ୍ରେସିଡେନ୍ସି କଲେଜର ପୂର୍ବତନ ଛାତ୍ର। ୧୯୮୧ରେ ସେ ଅର୍ଥନୀତିରେ ସ୍ନାତକ ପାସ୍‌କରି କୋଲକାତା ବିଶ୍ୱବିଦ୍ୟାଳୟ ଓ ପରେ ହାଭାର୍ଡ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ହାଭାର୍ଡରୁ ସେ ପିଏଚ୍‌ଡି ମଧ୍ୟ ପାଇଥିଲେ। ସେ ଏବେ ଏମ୍‌ଆଇଟି(ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ର ଫୋର୍ଡ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲରେ ଅର୍ଥନୀତି ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଡୁଫ୍ଲୋଙ୍କ ସହ ମିଶି ୨୦୦୩ରେ ବାନାର୍ଜୀ ଅବ୍‌ଦୁଲ ଲତିଫ୍ ଜମିଲ ପଭର୍ଟି ଆକ୍ସନ୍ ଲାବ୍ ପ୍ରତିଷ୍ଠା କରିଥିଲେ। କେନ୍ଦ୍ରୀୟ ଅର୍ଥନୀତି ଗବେଷଣାର ସେ ଗବେଷକ ଭାବେ କାର୍ଯ୍ୟ କରିଥିଲେ। ଭାରତର ଧୁଲେରେ ଜନ୍ମଗ୍ରହଣ କରିଥିବା ବାନାର୍ଜୀ କୋଲକାତାସ୍ଥିତ ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ସୋସିଆଲ ସାଇନ୍ସର ଅର୍ଥନୀତି ପ୍ରଫେସର ନିର୍ମଳା ବାନାର୍ଜୀଙ୍କ ପୁଅ। ଅର୍ଥନୀତିର ମୂଳକୁ ଯିବା କିମ୍ବା ବିକାଶର ମାର୍ଗ ଦେଖିବାକୁ ହେଲେ ଫିଲ୍ଡ ଏକ୍ସପେରିମେଣ୍ଟ ଜରୁରୀ ବୋଲି ସେ କହନ୍ତି। ୨୦୧୫ରେ ସେ ଇସ୍ଥର ଡୁଫ୍ଲୋଙ୍କୁ ବିବାହ କରିଥିଲେ। ତାଙ୍କର ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବ୍ୟକ୍ତିକୈନ୍ଦ୍ରିକ ଅର୍ଥନୀତି ଉପରେ ଗୁରୁତ୍ୱ ଦିଆଯାଉ

**ଷ୍ଟକହୋମ:** ଫ୍ରାନ୍ସ ଅର୍ଥନୀତିଜ୍ଞ ଏଷ୍ଟର ଡୁଫ୍ଲୋ(୪୬)ଙ୍କୁ ମଧ୍ୟ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଗି ମନୋନୀତ କରାଯାଇଛି। ଏମ୍‌ଆଇଟିରେ ଜଣେ ବରିଷ୍ଠ ଅର୍ଥନୀତି ପ୍ରଫେସର ଭାବେ ସେ ଜଣାଶୁଣା। ଅବ୍‌ଦୁଲ ଲତିଫ୍ ଜମିଲ୍ ପ୍ରଫେସର ଅଫ୍ ପଭର୍ଟି ଆଲିଭିଏସନ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ଇକୋନୋମିକ୍ସ ଉପରେ ସେ ଶିକ୍ଷାଦାନ କରିଥାନ୍ତି। ଅବ୍‌ଦୁଲ ଲତିଫ୍ ଜମିଲ୍ ପଭର୍ଟି ଆକ୍ସନ୍ ଲାବ୍‌ର ସେ ଜଣେ ସହ ପ୍ରତିଷ୍ଠାତା। ସେଣ୍ଟର ଫର୍ ଇକୋନୋମିକ ଆଣ୍ଡ ପଲିସି ରିସର୍ଚ୍ଚ ଡେଭେଲପ୍‌ମେଣ୍ଟ ଇକୋନୋମିକ୍ସ ପ୍ରୋଗ୍ରାମର ସେ ନିର୍ଦ୍ଦେଶକ। ବିଶ୍ୱରୁ ଦାରିଦ୍ର୍ୟ ଦୂର କରିବା ଲାଗି ତାଙ୍କର ଗବେଷଣାତ୍ମକ ଚିନ୍ତାଧାରା ନୂତନତ୍ୱ ଆଣିଦେଇଛି। ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ବ୍ୟକ୍ତିକୈନ୍ଦ୍ରୀକ ଅର୍ଥନୀତି ଉପରେ ସେ ଗବେଷଣା ଓ ଗୁରୁତ୍ୱ ଦେଇଆସିଛନ୍ତି। ଘରୋଇ ଶିକ୍ଷା, ପାରିପାର୍ଶ୍ୱିକ ପରିବେଶ, ଆର୍ଥିକ ସ୍ଥିତି, ସ୍ୱାସ୍ଥ୍ୟ ଆଦିକୁ ସେ ତର୍ଜମା କରି କିଭଳି ଦାରିଦ୍ର୍ୟ ଦୂର କରାଯାଇପାରିବ ସେନେଇ ଗବେଷଣା କରିଥିଲେ। ଅଭିଜିତ୍‌ଙ୍କ ସହ ମିଶି ସେ 'ଗୁଡ୍ ଇକୋନୋମିକ୍ସ ଫର୍ ହାର୍ଡ ଟାଇମ୍ସ' ଲେଖିଛନ୍ତି। ଏଥିରେ ଦାରିଦ୍ର ଦୂର ଲାଗି କଠିନ ସମୟରେ କିଭଳି ନିଜକୁ ଦୃଢ କରିବ ଓ ଯୋଜନା ମୁତାବକ ଭିତ୍ତିଭୂମି ପ୍ରତିଷ୍ଠା କରି ଆଗକୁ ବଢ଼ିବ, ସେନେଇ ଉଲ୍ଲେଖ କରାଯାଇଛି। ପ୍ୟାରିସ୍‌ସ୍ଥିତ ଲିସ୍ ହେନ୍‌ରି ପବ୍ଲିକ ସ୍କୁଲରେ ପାଠ ପଢ଼ିବା ପରେ ସେ ମସ୍କୋ ଯାଇ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ଏହା ପରେ ବ୍ୟାଙ୍କ ଅଫ୍ ରୁଷିଆରେ ସେ କାର୍ଯ୍ୟ କରିଥିଲେ। ଇତିହାସ ଓ ଅର୍ଥନୀତିରେ ସ୍ନାତକ ପାସ୍ କରିଥିବା ଡୁଫ୍ଲୋ ୧୯୯୯ରେ ଏମ୍‌ଆଇଟିରେ ପିଏଚ୍‌ଡି ଲାଭ କରିଥିଲେ। ୨୦୦୨ରେ ତାଙ୍କୁ ଆସୋସିଏଟ୍ ପ୍ରଫେସର ଭାବେ ପ୍ରମୋଶନ ମିଳିଥିଲା। ଆର୍ଥିକ ପ୍ରଗତି ସହ ଦାରିଦ୍ର୍ୟ ଦୂରୀକରଣ ଲାଗି ତାଙ୍କ ଗବେଷଣା ତାଙ୍କୁ ଅନେକ ସମ୍ମାନ ଆଣିଦେଇଛି।



ଏଷ୍ଟର ଡୁଫ୍ଲୋ

## ଦାରିଦ୍ର୍ୟ ଦୂର କରିବା ସହ ପୀଡ଼ିତଙ୍କୁ ସହାୟତା ମିଳୁ



ମାଇକେଲ୍ କ୍ରେମର

**ଷ୍ଟକହୋମ:** ଆମେରିକାର ଅର୍ଥନୀତିଜ୍ଞ ମାଇକେଲ୍ କ୍ରେମରଙ୍କୁ ଚଳିତ ବର୍ଷ ଲାଗି ମିଳିତ ଭାବେ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଗି ମନୋନୀତ କରାଯାଇଛି। ହାଭାର୍ଡ ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ଅର୍ଥନୀତି ପ୍ରଫେର ଭାବେ ସେ ଜଣାଶୁଣା। ବିଶ୍ୱରେ ଦାରିଦ୍ର ଦୂର କରିବା ଲାଗି ପୀଡ଼ିତଙ୍କୁ ବଦାନ୍ୟତା ଦେଖାଇବା ଉପରେ ସେ ଜୋର୍ ଦେଇଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ତାଙ୍କ ଗବେଷଣା ଓ କାର୍ଯ୍ୟକୁ ପ୍ରଶଂସା କରାଯାଇ ୟଙ୍ଗ୍ ଗ୍ଲୋବାଲ ଲିଡର ଭାବେ ଅଭିହିତ କରାଯାଇଛି। ଦାରିଦ୍ରତାର କାରଣ ଓ ଏହାର ନିରାକରଣ ଲାଗି ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଉପରେ ସେ ଗବେଷଣା କରିଛନ୍ତି। ବିଶ୍ୱ ଦାରିଦ୍ର ଦୂର ଲାଗି ଗଠିତ ଅନ୍ତର୍ଜାତୀୟ ସଂସ୍ଥା 'ଗିଭିଂ ହ୍ୱାଟ୍ ଉି କ୍ୟାନ୍'ର ସେ ସଦସ୍ୟ ଅଛନ୍ତି। ହାଭାର୍ଡର ଏକ ସଂସ୍ଥା 'ୱାର୍ଲ୍ଡଟେକ୍'ର ସଭାପତି ଓ ପ୍ରତିଷ୍ଠାତା ଭାବେ କ୍ରେମରଙ୍କ ନାମ ରହିଛି। ଜନସଂଖ୍ୟା କିଭଳି ଅର୍ଥନୀତି ଉପରେ ପ୍ରଭାବ ପକାଉଛି, ସେନେଇ ମଧ୍ୟ ସେ ଗବେଷଣା କରିଥିଲେ। ବିକାଶୋନ୍ମୁଖୀ ରାଷ୍ଟ୍ରରେ ସାମାଜିକ ସ୍ଥିତି ଓ ଲୋକଙ୍କ ଚଳଣୀରେ ପରିବର୍ତ୍ତନ ଅର୍ଥନୀତି ଉପରେ କିଭଳି ପ୍ରଭାବ ପକାଉଛି, ତାକୁ ନେଇ ସେ ଗବେଷଣା କରିଛନ୍ତି।

# ଜାହ୍ନବୀଙ୍କ ପାଇଁ ୨୦୨୦ ଲକି

**ମୁମ୍ବାଇ:** ବଲିଉଡ୍ ମହାନାୟିକା ଶ୍ରୀଦେବୀଙ୍କ ଝିଅ ଜାହ୍ନବୀ କପୁର ବଲିଉଡ୍ ଏଣ୍ଟ୍ରି କଲେ ସତ, କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କର ଗୋଟିଏ ହିଁ ଫିଲ୍ମ ରିଲିଜ୍ ହୋଇଛି। ଅନ୍ୟପଟେ ସୈଫ୍ ଅଲୀ ଖାନ୍ ଓ ଅମୃତା ସିଂହଙ୍କ ଝିଅ ସାରା ଅଲୀ ଖାନ୍ କିନ୍ତୁ ଜାହ୍ନବୀଙ୍କ ତୁଳନାରେ ଅନେକ ସଫଳତା ହାସଲ କରିସାରିଲେଣି। ଦୁହେଁ ଏକା ସମୟରେ ବଲିଉଡ୍‌ରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ବାହାରିଥିବାବେଳେ ସାରା କିନ୍ତୁ ଜାହ୍ନବୀଙ୍କୁ ପଛରେ ପକାଇ ବାଜି ମାରିଚାଲିଛନ୍ତି। ଜାହ୍ନବୀ ବର୍ତ୍ତମାନ ସୁଦ୍ଧା କେବଳ ଫିଲ୍ମ 'ଧଡ଼କ୍'ରେ ହିଁ ନଜର ଆସିଛନ୍ତି। ତେବେ ଆସନ୍ତା ବର୍ଷ ଜାହ୍ନବୀଙ୍କ ପାଇଁ ଆଣିପାରେ ସଫଳ ହେବାର ସୁଯୋଗ। 'ରୁହୀ ଅଫ୍‌ଜା', 'କାରଗିଲ୍ ଗର୍ଲ', 'ଦୋସ୍ତାନା-୨', 'ତଖ୍‌ତ' ଭଳି ଫିଲ୍ମର ଅଫର୍ ଜାହ୍ନବୀଙ୍କ ହାତରେ ଥିବାବେଳେ ଏକତା କପୁରଙ୍କ ଆଗାମୀ ଫିଲ୍ମ ପାଇଁ ମଧ୍ୟ ତାଙ୍କୁ ଅଫର୍ ମିଳିଥିବା ଜଣାପଡ଼ିଛି। ନିକଟରେ ଏକତା କପୁରଙ୍କ ଘର ସାମ୍ନାରେ ଜାହ୍ନବୀ ଦେଖିବାକୁ ମିଳିଥିଲେ। ଏହାପରେ ଏକତାଙ୍କ ଆଗାମୀ ଫିଲ୍ମରେ ଜାହ୍ନବୀ ଲିଡ୍ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସୂତ୍ର ଅନୁସାରେ ଏକତା ନିଜ ଆଗାମୀ ଫିଲ୍ମରେ ଜାହ୍ନବୀଙ୍କୁ ନେବା ପାଇଁ ଅଫର୍ ଦେଇଛନ୍ତି। ଏନେଇ ଅଧିକ କଥାବାର୍ତ୍ତା କରିବାକୁ ଜାହ୍ନବୀ ଏକତାଙ୍କ ଅଫିସ୍‌କୁ ଯାଇଥିଲେ। ତେବେ ମିଡିଆ ଯେତେବେଳେ ଜାହ୍ନବୀଙ୍କୁ ଏକତାଙ୍କ ଘର ସାମ୍ନାରେ ଦେଖି ଅଧିକ ଜାଣିବାକୁ ପ୍ରଶ୍ନ କରିଥିଲା, ସେ କେବଳ ହସି ଦେଇ ସେଠାରୁ ଚାଲିଯାଇଥିଲେ। ୨୦୧୮ରେ କରଣ ଜୋହର୍‌ଙ୍କ ଫିଲ୍ 'ଧଡ଼କ୍'ରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ ଶ୍ରୀଦେବୀ ଓ ବୋନୀ କପୁରଙ୍କ ତନୟା ଜାହ୍ନବୀ କପୁର। ୨୦୨୦ ତାଙ୍କ କ୍ୟାରିୟର ପାଇଁ ସଫଳତା ଆଣିଦେବ ବୋଲି ଆଶା କରାଯାଉଛି।



# ପ୍ରଜାପତିର ରହିଛି ରଙ୍ଗ ଚିହ୍ନିବା କ୍ଷମତା



**ଟୋକିଓ:** ଫୁଲରୁ ଫୁଲକୁ ଉଡ଼ିବୁଲୁଥିବା ପ୍ରଜାପତିର ମଧ୍ୟ ରଙ୍ଗ ସମ୍ପର୍କରେ ଜ୍ଞାନ ରହିଥାଏ। ଏନେଇ ଟୋକିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ପ୍ରଜାପତି ରଙ୍ଗିନ ଫୁଲ ପ୍ରତି କାହିଁକି ଅଧିକ ଆକୃଷ୍ଟ ହୋଇଥାନ୍ତି ସେଥିନେଇ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଗବେଷଣା ଜାରି ରଖିଥିଲେ। ପୂର୍ବରୁ ଆକଳନ କରାଯାଉଥିଲା ରଙ୍ଗିନ ଫୁଲରେ ସାଧାରଣତଃ ଅଧିକ ମହୁ ଥିବାରୁ ପ୍ରଜାପତି ସେଭଳି ଫୁଲ ପ୍ରତି ଆକର୍ଷିତ ହୋଇଥାନ୍ତି। ରାତିରେ ଫୁଟୁଥିବା କେତେକ ଧଳାରଙ୍ଗର ଫୁଲରେ ମହୁ ମଧ୍ୟ ରହିଥାଏ। ତେବେ ଏସବୁ ଫୁଲ ପ୍ରତି ପ୍ରଜାପତି ଅଧିକ ଆକର୍ଷିତ ହୋଇ ନ ଥାନ୍ତି। ଅନ୍ୟପକ୍ଷରେ ଲାଲ୍, ହଳଦିଆ, ଗୋଲାପି, କମଳା, ବାଇଗଣୀ ଆଦି ରଙ୍ଗ ଫୁଲ ନିକଟକୁ ବହୁ ସଂଖ୍ୟାରେ ପ୍ରଜାପତି ଆସିଥାନ୍ତି। ପ୍ରଜାପତି, ମହୁମାଛି ଓ ଅନ୍ୟାନ୍ୟ କୀଟପତଙ୍ଗ ପରାଗ ସଂଗମରେ ସହାୟତା କରିଥାନ୍ତି। ଏହା ପ୍ରକୃତିର ନିୟମ ଅନୁସାରେ କାର୍ଯ୍ୟକାରୀ ହୋଇଥାଏ। ଏହାଯୋଗୁ ରଙ୍ଗିନ ଫୁଲ ଥିବା ଗଛରେ ପରାଗ ସଂଗମ ଭଲ ଭାବେ ସମ୍ପନ୍ନ ହୋଇପାରିଥାଏ। ଏଭଳି ଗଛ ଯଦି ଫଳ ଧାରଣ କରୁଥିବା ଗଛ ହୋଇଥାନ୍ତି ତେବେ ଫଳ ସଂଖ୍ୟା ଅଧିକ ରହିଥାଏ। ମାତ୍ର ଧଳା ଫୁଲ ଥିବା ଗଛ ନିକଟକୁ ଅଧିକ କୀଟପତଙ୍ଗ ଆସୁ ନ ଥିବାରୁ ପରାଗ ସଂଗମରେ ସହାୟକ ହେଉଥିବା ଅନ୍ୟ କାରକଗୁଡିକ ଉପରେ ଏଭଳି ଗଛ ନିର୍ଭର କରିଥାନ୍ତି। ପ୍ରଜାପତିର ମସ୍ତିଷ୍କ ରଙ୍ଗିନ ଫୁଲ ପ୍ରତି ଅଧିକ ସମ୍ବେଦନଶୀଳ ରହିଥାଏ। ତେଣୁ ସ୍ୱତଃପ୍ରବୃତ୍ତ ଭାବେ ପ୍ରଜାପତି ଆକର୍ଷିତ ହୋଇ ଏଭଳି ଫୁଲ ନିକଟକୁ ଆସିଥାନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି।

# କେମୋଥେରାପି ପରେ ଝଡ଼ିବନି କେଶ

## ବୈଜ୍ଞାନିକଙ୍କ ଉପଲବ୍ଧି

**ମାଞ୍ଚେଷ୍ଟର:** କେମୋ ଥେରାପି ସମୟରେ ରୋଗୀଙ୍କୁ ଏଭଳି ଔଷଧ ଦିଆଯାଇଥାଏ, ଯାହା କର୍କଟ କୋଷିକାଗୁଡ଼ିକୁ ନଷ୍ଟ କରିଥାଏ। ଲାଷ୍ଟ ଷ୍ଟେଜ୍‌ରେ ମଧ୍ୟ ଏହି ଥେରାପି ମାଧ୍ୟମରେ ରୋଗକୁ ଦୀର୍ଘଦିନ ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯାଇପାରେ। କିନ୍ତୁ କେମୋ ଥେରାପି କରାଇବା ପରେ କ୍ଳାନ୍ତ ଅନୁଭବ ହେବା ଓ ବାନ୍ତି ହେବା ସହ ରୋଗୀ ମୁଣ୍ଡରୁ କେଶ ସବୁ ଉପୁଡ଼ି ଯାଇଥାଏ। ଏଥିଯୋଗୁ ସେମାନଙ୍କ ଆତ୍ମବିଶ୍ୱାସ କମିଯାଏ। ତେବେ ଏହି ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକମାନେ ଏକ ଉପାୟ ବାହାର କରିଛନ୍ତି। କେମୋ ଥେରାପି ନେଉଥିବା ଲୋକମାନେ ଏହା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ। 'ସ୍କିନ୍ ଥେରାପି ଲେଟର' ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ, କେମୋ ଥେରାପି ନେଉଥିବା ୬୫ ପ୍ରତିଶତ କର୍କଟ ରୋଗୀଙ୍କ ଚୁଟି ଝଡ଼ି ଯାଇଥାଏ। ଏଭଳି ସ୍ଥିତିରେ ବୈଜ୍ଞାନିକମାନେ କେଶ ନ ଝଡ଼ିବା ପାଇଁ ବାହାର କରିଥିବା ଉପାୟକୁ ଏକ ବିରାଟ ଉପଲବ୍ଧି ବୋଲି କୁହାଯାଉଛି। ୟୁନିଭର୍ସିଟି ଅଫ୍ ମାଞ୍ଚେଷ୍ଟରର ସେଣ୍ଟର ଅଫ୍ ଡର୍ମାଟୋଲୋଜିର ବୈଜ୍ଞାନିକଙ୍କ କହିବା ଅନୁସାରେ, କେମୋ ଥେରାପିରେ ଟକ୍ସିନ୍ ନାମକ ଏକ ଡ୍ରଗ୍ ଥାଏ, ଯାହା ଟ୍ୟୁମର କୋଷ ବିଭାଜନକୁ ରୋକିଥାଏ। ଏଥିସହ କେଶ ଝଡ଼ିବା ଓ ଅନ୍ୟାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ। ତେବେ ଶରୀର ଉପରେ ପଡୁଥିବା ଏଭଳି ନକାରାତ୍ମକ ପ୍ରଭାବକୁ ରୋକିବା ପାଇଁ ଏହି ଡ୍ରଗ୍‌ରେ କିଛି ପରିବର୍ତ୍ତନ କରିବା ସକାଶେ ବିଶେଷଜ୍ଞମାନେ ପରୀକ୍ଷା ଚଳାଇଥିଲେ। ଏହାପରେ ସିଡିକେ ୪/୬ ନାମରେ ଏକ ଡ୍ରଗ ବାହାର କରିଛନ୍ତି, ଯାହା କେଶ ଝଡ଼ିବାକୁ ରୋକିପାରିବ। ତେବେ ବଜାରରେ ଏହି ଔଷଧ କେବେ ଉପଲବ୍ଧ ହେବ ସେ ନେଇ କିଛି ସୂଚନା ମିଳିନାହିଁ।



# ବୟସ ବି ଦାମ୍ପତ୍ୟ ଜୀବନରେ ଆଣିଥାଏ ଝଡ଼

**ଇମୋରୀ:** ଏଜ୍ ଗ୍ୟାପ୍ ବା ବୟସ ତାରତମ୍ୟ ଦାମ୍ପତ୍ୟ ଜୀବନରେ ଝଡ଼ ଆଣିଥାଏ। ଏହା ଅଧିକ ରହିଲେ ଦମ୍ପତିଙ୍କ ମଧ୍ୟରେ ଅଶାନ୍ତି ଆଶଙ୍କା ବଢ଼ିଥାଏ। ନିକଟରେ ଆଟଲାଣ୍ଟିକ୍ ଇମୋରୀ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ପ୍ରେମରେ ବୟସର ତାରତମ୍ୟ କିଛି ଫରକ ପକାଉ ନ ଥିଲେ ମଧ୍ୟ ଦାମ୍ପତ୍ୟ ଜୀବନରେ ଏନେଇ କାହିଁକି ଝଡ଼ ଉଠିଥାଏ ସେନେଇ ଗବେଷକ ଏକ ଅଧ୍ୟୟନ କରିଥିଲେ। ଦାମ୍ପତ୍ୟ ଜୀବନର ସୁଖରେ ବୟସ ତାରତମ୍ୟ ବାଧା ସୃଷ୍ଟି କରେ। ଏହା ଅଧିକ ଥିଲେ ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଏହାଯୋଗୁ ଯଦି ଦମ୍ପତିଙ୍କର କୌଣସି ସନ୍ତାନ ସନ୍ତତି ନ ହୁଅନ୍ତି ତେବେ ଦାମ୍ପତ୍ୟ ଜୀବନରେ ଶାନ୍ତି ଭଙ୍ଗ ହେବାର ଆଶଙ୍କା ଅଧିକ ରୁହେ। ତେବେ ଏହା ସମ୍ପୂର୍ଣ୍ଣଭାବେ ଦମ୍ପତିଙ୍କ ମାନସିକତା ଉପରେ ହିଁ ନିର୍ଭର କରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ବୟସ ତାରତମ୍ୟ କମ୍ ଥିଲେ ମଧ୍ୟ କେତେକଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥାଏ। ଦମ୍ପତିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ ବୟସ ତାରତମ୍ୟର କୌଣସି ପ୍ରଭାବ ପଡ଼ି ନ ଥାଏ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।



# ସମାଜ ଗଠନରେ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ବିଶ୍ୱ ଛାତ୍ର ଦିବସ

ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡ.ଏପିଜେ ଅବଦୁଲ କଲାମ ଛାତ୍ରମାନଙ୍କୁ ବହୁତ ଭଲ ପାଉଥିଲେ ତଥା ଶିକ୍ଷାର ପ୍ରସାର କ୍ଷେତ୍ରରେ ତାଙ୍କର ଯୋଗଦାନ ଥିଲା ଉଲ୍ଲେଖନୀୟ। ଏଣୁ କଲାମଙ୍କ ସମ୍ମାନାର୍ଥେ ଜାତିସଂଘ ୨୦୧୦ରେ ତାଙ୍କ ୭୯ତମ ଜନ୍ମଦିନ(ଅକ୍ଟୋବର୧୫)କୁ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ସେବେଠାରୁ ପ୍ରତିବର୍ଷ ଅକ୍ଟୋବର ୧୫ରେ 'ବିଶ୍ୱ ଛାତ୍ର ଦିବସ' ପାଳନ କରାଯାଉଛି। କଲାମ ମିଶାଇଲ ବିକାଶ କ୍ଷେତ୍ରରେ ଭାରତକୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଗୁଡିକର ସମକକ୍ଷ କରାଇବାରେ ସକ୍ଷମ ହୋଇଥିଲେ। ସେଥିପାଇଁ ତାଙ୍କୁ 'ମିଶାଇଲ ମ୍ୟାନ୍' କୁହାଯାଏ। ଡ.କଲାମ ପୋଖରାନ ପରମାଣୁ ବୋମା ପରୀକ୍ଷଣରେ ମଧ୍ୟ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ରାଷ୍ଟ୍ର ନିର୍ମାଣରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପଦ୍ମଭୂଷଣ ଓ ପଦ୍ମ ବିଭୂଷଣରେ ସେ ଭୂଷିତ ହୋଇଛନ୍ତି। ଗବେଷଣା କ୍ଷେତ୍ରରେ ମାର୍ଗଦର୍ଶକ କାର୍ଯ୍ୟ ପାଇଁ ତାଙ୍କୁ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଛି। କିନ୍ତୁ ତାଙ୍କର ବୈଜ୍ଞାନିକ ଓ ରାଜନୈତିକ ଜୀବନରେ କଲାମ ନିଜକୁ ଜଣେ ବିଚାରକ, ଦାର୍ଶନିକ ଓ ଶିକ୍ଷକ ଭାବେ ସବୁବେଳେ ଛାତ୍ରମାନଙ୍କୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଉଥିଲେ। କଲାମଙ୍କୁ ମଧ୍ୟ ଆଧୁନିକ ଭାରତର ଜନକ ବୋଲି କୁହାଯାଏ। ନୂଆ ଭାରତ ଗଠନରେ ସେ ସବୁବେଳେ ଛାତ୍ରଙ୍କ ଉପରେ ଭରସା ଓ ବିଶ୍ୱାସ ରଖୁଥିଲେ।

ଶିଖିବା ଏକ ପ୍ରକ୍ରିୟା, ଯାହା ଜୀବନ ସାରା ତୁମ ସାଙ୍ଗରେ ରହେ। ଜଣେ ମଣିଷ ସବୁବେଳେ ଜଣେ ଛାତ୍ର ଓ ସେ ଜନ୍ମ ହେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା' ଚାରିପାଖରେ ଥିବା ପରିବେଶରୁ ଶିଖିଥାଏ। ଶିଖିବା କେବେ ବି ଅଟକି ଯାଏନି, ଏହା ଥିଲା କଲାମଙ୍କ ବିଶ୍ୱାସ। ଜଣେ ଛାତ୍ର ତା କ୍ୟାରିୟରରେ ବହୁତ ପଢେ ଓ ଶିଖେ। ଏଥିପାଇଁ ସେ ସବୁବେଳେ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରି ତା'ଉତ୍ତର ଚାହୁଁଥିଲେ ଓ ତାଙ୍କୁ ପ୍ରଶ୍ନ ପଚାରିବା ଲାଗି ଛାତ୍ରମାନଙ୍କୁ ପ୍ରେରିତ କରୁଥିଲେ। ନିୟମିତ ସ୍କୁଲ ଓ କଲେଜରେ ଛାତ୍ରଙ୍କୁ ଭେଟୁଥିଲେ। ସବୁବେଳେ ସେ ଛାତ୍ରମାନଙ୍କୁ ଲେଖା ତଥା ବକ୍ତୃତା ମାଧ୍ୟମରେ ଜୀବନକୁ ସରସ ସୁନ୍ଦର କରିବାକୁ ପ୍ରେରଣା ଦେଉଥିଲେ। ଛାତ୍ରମାନେ ଅନୁଶାସିତ ଜୀବନ ଜିଇବା ପାଇଁ ସେ ଥିଲେ ଆଶାବାଦୀ। ଏହାଦ୍ୱାରା ଛାତ୍ରମାନେ ମନ୍ଦ ରାସ୍ତାରେ ଯାଇପାରିବେ ନାହିଁ ବୋଲି ତାଙ୍କର ଧାରଣା ରହିଥିଲା। ଛାତ୍ରମାନେ ଚରିତ୍ର ଗଠନକୁ ଜୀବନର ସର୍ବୋଚ୍ଚ ପ୍ରାଥମିକତା ଭାବେ ଗ୍ରହଣ କରିବା ଆବାଶ୍ୟକ ବୋଲି ସେ ବିଚାର କରୁଥିଲେ। ଜଣେ ଛାତ୍ର ଭଲ ନାଗରିକ, ଭବିଷ୍ୟତର ପ୍ରତୀକ ଓ ସମାଜ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରିପାରିବେ। ଏଣୁ ଛାତ୍ର ସମାଜର ନୈତିକ,ବୌଦ୍ଧିକ ଶିକ୍ଷାରେ ଉନ୍ନତି ଆସିଲେ ସେମାନେ ଏକ ସୁନ୍ଦର ରାଷ୍ଟ୍ର ନିର୍ମାଣ କରିପାରିବେ- କଲାମଙ୍କ ଏପରି ବିଶ୍ୱାସକୁ ଛାତ୍ରମାନଙ୍କ ମଧ୍ୟରେ ପୁଣି ଉଜାଗର କରିବା ବିଶ୍ୱ ଛାତ୍ର ଦିବସର ମୁଖ୍ୟ ଉଦ୍ଦେଶ୍ୟ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ ।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଆଞ୍ଚଳିକ ରାଜପୁତ କ୍ଷତ୍ରିୟ ମହାସଭା

ଗାଇସିଲେଟ, ୧୪।୧୦(ଡି.ଏନ.ଏ): ଗାଇସିଲେଟ ବ୍ଲକ ସନ୍ଧିବାହାଲ ପଞ୍ଚାୟତ ଜାମୁଟବାହାଲରେ ସୋମବାର ଗୌନ୍ତିଆ ଅଲେଖ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ରାଜପୁତ କ୍ଷତ୍ରିୟ ମହାସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଫୁଲ୍ଲ କୁମାର ସିଂ ସଭାପତି, ପ୍ରଫୁଲ୍ଲ ଠାକୁର ଉପସଭାପତି, ରାଧାମୋହନ ସିଂ ସମ୍ପାଦକ, ଠାକୁର ସିଂ ବାବୁ ସହ ସମ୍ପାଦକ ଏବଂ ପ୍ରେମାନନ୍ଦ ଠାକୁରଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି । ସଭାରେ ବ୍ଲକର ରାଜପୁତ କ୍ଷତ୍ରିୟ ଯୋଗ ଦେଇଥିଲେ । ପ୍ରଫୁଲ୍ଲ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

### ନିର୍ବାଚନ ବ୍ୟୟ ସମୀକ୍ଷା ବୈଠକ

ପଦ୍ମପୁର, ୧୪।୧୦ (ଡି.ଏନ.ଏ): ବିଜେପୁର ଉପନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ବ୍ୟୟ ପର୍ଯ୍ୟବେକ୍ଷକ ପୌଜାଖାମ୍ ସୋମବାର ପଦ୍ମପୁର ଗସ୍ତରେ ଆସି ଉପନିର୍ବାଚନରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଦଳର ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସଂକ୍ରାନ୍ତୀୟ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ପଦ୍ମପୁର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ତନ୍ମୟ କୁମାର ଦରୱାନଙ୍କ ସମେତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଏଜେଣ୍ଟ ଏବଂ ନିର୍ବାଚନ ପରିଚାଳନା ପାଇଁ ଗଠିତ ଖର୍ଚ୍ଚ ତଦାରଖ ଦଳର ସଦସ୍ୟମାନେ ଯୋଗଦାନ କରିଥିଲେ ।

### ଯାଦବ ସମାଜର ଯୁଗାର ଯାତ୍ରା

ଜାମଟିକ୍ରା, ୧୪।୧୦ (ଡି.ଏନ.ଏ): ମାଁ ସମଲେଶ୍ୱରୀ ଦେବୀଙ୍କ ଦଶହରା ପୂର୍ଣ୍ଣିମା ପୂଜା ଅବସରରେ ଅତାବିରା ବ୍ଲକ ଯାଦବ ସାଂସ୍କୃତିକ ସମାଜ ତରଫରୁ ଏକ ବର୍ଣ୍ଣାଢ୍ୟ ଯୁଗାର ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ଯାଦବ ସମାଜର ମହିଳା ପୁରୁଷ ସଭ୍ୟଙ୍କ ସହ ଜନସାଧାରଣ ମଧ ଯୋଗଦାନ କରିଥିଲେ । ଯୁଗାର ଯାତ୍ରା ସ୍ଥାନୀୟ ଅତାବିରା ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ମାଁ ସମଲେଇ ମନ୍ଦିରଠାରେ ପହଞ୍ଚିଥିଲା। ମନ୍ଦିର ସେବକ ଯୁଗାର ବରଣ କରି ମନ୍ଦିର ଭିତରକୁ ନେଇ ପୂଜା କରିଥିଲେ। ମୋହନ କଠାର, ଦୁଃଖବନ୍ଧୁ ରାଉତ, ଗୋକୁଳ ଚିରଗୁଣ, ଦଶରଥ ବାଗ, ଗଣେଷ କଠାର, ରବିନ୍ଦ୍ର ନାରାୟଣ ବାଗ, ଦିପ୍ତି ପ୍ରକାଶ ବାଗ, ଉଦ୍ଧବ କଠାର ପ୍ରମୁଖ ସହଯୋଗ କରିଥିଲେ ।

### କୁମାର ପୂର୍ଣ୍ଣିମା ଯାତ୍ରା ଉଦ୍‌ଯାପିତ

ଗାଇସିଲେଟ, ୧୪।୧୦(ଡି.ଏନ.ଏ): ଗାଇସିଲେଟ ବ୍ଲକ ଜଗଲପାଟ ଗ୍ରାମପଞ୍ଚାୟତ ଟେଙ୍ଗନାପାଲି ଗ୍ରାମରେ ମା' ପାଟଣେଶ୍ୱରୀ, ପାଟଖଣ୍ଡା ଓ ବିରପାନ ଦେବୀଙ୍କ ସୁକଲ ପୂଜା ମହାସମାରୋହରେ ପାଳିତ ହୋଇଛି । ପରମ୍ପରା ଅନୁସାରେ ଗ୍ରାମର ଝାଙ୍କର କୀର୍ତ୍ତନ ଝରଝରିଆ, ଦେହେରିଆ ପ୍ରାଣ ଝରଝରିଆ ପୂଜାର୍ଚ୍ଚନା କରିଥିଲେ । ଚଳିତ ବର୍ଷ ୩ରୁ ୪ ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ମନୋରଞ୍ଜନ ସକାଶେ କଠଉମାଲ ଓ ବଡ ସାହାଜବାହାଲର ମହିଳା କୀର୍ତ୍ତନ ଦଳ ମଧରେ ବୈଠକୀ କୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠତ ହୋଇଥିଲା। ରାତିରେ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ଗ୍ରାମର ମୁଖିଆ ସଞ୍ଜୟ ଝରଝରିଆ ଓ ନୀଳାଞ୍ଚଳ ଝରଝରିଆ ସହଯୋଗ କରିଥିଲେ ।

# ଚିନିକଳ କର୍ମଚାରୀଙ୍କ ଧାରଣା

ବରଗଡ଼ ଅଫିସ୍, ୧୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନକୁ ଆଉମାତ୍ର ସପ୍ତାହେ ବାକି । ଏଥିପାଇଁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାରରେ ମାତିଛନ୍ତି । ୨/୩ଦିନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ବିଜେଡ଼ି ପ୍ରାର୍ଥିନୀ ରୀତା ସାହୁଙ୍କ ପ୍ରଚାର ପାଇଁ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ସମୟରେ ଅଞ୍ଚଳବାସୀ ସେମାନଙ୍କ ସମସ୍ୟା ଗୁଡ଼ିକୁ ମଧ୍ୟ ରାଜନେତା ତଥା ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଆଗେଇ ଆସିଛନ୍ତି ।

ବରଗଡ଼ ସମବାୟ ଚିନିକଳ କର୍ମଚାରୀ ଓ କୃଷକ ସମନ୍ୱୟ ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାରଠାରୁ ବରଗଡ଼ ଜିଲାପାଳ ଅଫିସ ଆଗରେ ଧାରଣା ଆରମ୍ଭ ହୋଇଛି । ଦୀର୍ଘ ୨୫ମାସ ହେଲା ଚିନିକଳ କର୍ମଚାରୀଙ୍କୁ ଦରମା ମିଳିନାହିଁ। ଗତ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୨୧ତାରିଖରେ ମୁଖ୍ୟମନ୍ତ୍ରୀ ସୋହେଲା ବ୍ଲକ ଇଚ୍ଛାପାଲି ସମାବେଶରେ ଚିନିକଳ ପୁନରୁଦ୍ଧାର ପାଇଁ ଘୋଷଣା କରିଥିବା ୧୧କୋଟି ଟଙ୍କା ଅନୁଦାନର କୌଣସି ସୁଫଳ କର୍ମଚାରୀଙ୍କୁ ମିଳିନାହିଁ । ଏହାର ପ୍ରତିବାଦରେ ଧାରଣାକୁ ଓହ୍ଲାଇଥିବା ଚିନିକଳ କର୍ମଚାରୀ ଓ କୃଷକ ସମନ୍ୱୟ ସମିତିର କମକର୍ତ୍ତା, ସଭ୍ୟମାନେ କହିଛନ୍ତି। ସେହିପରି ଦାବି ପୂରଣ କରା ନ ଗଲେ ଆସନ୍ତା ୧୬ତାରିଖରେ ସମିତି ପକ୍ଷରୁ ବିଜେପୁର ନିର୍ବାଚନ ମଣ୍ଡଳୀରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଚିନିକଳ କର୍ମଚାରୀ ସଂଘର ସମ୍ପାଦକ ସୁବ୍ରତ ସାହୁ, ଉଦ୍ଧବ ସାହୁ, ଆର. ଶ୍ରୀନିବାସ ରାଓ, ଭବାନୀ ପ୍ରସାଦ ସାହୁ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିବା ବେଳେ ସମନ୍ୱୟ ସମିତିର ସମସ୍ତ ସଭ୍ୟ ଧାରଣାରେ ସାମିଲ ହୋଇଛନ୍ତି।



ବରଗଡ଼ ଜିଲାପାଳ ଅଫିସ ଆଗରେ ଚିନିକଳ କର୍ମଚାରୀ ଓ କୃଷକ ସମନ୍ୱୟ ସମିତି ପକ୍ଷରୁ ଧାରଣା ଦିଆଯାଇଛି ।

**ବରଗଡ଼ ଚିନିକଳ**
- ଚିନିକଳ କର୍ମଚାରୀଙ୍କୁ ମିଳିନି ୨୫ ମାସର ଦରମା
- ମୁଖ୍ୟମନ୍ତ୍ରୀଙ୍କ ୧୧କୋଟି ଅନୁଦାନ ଘୋଷଣାରେ ରହିଛି

■ ତ୍ରୁଟିପୂର୍ଣ୍ଣ ବୀମାରାଶିକୁ ନେଇ ଚାଷୀ ଅସନ୍ତୋଷ

# ତହସିଲଦାରଙ୍କୁ ଦେଲେ ଦାବିପତ୍ର

ଭେଡ଼େନ, ୧୪।୧୦(ଡି.ଏନ.ଏ)

ଭେଡ଼େନ ତହସିଲରେ ଫସଲ ବୀମାରାଶି ପ୍ରଦାନରେ ତ୍ରୁଟି ରହିଥିବା ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ତହସିଲ ଅନ୍ତର୍ଗତ ରେଶମ ଆର୍‌ଆଇ ସର୍କଲର ବିଭିନ୍ନ ଗ୍ରାମର ଚାଷୀମାନେ ଏ ନେଇ ସୋମବାର ଭେଡ଼େନ ତହସିଲଦାର ସୀମା ସବିତା କୁଲୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୨୦୧୭ ଖରିଫ ଧାନ ଫସଲ ହାନି ହୋଇଥିଲା। କିନ୍ତୁ ଏହାର ପଞ୍ଜୀକୃତ ବୀମା କମ୍ପାନୀ ଏସିଏଫ, ୱାଇଏଫକୁ ବାହାନା କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ନିର୍ଦ୍ଧାରିତ ବୀମାରାଶି ପ୍ରଦାନ କରିନାହାନ୍ତି। ଏ ନେଇ ବାରମ୍ବାର ଆନ୍ଦୋଳନ ଓ ଚେତାବନୀ ସତ୍ତ୍ୱେ କମ୍ପାନୀ କି ପ୍ରଶାସନ କେହି ଚାଷୀଙ୍କ କଥା ଶୁଣୁନାହାନ୍ତି। ବର୍ତ୍ତମାନ ସରକାର ସମ୍ପୃକ୍ତ କମ୍ପାନୀକୁ ଦେଇଥିବା ପତ୍ର ସଂଖ୍ୟା ୧୪୩୦୫/୦୬-୦୮-୨୦୧୯ ଅନୁସାରେ ପନ୍ଦର ଦିନ ମଧରେ ବୀମାରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ପତ୍ର ପ୍ରଦାନର ଦୁଇମାସ ବିତିଯାଇଥିଲେ ମଧ ଚାଷୀମାନଙ୍କୁ ଏହି ରାଶି ମିଳିପାରିନାହିଁ। ଆଗାମୀ ଦିନରେ ଏହି ରାଶି ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଚାଷୀମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ତହସିଲଦାରଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ସେମାନେ ଚେତାବନୀ ଦେଇଛନ୍ତି । ରେଶମ ଅଞ୍ଚଳର ଚାଷୀ ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ମୋହନ ପ୍ରଧାନ, ଗଙ୍ଗାଧର ପାତ୍ରଙ୍କ ସମେତ ଅନେକ ଚାଷୀ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଧାରଣାରେ ବସିଲେ ଚାଷୀ

ବିଜେପୁର, ୧୪।୧୦ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଉପନିର୍ବାଚନକୁ ଏକ ସପ୍ତାହରୁ କମ୍ ସମୟ ରହିଥିବା ବେଳେ ଏହି ଅଞ୍ଚଳର ଅସନ୍ତୁଷ୍ଟ ଚାଷୀମାନେ ରଣହୁଙ୍କାର ଦେଇଛନ୍ତି । ୪ଦଫା ଦାବି ପୂରଣ ପାଇଁ ଚାଷୀମାନେ ସୋମବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ବିନୋଦ ବିହାରୀ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସୋହେଲା କୃଷକ ବିକାଶ ମଞ୍ଚର ପଞ୍ଚାନନ ଦଳପତ, ଯଦୁମଣି ପଟେଲ, ସଦାନନ୍ଦ ପୂଜାରୀ, ଶଙ୍କର୍ଷଣ ପଧାନ, ଚନ୍ଦ୍ରଗୁପ୍ତ ନାଏକ ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ କଟୁ ସମାଲୋଚନା କରିଥିଲେ ।

**୪ ଦଫା ଦାବି**

ସୂଚନା ଅନୁସାରେ, ପାଣିପାଗର ଅନିୟମିତତା ଯୋଗୁ ବିଜେପୁର ବ୍ଲକରେ ମରୁଡି ପରିସ୍ଥିତି ଦେଖାଦେଇଥିଲା। ଏହି ବ୍ଲକରେ ୨୬ ହଜାର ହେକ୍ଟର ଚାଷ ଉପଯୋଗୀ ଜମି ରହିଥିବା ବେଳେ ୧୯ହଜାର ୯ଶହ ହେକ୍ଟର ଜମିରେ ଖରିଫ ଧାନ ଫସଲ ହୋଇଥିଲା। ଚାଷୀମାନେ ୧୯ ହଜାର ୧ଶହ ହେକ୍ଟର ଜମିର ବୀମା ପାଇଁ ପ୍ରିମିୟମ ଦାଖଲ କରିଥିଲେ । ହେଲେ ସମ୍ପୃକ୍ତ ବୀମା କମ୍ପାନୀ ସାଟେଲାଇଟ ମାଧ୍ୟମରେ ସର୍ଭେ କରି ମାତ୍ର ୭୦୩୮ ହେକ୍ଟର ଜମିରେ ଧାନଚାଷ ହୋଇଥିବା ରିପୋର୍ଟକୁ ଆଧାର କରି ବୀମା କ୍ଷତିପୂରଣ ଦେଇଛି। ଅବଶିଷ୍ଟ ୧୨ ହଜାର ୬୨ ହେକ୍ଟର ଜମିର ପ୍ରିମିୟମ ଦାଖଲ କରିଥିବା ଚାଷୀଙ୍କ ଚାଷ ଜମି କୁଆଡେ ଗଲା ବୋଲି ଏସିଏଫର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ୨୦୧୮ ଖରିଫ ଫସଲ ବୀମା ରାଶି ଏହି ବ୍ଲକର ୨୩ ପଞ୍ଚାୟତ ଓ ଏନଏସିର ଚାଷୀ ପାଇ ସାରିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ଏହି ବ୍ଲକର ୧୫ ପଞ୍ଚାୟତ ପାଇଥିବା ବେଳେ ୯ ପଞ୍ଚାୟତର ଚାଷୀ ଇନପୁଟ ସବସିଡିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ତେଣୁ ଏସିଏଫ, ୱାସିଏଫ ଉଚ୍ଛେଦ, ୨୦୧୮ ଇନପୁଟ ସବ୍‌ସିଡିରୁ ବାଦ ପଡିଥିବା ଚାଷୀଙ୍କୁ ତୁରନ୍ତ ଇନପୁଟ ସବସିଡି ପ୍ରଦାନ ତଥା ଉତ୍ପାଦିତ ଶସ୍ୟ ଓ ପନିପରିବାର ବଜାର ସୁବିଧା ଆଦି ଚାରି ଦଫା ଦାବିରେ ଚାଷୀମାନେ ଧାରଣା ଦେଇଛନ୍ତି । ଖବର ଲେଖା ହେବା ସୁଦ୍ଧା (ଅପରାହ୍ଣ ୫ଟା) କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ନେତା, ମନ୍ତ୍ରୀ ଚାଷୀଙ୍କ ନିକଟକୁ ଆଲୋଚନା ପାଇଁ ଆସି ନ ଥିବାରୁ କୃଷକମାନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନରତ ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।



ତହସିଲ କାର୍ଯ୍ୟାଳୟ ସମ୍ମୁଖ ଧାରଣାସ୍ଥଳରେ ଜଣେ ଚାଷୀ ଉଦବୋଧନ ଦେଉଛନ୍ତି।

# ଭୋଟ୍ ବର୍ଜନ ନିଷ୍ପତ୍ତି, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍, ୧୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ତାତି ଦିନକୁ ଦିନ ବଢ଼ିବାରେ ଲାଗିଛି। ଉକ୍ତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଏବେ ମଧ୍ୟ ଅସମାହିତ ହୋଇ ରହିଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗାଇସିଲେଟ୍ ବ୍ଲକ ଚାଣ୍ଟିପାଲି ପଞ୍ଚାୟତ ଅଧୀନ ପତ୍ରାପାଲି ଗ୍ରାମବାସୀ ଆସନ୍ତା ଉପନିର୍ବାଚନରେ ଭୋଟ୍ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ବ୍ଲକ ହେଡ୍‌କ୍ୱାର୍ଟରକୁ ସଂଯୋଗ କରିବା ପାଇଁ ଗ୍ରାମବାସୀଙ୍କ ପାଇଁ ଏପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ । ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ବିଭିନ୍ନ ରାଜନୈତିକ ଦଳର ନେତାମାନେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଭଲ ରାସ୍ତାଟିଏ ନ ଥିବା ଯୋଗୁ ଗ୍ରାମବାସୀ କୌଣସି ସରକାରୀ ଅଫିସକୁ ଯିବା ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ସମୟରେ କାମ ହୋଇପାରୁ ନ ଥିବା ଯୋଗୁ ନିରାଶରେ ଘରକୁ ଫେରିବାକୁ ପଡୁଥିବା ସେମାନେ କହିଛନ୍ତି । ଏହି ଦୃଷ୍ଟିରୁ ବ୍ଲକକୁ ସଂଯୋଗ କରୁଥିବା ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ କରିବାକୁ ସେମାନେ ଗ୍ରାମବାସୀ ଦାବି କରିଛନ୍ତି । ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ମତଦାନରୁ ବିରତ ରହିବେ ବୋଲି ଗ୍ରାମର ଗୌରହରି ନାଏକ, ଶୁକମୁନୀ ନାଗ ପ୍ରମୁଖ କହିଛନ୍ତି ।



ଭୋଟ୍ ବର୍ଜନ ପାଇଁ ଜିଲାପାଳ ଅଫିସକୁ ସ୍ମାରକପତ୍ର ଦେବାକୁ ଆସୁଛନ୍ତି ।

# ସ୍ୱୟଂସିଦ୍ଧା ଫାଉଣ୍ଡେଶନର ବାର୍ଷିକ ସମାରୋହ

ବରପାଲି, ୧୪।୧୦ (ଡି.ଏନ.ଏ)

ସ୍ୱୟଂସିଦ୍ଧା ଫାଉଣ୍ଡେଶନର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ବରଗଡ଼ ଜିଲା ବରପାଲି ମାରୱାଡି ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଶିକ୍ଷା ଜିଲା ନିରୀକ୍ଷକ କୌସ୍ତୁର ବୁଧିଆ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଗଣେଶରାମ ନାହକ ମୁଖ୍ୟଅତିଥି, ଅନ୍ୟତମ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପ୍ରଦୀପ କୁମାର ହୋତା ସମ୍ମାନିତ ଅତିଥି, ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ତପସ୍ୱିନୀ ଗୁରୁ, ଅନ୍ୟତମ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୁବ ଶିକ୍ଷାବିତ ଡ. ସୁଜିତ କୁମାର ପୃଷେଠ ଯୋଗଦାନ କରିଥିଲେ । ଫାଉଣ୍ଡେସନ ସଦସ୍ୟ ଶେଷ ମେହେର ସ୍ୱାଗତ ଭାଷଣ ସହ ପରିଚୟ ପ୍ରଦାନ କରିଥିଲେ । ମ୍ୟାନେଜିଂ ଟ୍ରଷ୍ଟି ଡ. ସୁଶିଲ କୁମାର ବାଗ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ କବି ଦିବ୍ୟକିଶୋର ଦେବତାଙ୍କୁ ସାହିତ୍ୟ ସମ୍ମାନ, ଶବ୍ଦନୃତ୍ୟ ଗୁରୁ ତଥା ନାଟ୍ୟ ନିର୍ଦ୍ଦେଶକ ଭାଗବତ ପଧାନଙ୍କୁ କଳାସମ୍ମାନ ଓ କ୍ରୀଡା ଶିକ୍ଷକ ସମ୍ପୂର୍ଣ୍ଣ ଭୋଇଙ୍କୁ କ୍ରୀଡା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଅଧ୍ୟାପିକା ସଙ୍ଘମିତ୍ରା ମିଶ୍ର ମୁଖ୍ୟଅତିଥି ଓ ବରିଷ୍ଠ ଖବରଦାତା ଲକ୍ଷ୍ମୀନାରାୟଣ ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପାଠୋତ୍ସବକୁ ଅଧ୍ୟାପକ ଚିନ୍ମୟ ସାହୁ ସଂଯୋଜନା କରିଥିବା ବେଳେ ସୁବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବା ମାରୱାଡି ଯୁବାମଞ୍ଚର ମୂଳଲକ୍ଷ୍ୟ

ପଦ୍ମପୁର, ୧୪।୧୦ (ଡି.ଏନ.ଏ)

ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା, ସମାଜର ଉନ୍ନତି ଓ ଅସହାୟ ମାନଙ୍କୁ ସାହାଯ୍ୟ କରିବା ମାରୱାଡି ଯୁବାମଞ୍ଚର ମୂଳ ଲକ୍ଷ୍ୟ ବୋଲି ମାରୱାଡି ଯୁବାମଞ୍ଚର ରାଷ୍ଟ୍ରୀୟ ଅଧକ୍ଷ ଅମିତ ଅଗ୍ରୱାଲ ପ୍ରକାଶ କରିଛନ୍ତି । ସୋମବାର ପଦ୍ମପୁର ଶାସ୍ତ୍ରୀ ଧର୍ମଶାଳାଠାରେ ପହଞ୍ଚିବା ପରେ ମାରୱାଡି ଯୁବମଞ୍ଚ ଓ ଜାଗୃତି ଶାଖା ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପଦ୍ମପୁର ମାରୱାଡି ଯୁବାମଞ୍ଚର ସଭାପତି ଆଶିଷ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୁବାମଞ୍ଚ ରାଜ୍ୟ ସଭାପତି ମନିଷ ଅଗ୍ରୱାଲ, ଜାତୀୟ ସହ ସମ୍ପାଦକ କିଶୋର ଅଗ୍ରୱାଲ, ଜାତୀୟ ସଂଯୋଜକ ସରିତା ଅଗ୍ରୱାଲ, ରାଜ୍ୟ ସଂଯୋଜକ ପଙ୍କଜ ଜୈନ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ କମଳ ବଶଂଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜାଗୃତି ଶାଖାର ସଭାନେତ୍ରୀ ଧନେଶ୍ୱରୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପୁର ଉପନିର୍ବାଚନ ପାଇଁ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

ପଦ୍ମପୁର, ୧୪।୧୦ (ଡି.ଏନ.ଏ)

ପଦ୍ମପୁର ଅଞ୍ଚଳ କଲେଜ ପରିସର ମଧରେ ବିଜେପୁର ଉପନିର୍ବାଚନ ନିମନ୍ତେ ନିଯୁକ୍ତିପ୍ରାପ୍ତ ପୋଲିଂ ଅଧିକାରୀମାନଙ୍କ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି । ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଝାରବନ୍ଧ ବିଡିଓ ରୁନୁ ଲାକ୍ରା, ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ର, ପାଇକମାଳ ବିଡିଓ ସଦାଶିବ ନାୟକ, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁଙ୍କ ସମେତ ବିଭିନ୍ନ ବ୍ଲକର କମ୍ପ୍ୟୁଟର ପ୍ରୋଗ୍ରାମରମାନେ ପ୍ରଶିକ୍ଷକ ଭାବେ ଯୋଗଦାନ କରି ନିର୍ବାଚନ ପରିଚାଳନା ସଂକ୍ରାନ୍ତୀୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବରଗଡ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରିଜାଇଡିଂ ଅଧିକାରୀଙ୍କ ସମେତ ସମସ୍ତ ପୋଲିଂ ଅଧିକାରୀମାନେ ଯୋଗଦାନ କରି ତାଲିମ ନେଇଛନ୍ତି। ପଦ୍ମପୁର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ତନ୍ମୟ କୁମାର ଦରୱାନ ଯୋଗଦାନ କରି ଉପନିର୍ବାଚନକୁ ଶୃଙ୍ଖଳିତ ତଥା ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ସମସ୍ତ ପୋଲିଂ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ।



ପଦ୍ମପୁର ଅଞ୍ଚଳ କଲେଜରେ ପୋଲିଂ ଅଫିସରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

# କାର୍ତ୍ତିକ ବ୍ରତର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଜଣେ ହବିଷିଆଳି କଥା ହେଉଛନ୍ତି।

ପୁରୀ ଅଫିସ/ଭୁବନେଶ୍ୱର, (ବ୍ୟୁରୋ)୧୪।୧୦

ସୋମବାରଠାରୁ ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ମାସ। ହବିଷିଆଳିମାନେ ଆରମ୍ଭ କରିଛନ୍ତି କାର୍ତ୍ତିକ ବ୍ରତ। ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ୩ହଜାର ହବିଷିଆଳିଙ୍କ ପାଇଁ ଶ୍ରୀକ୍ଷେତ୍ରରେ ୩ଟି ଆଶ୍ରୟସ୍ଥଳୀ କରାଯାଇଛି। ଏଠାରେ ସେମାନଙ୍କ ଲାଗି ରହିବା, ମହାପ୍ରସାଦ ସେବନ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ସନ୍ଧ୍ୟା ପ୍ରାୟ ୬ଟାରେ ଭୁବନେଶ୍ୱର ଲୋକସେବା ଭବନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ହବିଷିଆଳି କାର୍ତ୍ତିକ ବ୍ରତର ଶୁଭାରମ୍ଭ କରିଛନ୍ତି।

ଏଥିପାଇଁ ପୁରୀ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ହୋଇଥିଲା। ଏଥିରେ ବହୁ ହବିଷିଆଳି ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କାର୍ତ୍ତିକ ବ୍ରତର ଶୁଭାରମ୍ଭ କରି ହବିଷିଆଳିଙ୍କ ଉଦ୍ଦେଶ୍ୟରେ କହିଥିଲେ, ପୁରୀରେ ଆପଣମାନଙ୍କ କାର୍ତ୍ତିକ ବ୍ରତ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ମହାପ୍ରଭୁଙ୍କ କରୁଣାରୁ ଆପଣମାନେ ଭଲରେ ମାସକ ଯାକ ରହି କାର୍ତ୍ତିକ ବ୍ରତ ପାଳନ କରି ପୁଣ୍ୟ ଲାଭ କରନ୍ତୁ। ଏହି ଅବସରରେ ସେ ହବିଷିଆଳି ଓ ସେମାନଙ୍କ ପରିବାରର ଶୁଭ କାମନା କରିଥିଲେ। ବାରିପଦାର ମମତା ଦେ ଏବଂ କୃଷ୍ଣପ୍ରସାଦର ରମା ଦଳାଇ ସେମାନଙ୍କ ଅନୁଭୂତି କହିଥିଲେ। ଆପଣମାନେ ଖୁସି ତ ବୋଲି ମୁଖ୍ୟମନ୍ତ୍ରୀ ପଚାରିଥିଲେ। ପ୍ରତ୍ୟୁତ୍ତରରେ ହବିଷିଆଳିମାନେ ହଁ କହିବା ସହ ହୁଳହୁଳି ପକାଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ଲୋକସେବା ଭବନରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ସଂସ୍କୃତି ସଚିବ ଡ. ମନୋରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସେହିପରି ପୁରୀ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଳଵନ୍ତ ସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଭୁବନେଶ୍ୱର ନୟାଗଡ଼ ସେବା ଏକ୍ସପ୍ରେସ

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

ବହୁ ପ୍ରତୀକ୍ଷିତ ଭୁବନେଶ୍ୱର-ନୟାଗଡ଼ ସେବା ଏକ୍ସପ୍ରେସ ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ରେଳମନ୍ତ୍ରୀ ପୀୟୂଷ ଗୋୟଲ ଅପରାହ୍ନ ୧ଟା ୩୦ରେ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଏହାକୁ ଉଦ୍‌ଘାଟନ କରିବେ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ଅନ୍ୟପକ୍ଷରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଉଚ୍ଚ ଶିକ୍ଷା ଓ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୁରୀ ଏମ୍‌ପି ପିନାକୀ ମିଶ୍ର, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି।

# ଏକାଠି ହେଲେ ସଲମାନ୍-ଦିଶା



**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍ ଇଦ୍‌କୁ କେବେ ହାତଛଡ଼ା କରନ୍ତି ନାହିଁ। ପ୍ରତିବର୍ଷ ସେ ଇଦ୍ ଅବସରରେ ନିଜ ଫ୍ୟାନ୍ସଙ୍କୁ ସ୍ପେଶାଲ ଭେଟି ଦେଇଥାନ୍ତି। ତେବେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୦ର ଇଦ୍ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି ସଲମାନ୍। ୨୦୨୦ ଇଦ୍ ଅବସରରେ ଫ୍ୟାନ୍ସଙ୍କୁ ତେବେ ଏହି ଫିଲ୍ମରେ ପ୍ରଥମେ ଅନୁଷ୍କା ଲିଡ୍ କରିବେ ବୋଲି ଚର୍ଚ୍ଚା ହେଉଥିବାବେଳେ ଏବେ କିନ୍ତୁ ଦିଶା ପଟାନୀଙ୍କୁ ଫାଇନାଲ୍ କରାଯାଇଥିବା ଜଣାପଡ଼ିଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଫିଲ୍ମ 'ରାଧେ-ଇଣ୍ଡିଆଜ୍ ମୋଷ୍ଟ ୱାଣ୍ଟେଡ୍ କୋପ୍'ରେ ସଲମାନ୍‌ଙ୍କ ସହ ଦିଶା ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ତେବେ ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ଘୋଷଣା କରାଯାଇନାହିଁ। ଫିଲ୍ମ 'ଏମ୍‌ଏସ୍ ଧୋନୀ'ରୁ ନିଜର ବଲିଉଡ୍ ଡେବ୍ୟୁ ଆରମ୍ଭ କରିଥିବା ଦିଶା ସଲମାନ୍‌ଙ୍କ ସହ ଫିଲ୍ମ 'ଭାରତ'ରେ ନଜରକୁ ଆସିଥିଲେ। 'ଭାରତ'ରେ ଉଭୟଙ୍କ ଗୀତ ସ୍ଲୋ-ମୋଶନ୍ ସୁପରହିଟ୍ ଥିଲା। ଆଗକୁ ଏହି ଯୋଡ଼ିକୁ ଦର୍ଶକେ କେତେ ପସନ୍ଦ କରୁଛନ୍ତି ତାହା ୨୦୨୦ ଇଦ୍ ଅବସରରେ ହିଁ ଜଣାପଡ଼ିବ।


**ICMR-REGIONAL MEDICAL RESEARCH CENTRE**
(Indian Council of Medical Research)
Chandrasekharpur, Bhubaneswar - 751 023

No.03(10)/Proj/TH/Pul.TB/2019/1149 Dt.14.10.2019

**WALK-IN-INTERVIEW / WRITTEN TEST**

A walk-in-interview / Written test is scheduled to be held at the office of ICMR-Regional Medical Research Centre, Chandrasekharpur, Bhubaneswar, Odisha for the following contractual posts for project entitled **"Intensified pulmonary tuberculosis case findings among selected high risk clinical groups attending secondary level public health care facilities".**

| Sl.No. | Name of the Post | Category | Date of walk-in-interview |
|---|---|---|---|
| 1 | Junior Medical Officer | UR-1 | 23.10.2019 at 10:00 A.M |
| 2 | Project Technical Officer | UR-1 | 24.10.2019 at 10:00 A.M |
| 3 | Project Assistant | UR-2, EWS-1, OBC-1 | 24.10.2019 at 10:00 A.M |
| 4 | Data Entry Operator-(Grade-B) | UR-1 | 23.10.2019 at 10:00 A.M |

**No TA/DA will be paid for appearing in the interview.**
For details of advertisement, terms & conditions, please visit the websites: www.rmrcbbsr.gov.in OR www.icmr.nic.in

Sd/-
Administrative Officer
For Director



OFFICE OF THE SUPERINTENDING ENGINEER ELECTRICAL CIRCLE (R&B)
**NIRMAN SOUDHA BHUBANESWAR**
E-mail seec.bbsr2010 @ gmail.com
**E-procurement Tender Call Notice No.2 of 2019-20**
No. 1681 /Date 11.10.19 /

**No. 220-B:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids in double cover system for street lighting work as detailed in the table given below.

| Sl. No | Name of the work | Approximate Estimated costput to Tender (Rs.) | Cost of Bid Document | Class of Contractor | Period of Completion |
|---|---|---|---|---|---|
| 1 | Supply, Installation, Testing & Commissioning of Street lights in the Town portion along the Median & Road sides of Cuttack-Chandbali road from Ch.49:160 to 54:902 in the district of Kendrapara. | Rs.1,77,23,216.00 (excluding GST) | Rs.10,000.00 Online | M.V/H.T | 3 (three) Calendar Months. |

Date & Time of available of bid document in the portal / online: - From 5:00 P.M of 18.10.2019 to 5:00 P.M. of 01.11.2019.
Date of Opening: - 11:30 A.M. of 02.11.2019.
Name and address of officer inviting Bid:- Superintending Engineer, Electrical Circle (R&B) Odisha, Bhubaneswar.
Further details can be seen from the e-procurement portal: https://tendersorissa.gov.in.
34107/11/0002/1920 Sd/-Er.R.K.Sahu, Superintending Engineer, Electrical Circle (R&B) Odisha, BBSR


# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ରାଜସ୍ୱ ଅଧିକାରୀ

କଟକ ରୋଡ,୧୪।୧୦(ଡି.ଏନ୍.ଏ.)



**୫ ମ୍ୟୁଟେଶନ ପାଇଁ ନେଉଥିଲେ ୫ହଜାର ଟଙ୍କା**

ମ୍ୟୁଟେଶନ କରାଇ ଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ଅଧିକାରୀ। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଦୋଲଣଶାସନ ଗ୍ରାମର ଦେବଦତ୍ତ ମିଶ୍ର। ସୂଚନା ଅନୁଯାୟୀ, ଦେବଦତ୍ତ ତହସିଲ ଅଫିସରେ ରେକର୍ଡ ରୁମ ଦାୟିତ୍ୱରେ ରହିଛନ୍ତି। ଗତ କିଛିଦିନ ଧରି ସୂର୍ଯ୍ୟକାନ୍ତ ସାହୁ ନାମକ ଜଣେ ବ୍ୟକ୍ତି ୫ଟି ମ୍ୟୁଟେଶନ ପାଇଁ ଆବେଦନ କରିଥିଲେ। ମ୍ୟୁଟେଶନ ଫାଇଲ ପଠାଇବା ପାଇଁ ଦେବଦତ୍ତ ୫ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ସୂର୍ଯ୍ୟକାନ୍ତ ଭିଜିଲାନ୍ସ ବିଭାଗର ସହଯୋଗ ଲୋଡ଼ିଥିଲେ। ସୋମବାର ପୂର୍ବ ଯୋଜନା ମୁତାବକ ଦେବଦତ୍ତ ତାଙ୍କ ଅଫିସ କୋଠରି ମଧ୍ୟରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଡିଏସପି ଅକ୍ଷୟ ମିଶ୍ର ଓ ସୁଶାନ୍ତ ପାଣିଗ୍ରାହୀଙ୍କ ସହ ଏକ ଟିମ ତାଙ୍କୁ ଧରିଥିଲେ। ଏ ନେଇ ଭିଜିଲାନ୍ସ କାର୍ଯ୍ୟାଳୟରେ ମାମଲା (ନଂ.୪୫/୧୯) ରୁଜୁ ହୋଇଛି।


OFFICE OF MUNICIPAL COUNCIL, SUNABEDA
**E-PROCUREMENT NOTICE**
No. 6068/ Date : 10.10.2019
**Bid-Identification No. M.C.-SBD-05/2019-20**

| | | |
|---|---|---|
| Total No. of Works | : | 02 Nos. |
| Tender Value | : | Rs. 24,19,000/- to 26,93,000/- |
| Bid Security | : | Rs. 24,200/- to Rs. 27,000/- |
| Available Period | : | Dt. 15.10.2019 at 11.00 AM to 26.10.2019 at 5.00P.M. |
| Tender Opening date | : | 29.10.2019 at 11.00 A.M. |

No. 242-C

Bidders are requested to participate in advance with their Class-D and Class-C DSC before the closing date.
Further details please visit : https://www.tendersorissa.gov.in
**Sd./- Executive Officer**
**Sunabeda Municipality**
13076/11/0007/1920



ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
Odisha Rural Development & Marketing Society
*creating competence and values in rural Odisha*
Panchayati Raj and DW Department, Government of Odisha
**ORMAS**
BHUBANESWAR

**No.2734/19** **Date: 14.10.19**
**SD/337/2019(P-2)**
No.CAD-460 :-

**REQUEST FOR PROPOSAL**

**Selection of Agencies for Establishment and Operation of Five Migration Support Centers (Bhubaneswar, Hyderabad, Pune, Bengaluru, Bhiwadi-NCR under DDU-GKY(Deen Dayal Upadhyaya-Grameen Kaushalya Yojana), ORMAS**

ORMAS invites eligible agencies to indicate their interest in providing the services demonstrating that they have the required qualifications and relevant experience to perform the Services in the prescribed format. The details of the terms and conditions of the above services can be downloaded from www.ormas.org. The agencies will submit sealed proposals superscribing "Request for Proposal for Selection of Agencies for Establishment and Operation of Five Migration Support Centers (Bhubaneswar, Hyderabad, Pune, Bengaluru, Bhiwadi-NCR under DDU-GKY(Deen Dayal Upadhyaya-Grameen Kaushalya Yojana), ORMAS" to the office of the Chief Executive Officer, Odisha Rural Development & Marketing Society (ORMAS), SIRD Campus, Unit-VIII, Bhubaneswar-751012 by 14.11.2019 (03.00 P.M). The technical proposal shall be opened on the same date at 4 P.M in ORMAS Conference Hall. In case of any Addendum/ Clarification/ Corrigendum/ Extension regarding this tender call notice, the same will be published in the above website. Authority reserves the right to accept or reject any tender and to cancel the procurement process at any time prior to the award of contract without assigning any reason thereof.

**Sd./- Chief Executive Officer**
**ORMAS, Bhubaneswar**
**19004/11/0003/1920**


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No RDM-LAA-MBJ-0032-2019/ 23212** **R&DM, Dated I 9 AUG 2019**

**No. XXI-35:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ମାକନ୍ଦ,** ଥାନା: ବେତନଟୀ ନଂ. ୧୦୧, ତହସିଲ- ମୋରଡ଼ା, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୨୨.୬୭** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ।
୨- **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩- **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪- **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବାରିପଦା।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡ଼ା | ମାକନ୍ଦ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୮.୭୧ | ଏ. ୨୨.୬୭ | ଏଥି ସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏକର ୮.୫୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ **ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୧୮/୨୦୧୮**
**ଏ.୨୨.୬୭ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିମନ୍ତେ**
**ମୌଜା-ମାକନ୍ଦ, ଥାନା- ବେତନଟୀ, ନଂ-୧୦୧, ତହସିଲ-ମୋରଡା, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୦୯ | ୧.୨୬ | ୦.୬୦ | ଡାହି ଏକ | ପ୍ରମିଳା ବାରିକ, ସ୍ୱା: ପୂର୍ଣ୍ଣଚନ୍ଦ୍ର ବାରିକ, ପୁଷ୍ପଲତା ବାରିକ, ପି: ପୂର୍ଣ୍ଣଚନ୍ଦ୍ର ବାରିକ, ଚନ୍ଦ୍ରମଣି ବାରିକ, ନିରମଣି ବାରିକ, ପି: ଅର୍ଜୁନ ବାରିକ, ଜା: ଭଣ୍ଡାରି, ବା: ନିଜଗାଁ |
| ୪ | ୪୮୦ | ୧.୪୯ | ୦.୧୮ | ଶାରଦ ଦୁଇ | ଆଶୀର୍ବାଦ ମହାନ୍ତ, ଝରି ମହାନ୍ତ, ଯାତ୍ରୀ ମହାନ୍ତ, ଯଶୋଦା ମହାନ୍ତ, ରବନୀ ମହାନ୍ତ, ପି: ଚନ୍ଦନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୪୮୭ | ୦.୩୬ | ୦.୨୩ | ଶାରଦ ତିନି | |
| ୬ | ୬୪୬ | ୧.୩୭ | ୦.୫୮ | ଶାରଦ ଦୁଇ | ଓପେନ ସିଂ, ଜଳଧର ସିଂ, ପି: କାମଲା ସିଂ, ସମ ସିଂ, ସ୍ୱା ; ରମେଶ ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୬୪୯ | ୦.୫୩ | ୦.୨୪ | ଶାରଦ ଦୁଇ | |
| | ୨୦୮ | ୦.୦୯ | ୦.୦୧ | ଘରବାରି | |
| ୧୦ | ୫୦୧ | ୦.୧୧ | ୦.୦୨ | ଘରବାରି | କାଳିଚରଣ ମହାନ୍ତ, ପି: ବୈକୁଣ୍ଠ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧ | ୪୦୧ | ୦.୪୫ | ୦.୧୨ | ଘରବାରି | କାଳିଆ ମାଝୀ, ସାଧୁ ମାଝୀ, ରାମ ମାଝୀ, ପି: ନାରଣ ମାଝୀ, ବାର୍ଷା ମାଝୀ, ମଧୁସୂଦନ ମାଝୀ, ପି: ସୁକୁଲା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୪୦୨ | ୦.୦୩ | ୦.୦୧ | ଘରବାରି | |
| | ୨୧୫ | ୧.୮୫ | ୦.୩୮ | ଡାହି ଏକ | |
| | ୨୨୫ | ୦.୭୬ | ୦.୦୧ | ଡାହି ଏକ | |
| ୧୬ | ୧୧୦ | ୦.୬୨ | ୦.୧୮ | ଡାହି ଏକ | କୃପାସିନ୍ଧୁ ମହାନ୍ତ, ପି: ରଞ୍ଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୭ | ୪୮୮ | ୦.୭୧ | ୦.୭୧ | ଶାରଦ ତିନି | କୈଳାସ ମହାନ୍ତ, ପି: ବଡପାନ୍ଦୁଡୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୮ | ୪୨୧ | ୦.୭୯ | ୦.୫୧ | ଡାହି ଏକ | କୈଳାସ ମହାନ୍ତ, ଅଜୟର ମହାନ୍ତ, ଦୁଃଶାସନ ମହାନ୍ତ, ସୁଦର୍ଶନ ମହାନ୍ତ, ପି: ବଡପାନ୍ଦୁଡ ମହାନ୍ତ, ଅହଲ୍ୟା ମହାନ୍ତ, ସ୍ୱା: ଶଙ୍କର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୦ | ୪୯୪ | ୦.୫୩ | ୦.୧୮ | ଶାରଦ ତିନି | କ୍ଷେତ୍ର ମୋହନ ମହାନ୍ତ, ପି: ଠେଲୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୫ | ୪୨୩ | ୦.୬୪ | ୦.୨୦ | ଘରବାରି | ଚାୟା ସିଂ, ପି: ଲେଦା ସିଂ, ବୈଦ୍ୟ ନାଥ ସିଂ, ପି: ସୁଲା ସିଂ, ସନିଆ ସିଂ, ନନ୍ଦ କିଶୋର ସିଂ, ପି: ଦୁଲା ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୪୨୨ | ୦.୫୭ | ୦.୫୩ | ଡାହି ଏକ | |
| ୪୧ | ୪୮୬ | ୦.୩୪ | ୦.୦୫ | ଶାରଦ ତିନି | ଝାଲ ମହାନ୍ତ, ସ୍ୱା: ସଭା ମହାନ୍ତ, ଗୌର ମହାନ୍ତ, ଚିନିବାସ ମହାନ୍ତ, ସାଗର ମହାନ୍ତ, ସୁରୁ ମହାନ୍ତ, ପି: ସଭା ମହାନ୍ତ, ରାମଚନ୍ଦ୍ର ମହାନ୍ତ, ରାଇଟର ମହାନ୍ତ, ହରମୋହନ ମହାନ୍ତ, ପି: ରତ୍ନା ମହାନ୍ତ, ପବନା ମହାନ୍ତ, ପି: ମକୁରୁ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ଗଗନା ମହାନ୍ତ, କାର୍ତ୍ତିକ ମହାନ୍ତ, ପି: କ୍ଷୀର ମହାନ୍ତ, ଜା: କୁଡୁମି, ବା: ନିଜଗାଁ ହରମୋହନ ମହାନ୍ତ ଅଂଶ ପକ୍ଷେ, ଖରିଦ ସୂତ୍ରେ ଦଖଲ ରାମ ଚନ୍ଦ୍ର ମହାନ୍ତ, ରାଇଟର ମହାନ୍ତ, ଖାତା ରୟତ ରେଜେଷ୍ଟ୍ରି ଦଲିଲ, ନମ୍ବର 345 ତା.15.2.74, ଜରସମନ ଟ. 1000.00 |
| | ୪୧୪ | ୦.୭୫ | ୦.୫୫ | ଘରବାରି | |
| ୪୨ | ୪୩୩ | ୧.୮୩ | ୦.୨୩ | ଡାହି ଏକ | ଦାବଡା ମାଝୀ, ବୁଢ଼ାଣ ମାଝୀ, ପି: ମହେଶ୍ୱର ମାଝୀ, ସାଲାଇ ମାଝୀ, ପି: ଦାବଡ଼ା ମାଝୀ, ତଳ ମାଝୀ, ପି: ସାନ ରୁପାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୬୧ | ୪୮୯ | ୦.୦୨ | ୦.୦୨ | ଶାରଦ ତିନି | ପାର୍ବତୀ ମହାନ୍ତ, ସ୍ୱା: ମହେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୬୨ | ୪୦୭ | ୦.୮୮ | ୦.୦୬ | ଡାହି ଏକ | ପାର୍ବତୀ ମହାନ୍ତ, ସ୍ୱା: ମହେନ୍ଦ୍ର ମହାନ୍ତ, ମହେନ୍ଦ୍ର ମହାନ୍ତ, ପି: ଚୈତନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୭୦ | ୪୯୦ | ୦.୨୧ | ୦.୧୬ | ଶାରଦ ତିନି | ବିଦ୍ୟାଧର ବିନ୍ଧାଣୀ, ପି: ଭୁରୁଙ୍ଗ ବିନ୍ଧାଣୀ, ସୋମନାଥ ବିନ୍ଧାଣୀ, ପି: ଶମ୍ଭୁ ବିନ୍ଧାଣୀ, ମଙ୍ଗୁଳି ବିନ୍ଧାଣୀ, ସ୍ୱା: ଶମ୍ଭୁ ବିନ୍ଧାଣୀ, ବଳରାମ ବିନ୍ଧାଣୀ, ଘାନା ବିନ୍ଧାଣୀ, ଦର୍ଗା ବିନ୍ଧାଣୀ, ଲକ୍ଷ୍ମଣ ବିନ୍ଧାଣୀ, ପି: ଛୁଟୁ ବିନ୍ଧାଣୀ, ଜା: କମାର, ବା: ନିଜଗାଁ |
| | ୨୧୩ | ୦.୮୦ | ୦.୫୧ | ଘରବାରି | |
| ୭୪ | ୪୦୫ | ୦.୧୭ | ୦.୧୭ | ଘରବାରି | ବୈକୁଣ୍ଠ ମହାନ୍ତ, ପି: ଜଗତୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୦୯ | ୧.୨୫ | ୦.୪୦ | ଡାହି ଏକ | |
| ୭୮ | ୪୧୬ | ୦.୩୫ | ୦.୩୦ | ପତିତ | ଭୁଆ ମାଝୀ, ପି: ବାଢ଼େଇ ମାଝୀ, ରାମ ଯାଇ ମାଝୀ, ପି: ଦାଟୁ ମାଝୀ, ସାଗରାମ ମାଝୀ, ପି: ନେମ୍ଭ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୨୬ | ୧.୧୪ | ୦.୮୬ | ଡାହି ଏକ | |
| ୮୧ | ୨୨୦ | ୦.୫୬ | ୦.୦୩ | ଡାହି ଏକ | ମଙ୍ଗଲ ସିଂ, ପି: କାରୁ ସିଂ, ଜଗା ସିଂ, ପି: ଡିଗିରା ସିଂ, ଭଡୁଗା ସିଂ, ପି: କାରୁ ସିଂ, ସୁନି ସିଂ, ସ୍ୱା: ଟୁଟୁ ସିଂ, ପୂର୍ଣ୍ଣ ସିଂ, ପି: ଟୁଟୁ ସିଂ, ରେପ ସିଂ, ଗୋରା ସିଂ, ପି: ଖଇରା ସିଂ, ବିନ୍ଦି ସିଂ, ସ୍ୱା: ଖଇରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୮୨ | ୨୨୧ | ୦.୫୫ | ୦.୨୮ | ଡାହି ଏକ | ମଙ୍ଗଳ ସିଂ, ଭଡୁଗା ସିଂ, ପି: କାରୁ ସିଂ, ପୂର୍ଣ୍ଣ ସିଂ, ପି: ଛଟୁ ସିଂ, କାଲା ସିଂ, ପି: ଖାନିଆ ସିଂ, ରୁଣ୍ଡା ସିଂ, ଗୁରୁଭା ସିଂ, ମକରା ସିଂ, ପି: ଗୟା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୮୩ | ୪୮୫ | ୧.୦୬ | ୦.୨୨ | ଶାରଦ ତିନି | ମଦନ ମାଝୀ, ପି: ଭଜାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୮୬ | ୨୧୦ | ୦.୩୭ | ୦.୨୬ | ଘରବାରି | ମାର୍କଣ୍ଡ ସିଂ, ବାଜନ ସିଂ, ଡଗଲ ସିଂ, ମିସ୍ତ୍ରୀ ସିଂ, ଶୁକ୍ର ସିଂ, ପି: ସାଇବା ସିଂ, ଗୁରୁବାରି ସିଂ, ସ୍ୱା: ସାରଦା ସିଂ, ଶୁକୁରୁ ସିଂ, ସ୍ୱା: ଶ୍ୟାମ ସିଂ, ଦୁର୍ଗା ସିଂ, ସ୍ୱା: ଡବାଲ ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୨୨୩ | ୦.୪୦ | ୦.୩୮ | ଡାହି ଏକ | |
| ୧୦୨ | ୨୨୭ | ୦.୮୬ | ୦.୨୩ | ଡାହି ଏକ | ରେଣ୍ଡା ମାଝୀ, ପି: ସୁକୁଲ ମାଝୀ, ସୁନା ମାଝୀ, କର ମାଝୀ, ପି: ମିରିଜା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୭ | ୬୪୭ | ୩.୦୮ | ୧.୦୮ | ଶାରଦ ଦୁଇ | ଲାଲା ସିଂ, ପି: ଗହ୍ଲା ସିଂ, ପୁଡୁ ସିଂ, ପି: ଦୁର୍ଗା ସିଂ, ଦିବି ସିଂ, ସ୍ୱା: ଦୁର୍ଗା ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୪୯୮ | ୧.୬୮ | ୦.୪୮ | ଡାହି ଏକ | |
| | ୨୨୪ | ୦.୫୪ | ୦.୪୦ | ଡାହି ଏକ | |
| ୧୦୯ | ୪୨୦ | ୦.୮୪ | ୦.୪୦ | ପତିତ | ଶତ୍ରୁଘ୍ନ ମହାନ୍ତ, ପି: ଜଗତ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧୩ | ୨୨୨ | ୦.୬୭ | ୦.୦୧ | ଡାହି ଏକ | ସନିଆ ସିଂ, ଲକ୍ଷ୍ମଣ ସିଂ, ପି: କାନ୍ଦୁ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୧୬ | ୧୧୨ | ୧.୫୪ | ୦.୯୦ | ଡାହି ଏକ | ଶରତ ମହାନ୍ତ, ଅଷ୍ଟମୀ ମହାନ୍ତ, ପି: ମହେଶ୍ୱର ମହାନ୍ତ, ମୁଷି ମହାନ୍ତ, ସ୍ୱା: ମହେଶ୍ୱର ମହାନ୍ତ, କାଳି ଚରଣ ମହାନ୍ତ, ରବୀନ୍ଦ୍ର ମହାନ୍ତ, ଶୁକୁରୀ ମହାନ୍ତ, ସୀତା ମହାନ୍ତ, ପି: ଶଙ୍କର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୨୧ | ୪୦୪ | ୦.୨୪ | ୦.୧୮ | ଘରବାରି | ସୁକୁରା ସିଂ, ପି: ମନୁ ସିଂ, ଶୁନୁ ସିଂ, ସନିଆ ସିଂ, ପି: ସୁକୁରା ସିଂ, ରଇବୁ ସିଂ, ପି: ରଥ ସିଂ, ସାନସୁକୁରା ସିଂ, ପି: ଲକ୍ଷ୍ମଣ ସିଂ, ଗେଡି ସିଂ, ସ୍ୱା: ଗୋରା ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୪୦୬ | ୦.୯୯ | ୦.୫୫ | ପତିତ | |
| ୧୩୦ | ୧୧୧ | ୦.୭୦ | ୦.୧୫ | ଡାହି ଏକ | ହେମ ଚନ୍ଦ୍ର ମହାନ୍ତ, ପି: ଜଲାଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୦/ ୩୦ | ୪୮୯/ ୮୫୭ | ୦.୫୩ | ୦.୨୪ | ଶାରଦ ତିନି | ସୁଧାକର ମହାନ୍ତ, ପି: ଦିବାକର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୦/ ୪୭ | ୪୮୭/ ୯୦୮ | ୦.୩୬ | ୦.୩୬ | ଶାରଦ ତିନି | ଭୀମଚରଣ ମହାନ୍ତ, ପି: ବିଶ୍ୱମ୍ଭର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| **ସମପରିମାଣ ଗୋଚର ପ୍ରତିବଦଳି** | | | | | |
| ୧ | ୧୦୯ | | ୦.୬୬ | ଡାହି ଏକ | ପ୍ରମିଳା ବାରିକ, ସ୍ୱା: ପୂର୍ଣ୍ଣଚନ୍ଦ୍ର ବାରିକ, ପୁଷ୍ପଲତା ବାରିକ, ପି: ପୂର୍ଣ୍ଣଚନ୍ଦ୍ର ବାରିକ, ଚନ୍ଦ୍ରମଣି ବାରିକ, ନିରମଣି ବାରିକ, ପି: ଅର୍ଜୁନ ବାରିକ, ଜା: ଭଣ୍ଡାରି, ବା: ନିଜଗାଁ |
| ୧୧ | ୨୧୫ | | ୧.୪୭ | ଡାହି ଏକ | କାଳିଆ ମାଝୀ, ସାଧୁ ମାଝୀ, ରାମ ମାଝୀ, ପି: ନାରଣ ମାଝୀ, ବାର୍ଷା ମାଝୀ, ମଧୁସୁଦନ ମାଝୀ, ପି: ସୁକୁଲା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨ | ୨୧୭ | ୧.୮୦ | ୧.୮୦ | ଡାହି ଏକ | କାଲା ସିଂ, ପି: ଗୋପ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୬ | ୧୧୦ | | ୦.୪୪ | ଡାହି ଏକ | କୃପାସିନ୍ଧୁ ମହାନ୍ତ, ପି: ରଞ୍ଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୫୮ | ୨୧୬ | ୦.୫୧ | ୦.୫୧ | ଡାହି ଏକ | ପଗ ସିଂ, ଲେହ୍ଲା ସିଂ, ଲବା ସିଂ, ପି: ବୋକା ସିଂ, କୌଶଲ୍ୟା ସିଂ, ସ୍ୱା: ବୋକା ସିଂ, ଓପାର ସିଂ, ସ୍ୱା: ଲେହ୍ଲା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୭୮ | ୨୨୬ | | ୦.୨୮ | ଡାହି ଏକ | ଭୁଆ ମାଝୀ, ପି: ବଢ଼େଇ ମାଝୀ, ରାମ ଯାଇ ମାଝୀ, ପି: ଦାଟୁ ମାଝୀ, ସାଗରାମ ମାଝୀ, ପି: ନେମ୍ଭ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୮୧ | ୨୨୦ | | ୦.୫୩ | ଡାହି ଏକ | ମଙ୍ଗଲ ସିଂ, ପି: କାରୁ ସିଂ, ଜଗା ସିଂ, ପି: ଡିଗିରା ସିଂ, ଭଡୁଗା ସିଂ, ପି: କାରୁ ସିଂ, ସୁନି ସିଂ, ସ୍ୱା: ଟୁଟୁ ସିଂ, ପୂର୍ଣ୍ଣ ସିଂ, ପି: ଟୁଟୁ ସିଂ, ରେପ ସିଂ, ଗୋରା ସିଂ, ପି: ଖଇରା ସିଂ, ବିନ୍ଦି ସିଂ, ସ୍ୱା: ଖଇରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୮୨ | ୨୨୧ | | ୦.୨୭ | ଡାହି ଏକ | ମଙ୍ଗଳ ସିଂ, ଭଡୁଗା ସିଂ, ପି: କାରୁ ସିଂ, ପୂର୍ଣ୍ଣ ସିଂ, ପି: ଛଟୁ ସିଂ, କାଲା ସିଂ, ପି: ଖାନିଆ ସିଂ, ରୁଣ୍ଡା ସିଂ, ଗୁରୁଭା ସିଂ, ମକରା ସିଂ, ପି: ଗୟା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୮୬ | ୨୨୩ | | ୦.୦୨ | ଡାହି ଏକ | ମାର୍କଣ୍ଡ ସିଂ, ବାଜନ ସିଂ, ଡଗଲ ସିଂ, ମିସ୍ତ୍ରୀ ସିଂ, ଶୁକ୍ର ସିଂ, ପି: ସାଇବା ସିଂ, ଗୁରୁବାରି ସିଂ, ସ୍ୱା: ସାରଦା ସିଂ, ଶୁକୁରୁ ସିଂ, ସ୍ୱା: ଶ୍ୟାମ ସିଂ, ଦୁର୍ଗା ସିଂ, ସ୍ୱା: ଡବାଲ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୧୩ | ୨୨୨ | | ୦.୪୬ | ଡାହି ଏକ | ସନିଆ ସିଂ, ଲକ୍ଷ୍ମଣ ସିଂ, ପି: କାନ୍ଦୁ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୨୨ | ୨୧୯ | ୧.୦୪ | ୧.୦୪ | ଡାହି ଏକ | ସୁନି ସିଂ, ସ୍ୱା: ମଙ୍ଗଲ ସିଂ, ସୁନ୍ଦରଲାଲ ସିଂ, ପି: ଲେପା ସିଂ, ଗୁରୁବାରି ସିଂ, ସ୍ୱା: ଲେପା ସିଂ, ମାଦି ସିଂ, ସ୍ୱା: ରୋହିଆ ସିଂ, କଣ୍ଡୁରି ସିଂ, ବାୟା ସିଂ, ପି: ରୋହିଆ ସିଂ, ଭିମ ସିଂ, କୟାଁ ସିଂ, ପି: ଲକ୍ଷ୍ମୀଧର ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୨୭ | ୨୧୮ | ୦.୪୯ | ୦.୪୯ | ଡାହି ଏକ | ହରିଶ୍ଚନ୍ଦ୍ର ମହାନ୍ତ, ରଙ୍ଗଲାଲ ମହାନ୍ତ, ପି: ଶଙ୍କୁର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୦ | ୧୧୧ | | ୦.୫୫ | ଡାହି ଏକ | ହେମ ଚନ୍ଦ୍ର ମହାନ୍ତ, ପି: ଜଲାଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| **ମୋଟ** | **୪୯ ପ୍ଲଟ୍‌କୁ** | **ଏ.୩୮.୭୧ ଡେ.ମି.** | **ଏ.୨୨.୬୭ ଡେ.ମି.** | | |

**24001/14/0210/1920**

# ହେୟାର ପର୍ମିଂ



ଘନ ଓ ସିଧା କେଶ କାହାର ବା ପସନ୍ଦ ନୁହେଁ। ଯେଉଁଥିଲାଗି ବର୍ତ୍ତମାନ ହେୟାର୍ ଷ୍ଟ୍ରେଟନିଂ ଟ୍ରେଣ୍ଡ ପାଲଟିଛି। ହେଲେ କେବେ କେବେ ସିଧା ଏବଂ ପତଳା କେଶ ଅନେକଙ୍କଠାରେ ସୌନ୍ଦର୍ଯ୍ୟ ବଢ଼ାଇବା ପରିବର୍ତ୍ତେ କମାଇଥାଏ। ତେଣୁ ସେମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ହେୟାର୍ ପର୍ମିଂ ସବୁଠୁ ବେଷ୍ଟ ଉପାୟ। ଜାଣି ରଖନ୍ତୁ ଏହା କରିବାର ଉପାୟ...

- ପ୍ରଥମେ କେଶକୁ ଭଲ ଭାବେ ଶାମ୍ପୁ କରି ନିଅନ୍ତୁ। ଏହାକୁ ଟାୱେଲ୍‌ରେ ପରେ ପୋଛି ଦିଅନ୍ତୁ।
- ସାମାନ୍ୟ ଓଦାଥିବା ଅବସ୍ଥାରେ ଶୋଇ ରହି କେଶକୁ ଅଳ୍ପ ଅଳ୍ପ ଭାଗ କରିଦିଅନ୍ତୁ। ପ୍ରତି ଭାଗ କେଶକୁ ଭଲ ଭାବେ ରୋଲରରେ ଗୁଡ଼ାଇ ଦିଅନ୍ତୁ।
- ସବୁ ରୋଲ ହୋଇଥିବା କେଶ ଉପରେ ପର୍ମିଂ ଲୋଶନ ଲଗାନ୍ତୁ।
- ଏହା ଉପରେ ସାୱାର୍ କ୍ୟାପ୍ କିମ୍ବା ଟାୱେଲ୍ ଗୁଡ଼ାଇ ଦିଅନ୍ତୁ।
- ୧୫ ମିନିଟ୍ ରଖିବା ପରେ କେଶ ରୋଲ ହୋଇଛି କି ନାହିଁ ଜାଣିବା ଲାଗି ସର୍ବ ପ୍ରଥମେ ଯେଉଁ କେଶ ରୋଲ କରିଥିଲେ ତା'କୁ ଖୋଲି ଦେଖନ୍ତୁ। ଯଦି ହୋଇଥାଏ ତେବେ ରୋଲର ଲାଗି ଥିବା ଅବସ୍ଥାରେ ହିଁ କେଶକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାକୁ ଟିସୁ ପେପର ସାହାଯ୍ୟରେ ଶୁଖାନ୍ତୁ।
- ପାଣି ସମ୍ପୂର୍ଣ୍ଣ ଛାଡ଼ିଗଲେ ନ୍ୟୁଟ୍ରାଲାଇଜର ଲଗାନ୍ତୁ ଏବଂ କିଛି ସମୟ ରଖିବା ପରେ ରୋଲର ଖୋଲି ଦିଅନ୍ତୁ। ଖୋଲିବା ପରେ ପୁନର୍ବାର ନ୍ୟୁଟ୍ରାଲାଇଜର ଲଗାଇ ୫ ମିନିଟ୍ ରଖିବା ପରେ ସାଦା ପାଣିରେ ଧୋଇ ଦିଅନ୍ତୁ ଏବଂ ଶୁଖିବାକୁ ଛାଡି ଦିଅନ୍ତୁ। ବର୍ତ୍ତମାନ ଆପଣଙ୍କ କେଶ ପୂର୍ବ ଅପେକ୍ଷା ବାଉନ୍ସି ଏବଂ ଷ୍ଟାଇଲିଶ୍ ଲାଗିବ।



# ପୁରୁଣା ଶାଢ଼ିରୁ...

ବିତୁଥିବା ଦିନ ସହିତ ନୂଆ ନୂଆ ଶାଢୀ କିଣିବା ଭିତରେ ଅନେକ ଶାଢୀ ପୁରୁଣା ହୋଇ ଅଦରକାରୀ ହୋଇଯାଏ। ହେଲେ ଫିଙ୍ଗିବା ଅପେକ୍ଷା ବିଭିନ୍ନ ଉପାୟରେ ଏହାର ବ୍ୟବହାର କରାଯାଇ ପାରିବା ଜାଣି ରଖନ୍ତୁ ସେ ସମ୍ପର୍କରେ...





- ପୁରୁଣା ଶାଢ଼ିରେ ସାଲ୍‌ୱାର ପଞ୍ଜାବୀ, ଫ୍ରକ୍, ଲଙ୍ଗ୍ ସ୍କର୍ଟ ଏବଂ ଅନ୍ୟାନ୍ୟ ନୂଆ ନୂଆ ଡିଜାଇନ୍‌ର ଡ୍ରେସ୍ ପ୍ରସ୍ତୁତ କରି ପିନ୍ଧି ପାରିବେ। ଶାଢିକୁ କାଟି ବିଶେଷ କରି ପାଟ ଶାଢିକୁ ଓଢଣି ଭାବେ କୁର୍ତ୍ତି ସହିତ ବ୍ୟବହାର କଲେ ଖୁବ୍ ସୁନ୍ଦର ଏବଂ ଆକର୍ଷଣୀୟ ଲାଗିବ।
- କୌଣସି ପୁରୁଣା ଶାଢୀର ବର୍ଡର ଆକର୍ଷଣୀୟ ହୋଇଥିଲେ ଏହାକୁ କାଢି ଅନ୍ୟ ଶାଢି କିମ୍ବା ପ୍ଲେନ୍ ରଙ୍ଗର କପଡାରେ ଲଗାଇ ନୂଆ ଶାଢି ଭାବେ ବ୍ୟବହାର କରିପାରିବେ।
- ଅଳ୍ପ ଖର୍ଚ୍ଚରେ ମନମୁତାବକ ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ ଆପଣ ନିଜ ପାଖରେ ଥିବା କୌଣସି ଡିଜାଇନର ବର୍ଡର ୱାର୍କ ଥିବା ପୁରୁଣା ଶାଢୀକୁ ବ୍ୟବହାର କରିପାରିବେ। ଏହା ଅନ୍ୟମାନଙ୍କ ଠାରୁ ଡିଫରେଣ୍ଟ ଲୁକ୍ ଦେବ।
- ଟେବୁଲ୍ କ୍ଲଥ୍ ଭାବେ ବ୍ୟବହାର କରିବା ଲାଗି ପୁରୁଣା ଶାଢୀ ଏକ ଭଲ ବିକଳ୍ପ। ଏହା ଦ୍ୱାରା ଗୋଟିଏ ଶାଢୀରୁ ଏକାଧିକ ଟେବୁଲ କ୍ଲଥ୍ ପ୍ରସ୍ତୁତ କରି ପାରିବେ। ଏହାକୁ ଧୋଇବା ମଧ୍ୟ ଖୁବ୍ ସହଜ। ସେହିପରି ଏଥିରୁ ଆପଣ ୱାଶିଂ ମେସିନ୍, ଫ୍ରିଜ୍, ଆଲମିରା ଆଦିର କଭର ମଧ୍ୟ ପ୍ରସ୍ତୁତ କରିପାରିବେ।
- ସୁନ୍ଦର ସୁନ୍ଦର କୁସନ୍ କଭର ପ୍ରସ୍ତୁତ କରିବା ଲାଗି ପୁରୁଣା ଶଢିକୁ ବ୍ୟବହାର କରି ପରିବେ। ବିଶେଷ କରି ପାଟ, ମଠା ଭଳି ପାରମ୍ପରିକ ଶାଢୀରେ କୁସନ୍ କଭର ପ୍ରସ୍ତୁତ କଲେ ଏହା ଘରକୁ ଏଥ୍‌ନିକ୍ ଲୁକ୍ ଦେଇଥାଏ।



# ମହିଳା ଓ ଶ୍ୱେତପ୍ରଦର





ଶ୍ୱେତପ୍ରଦର ରୋଗ ନାରୀମାନଙ୍କୁ ହୋଇଥାଏ। ଅସାମଞ୍ଜସ୍ୟ ଆହାର, ବିହାର, ଦୂଷିତ ପରିବେଶ, ଅତ୍ୟଧିକ ପରିଶ୍ରମ, ମାସିକ ଋତୁସ୍ରାବ ସମୟରେ ପରିଷ୍କାର ନ ରହିବା ଦ୍ୱାରା ଏହି ରୋଗ ଉତ୍ପତ୍ତିର କାରଣ ହୋଇଥାଏ। ଏହି ରୋଗରେ ଆକ୍ରାନ୍ତ ରୋଗୀର ଯୌନାଙ୍ଗ ସର୍ବଦା ଅସ୍ୱଚ୍ଛ ଓ ଦୁର୍ଗନ୍ଧଯୁକ୍ତ ହୋଇଥାଏ ଏବଂ ଲଜ୍ଜା ଓ ସଙ୍କୋଚ କରି ଉକ୍ତ ରୋଗକୁ ଲୁଚାଇଥାନ୍ତି। ଯଦ୍ୱାରା ରୋଗୀ ଶାରୀରିକ ଓ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାବେ ମଳିନ ପଡ଼ିଯାଏ। ଏବେ ଶତକଡ଼ା ୬୫ ପ୍ରତିଶତ ନାରୀ ଏହି ରୋଗରେ ଆକ୍ରାନ୍ତ । ଏହି ରୋଗର କାରଣ ଓ ପ୍ରତିକାର ଦ୍ୱାରା ଏହାକୁ ପ୍ରତିରୋଧ କରାଯାଇପାରିବ।

ଶ୍ୱେତପ୍ରଦର ଯାହାର ଅର୍ଥ ହେଉଛି ଧଳାସ୍ରାବ। ଏହାକୁ Leucorrhoea କୁହାଯାଏ। ଅର୍ଥାତ୍ Leuco (ଧଳା) ଏବଂ Orrhoea (ସ୍ରାବ) ଅଟେ।

**କାରଣ :** ଶରୀର ବିକାରଗ୍ରସ୍ତ କାରଣରୁ ଜରାୟୁରୁ ଅସ୍ୱାଭାବିକ ବା ସର୍ବଦା ଧଳାସ୍ରାବ ଯୌନାଙ୍ଗରୁ ନିର୍ଗତ ହେବାକୁ ଶ୍ୱେତପ୍ରଦର କୁହାଯାଏ। ଏହି ରୋଗରେ କୌଣସି ସ୍ୱତନ୍ତ୍ର କଷ୍ଟ ବା ପୀଡ଼ା ନ ଥିଲେ ମଧ୍ୟ ଅନ୍ୟ ଆନୁଷଙ୍ଗିକ ପୀଡ଼ାକୁ ଏକତ୍ର କରି ରୋଗୀକୁ କଷ୍ଟ ଦେଇଥାଏ।

ଏହି ରୋଗର ପ୍ରମୁଖ କାରଣ ଅହିତକର ଆହାର, ଦୂଷିତ ପରିବେଶ ଅର୍ଥାତ୍ ଅଧିକ ମାତ୍ରାରେ ତେଲ, ଲୁଣ, କଟୁ, ବାସି, ଖଟା, ଅଧିକ ରାଗ ଓ ତେଲମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍, ଲୁଣି ମାଛ, ଶୁଖୁଆ, କଙ୍କଡ଼ା ଆଦି ଅଧିକ ପରିମାଣର ଭୋଜନ ଦ୍ୱାରା ଖାଦ୍ୟର ଅନୁପଯୁକ୍ତ ସମୟ, ଯୌନାଙ୍ଗରେ ଦୂଷିତ କପଡ଼ା ବ୍ୟବହାର କରିବା, ଯୌନାଙ୍ଗ ଅପରିଷ୍କାର ରହିବା ଦ୍ୱାରା ଧଳାସ୍ରାବ ହୋଇଥାଏ। ଏତଦ୍‌ବ୍ୟତୀତ ସିଫିଲିସ୍, ଗନେରିଆଯୁକ୍ତ ବ୍ୟକ୍ତିଙ୍କ ସହ ଯୌନ ସମ୍ବନ୍ଧ ସ୍ଥାପନାର ପ୍ରଥମ ଲକ୍ଷଣ ମଧ୍ୟ ଶ୍ୱେତପ୍ରଦର ହୋଇଥାଏ। ଏହି କାରଣରୁ ଯୋନିକଣ୍ଡୁ ଉତ୍ପନ୍ନ ହୋଇଥାଏ। ଯାହାଦ୍ୱାରା ଅପରିଷ୍କାର ଜିନିଷ ବା ଅଙ୍ଗୁଳି ଦ୍ୱାରା କୁଣ୍ଡାଇଲେ ମଧ୍ୟ ସଂକ୍ରମଣ ହୋଇ ଏହି ରୋଗ ବଢ଼ିଯାଏ। ଏହି ରୋଗ ପୁରାତନ ହେଲେ ଶରୀର ଦୁର୍ବଳ ହୋଇଯାଏ। ରୋଗୀ ସର୍ବଦା ଶୋଇବାକୁ ଇଚ୍ଛାକରେ ଓ ଚିଡ଼ିଚିଡ଼ା ହୋଇଯାଏ। ହାତଗୋଡ଼, ଅଣ୍ଟା ଦରଜ ହୁଏ, ଜ୍ୱର ହେଲାପରି ଲାଗେ। ସର୍ବଦା ଥଣ୍ଡା ଧରେ। ହାତ, ପାଦ, ମୁଖ ମଧ୍ୟ ଜ୍ୱଳନ ହେଲାପରି ଲାଗେ। ମାସିକ ଋତୁସ୍ରାବ ମଧ୍ୟ ଠିକ୍ ହୋଇ ନ ଥାଏ। ପରିସ୍ରା ମଧ୍ୟ ଜ୍ୱଳନ କରେ ଓ ହଳଦିଆ ପରିସ୍ରା ହୋଇଥାଏ।

**ରୋଗର ଲକ୍ଷଣ :** ରୋଗ ଆରମ୍ଭରୁ ରୋଗୀକୁ ଅଜୀର୍ଣ୍ଣ, ଅରୁଚି, ଅଗ୍ନିମାନ୍ଦ୍ୟ, ଅମ୍ଳପିତ୍ତ, ମୁଣ୍ଡବ୍ୟଥା, ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା, ଧଳାସ୍ରାବ ସମୟରେ ସାମାନ୍ୟ କଷ୍ଟ ହୋଇଥାଏ। ଏହି ରୋଗ ପୁରୁଣା ହେଲେ ସ୍ରାବରୁ ଉତ୍କଟ ଦୁର୍ଗନ୍ଧ ହୋଇଥାଏ। ଲୁଗାରେ ସ୍ରାବର ଦାଗ ଲାଗି ରହେ ଧୋଇଲା ପରେ ମଧ୍ୟ ଏହା ଛାଡ଼େ ନାହିଁ। ଏହି ରୋଗ ବହୁଦିନ ଧରି ଲାଗି ରହିଲେ ଭୋକ କମିବା, ଓଜନ କମିବା, ରକ୍ତାଦି କମିବା, ପୂରା ଶରୀର ବ୍ୟଥା ହେବା ଏବଂ ଦେହରେ ଜ୍ୱଳନ ହୋଇଥାଏ।

ଅନେକ ସମୟରେ ସନ୍ତାନହାନି, ଶରୀରର ରୁକ୍ଷତା, ଜ୍ୱର, କୋଷ୍ଠକାଠିନ୍ୟ ମୁଖମଣ୍ଡଳ ମଳିନ ଦେଖାଯିବା, ଆଖି ଭିତରକୁ ପଶିଯିବା, ଅନ୍ୟମନସ୍କ ଆଦି ଲକ୍ଷଣ ପ୍ରକାଶ ପାଏ। ଯୌନାଙ୍ଗରେ ସ୍ରାବ ଲାଗିବା ଦ୍ୱାରା ଯୌନାଙ୍ଗ କୁଣ୍ଡାଇହେବା ସହ ଘା ହୋଇଥାଏ। ଧଳାସ୍ରାବ ଅଧିକ ମାତ୍ରାରେ ହେଲେ ଜରାୟୁର ଶ୍ଳୈଷ୍ମିକ ଝିଲ୍ଲୀର ବିକୃତାବସ୍ଥା ଘଟି ମୋଟା ଓ ଅଠାଳିଆ ସ୍ରାବ ହୋଇଥାଏ। ରୋଗ ପୁରାତନ ହେଲେ ଜରାୟୁ କର୍କଟ ମଧ୍ୟ ହେବାର ଆଶଙ୍କା ଅଧିକ ରହିଥାଏ। ବିନା ଚିକିତ୍ସକଙ୍କ ପରାମର୍ଶରେ ବାରମ୍ବାର ଗର୍ଭ ନଷ୍ଟ ପାଇଁ ଔଷଧ ସେବନ କରିବା ଦ୍ୱାରା ମଧ୍ୟ ସ୍ରାବ ହୋଇଥାଏ।

**ପ୍ରତିକାର :** ଶ୍ୱେତପ୍ରଦର ରୋଗୀ ଶୁଦ୍ଧ ଆହାର, ସୁସ୍ଥ ପରିବେଶରେ ରହିବା ଆବଶ୍ୟକ ଓ ସର୍ବଦା ସାତ୍ତ୍ୱିକ ଭୋଜନ କରିବା ଉଚିତ।

**ଅନୁଭୂତ ଚିକିତ୍ସା :**

୧– ଅଁଳାଚୂର୍ଣ୍ଣ ୮ଭାଗ, ଚିନି ୧ଭାଗ ମିଶାଇ ରଖିବେ। ସକାଳ ଓ ସନ୍ଧ୍ୟାରେ ୨ରୁ ୩ଗ୍ରାମ୍ ମାତ୍ରାରେ ମହୁ ମିଶାଇ ସେବନ କରିବେ।

୨– ଦାରୁହଳଦୀ କ୍ୱାଥ ଓ ମହୁ କିଛିଦିନ ସେବନ କଲେ ଉପଶମ ମିଳେ।

୩– ଅଶୋକ ଛାଲିର କ୍ୱାଥ ଓ ମହୁ କିଛିଦିନ ସେବନ କଲେ ଉପଶମ ମିଳେ।

୪– ପାଚିଲାକଦଳୀ କଞ୍ଚା ଗୋଦୁଗ୍ଧରେ ଚକଟି ଖାଇଲେ ରୋଗରୁ ଉପଶମ ମିଳିଥାଏ।

୫– ହରିହରିକା ପତ୍ରର ରସ ଓ ମହୁ କିଛିଦିନ ସେବନ କଲେ ରୋଗରୁ ଉପଶମ ମିଳିଥାଏ।

୬– ରୋଗୀ ଅମ୍ଳ, ତିକ୍ତ, କଟୁ, ବାସି, ଅଧିକ ରାଗ, ତେଲମସଲାଯୁକ୍ତ ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଫାଷ୍ଟ ଫୁଡ୍ ସେବନ କରନ୍ତୁ ନାହିଁ।

ଏପରି ବହୁ ଶାସ୍ତ୍ରସମ୍ମତ ମତ ମଧ୍ୟ ରହିଅଛି, ଯଦ୍ୱାରା ଶ୍ୱେତପ୍ରଦର ରୋଗରୁ ଉପଶମ ମିଳେ। ଏତଦ୍‌ଭିନ୍ନ ଆୟୁର୍ବେଦରେ ବିଭିନ୍ନ ପ୍ରକାରର ଶାସ୍ତ୍ରୀୟ ଔଷଧ ମାନ ଅଛି; ଯଥା ପୁଷ୍ପ୍ୟାନୁଗ ଚୂର୍ଣ୍ଣ, ପ୍ରଦରାନ୍ତକ ଲୌହ, ଲାଧ୍ରାଦି ଚୂର୍ଣ୍ଣ, ଅଶୋକାରିଷ୍ଟ, ମେଥିମୋଦକ, ପ୍ରତଙ୍ଗାସବ ଆଦି ସେବନ କରିବା ଦ୍ୱାରା ମଧ୍ୟ ଶ୍ୱେତପ୍ରଦର ରୋଗରୁ ଉପଶମ ମିଳିଥାଏ।

**ବିଶେଷ ଦ୍ରଷ୍ଟବ୍ୟ :** ରୋଗୀ ଔଷଧ ସେବନ ପୂର୍ବରୁ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକଙ୍କୁ ପରାମର୍ଶ କରି ଯଥାବିଧି ଔଷଧ ସେବନ କରିବା ଉଚିତ। ବିନା ଚିକିତ୍ସକଙ୍କ ପରାମର୍ଶରେ କୌଣସି ଔଷଧ ଗ୍ରହଣ କରିବା ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇ ପାରେ।

**–ଡାକ୍ତର ରଙ୍ଗନାଥ ଦାଶ**
*ପୁରୀଘାଟ ଥାନା ପାଖ, କଟକ–୯*
*ମୋ : ୯୪୩୭୦ ୧୯୯୬୦*

# ଘରକୁ ରଖନ୍ତୁ ସୁବାସିତ

ନିଜ ଘରକୁ ସବୁବେଳେ ସଫା ଏବଂ ସୁନ୍ଦର ରଖିବାକୁ ସମସ୍ତେ ଚାହାନ୍ତି। ଆଉ ଏଥିପାଇଁ ବିଭିନ୍ନ ପ୍ରକାର ଡେକୋରେଟିଭ୍ ସାମଗ୍ରୀ ବି ବ୍ୟବହାର କରନ୍ତି। ହେଲେ ଏସବୁ ପରେ ବି ଯଦି ଘର ଭିତରେ କୌଣସି ପ୍ରକାରର ଗନ୍ଧ ହେଉଥାଏ ତେବେ ଏହା ମାନସିକ ସ୍ତରରେ ବି ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ମୁଡ୍ ଫ୍ରେଶ୍ ରଖିବା ଲାଗି ଘରକୁ କିପରି ପ୍ରାକୃତିକ ଉପାୟରେ ସୁବାସିତ ରଖିହେବ ଜାଣି ରଖନ୍ତୁ ଟିପ୍ସ...



**ଫୁଲ:** ଆପଣ ଘରେ ଫୁଲଦାନିରେ ତାଜା ଫୁଲ ରଖିପାରିବେ। ଏହା ନା କେବଳ ସୁନ୍ଦର ଏବଂ ଆକର୍ଷଣୀୟ ଲାଗିବ ବରଂ ଏହାର ପ୍ରକୃତିକ ମହକରେ ଘର ସୁଗନ୍ଧିତ ହୋଇ ଉଠିବ। ଶୁଖିଯାଇଥିବା ଫୁଲକୁ ନ ଫିଙ୍ଗି ଝରକାରେ ଅବା ଟେବୁଲ୍ ଉପରେ ବାନ୍ଧି ରଖନ୍ତୁ। ଏପରି କରିବା ଦ୍ୱାରା ଆପଣ ଯେବେବି ଫ୍ୟାନ୍ ଖୋଲିବେ ଅବା ଝରକା ଦେଇ ପବନ ଆସିବ ଘର ଭିତରର ବାତାରଣ ସମ୍ପୂର୍ଣ୍ଣ ଫ୍ରେଶ୍ ଲାଗିବ। ଆପଣ ଚାହିଁଲେ ତାଜା ଫୁଲର ପାଖୁଡ଼ା ନେଇ ପାଣିରେ ଭଲ ଭାବେ ପ୍ରାୟ ଅଧ ଘଣ୍ଟା ଫୁଟେଇ ଦେବେ ଉକ୍ତ ପାଣିକୁ ଛାଣି ସ୍ପ୍ରେ ବୋତଲରେ ରଖି ପାରିବେ। ଏହି ଫ୍ଲୋରାଲ ସ୍ପ୍ରେକୁ ଘରେ ପକାଇଲେ ଘର ମହକିବ।

**କର୍ପୂର:** ଏହା ମଧ୍ୟ ଏକ ଭଲ ପ୍ରାକୃତିକ ଫ୍ରାଗ୍‌ନାନ୍ସ ପ୍ରଡକ୍ଟ। ଏହାକୁ ଡ୍ରଇଂ ରୁମ୍ ଏବଂ ଅନ୍ୟାନ୍ୟ ରୁମ୍‌ରେ ରଖି ପାରିବେ। ଏହା ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ଧୀରେ ଧୀରେ ଉଡ଼ି ଯାଇଥାଏ ଏବଂ ଘର ଭିତରେ ଏହାର ମହକ ଖେଳିଯାଏ।

**ଗୋଲାପ ଜଳ:** ଘର ଭିତରେ ହେଉ କିମ୍ବା ବାଲକୋନିରେ ଥିବା ଗଛରେ ଗୋଲାପ ଜଳ ସ୍ପ୍ରେ କରନ୍ତୁ। ପବନ ଚଳାଚଳ ସହିତ ଏହାର ସୁଗନ୍ଧ ଆପଣଙ୍କୁ ଏକ ଫ୍ରେଶ୍ ବାତାବରଣ ଯୋଗାଇବ।

**କଫି:** ଏହାର ମହକ ମୁଡ୍‌ଫ୍ରେଶ୍ କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏକ ଛୋଟ ଜାଗାରେ କଫି ପାଉଡର କାଢ଼ି ଟେବ୍‌ଲ ଉପରେ ରଖି ଦିଅନ୍ତୁ। ଏହା ବ୍ୟତୀତ କଫି କ୍ୟାଣ୍ଡେଲ୍ ଜଳାଇବା ଦ୍ୱାରା ମଧ୍ୟ ଏହାର ସୁଗନ୍ଧ ସାରା ଘରକୁ ଖେଳିଯିବ।

**ବେକିଂ ସୋଡ଼ା ଏବଂ ଲେମ୍ବୁ:** ଲେମ୍ବୁର ବାସ୍ନା ଏଭଳି ତାହା ଆଖ ପାଖରେ ହେଉଥିବା ଦୁର୍ଗନ୍ଧକୁ ଦୂର କରିଦିଏ। ତେଣୁ ଏକ ପାତ୍ରରେ ଅଳ୍ପ ପାଣି ସହ କିଛି ଟୋପା ଲେମ୍ବୁରସ ମିଶାଇ ରଖନ୍ତୁ କିମ୍ବା ଏକ କାଚ ବୋତଲରେ ବେକିଂ ସୋଡ଼ା ଏବଂ ଲେମ୍ବୁକୁ ଛୋଟ ଛୋଟ କାଟି ଘରର ଏକ ପାର୍ଶ୍ୱରେ ରଖନ୍ତୁ। ଏଥିରୁ ବାହାରୁଥିବା ମୃଦୁ ମୃଦୁ ସୁଗନ୍ଧ ଆପଣଙ୍କୁ ବେଶ୍ ଭଲ ଲାଗିବ ଏବଂ ଫ୍ରେଶ୍ ଲାଗିବ।

## ଖାଦ୍ୟରୁଚି

# ମିଲ୍କ କେକ୍



**ଆବଶ୍ୟକ ସାମଗ୍ରୀ:** ୮ କପ୍ କ୍ଷୀର, ୨ ବଡ଼ ଚାମଚ ଚିନି, ଏକ ବଡ଼ ଚାମଚ ଲେମ୍ବୁରସ, ଏକ ଛୋଟ ଚାମଚ ଗୁଜୁରାତିପାଉଡର।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ କ୍ଷୀର ଗରମ କରନ୍ତୁ। ଏହାକୁ ମଝିରେ ମଝିରେ ଘାଣ୍ଟନ୍ତୁ। ଏହା ଫୁଟି ଫୁଟି ୧/୩ ଭାଗ ହୋଇଯିବା ପରେ ଆଞ୍ଚ କମ୍ କରି ଦିଅନ୍ତୁ। ଲେମ୍ବୁ ରସରେ ଅଧା ଚିନି ମିଶାଇ ଏହାକୁ କ୍ଷୀରରେ ଢାଳନ୍ତୁ ଏବଂ ୨–୩ ମିନିଟ୍ କ୍ଷୀରକୁ ଗୋଳାନ୍ତୁ। ଏହା ପୂର୍ବାପେକ୍ଷା ଗାଢ ଲାଗିଲେ ଏଥିରେ ବାକି ଅଧା ଚିନି ମିଶାଇ ଘାଣ୍ଟନ୍ତୁ। ମିଶ୍ରଣ ବହଳିଆ ଲାଗିଲେ ସେଥିରେ ଗୁଜୁରାତି ପାଉଡର ପକାଇ ଭଲଭାବେ ମିଶାଇ ଦିଅନ୍ତୁ ଏବଂ ଚୁଲି ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ଏକ ପ୍ଲେଟ୍‌ରେ ଘିଅ ଲଗାଇ ଏହି ମିଶ୍ରଣକୁ ପକାଇ ସମାନ ଭାବେ ସେଟ୍ କରିଦିଅନ୍ତୁ। କିଛି ସମୟ ସେହିପରି ଛାଡିବା ପରେ ତାହା ସେଟ୍ ହୋଇଗଲେ ମନପସନ୍ଦ ଆକାରରେ କାଟି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମିଲ୍କ କେକ୍, ଏହାକୁ ଖାଇବାର ମଜା ନିଅନ୍ତୁ।

ଇଣ୍ଡିଆନ ସୁପର ଲିଗ୍ ଯୋଗୁ ନଭେମ୍ବରରେ ହେବାକୁଥିବା ଜାତୀୟ କ୍ୟାମ୍ପରେ ବହୁ ଭାରତୀୟ ଖେଳାଳି ଅନୁପସ୍ଥିତ ରହିବେ, ଯାହାକି ମୋ ପାଇଁ ଚିନ୍ତାର ବିଷୟ ।

–ଇଗୋର ଷ୍ଟିମାକ୍, ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍



କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀ ଏବେ ମଧ୍ୟ ଭଲ ଖେଳିପାରୁଛନ୍ତି, ତେଣୁ କେବେ ସେ କ୍ରିକେଟରୁ ଅବସର ନେବେ ଏହି ନିଷ୍ପତ୍ତି ତାଙ୍କ ଉପରେ ଛାଡ଼ିଦେବା ଉଚିତ ।

– ଶେନ୍ ୱାଟସନ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



## ସଂକ୍ଷେପରେ

### ସ୍ୱତନ୍ତ୍ର ଅଧିନାୟକଙ୍କ ତାଲିକାରେ କୋହଲି

**ନୂଆଦିଲ୍ଲୀ,୧୪।୧୦:** ଅଧିନାୟକ ଭାବେ ବିରାଟ କୋହଲିଙ୍କ ୫୦ତମ ଟେଷ୍ଟ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା। କେବଳ ୨୫୪ ରନ୍‌ର ଅପରାଜିତ ଇନିଂସ, ତାହା ନୁହେଁ ସେ ଅଷ୍ଟ୍ରେଲିଆ ଷ୍ଟିଭ ୱ୍ ଏବଂ ରିକି ପଣ୍ଟିଂଙ୍କ ଭଳି ଅଧିନାୟକଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଇନିଂସ ଓ ୧୩୭ ରନ୍‌ର ବିଜୟ କୋହଲିଙ୍କ ନେତୃତ୍ୱରେ ଭାରତର ୩୦ତମ ବିଜୟ। ୫୦ ମ୍ୟାଚ୍‌ରେ ଯେକୌଣସି ଦଳର ନେତୃତ୍ୱ ନେଇଥିବା ଅଧିନାୟକଙ୍କ ମଧ୍ୟରେ କୋହଲିଙ୍କ ବିଜୟ ପ୍ରତିଶତ ୩ୟ ସର୍ବାଧିକ। ଏହି ଧାରାରେ ୱ୍'ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୫୦ ମ୍ୟାଚ୍‌ରୁ ୩୭ ଜିତିଥିଲା। ତାଙ୍କ ପଛକୁ ପଣ୍ଟିଂ ଅଧିନାୟକ ଥିବାବେଳେ ଦଳ ୫୦ ମ୍ୟାଚ୍‌ରୁ ୩୫ ମ୍ୟାଚ୍ ଜିତିଥିଲା। ମୋଟ ଉପରେ ୱ୍ କ୍ୟାପଟେନ ଭାବେ ୫୭ ଟେଷ୍ଟ ଖେଳିଥିଲେ, ଯେଉଁଥିରୁ ୪୧ ମ୍ୟାଚ୍ ଦଳ ଜିତିଥିଲା। ତାଙ୍କ ବିଜୟ ହାର ୭୧.୯୨ ଥିଲା। ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଜିତିଥିବା ପଣ୍ଟିଂ ୭୭ରୁ ୪୮ରେ ବିଜୟୀ ହୋଇଥିଲେ। ତାଙ୍କର ବିଜୟ ହାର ଥିଲା ୬୦ ପ୍ରତିଶତ। ଏହି ତାଲିକାରେ ଅଧିନାୟକ ଭାବେ ୫୦ ମ୍ୟାଚ୍ ଖେଳି ୩୦ଟି ଜିତିଥିବା କୋହଲିଙ୍କ ବିଜୟ ହାର ଏବେ ୬୦.୦୦ରେ ପହଞ୍ଚିଛି।

### ବକ୍ସିଂ ମ୍ୟାଚ୍ ପରେ କୋମାରେ ୟୁଏସ୍ ବକ୍ସର

**ଲସ୍ ଏଞ୍ଜେଲସ,୧୪।୧୦(ଏଏଫ୍‌ପି):** ଆମେରିକୀୟ ବକ୍ସର ପାଟ୍ରିକ ଡେ ଏବେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଶନିବାର ରାତିରେ ଶିକାଗୋ ୱିନଷ୍ଟ୍ରଷ୍ଟ ଏରିନାଠାରେ ଅନୁଷ୍ଠିତ ଚାର୍ଲସ କନୱେଲଙ୍କ ବିପକ୍ଷ ସୁପର ୱେଲ୍ଟରୱେଟ ନକ୍‌ଆଉଟ୍ ମ୍ୟାଚ୍ ପରେ ସେ କୋମାକୁ ଚାଲିଯାଇଛନ୍ତି। ୨୭ ବର୍ଷୀୟ ବକ୍ସର ମ୍ୟାଚ୍‌ବେଳେ ଗୁରୁତର ଆହତ ହୋଇଥିଲେ। ରିଙ୍ଗରୁ ଷ୍ଟ୍ରେଚରରେ ନିଆଯାଉଥିବାବେଳେ ସେ ଚେତା ହରାଇଥିଲେ। ଆମ୍ବୁଲାନ୍ସ ଯୋଗେ ମେଡିକାଲରେ ପହଞ୍ଚିବା ପରେ ତାଙ୍କୁ ନିଃଶ୍ୱାସ ନେବାପାଇଁ ବ୍ରେଥିଂ ଟ୍ୟୁବ ଲଗାଯାଇଥିଲା। ତୁରନ୍ତ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ବ୍ରେନ ସର୍ଜରି କରାଯାଇଥିଲା। ପାଟ୍ରିକ ଏବେ କୋମାରେ ଅଛନ୍ତି। ତାଙ୍କ ସ୍ଥିତି ଗୁରୁତର ଅଛି ବୋଲି ଫାଇଟ୍ ପ୍ରମୋଟର ଲୋ ଡିବେଲା ପକ୍ଷରୁ କୁହାଯାଇଛି। ଏହାବାଦ୍ ପ୍ରମୋଟରଙ୍କ ପକ୍ଷରୁ ଡେ'ଙ୍କ ଆହତ ସମସ୍ୟା ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। ତାଙ୍କ ପ୍ରତିପକ୍ଷ ବକ୍ସର କନୱେଲ ସୋସିଆଲ ମିଡିଆ ଆକାଉଣ୍ଟରେ ନିଜ ସମର୍ଥକଙ୍କୁ ପାଟ୍ରିକଙ୍କ ଲାଗି ପ୍ରାର୍ଥନା କରିବାକୁ କହିଛନ୍ତି। ଆମେରିକାର ଅଲିମ୍ପିଆନ ଗତ ଜୁନରେ କାର୍ଲୋସ ଆଡାମସଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୧୩ରୁ ଆରମ୍ଭ ହୋଇଥିବା ପ୍ରଫେଶନାଲ ବକ୍ସିଂ କ୍ୟାରିୟରରେ ଏପର୍ଯ୍ୟନ୍ତ ୧୭ ବିଜୟ ଓ ୪ ପରାଜୟ ରହିଛି।

### ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶା ବିଜୟୀ

**କଟକ ଅଫିସ,୧୪।୧୦:** ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଏକ ମ୍ୟାଚ୍‌ରେ ରବିବାର ଓଡ଼ିଶା ୪୫ ରନରେ ବିହାରକୁ ପରାସ୍ତ କରିଛି। ଏହି ବିଜୟ ସହ ୧୬ ବର୍ଷରୁ କମ୍ ବାଳକ ବର୍ଗରେ ରାଜ୍ୟ ଦଳ ଅଭିଯାନ ଆରମ୍ଭ କରିଛି। ୧୭ରେ ତ୍ରିପୁରା ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ଓଡ଼ିଶାର ପ୍ରଥମ ଇନିଂସ ୯୪ ରନ ଜବାବରେ ଭ୍ରମଣକାରୀ ବିହାର ଦଳର ପ୍ରଥମ ଇନିଂସ ୧୪୬ରନରେ ସୀମିତ ରହିଥିଲା। ଶନିବାର ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଓଡ଼ିଶା ୬ ଉଇକେଟ ବିନିମୟରେ ୧୪୭ ରନ କରିଥିଲା। ସାଇଦୀପ ମହାପାତ୍ର ୬୧ ରନରେ ଆଉଟ ହୋଇଥିବାବେଳେ ଅଧିନାୟକ ଶ୍ରେଷ୍ଠ ସିଂ ଦୀର୍ଘସମୟ ଧରି କ୍ରିଜରେ ତିଷ୍ଠି ରହି ୪୬ ରନର ଇନିଂସ ଖେଳିଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ୨୦୮ ରନରେ ସମାପ୍ତ ହୋଇଥିଲା। ବିହାର ପକ୍ଷରୁ ଅଧିନାୟକ ଆଦିତ୍ୟ ଓ ଅନୀଲ ରାଜ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିହାର ସମ୍ମୁଖରେ ୧୫୭ ରନର ବିଜୟ ଲକ୍ଷ୍ୟ ରହିଥିଲା। ଅଂଶୁମାନ ବେଜ ଓ ଅଧିନାୟକ ଶ୍ରେଷ୍ଠ ଯଥାକ୍ରମେ ୫ଟି ଓ ୪ଟି ଲେଖାଏ ଉଇକେଟ ଦଖଲ କରିବା ଫଳରେ ବିହାର ୧୧୧ ରନରେ ଅଲଆଉଟ ହୋଇଥିଲା। ବିହାର ଓପନର ଯଶରାଜ ସିଂ ସର୍ବାଧିକ ୩୭ରନ କରିଥିଲେ।



ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିବା ଭାରତୀୟ ପୁରୁଷ ହକି ଦଳର ଖେଳାଳିମାନେ।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ମହିଳା ଦଳର ଖେଳାଳିଙ୍କ ଅଭ୍ୟାସ।

# କଳିଙ୍ଗରେ ହକି କ୍ୟାମ୍ପ ଆରମ୍ଭ

**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ନଭେମ୍ବର ୧ ଓ ୨ ତାରିଖରେ ହେବାକୁଥିବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ପାଇଁ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ମହିଳା ଦଳର କ୍ୟାମ୍ପ ସୋମବାର ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ପୁରୁଷ ଦଳର ଖେଳାଳିମାନେ ପର୍ଯ୍ୟାୟକ୍ରମେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭାରତୀୟ ପୁରୁଷ ଦଳ ଯୋଗ୍ୟତା ପର୍ଯ୍ୟାୟରେ ରୁଷିଆକୁ ଭେଟିବାକୁଥିବାବେଳେ ମହିଳା ଦଳ ଆମେରିକା ସହିତ ମୁକାବିଲା କରିବ। ଯୋଗ୍ୟତା ପର୍ଯ୍ୟାୟର ବିଜେତା ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ।

ହକି କ୍ୟାମ୍ପ ପାଇଁ ରବିବାର ମହିଳା ଦଳର ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଅବଶିଷ୍ଟ ଖେଳାଳି ଏବଂ କୋଚ୍ ଜୋର୍ଡ ମାରିଜନେ ସୋମବାର କ୍ୟାମ୍ପରେ ଯୋଗ ଦେଇଛନ୍ତି। ମହିଳା ଦଳ ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛି। ପ୍ରଥମ ଦିବସରେ ଖେଳାଳିମାନେ ରନିଂ, ଷ୍ଟ୍ରେଚିଂ ଏବଂ ଅନ୍ୟ ଶାରୀରିକ ଅଭ୍ୟାସ କରିଛନ୍ତି। ଭାରତୀୟ ପୁରୁଷ ଦଳ ଏଫଆଇଏଚ୍ ର୍ୟାଙ୍କିଙ୍ଗ୍‌ରେ ୫ମ ସ୍ଥାନରେ ଥିବାବେଳେ ରୁଷିଆର ର୍ୟାଙ୍କିଙ୍ଗ୍ ୨୨। ସେହିପରି ଭାରତୀୟ ମହିଳା ଦଳର ର୍ୟାଙ୍କିଙ୍ଗ୍ ୯ମ ଥିବାବେଳେ ଆମେରିକା ୧୩ତମ ସ୍ଥାନରେ ରହିଛି। ପୁରୁଷ ଦଳ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ ସମେତ ଏକାଧିକ ଟୁର୍ନାମେଣ୍ଟ ଖେଳି ସାରିଥିବାବେଳେ ମହିଳା ଦଳ ପ୍ରଥମଥରପାଇଁ ଏଠାରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ।

''ରୁଷିଆକୁ ଭେଟିବା ପୂର୍ବରୁ ଆମେ ୩ ସପ୍ତାହଧରି ଏଠାରେ ଅଭ୍ୟାସ କରିବୁ। ଦଳର କେତେକ ବିଭାଗ ଉପରେ ଆମର ଗୁରୁତ୍ୱର ସହ ଫୋକସ ରହିବ।



ଗ୍ରାହାମ ରିଡ

ଆକ୍ରମଣାତ୍ମକ ଖେଳ ଜାରି ରହିବା ସହ ଡିଫେନ୍ସକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଶର୍ଟ କର୍ନର ଉପରେ ଆମେ କାମ କରିବୁ। ରୁଷିଆ ଏକ ଭଲ ଦଳ। ପୂର୍ବରୁ ଆମେ କଳିଙ୍ଗ ଷ୍ଟାଡିୟମରେ ଏହି ଦଳ ବିପକ୍ଷରେ ଖେଳି ସାରିଛୁ। ଆମ ଖେଳାଳିମାନେ ଘରୋଇ ପରିବେଶରୁ ଫାଇଦା ଉଠାଇବା ଆଶା ରହିଛି'' ବୋଲି ସନ୍ଧ୍ୟାରେ ପହଞ୍ଚିଥିବା କୋଚ୍ ଗ୍ରାହାମ୍ ରିଡ୍ ପ୍ରକାଶ କରିଛନ୍ତି। ଅଧିନାୟକ ମନପ୍ରୀତ ସିଂ ମଧ୍ୟ ଅନୁରୂପ ମତ ଦେଇଛନ୍ତି। ''ରୁଷିଆର ରକ୍ଷଣଭାଗ ବେଶ୍ ଦୃଢ଼। ଆମେ ଏହି ଦଳକୁ କୌଣସି ପରିସ୍ଥିତିରେ ହାଲ୍‌କାଭାବେ ନେଉନାହୁଁ। ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆମେ ସମ୍ମାନ ଜଣାଇଥାଉ। ରୁଷିଆର ଦକ୍ଷତା କ'ଣ ଆମେ ଜାଣିଛୁ। ତେଣୁ କୋହଳ ମନୋଭାବର ପ୍ରଶ୍ନ ଉଠୁନାହିଁ। ଗତଥର ଜୁନ୍‌ରେ ଏଠାକାର ପରିବେଶ ରୁଷିଆ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା। ମାତ୍ର ଏବେ ସେ ପରିବେଶ ନାହିଁ। ଅଲିମ୍ପିକ୍ କ୍ୱାଲିଫାୟର୍ସ ଖେଳିବାକୁ ଆସିଥିବାରୁ ସେମାନେ ନିଶ୍ଚିତ ଭଲଭାବେ ପ୍ରସ୍ତୁତ ହୋଇ ଆସିଥିବେ ବୋଲି ଆଶା। ରୁଷିଆ ନିଜ ପ୍ରଦର୍ଶନ ଦ୍ୱାରା ଯେ କୌଣସି ଦଳକୁ ବିସ୍ମିତ କଲାଭଳି କ୍ଷମତା ରଖିଛି। ତେଣୁ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରି ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ପଡ଼ିବ'' ବୋଲି ମନପ୍ରୀତ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ପୁରୁଷ ହକି ଦଳ ନିକଟରେ ବେଲ୍‌ଜିୟମ ଟୁର୍‌ରେ ଚମତ୍କାର ପ୍ରଦର୍ଶନ କରି ୫ ମ୍ୟାଚ ବିଶିଷ୍ଟ ସିରିଜ ଜିତିଥିଲା। ଭୁବନେଶ୍ୱର ଦର୍ଶକ ସର୍ବଦା ବହୁ ସଂଖ୍ୟାରେ ଭାରତକୁ ଅତୀତରେ ସମର୍ଥନ କରି ଆସିଛନ୍ତି। ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିବ ଏବଂ ଆମେ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବୁ ବୋଲି ମନପ୍ରୀତ ଦୃଢ଼ ଆଶା ପୋଷଣ କରିଛନ୍ତି। ଏଫଆଇଏଚ୍ ସିରିଜ ଫାଇନାଲ୍ସ ଅବସରରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ରୁଷିଆ ଭେଟ ହୋଇଥିଲା। ଏହି ମ୍ୟାଚରେ ଭାରତ ୧୦–୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ରୁଷିଆ ଉଜ୍‌ବେକିସ୍ତାନକୁ ୧୨–୧ ଗୋଲରେ ଏବଂ ପୋଲାଣ୍ଡକୁ ୩–୨ ଗୋଲରେ ହରାଇଥିବାବେଳେ ଦକ୍ଷିଣ ଆଫ୍ରିକାଠାରୁ ୧–୨ ଗୋଲରେ ପରାଜିତ ହୋଇଥିଲା।

### ଟୋକିଓ ଅଲିମ୍ପିକ୍ସରେ ଭାଗନେବେ ଫେଡରର

**ପ୍ୟାରିସ, ୧୪।୧୦ (ଏଏଫ୍‌ପି):** ଆସନ୍ତାବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ବୋଲି ସୋମବାର ଘୋଷଣା କରିଛନ୍ତି ଟେନିସ ଷ୍ଟାର ରୋଜର ଫେଡରର। ସୁଇଜରଲାଣ୍ଡର ଏହି ଖେଳାଳି ତାଙ୍କ କ୍ୟାରିୟରରେ ଅନେକ ଟାଇଟଲ ଜିତିଛନ୍ତି, ହେଲେ ଥରେ ହେଲେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିବାରେ ସମର୍ଥ ହୋଇପାରି ନାହାନ୍ତି। ଫେଡରର ସମସ୍ତ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଜିତିପାରିଛନ୍ତି। ଏହାଛଡ଼ା ୬ଥର ଏଟିପି ଟୁର୍ ଫାଇନାଲ୍ସ ବିଜୟୀ ହୋଇ ପାରିଛନ୍ତି, ହେଲେ ଥରେ ହେଲେ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ ଲାଭ କରିପାରି ନାହାନ୍ତି। ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ କିନ୍ତୁ ଥରେ ଡବଲ୍ସ ସ୍ୱର୍ଣ୍ଣ ହାତେଇ ପାରିଛନ୍ତି। ୨୦୦୮ରେ ଅନୁଷ୍ଠିତ ବେଜିଂ



ଅଲିମ୍ପିକ୍ସରେ ସେ ନିଜ ଦେଶର ଷ୍ଟାନ ୱାରିଙ୍କାଙ୍କୁ ପାର୍ଟନର କରି ଏହି ସ୍ୱର୍ଣ୍ଣ ଜିତିଥିଲେ। ଫେଡରର ୨୦୧୨ରେ ଲଣ୍ଡନ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ସେ ଆଣ୍ଡି ମୁରେଙ୍କ ନିକଟରୁ ୬–୨, ୬–୧, ୬–୪ ସେଟ୍‌ରେ ପରାଜିତ ହୋଇଯାଇଥିଲେ। ଫେଡରର କିନ୍ତୁ ୨୦୧୬ ରିଓ ଗେମ୍ସରେ ଭାଗ ନେଇ ନ ଥିଲେ। ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ବୋଲି ସର୍ବିୟାର ନୋଭାକ ଜୋକୋଭିଚ୍ ଏବଂ ଫେଡରରଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ ପୂର୍ବରୁ ଘୋଷଣା କରିସାରିଛନ୍ତି। ଫଳରେ ଟୁର୍ନାମେଣ୍ଟ ଏଥର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶାକରାଯାଉଛି।

### ଆନ୍ତଃ ରେଲୱେ ସୁରକ୍ଷାବଳ ହକି ଉଦ୍‌ଯାପିତ

## ଦକ୍ଷିଣ ପୂର୍ବ ରେଲୱେ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଦକ୍ଷିଣପୂର୍ବ ରେଲ୍‌ୱେ ଦଳ।

**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି)**

ପୂର୍ବତଟ ରେଲୱେ ଆନୁକୂଲ୍ୟରେ ଆନ୍ତଃ ରେଲୱେ ସୁରକ୍ଷାବଳ ହକି ଟୁର୍ନାମେଣ୍ଟ ସୋମବାର କିଟ୍ ବିଶ୍ୱବିଦ୍ୟାଳୟ ହକି ଗ୍ରାଉଣ୍ଡରେ ଉଦ୍‌ଯାପିତ ହୋଇଛି । ଫାଇନାଲରେ ଉତ୍ତର ପୂର୍ବ ରେଲୱେକୁ ୨–୦ ଗୋଲରେ ହରାଇ ଦକ୍ଷିଣ ପୂର୍ବ ରେଲୱେ ଚାମ୍ପିୟନ ହୋଇଛି। ପୂର୍ବତନ ରେଲୱେର ଜେନେରାଲ ମ୍ୟାନେଜର ବିଦ୍ୟା ଭୂଷଣ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପୂର୍ବତଟ ରେଲୱେ ସୁରକ୍ଷାବଳ ମହାନିରୀକ୍ଷକ ତଥା ପ୍ରମୁଖ ସୁରକ୍ଷା ଆୟୁକ୍ତ ରାଜା ରାମ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉତ୍ତର ପୂର୍ବ ରେଲୱେର ଅକ୍ଷୟ ପାଶୱାନ ୧୧ ଗୋଲ ଦେଇ ଟପ୍ ସ୍କୋରର ହୋଇଥିଲେ। ସଦର୍ନ ରେଲୱେର ପି. ବିନୋଦ କୁମାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

### ମମତା ବାନାର୍ଜୀଙ୍କ ଶୁଭେଚ୍ଛା

**ନୂଆଦିଲ୍ଲୀ,୧୪।୧୦:** ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସଭାପତି ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ସେ ବ୍ରିଜେଶ ପଟେଲଙ୍କୁ ପଛରେ ପକାଇ ଦେଇଛନ୍ତି। ଏହି ଅବସରରେ ଗାଙ୍ଗୁଲିଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ସର୍ବସମ୍ମତି କ୍ରମେ ନିର୍ବାଚିତ ହେବା ଓ ତୁମ କାର୍ଯ୍ୟକାଳ ପାଇଁ ହୃଦୟରୁ ତୁମକୁ ଶୁଭକମନା। ତୁମେ ଭାରତ ଓ ପଶ୍ଚିମବଙ୍ଗକୁ ଗର୍ବିତ କରିଛ। ସିଏବି ଅଧ୍ୟକ୍ଷ ରୂପେ ତୁମ କାର୍ଯ୍ୟକାଳ ପାଇଁ ମଧ୍ୟ ଆମେ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ମମତା ଟୁଇଟ୍ କରିଛନ୍ତି। ଉଲ୍ଲେଖଥାଉ କି, ରବିବାର ନାଟକୀୟ ଘଟଣାକ୍ରମେ ୪୭ ବର୍ଷୀୟ ଗାଙ୍ଗୁଲି ବିସିସିଆଇ ସଭାପତି ହେବା ପାଇଁ ସର୍ବସମ୍ମତି କ୍ରମେ ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁଅ ଜୟ ଶାହ ସାଧାରଣ ସମ୍ପାଦକ ପଦ ସମ୍ଭାଳିବେ।

### ଦୁର୍ଘଟଣାରେ ୪ ହକି ଖେଳାଳିଙ୍କ ମୃତ୍ୟୁ

**ଭୋପାଳ, ୧୪।୧୦:** ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଭୋପାଳର ୪ଜଣ ଜାତୀୟସ୍ତରୀୟ ଯୁବ ହକି ଖେଳାଳିଙ୍କ ବିୟୋଗ ଘଟିଛି। ମୃତକମାନେ ହେଲେ ଶାହାନୱାଜ ଖାଁ (୧୭), ଆଦର୍ଶ ହାର୍ଡୁଆ (୧୭), ଆଶିଷ ଲାଲ (୧୬) ଓ ଅଙ୍କିତ ବରୁଣ (୧୭)। ସେହିଭଳି ଏହି ଘଟଣାରେ ଶାୱନ ଗିଡିଅନ ଅଲ୍‌ଫର୍ଡ (୨୨), ଅକ୍ଷୟ ଆୱାସ୍ଥି (୧୭) ଓ ସାହିଲ ଚୌରେ (୧୭) ଗୁରୁତର ଆଘାତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୋମବାର ସକାଳେ ଭୋପାଳର ହୋଶାଙ୍ଗବାଦ ଜିଲା ଇଟର୍ସି ନିକଟରେ ଏହି ଦୁଃଖଦ ଘଟଣା ଘଟିଥିଲା। ଏକ ସର୍ବଭାରତୀୟ ଆମନ୍ତ୍ରଣୀୟ ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ଏହି ଖେଳାଳିମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିଲା।

ମଧ୍ୟପ୍ରଦେଶ କ୍ରୀଡ଼ା ନିର୍ଦ୍ଦେଶକ ଏସ୍.ଏଲ୍. ଥାଓସେନଙ୍କ କହିବାନୁଯାୟୀ, ସର୍ବଭାରତୀୟ ଟୁର୍ନାମେଣ୍ଟ ଲାଗି ସମସ୍ତ ଖେଳାଳି ହୋଶାଙ୍ଗବାଦରେ ରହୁଥିଲେ। ରବିବାର ଆଦର୍ଶଙ୍କ ଜନ୍ମଦିନ ଉତ୍ସବ ପାଳନ ପାଇଁ ତାଙ୍କ ପରିବାର ପକ୍ଷରୁ ଇଟାର୍ସି ଛାଡ଼ିବା ପାଇଁ କୋଚ୍‌ଙ୍କୁ ଅନୁରୋଧ କରାଯାଇଥିଲା। ଖେଳାଳିଙ୍କୁ ଯିବା ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ରାତିରେ ନ ଫେରିବା ପାଇଁ ବାରଣ କରିଥିଲେ। ଫଳରେ ସୋମବାର ସକାଳେ ସମସ୍ତ ଖେଳାଳି କାର୍ ଯୋଗେ ହୋଶାଙ୍ଗବାଦ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ଏହି ଅଘଟଣ ଘଟିଥିଲା ବୋଲି କ୍ରୀଡ଼ା ନିର୍ଦ୍ଦେଶକ ଥାଓସେନ କହିଛନ୍ତି। ସ୍ଥାନୀୟ ଏସ୍‌ପି ଏମ୍.ଏଲ୍. ଚାରୀଙ୍କ ସୂଚନା ଅନୁଯାୟୀ ଖାମଖିଆଲି ଡ୍ରାଇଭିଂ ଯୋଗୁ ଏହି ଦୁର୍ଘଟଣା ଘଟିଛି। ଶାୱନ ଗିଡିଅନ ଦ୍ରୁତ ଗତିରେ କାର ଚଳାଉଥିବାବେଳେ ଏକ ବୋଲେରୋ କାର୍ ସାମ୍ନାକୁ ଚାଲି ଆସିଥିଲା। ଫଳରେ ନିୟନ୍ତ୍ରଣ ହରାଇ କାର୍ ଏକ ଗଛରେ ଧକ୍କା ଖାଇ ଓଲଟି ପଡ଼ିଥିଲା। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ମୃତକଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ଦେବା ପାଇଁ ଘୋଷଣା କରିଛନ୍ତି।

## କାନ୍ଥକୁ ମୁଥ ମାରି ମାର୍ଶ ଆହତ

**ପର୍ଥ,୧୪।୧୦(ଏଏଫ୍‌ପି)**

ଅଷ୍ଟ୍ରେଲିଆ ଅଲରାଉଣ୍ଡର ମିଚେଲ ମାର୍ଶ ଶେଫିଲ୍ଡ ସିଲ୍ଡ ମ୍ୟାଚ୍‌ରେ ନିରାଶ ହୋଇ ଡ୍ରେସିଂରୁମ୍ କାନ୍ଥକୁ ମୁଥ ମାରି ଆହତ ହୋଇଛନ୍ତି। ୱେଷ୍ଟର୍ନ ଅଷ୍ଟ୍ରେଲିଆ ଅଲରାଉଣ୍ଡର ଗତ ମାସରେ ଟେଷ୍ଟ ଦଳକୁ ଫେରିଥିଲେ। ରବିବାର ତାସମାନିଆ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ୫୩ ରନ୍ କରି ଖେଳୁଥିବାବେଳେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହି ମ୍ୟାଚ୍ ଡ୍ର ସହ ଶେଷ ହୋଇଥିଲା। ଏଥିରେ ମାର୍ଶ ନିରାଶ ହୋଇ ଡାହାଣ ହାତକୁ ଫ୍ରାକଚର କରି ଦେଇଥିବା ଲାଗୁଛି। ତାଙ୍କ ହାତର ସ୍କାନ କରାଯିବା ପରେ ସମସ୍ୟାର ଗୁରୁତ୍ୱ ଓ କେତେ ଦିନ ବିଶ୍ରାମ ଦରକାର ତାହା ଜଣାପଡ଼ିବ। ୱେଷ୍ଟର୍ନ ଅଷ୍ଟ୍ରେଲିଆ ଶୁକ୍ରବାର ତା'ର ପରବର୍ତ୍ତୀ ମ୍ୟାଚ୍ ଭିକ୍ଟୋରିଆକୁ ଭେଟିବ। ଏହି



ମିଚେଲ ମାର୍ଶ

ମ୍ୟାଚ୍‌ରେ ଅଧିନାୟକ ମାର୍ଶଙ୍କ ଖେଳିବାର ସମ୍ଭାବନା ଖୁବ କମ୍। ଏଣୁ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ମାର୍ଶଙ୍କ ପାଇଁ କଷ୍ଟକର ହେବ। ସେ ଇଂଲଣ୍ଡ ବିପକ୍ଷ ଅନ୍ତିମ ତଥା ୫ମ ଆଶେସ ଟେଷ୍ଟରେ ୮୬ ରନ୍ ବ୍ୟୟରେ ୭ ଉଇକେଟ ନେଇଥିଲେ।

## ସବ୍‌ଜୁନିୟର ଟେନିସ କ୍ରିକେଟ: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୧୪।୧୦ (କ୍ରୀଡ଼ା ପ୍ରତିନିଧି)**

ଜାତୀୟ ସବ୍‌ଜୁନିୟର ଟେନିସ କ୍ରିକେଟର ୪ର୍ଥ ସଂସ୍କରଣ ସୋମବାର ଉଜ୍ଜୟିନୀରେ ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ଝାଡ଼ଖଣ୍ଡକୁ ୬୬ ରନରେ ହରାଇ ଓଡ଼ିଶା ପ୍ରଥମଥରପାଇଁ ଚାମ୍ପିୟନ ହୋଇଛି। ଟସ୍ ଜିତିଥିବା ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୨୮ ରନ କରିଥିଲା। ଜବାବରେ ଝାଡ଼ଖଣ୍ଡ ପୂରା ଓଭର ଖେଳିଥିଲେ ହେଁ ୬ ଉଇକେଟ ହରାଇ ୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶାର ସୌନୁପ ସୁନା ଅଲରାଉଣ୍ଡ(୩୪ ରନ ଏବଂ ୨ ଉଇକେଟ) ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। କେବଳ ସେତିକି ନୁହେଁ ସେ ମୋଟ ୨୧୪ ରନ ଏବଂ ୬ ଉଇକେଟ ନେଇ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପୁରସ୍କାର ପାଇଥିଲେ। ଓଡ଼ିଶାର ମହମ୍ମଦ ଇରସାଦ ମୋଟ ୧୪ ଉଇକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଲିଗ୍ ପର୍ଯ୍ୟାୟରେ ଆନ୍ଧ୍ର ପ୍ରଦେଶ, ଡାମନ ଡିୟୁ, ହରିୟାଣା ଏବଂ ଗୁଜରାଟକୁ ହରାଇଥିବା ଓଡ଼ିଶା ସେମିଫାଇନାଲରେ ଦିଲ୍ଲୀକୁ ୯ ଉଇକେଟରେ ହରାଇ ଦେଇଥିଲା। ପ୍ରଥମଥରପାଇଁ ଚାମ୍ପିୟନ ହୋଇଥିବାରୁ ଓଡ଼ିଶା ଦଳକୁ ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର, ସହସମ୍ପାଦକ ସୋଭେନ ମହାରଣା, ଉପସଭାପତି ଦୀପକ ହଂସ, ମହମ୍ମଦ ଆଜାମ, ରାଜେନ୍ଦ୍ର ମହାରଣା, ଉପଦେଷ୍ଟା ଅଖିଳେଶ ତିୱାରୀ, କୋଷାଧ୍ୟକ୍ଷ ରାଗୀଣୀ ମିତ୍ର, ସଦସ୍ୟ ସୁଧାକର ମୁଦୁଲି, ବଦ୍ରିନାରାୟଣ ପାତ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ୍ ଓଡ଼ିଶା ଦଳ।

**ସଂକ୍ଷେପରେ**

## ଗମ୍ଭୀରଙ୍କୁ ୩୮ତମ ଜନ୍ମଦିବସ ଶୁଭେଚ୍ଛା



**ନୂଆଦିଲ୍ଲୀ,୧୪।୧୦:** ଚାମ୍ପିୟନ ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ସୋମବାର ୩୮ ବର୍ଷରେ ପାଦ ଦେଇଛନ୍ତି। ଏହି ଅବସରରେ କ୍ରିକେଟ ଜଗତକୁ ଟୁଇଟ କରି ଶୁଭେଚ୍ଛା ଜଣାଇଛନ୍ତି। କ୍ରିକେଟ କ୍ୟାରିୟରରେ ଗମ୍ଭୀର ୧୪୭ ଦିନିକିଆ ଓ ୫୮ ଟେଷ୍ଟ ଖେଳି ଯଥାକ୍ରମେ ୫୨୩୮ ଓ ୪୧୫୪ ରନ୍ କରିଛନ୍ତି। ଭାରତୀୟ ଦଳର ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଲେଖିଛନ୍ତି, ଗମ୍ଭୀର ତୁମକୁ ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା। ଭଗବାନ ତୁମ ମଙ୍ଗଳ କରନ୍ତୁ ଓ ସଫଳତା ଦିଅନ୍ତୁ। ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ଗମ୍ଭୀରଙ୍କ କେକ୍ କାଟିବାବେଳର ଫଟୋ ଟୁଇଟ୍ କରି କ୍ୟାପଶନରେ ଲେଖିଛନ୍ତି, ଗମ୍ଭୀର ଜନ୍ମଦିନର ଶୁଭେଚ୍ଛା। ତୁମ ଇଚ୍ଛା ଓ ସ୍ୱପ୍ନ ପୂରଣ ହେଉ। ଉକ୍ତ ଫଟୋରେ ଇର୍ଫାନ ପଠାନ ଓ ଆର.ପି. ସିଂ ମଧ୍ୟ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଆଇସିସି ବିଶ୍ୱକପ୍ ଫାଇନାଲରେ ଗମ୍ଭୀର ଚମତ୍କାର ପ୍ରଦର୍ଶନ କରିଥିଲେ। କ୍ରିକେଟରୁ ସନ୍ନ୍ୟାସ ନେବା ପରେ ଗମ୍ଭୀର ରାଜନୀତିରେ ପ୍ରବେଶ କରିଛନ୍ତି।

"ସଲ୍ଟଲେକ୍ ଷ୍ଟାଡିୟମରେ ମଙ୍ଗଳବାର ଫେଭରାଇଟ୍ ଭାରତ ବିପକ୍ଷରେ ବିଜୟ ହାସଲ କରି ଆମ ଦଳ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି।"
–ଜମାଲ ଭୂୟାଁ, ବାଂଲାଦେଶ ଫୁଟ୍‌ବଲ ଅଧିନାୟକ



"ଆମ ଦଳ କେବଳ ମୋ ଉପରେ ବିଶେଷ ନିର୍ଭରଶୀଳ ନୁହେଁ, କାରଣ ଦଳର ଅନ୍ୟ ଖେଳାଳିମାନେ ଏବେ ଉଚ୍ଚକୋଟୀର ପ୍ରଦର୍ଶନ କରିପାରୁଛନ୍ତି।"
–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ



# 'ପ୍ରଥମଶ୍ରେଣୀ କ୍ରିକେଟରଙ୍କୁ ଗୁରୁତ୍ୱ ଦେବି'

**ମୁମ୍ବାଇ, ୧୪।୧୦ (ପି.ଟି.)**

ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂତନ ସଭାପତି ଭାବେ ପଦ ମଣ୍ଡନ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏଭଳି ମର୍ଯ୍ୟାଦାଜନକ ପଦ ଅଳଙ୍କରଣ କରିବାକୁ ଯାଉଥିବା ଗାଙ୍ଗୁଲି ପ୍ରଥମଶ୍ରେଣୀ କ୍ରିକେଟର୍‌ଙ୍କ ଆର୍ଥିକସ୍ଥିତିରେ ସୁଧାର ଆଣିବା ଉପରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଏଥିସହ ସେ ଭାରତୀୟ କ୍ରିକେଟ୍ ବୋର୍ଡର ଛବି ସୁଧାରିବାକୁ ଲକ୍ଷ୍ୟ ରଖିଛନ୍ତି। ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ସମିତି (ସିଓଏ) ଦ୍ୱାରା ୨୦୧୭ରେ ଅନୁରାଗ ଠାକୁର ପ୍ରତ୍ୟାହୃତ ହେବାର ଦୀର୍ଘ ୩୩ ମାସ ପରେ ବିସିସିଆଇର ପ୍ରଥମ ସଭାପତି ଭାବେ ଗାଙ୍ଗୁଲି ପଦ ଅଳଙ୍କୃତ କରିବାକୁ ଯାଉଛନ୍ତି। ମାତ୍ର ୯ ମାସ ପାଇଁ ବିସିସିଆଇର ସଭାପତି ପଦରେ ରହିବାକୁ ଯାଉଥିବା ଗାଙ୍ଗୁଲି 'କିଛି ଭଲ' କରିବା ପାଇଁ ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଛନ୍ତି। 'କୁଲିଂ ଅଫ୍ ପିରିୟଡ୍' ପାଇଁ ଆସନ୍ତା ଜୁଲାଇରେ ଗାଙ୍ଗୁଲିଙ୍କ କାର୍ଯ୍ୟକାଳ ସମାପ୍ତ ହେବ। ଏକମାତ୍ର ବ୍ୟକ୍ତି ଭାବେ ସୌରଭ ବିସିସିଆଇ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ବିସିସିଆଇର ସବୁଠାରୁ ମର୍ଯ୍ୟାଦାଜନକ ପଦ ଗ୍ରହଣ କରିବାକୁ ଯାଉଥିବା ଗାଙ୍ଗୁଲି କହିଛନ୍ତି,' ଏହା ଏକ ଚମତ୍କାର ଅନୁଭବ ଯେ ମୁଁ ଦେଶ ପାଇଁ ଖେଳିଲି ଏବଂ ଦେଶର ନେତୃତ୍ୱ ନେବାର ମଧ୍ୟ ସୁଯୋଗ ପାଇଲି। ଏଥିସହ ଏଭଳି ଏକ ସମୟରେ ବିସିସିଆଇର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛି ଯେଉଁ ସମୟରେ ଏହାର ଛବି ଗତ ୩ ବର୍ଷ ହେଲା ଖରାପ ରହିଛି। ଏହା ମୋ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଯେ, ମୋତେ କିଛି ଭଲ କରିବାକୁ ମିଳିଛି'। ଆଗାମୀ କିଛି ମାସ ମଧ୍ୟରେ ଆମେ ସବୁକିଛି ଠିକ୍ କରିପାରିବୁ ଏବଂ ଭାରତୀୟ କ୍ରିକେଟ୍‌କୁ ପୁଣିଥରେ ପୂର୍ବସ୍ଥିତିକୁ ଆଣିପାରିବୁ। ଆପେକ୍ସ କାଉନସିଲର ସଦସ୍ୟ ଥିବା ମୋର ୮ ଜଣିଆ ସାଥୀ ଏକାଠି ମିଶି କାମ କରିବା ସହ ବିସିସିଆଇର ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଚେଷ୍ଟା କରିବୁ' ବୋଲି ଭାରତ ପକ୍ଷରୁ ୧୧୩ ଟେଷ୍ଟ ଓ ୩୧୧ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିବା ଗାଙ୍ଗୁଲି ଏକ ସାକ୍ଷାତକାର ଅବସରରେ କହିଛନ୍ତି। ସେହିଭଳି ପ୍ରଥମ ଶ୍ରେଣୀ କ୍ରିକେଟର୍‌ଙ୍କୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ସମସ୍ତଙ୍କ ସହିତ ଆଲୋଚନା କରିବି। ଗତ ୩ ବର୍ଷ ହେଲା ସିଓଏକୁ ଏନେଇ ଅନୁରୋଧ କରିଆସିଛି। କିନ୍ତୁ ସେମାନେ ଏହା ଶୁଣି ନାହାନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟର୍‌ଙ୍କ ଆର୍ଥିକସ୍ଥିତିରେ ସୁଧାର ଆଣିବା ମୋର ପ୍ରଥମ ଲକ୍ଷ୍ୟ ହେବ' ବୋଲି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୮ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିବା ଗାଙ୍ଗୁଲି ଏହି ଅବସରରେ ଉଲ୍ଲେଖ କରିଛନ୍ତି।



ସୋମବାର ସୌରଭ ଗାଙ୍ଗୁଲିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ୍ ସମ୍ପାଦକ ସଞ୍ଜୟ ବେହେରା।

### ପ୍ରଚାର କରିବେନି

ଶନିବାର ଗାଙ୍ଗୁଲି ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟିଥିଲେ। ତେଣୁ ପଶ୍ଚିମବଙ୍ଗରେ ହେବାକୁ ଥିବା ଆଗାମୀ ନିର୍ବାଚନରେ ସେ ଭାଜପା ପାଇଁ ପ୍ରଚାର କରିବେ କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଗାଙ୍ଗୁଲି ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। 'ମୋତେ ଏନେଇ କେହି କିଛି କହିନାହାନ୍ତି। କୌଣସି ରାଜନେତାଙ୍କ ସହ ମୋର ଯୋଗାଯୋଗ ନାହିଁ' ବୋଲି ୪୭ ବର୍ଷୀୟ ଗାଙ୍ଗୁଲି କହିଛନ୍ତି।

### ଡାଲମିଆ ମୋ ପିତୃତୁଲ୍ୟ

ବିସିସିଆଇର ପୂର୍ବତନ ସଭାପତି ଜଗମୋହନ ଡାଲମିଆଙ୍କୁ ସ୍ମରଣ କରି ଗାଙ୍ଗୁଲି ଭାବବିହ୍ୱଳ ହୋଇଯାଇଥିଲେ। 'କଦାପି ବିଶ୍ୱାସ କରିପାରୁନି କି ମୁଁ ଏହି ପଦରେ କାମ କରିବାର ସୁଯୋଗ ପାଇବି। ସେ ମୋ ପିତୃତୁଲ୍ୟ ଥିଲେ। ଏନ୍. ଶ୍ରୀନିବାସନ, ଅନୁରାଗ ଠାକୁରଙ୍କ ପରି ବିସିସିଆଇର କେତେଜଣ ଶ୍ରେଷ୍ଠ ସଭାପତି ରହିଥିଲେ।

### ଚ୍ୟାଲେଞ୍ଜ ରହିବ

ନିର୍ଦ୍ୱନ୍ଦ୍ୱରେ ବିସିସିଆଇ ସଭାପତି ଭାବେ ନିର୍ବାଚିତ ହେବାକୁ ଯାଉଥିବାରୁ ତାଙ୍କ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ ରହିବ ବୋଲି ଗାଙ୍ଗୁଲି ସ୍ୱୀକାର କରିଛନ୍ତି। 'ତୁମେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୁଅ କିମ୍ବା ନ ହୁଅ ଯେହେତୁ ଏହା ବିଶ୍ୱର ସବୁଠାରୁ ଧନୀଶାଳୀ କ୍ରିକେଟ୍ ବୋର୍ଡ ତେଣୁ ଏକ ଦାୟିତ୍ୱ ରହିବ। ଆର୍ଥିକ ରୂପେ ଭାରତ କ୍ରିକେଟ୍‌ର ପାଓ୍ୱାର ହାଉସ୍। ତେଣୁ ନିଶ୍ଚିତ ଭାବେ ଚ୍ୟାଲେଞ୍ଜ ରହିବ।

### ପ୍ରାର୍ଥୀପତ୍ର ଦାଖଲକଲେ ଗାଙ୍ଗୁଲି

ଅକ୍ଟୋବର ୨୩ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କର୍ମକର୍ତ୍ତା ନିର୍ବାଚନ ହେବ। ଏଥିରେ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଆଶା କରାଯାଉଛି। ସୋମବାର ପୂର୍ବତନ ଭାରତ ଅଧିନାୟକ ସୌରଭ ଗାଙ୍ଗୁଲି ଏବଂ ଜୟ ଶାହ ଯଥାକ୍ରମେ ସଭାପତି ଓ ସମ୍ପାଦକ ପଦବୀ ପାଇଁ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୂର୍ବତନ ବିସିସିଆଇ ସଭାପତି ଏନ୍. ଶ୍ରୀନିବାସନ, ପୂର୍ବତନ ସମ୍ପାଦକ ତଥା ସୌରାଷ୍ଟ୍ରର ଷ୍ଟଲ୍‌ୱାର୍ଟ ନିରଞ୍ଜନ ଶାହ ଏବଂ ପୂର୍ବତନ ଆଇପିଏଲ ଚେୟାରମ୍ୟାନ ତଥା ଉତ୍ତରପ୍ରଦେଶର ପ୍ରଭାବଶାଳୀ ବ୍ୟକ୍ତି ରାଜୀବ ଶୁକ୍ଲାଙ୍କ ଗହଣରେ ଗାଙ୍ଗୁଲି ବିସିସିଆଇର ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସୋମବାର ୮ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବିଷୟ ଶୁକ୍ଳା ପରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଗାଙ୍ଗୁଲି ଓ ଶାହଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ସେମାନଙ୍କ ମଧ୍ୟରେ ରହିଛନ୍ତି ମହିମ ବର୍ମା (ଉପସଭାପତି), ଅରୁଣ ସିଂ ଧୁମଲ (କୋଷାଧ୍ୟକ୍ଷ), ବ୍ରିଜେଶ ପଟେଲ (ଆଇପିଏଲ ଗଭର୍ନିଂ କାଉନ୍‌ସିଲ ସଦସ୍ୟ), ଜୟେଶ ଜର୍ଜ (ଯୁଗ୍ମ ସମ୍ପାଦକ) ଖୈରୁଲ ଜମିଲ ମଜୁମ୍‌ଦାର୍ (ଗଭର୍ନିଂ କାଉନ୍‌ସିଲ ସଦସ୍ୟ) ଏବଂ ପ୍ରଭଜୋତ୍ ସିଂ ଭାଟିଆ (କାଉନ୍‌ସିଲ)। ଅକ୍ଟୋବର ୨୩ରେ ବୋର୍ଡର ବାର୍ଷିକ ସାଧାରଣ ବୈଠକ ବସିବ। ଏଥିରେ ଏହି ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଆଶା କରାଯାଉଛି। ବିସିସିଆଇରେ ଦାୟିତ୍ୱ ଗ୍ରହଣ କରିବା ପରେ ଗାଙ୍ଗୁଲି ଓ ଜର୍ଜଙ୍କୁ ଯଥାକ୍ରମେ ବେଙ୍ଗଲ କ୍ରିକେଟ ଆସୋସିଏଶନ ଏବଂ କେରଳ କ୍ରିକେଟ ଆସୋସିଏଶନର ମୁଖ୍ୟ ପଦବୀ ତ୍ୟାଗ କରିବାକୁ ପଡ଼ିବ।

■ ବାହାରିନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ

# ଟପ୍ ସିଡ୍ ଜାସନଙ୍କୁ ହରାଇ ପ୍ରିୟାଂଶୁ ଚାମ୍ପିୟନ

**ଇସା ଟାଉନ(ବାହାରିନ), ୧୪।୧୦(ପି.ଟି.)**

ଭାରତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଭା ପ୍ରିୟାଂଶୁ ରାଜାୱତ କ୍ୟାରିୟରରେ ଏକ ବଡ଼ ସଫଳତା ଅର୍ଜନ କରିଛନ୍ତି। ସୋମବାର ଶେଷ ହୋଇଥିବା ବାହାରିନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ସିରିଜର ଫାଇନାଲରେ ସେ ଟପ୍ ସିଡ୍ କାନାଡ଼ାର ଜାସନ ଆଣ୍ଟୋନୀ ହୋ-ଶୁଇଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭ ବର୍ଷୀୟ ଭାରତୀୟ ପ୍ରିୟାଂଶୁ ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ୧୬-୨୧, ୨୧-୭, ୨୧-୧୨ ପଏଣ୍ଟରେ ଜାସନଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ପ୍ରିୟାଂଶୁ ପ୍ରି-କ୍ୱାର୍ଟର ଫାଇନାଲରେ ଦ୍ୱିତୀୟ ସିଡ୍ ଆଦେ ରେସ୍କି ଦ୍ୱିକାୟୋଙ୍କୁ ହରାଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ବାହାରିନ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିବାରେ ସେ ଅନ୍ୟ ଭାରତୀୟ ଖେଳାଳି ସମୀର ବର୍ମା, ଶୁଭଙ୍କର ଦେ ଓ ଗୁରୁ ସାଇଦତ୍ତଙ୍କ ସୌରଭ ବର୍ମା, ସାଇ ପ୍ରଣୀଥ, କ୍ଲବରେ ଯୋଗ ଦେଇଛନ୍ତି।




ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ପ୍ରିୟାଂଶୁ ରାଜାୱତ।

### ଜୁହି-ଭେଙ୍କଟଙ୍କୁ ଟାଇଟଲ

ଭାରତୀୟ ମିକ୍ସଡ ଡବଲ୍ସ ଯୋଡ଼ି ତଥା ଟପ୍ ସିଡ୍ ଜୁହି ଦେବଗନ ଓ ଭେଙ୍କଟ ଗୌରବ ପ୍ରସାଦ ପ୍ରଭାବୀ ପ୍ରଦର୍ଶନ କରି ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ଏହି ଯୋଡ଼ି ଥାଇଲାଣ୍ଡର ପାନାୱତ ଥ୍ରାପନିତୁନ ଓ କାନ୍ୟାନତ ସୁଦଚୋଇଚୋମଙ୍କୁ ୨୧-୧୮, ୨୧-୧୬ ପଏଣ୍ଟରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଇରା ଶର୍ମା ୧୪-୨୧, ୨୨-୨୪ ପଏଣ୍ଟରେ ଇଣ୍ଡୋନେସିଆର ଶ୍ରୀ ଫତ୍‌ମାୱତୀଙ୍କଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଦ୍ୱିତୀୟ ସିଡ୍ ଭାରତୀୟ ଡବଲ୍ସ ଯୋଡ଼ି ରୋହନ କପୁର ଓ ସୌରଭ ଶର୍ମା ଫାଇନାଲରେ ଥାଇଲାଣ୍ଡର ପ୍ରାଦ୍ ତାଙ୍ଗଶ୍ରୀପାପେଫାନ ଓ ଆପିଚାସିତ ତେରାଓ୍ୱିଓ୍ୱାତଙ୍କଠାରୁ ହାରି ରନର୍ସଅପ୍ ହୋଇଛନ୍ତି।

# ସ୍ମିଥ୍‌ଙ୍କ ନିକଟତର ହେଲେ କୋହଲି

**ଦୁବାଇ, ୧୪।୧୦ (ପି.ଟି.)**



ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ର୍ୟାଙ୍କିଂ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତୀୟ ଅଧିନାୟକ ବିରାଟ କୋହଲି ଟେଷ୍ଟ ବ୍ୟାଟ୍ସମ୍ୟାନ ର୍ୟାଙ୍କିଂ ତାଲିକାର ଶୀର୍ଷରେ ରହିଥିବା ଷ୍ଟିଭ୍ ସ୍ମିଥ୍‌ଙ୍କଠାରୁ ମାତ୍ର ଏକ ପଏଣ୍ଟ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଅପରାଜିତ ୨୫୪ ରନ ଯୋଗୁ କୋହଲିଙ୍କ ପଏଣ୍ଟ ସଂଖ୍ୟା ବୃଦ୍ଧି ପାଇଛି। ର୍ୟାଙ୍କିଂରେ ଓପନର ମୟଙ୍କ ଅଗ୍ରୱାଲଙ୍କର ମଧ୍ୟ ଉନ୍ନତି ଘଟିଛି। ସେ ଶ୍ରେଷ୍ଠ ୨୦ ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ତାଙ୍କ ୧୦୮ରନର ଇନିଂସ ପାଇଁ ତାଙ୍କର ୮ ସ୍ଥାନ ପଦୋନ୍ନତି ଘଟିଛି। ତାଲିକାରେ ତାଙ୍କୁ ୧୭ ତମ ସ୍ଥାନ ମିଳିଛି। ଟପ୍ ୧୦ରେ ସ୍ଥାନ ପାଇଥିବା ଅନ୍ୟ ଦୁଇଜଣ ଭାରତୀୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ଯଥାକ୍ରମେ ଚତୁର୍ଥ ଓ ନବମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ବୋଲରମାନଙ୍କ ତାଲିକାରେ ରବିଚନ୍ଦ୍ରନ ଅଶ୍ୱିନ ତିନୋଟି ସ୍ଥାନ ପଦୋନ୍ନତି ପାଇଛନ୍ତି। ସେ ୭ମ ସ୍ଥାନରେ ରହିଥିବାବେଳେ ଯଶପ୍ରୀତ୍ ବୁମ୍‌ରା ପୂର୍ବଭଳି ତୃତୀୟ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡରମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍‌ଡରଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରାଞ୍ଚିଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଖେଳାଯିବ। ଏଥିରେ ଭଲ ପ୍ରଦର୍ଶନ କରିପାରିଲେ କୋହଲି ଅଷ୍ଟ୍ରେଲିଆର ସ୍ମିଥ୍‌ଙ୍କ ହଟାଇ ଟେଷ୍ଟ ବ୍ୟାଟ୍ସମ୍ୟାନ ତାଲିକାରେ ନମ୍ବର ୱାନ ସ୍ଥାନ ଅଧିକାର କରିପାରିବେ।

**ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍**

## ରାଜୁ, ତାରାକାନ୍ତଙ୍କ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରୀ ଆରୋହଣ



ରାଜୁ କୁମାର ବେହେରା



ତାରାକାନ୍ତ ପରିଡ଼ା

**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ଦୁଇ ପର୍ବତାରୋହୀ ରାଜୁ କୁମାର ବେହେରା ଓ ତାରାକାନ୍ତ ପରିଡ଼ା ସଫଳତାର ସହ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରୀ (୬,୧୫୪ ମିଟର, ୨୦, ୧୯୦ ଫୁଟ) ସଫଳତାର ସହ ଆରୋହଣ କରିଛନ୍ତି। ତାରାକାନ୍ତ ସେପ୍ଟେମ୍ବର ୧୯ରେ ଏବଂ ରାଜୁ କୁମାର ସେହିମାସ ୨୦ ତାରିଖ ଭୋର୍ ୪ଟା ୩୬ ମିନିଟରେ ଶିଖରରେ ପହଞ୍ଚିଥିଲେ ବୋଲି ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ପର୍ବତାରୋହୀ ଯୋଗାବ୍ୟାସ ଭୋଇ ସୂଚନା ଦେଇଛନ୍ତି। ଉକ୍ତ ଦୁଇ ପର୍ବତାରୋହୀଙ୍କୁ ଯୋଗାବ୍ୟାସ ଅଭିନନ୍ଦନ ଜଣାଇଛନ୍ତି।

# ମହିଳା କ୍ରିକେଟ: ଭାରତର ସିରିଜ ସୁଇପ୍

**ଭଦୋଦରା, ୧୪।୧୦**

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ସୋମବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌କୁ ଭାରତ ୬ ରନରେ ଜିତିନେଇଛି। ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଭାରତ ୩-୦ରେ କ୍ଲିନ ସୁଇପ୍ କରିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ଦିନିକିଆକୁ ଘରୋଇ ଦଳ ଯଥାକ୍ରମେ ୮ ଉଇକେଟ୍ ଓ ୫ ଉଇକେଟ୍‌ରେ ଜିତିଥିଲା। ପୂର୍ବରୁ ଟି୨୦ ସିରିଜକୁ ମଧ୍ୟ ଭାରତ ୩-୧ରେ କବ୍‌ଜା କରିନେଇଥିଲା। ଫଳରେ ଭାରତୀୟ ମହିଳା ଦଳ ସିରିଜ ସୁଇପ୍ କରିବାରେ ସଫଳ ହୋଇଛି।

ସ୍ଥାନୀୟ ରିଲାଏନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ୩ୟ ଦିନିକିଆ ମ୍ୟାଚ୍ ଲୋ-ସ୍କୋରିଂ ବିଶିଷ୍ଟ ରହିଥିଲା। ଟସ୍ ଜିତି ଭାରତୀୟ ଅଧିନାୟିକା ମିଥାଲି ରାଜ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ୫ ରନ ମଧ୍ୟରେ ଦୁଇ ଓପନର୍ ପ୍ରିୟା ପୁନିଆ (୦) ଓ ଜେମିମା ରୋଡ୍ରିଗ୍ରେଜ (୩)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ଦଳ ନିୟମିତ ଅନ୍ତରରେ ଉଇକେଟ୍ ହରାଇ ୪୫.୫ ଓଭରରେ ୧୪୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ହର୍‌ମନପ୍ରୀତ୍ କୌର (୩୮) ଓ ଶିଖା ପାଣ୍ଡେ (୩୫)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟ୍ସଓମେନ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ପୁନମ ରାଉତ (୧୫), ମିଥାଲି (୧୧), ଦୀପ୍ତି ଶର୍ମା (୬), ଉଇକେଟ୍‌କିପର ତାନିଆ ଭାଟିଆ (୬) ପ୍ରମୁଖ ବିଫଳ ହୋଇଥିଲେ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ମାରିଜନେ କାପ୍ପ ୩ ଏବଂ ଶାବନିମ ଇସମାଇଲ ଓ ଆୟାବୋଙ୍ଗା ଖାକା ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ମଧ୍ୟ ଭାରତ ଭଳି ଅନୁରୂପ ଭାବେ ନିୟମିତ ଅନ୍ତରରେ ଉଇକେଟ୍ ହରାଇ ୪୮ ଓଭରରେ ୧୪୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମାରିଜନେ ୨୯, ଅଧିନାୟିକା ସୁନି ଲୁସ ୨୪, ଲୌରା ୱଲଭର୍ଡଟ୍ ୨୩ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଏକତା ବିସ୍ତ ୩ ଏବଂ ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକ୍‌ୱାଡ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଏକତା ବିସ୍ତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଓ ମାରିଜନେଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।




ଟ୍ରଫି ସହ ଭାରତୀୟ ମହିଳା କ୍ରିକେଟ ଦଳ।

### ସଂକ୍ଷିପ୍ତ ସ୍କୋର

- ■ ଭାରତ: ୧୪୬/୧୦, ୪୫.୫ ଓଭର (ହର୍‌ମନପ୍ରୀତ୍ ୩୮, ଶିଖା ୩୫, ମିଥାଲି ୧୧, ମାନସୀ ଜୋଶୀ ୧୨, ମାରିଜନେ ୩/୨୦)।
- ■ ଦକ୍ଷିଣ ଆଫ୍ରିକା: ୧୪୦/୧୦, ୪୮ ଓଭର (ମାରିଜନେ ୨୯, ଲୁସ ୨୪, ମିଗନନ୍ ଡୁ ପ୍ରିଜ ୧୦, ବିସ୍ତ ୩/୩୨)।





ମୋ ନାମ ପରବେଶ, ଜିଲ୍ଲା ଭରତପୁର, ରାଜସ୍ଥାନର ବାସିନ୍ଦା। ମୋ ସମୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଅନିୟମିତ ରହୁଥିଲା। ବହୁତ ମହଙ୍ଗା-ମହଙ୍ଗା ଡାକ୍ତରଙ୍କୁ ଦେଖାଇଲି କିନ୍ତୁ ଆଦୌ କିଛି ଫରକ ପଡ଼ିଲା ନାହିଁ। ଦିନେ ମୋ ଭଉଣୀ ମୋ ସମସ୍ୟାକୁ ବୁଝି 'ସଚ୍ଚି ସହେଲୀ' ଆୟୁର୍ବେଦିକ ଟନିକ୍ ବ୍ୟବହାର କରିବାର ପରାମର୍ଶ ଦେଲେ। କାରଣ ମୋ ଭଉଣୀ ମଧ୍ୟ 'ସଚ୍ଚି ସହେଲୀ'ର ରେଜଲ୍ଟ ସହ ପରିଚିତ ଥିଲା। ତା' କହିବା ଅନୁସାରେ 'ସଚ୍ଚି ସହେଲୀ' ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର 21 ଦିନ ଭିତରେ ମୋତେ ବହୁତ ଲାଭ ମିଳିଲା।


ମୋ ନାମ ଅଞ୍ଜନା, ବୟସ 32 ବର୍ଷ, ଗ୍ରାମ ମେନଥାପଲ, ନାହନର ବାସିନ୍ଦା। ପ୍ରାଇଭେଟ୍ ଚାକିରି କରେ। ଅଫିସ୍‌ରେ କାମ କରିବା ପରେ ଘରକାମ କରିବାର ସାହସ ରହୁ ନ ଥିଲା, କାରଣ ତଳିପେଡ଼ ବ୍ୟଥା, ରକ୍ତହୀନତା ସମସ୍ୟା ମୋତେ ଆରମ୍ଭରୁ ରହୁଥିଲା। ଚିକିତ୍ସା ତ ବହୁତ କରାଇଲି କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନ ମୋ ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ଆୟୁର୍ବେଦିକ 'ସଚ୍ଚି ସହେଲୀ' ଟନିକ୍ 2-2 ଚାମଚ ସେବନ କରିବା ଆରମ୍ଭ କଲି। ମାତ୍ର ଏକ ମାସ ଭିତରେ ହିଁ ମୋ ସ୍ୱାସ୍ଥ୍ୟସ୍ଥିତି ବହୁତ ଭଲ ହୋଇଯାଇଛି। ଏଥିପାଇଁ ମୁଁ ଆୟୁର୍ବେଦିକ 'ସଚ୍ଚି ସହେଲୀ'କୁ କୃତଜ୍ଞତା ଜଣାଉଛି ।


ମୋ ନାମ ସୁଲୋଚନା ଦେବୀ, ବୟସ 28 ବର୍ଷ, ସିରମୋରର ବାସିନ୍ଦା ତଥା ଗୃହିଣୀ ଅଟେ। ଯେବେଠାରୁ ସେ ଦିନଗୁଡ଼ିକ ଆରମ୍ଭ ହେଲା ସେବେଠାରୁ ପେଟ ବ୍ୟଥା, କ୍ଳାନ୍ତି, ଚିଡ଼ିଚିଡ଼ାପଣ ଏ ସବୁ ସମସ୍ୟା ଆରମ୍ଭ ହୋଇଯାଇଥିଲା। ମୋ ଅବସ୍ଥା ଦେଖି ମୋ ନଣନ୍ଦ ମୋତେ ସଚ୍ଚି ସହେଲୀ କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣି ଦେଲେ। ନିର୍ଦ୍ଦେଶ ଅନୁଯାୟୀ 'ସଚ୍ଚି ସହେଲୀ' ଟନିକ୍ 2-2 ଚାମଚ ନଖଉଷୁମ ପାଣି ସହିତ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର 2 ମାସ ମଧ୍ୟରେ ମୋ ସମସ୍ୟାରୁ ଅପେକ୍ଷାକୃତ ଉପଶମ ମିଳିଲା। ଏବେ ମୋର ଆୟୁର୍ବେଦିକ 'ସଚ୍ଚି ସହେଲୀ' ଉପରେ ପୂର୍ଣ୍ଣ ଭରସା ଅଛି।


ମୁଁ ଜୁଲି, ଜିଲ୍ଲା ମେନ ପୁରୀ (ୟୁପି)ର ବାସିନ୍ଦା, ଜବ୍ କରେ । ମୋ ଅଣ୍ଟା ବ୍ୟଥାର ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଏହି କାରଣରୁ କୁଣ୍ଡିଆ ଓ ଜ୍ୱଳନ ସମସ୍ୟା ମଧ୍ୟ ରହୁଥିଲା। ସମୟ ମଧ୍ୟ ନିୟମିତ ରହୁ ନ ଥିଲା। ଦିନେ ମୋ ମମ୍ମି ମୋତେ ଆୟୁର୍ବେଦିକ 'ସଚ୍ଚି ସହେଲୀ'ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣିଦେଲେ। ଡବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ମୁଁ 'ସଚ୍ଚି ସହେଲୀ' ଟନିକ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ ଆରମ୍ଭ କଲି। ମାତ୍ର 5 ସପ୍ତାହରେ ମୋର ସବୁ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା। ଥ୍ୟାଙ୍କ ୟୁ 'ସଚ୍ଚି ସହେଲୀ'।

24x7 Helpline : 0171-3055171 | ନିଜର ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ

# ଗ୍ରାହକଙ୍କ ଖୁସିରେ ଆନନ୍ଦ



ଷ୍ଟିଲ୍‌ସିଟିର ଖାଦ୍ୟ ରୁଚିରେ ନୂଆ ଟ୍ରେଣ୍ଡ ଦହିବରା ଆଳୁଦମ୍ ଯୋଡି ହୋଇଯାଇଛି। ଏହାକୁ କେତେଜଣ ଜୀବନ ଜୀବିକାର ମାଧ୍ୟମ କରିଛନ୍ତି। ସେମାନଙ୍କ ମଧ୍ୟରେ ସେକ୍ଟର-୬ ଭଞ୍ଜଭବନ ପଛ ଅଭିରାମପାଲ୍ଲୀ ବସ୍ତିର ଲମ୍ବୋଦର ପରିଡା(୫୪) ଅନ୍ୟତମ। ପୂର୍ବରୁ ସେ ବେକେରି ଆଇଟମ୍ କାରବାର କରୁଥିଲେ। ଗତ ୮ବର୍ଷ ପୂର୍ବେ କଟକୀ ଦହିବରା ଢାଞ୍ଚାରେ ବେପାର ଆରମ୍ଭ କରିବାକୁ ମନ ବଳାଇଲେ। ଏଥିରେ ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଲେ ସ୍ତ୍ରୀ ରଞ୍ଜିତା। ସେବେଠୁ ଷ୍ଟିଲ ଟାଉନଶିପର ବିଭିନ୍ନ ଗଳି କନ୍ଦି ବୁଲି ଦହିବରା ଆଳୁଦମ୍ ବିକୁଛନ୍ତି। ପ୍ରତିଦିନ ରାତି ୩ଟାରୁ ବିଛଣା ଛାଡନ୍ତି ଲମ୍ବୋଦର । ସ୍ତ୍ରୀ ରଞ୍ଜିତା ବି ତାଙ୍କ ସହ ଉଠି ଦହି ବରା ଆଳୁଦମ୍ ପ୍ରସ୍ତୁତ କରନ୍ତି। ଖାଣ୍ଟି କଟକୀ ଢାଞ୍ଚାରେ ସ୍ୱାଦିଷ୍ଟ ଆଳୁଦମ୍ କିପରି ଗ୍ରାହକଙ୍କୁ ଆକର୍ଷିତ କରିବ ସେଥିରେ ଆଦୌ ହେଳା କରନ୍ତିନି । ଏସବୁ ପ୍ରସ୍ତୁତ ପରେ ସକାଳୁ ନିଜ ଠେଲା ଗାଡି ଧରି ଘରୁ ବାହାରିଯାଆନ୍ତି। ତାଙ୍କ ହାତ ତିଆରି ସ୍ୱାଦିଷ୍ଟ ଦହିବରା ଖାଇବାକୁ ଲୋକେ ଅପେକ୍ଷା କରିଥାନ୍ତି ବୋଲି ଲମ୍ବୋଦର ଦାବି କରନ୍ତି। ସକାଳ ୭ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସେ ଗଳିକନ୍ଦି ବୁଲି ବେପାର କରନ୍ତି। ଘରକୁ ଫେରି ଖାଇପିଇ ଘଣ୍ଟାଏ ବିଶ୍ରାମ ନିଅନ୍ତି। ସନ୍ଧ୍ୟା ୬ଟା ପରେ ବଜାରକୁ ବାହାରି ଯାଆନ୍ତି ଲମ୍ବୋଦର। ପୁଣି ସକାଳ ବ୍ୟବସାୟ ପାଇଁ ସଉଦା କିଣନ୍ତି। ଘରକୁ ଫେରି ପରିବାର ସହ କିଛି ସମୟ କାଟନ୍ତି। ତା'ପରେ ସବୁ ଦିନିଆ ଖିଆପିଆ ପର୍ବ ସାରି ଶୋଇ ଯାଆନ୍ତି। ଏମିତି ଧରାବନ୍ଧା ଜୀବନ ଭିତରେ ସେ ନିଜ ଦୁଇ ପୁଅ ଓ ଗୋଟିଏ ଝିଅ ପାଇଁ ଚାହିଁଲେ ବି ସମୟ ଦେଇ ପାରନ୍ତିନି। ଏଥିପାଇଁ ତାଙ୍କ ମନରେ ସବୁବେଳେ ଅବସୋସ ରହିଥାଏ। ଏମିତିକି ପୂଜା ପାର୍ବଣ ଆସିଲେ ସ୍ତ୍ରୀ ରଞ୍ଜିତା ଓ ପିଲାଙ୍କୁ ସାଙ୍ଗରେ ନେଇ ଯାଇ ପାରନ୍ତିନି। କାରଣ ବଳକା ସମୟରେ ଘର ସଉଦା ସାଙ୍ଗକୁ ପନିପରିବା କିଣିବାକୁ ପଡେ। ଏଥି ସହ ଜନ୍ମମାଟି ରାଜନଗର ଅଞ୍ଚଳରେ ରହୁଥିବା ବନ୍ଧୁ ପରିଜନଙ୍କ ଦୁଃଖସୁଖରେ ସାମିଲ ହେବାକୁ ପଡେ। ଏମିତି ଧରାବନ୍ଧ ଜୀବନ ଭିତରେ ବେଳେ ବେଳେ ଅତିଷ୍ଠ ହେଲେ ବି ଆଖି ସାମନାରେ ପ୍ରିୟ ଗ୍ରାହକଙ୍କ ଚେହେରା ଭାସି ଉଠେ। ତାଙ୍କ ଦହିବରା ଆଳୁଦମ ଖାଇ କେହି ଆତ୍ମତୃପ୍ତି ପାଇଲେ ତାଙ୍କ ଶ୍ରମ ସାର୍ଥକ ହେଲା ବୋଲି ମନେହୁଏ। ବଳ ବୟସ ଥିବା ପର୍ଯ୍ୟନ୍ତ ଏହି ବୃତ୍ତିକୁ ଆପଣାର କରି ବଞ୍ଚିବାକୁ ନିଷ୍ପତ୍ତି ନେଇଛନ୍ତି ସେ । ଗ୍ରାହକଙ୍କ ଭଲ ପାଇବା ରହିଲେ ନିଜ ବ୍ୟବସାୟକୁ ଆହୁରି ଉନ୍ନତ ମାନର କରିବାକୁ ଆଶା ବାନ୍ଧିଛନ୍ତି ଲମ୍ବୋଦର।

ଦିନକର କାହାଣୀ

-ବସନ୍ତ ଧଳ

# ୧୬ ପର୍ଯ୍ୟନ୍ତ କୋର୍ଟ ବର୍ଜନ ନିଷ୍ପତ୍ତି

## ହାଇକୋର୍ଟ ବିଚାରପତି ପାଇଁ ସଞ୍ଜୀବ ପାଣିଗ୍ରାହୀଙ୍କ ନାମ ସୁପାରିସକୁ ବିରୋଧ

**କଟକ ଅଫିସ, ୧୪।୧୦**

ସୁପ୍ରିମକୋର୍ଟଙ୍କ କଲେଜିୟମ ଗତ ୩ ତାରିଖରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ ଆଇନଜୀବୀ ସଞ୍ଜୀବ ପାଣିଗ୍ରାହୀଙ୍କ ନାମ ସୁପାରିସ କରିଛନ୍ତି। ତେବେ ଏହି ସୁପାରିସକୁ ବିରୋଧକରି ହାଇକୋର୍ଟ ବାର୍ ଆସୋସିଏଶନ ଆସନ୍ତା ୧୬ ତାରିଖ ଅର୍ଥାତ୍ ବୁଧବାର ପର୍ଯ୍ୟନ୍ତ ହାଇକୋର୍ଟଙ୍କ ସମସ୍ତ ଅଦାଲତ ବର୍ଜନ ପାଇଁ ନିଷ୍ପତ୍ତି ନେଇଛି। ସୋମବାର ହାଇକୋର୍ଟ ବାର୍ ଆସୋସିଏଶନ ହଲ୍‌ରେ ଆୟୋଜିତ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୁପ୍ରିମକୋର୍ଟଙ୍କ କଲେଜିୟମ ବିଚାରପତି ନିଯୁକ୍ତିରେ ପକ୍ଷପାତିତା ଓ ନିୟମାନୁଯାୟୀ ନିଷ୍ପତ୍ତି ନେଇ ନ ଥିବା ବାର୍ ଆସୋସିଏଶନ ଅଭିଯୋଗ କରିଛି। ଆଇନଜୀବୀ ହାଇକୋର୍ଟରେ ନିୟମିତ ପ୍ରାକ୍ଟିସନର ହୋଇଥିଲେ ତାଙ୍କ ନାମ ବିଚାରପତି ପାଇଁ ସୁପାରିସ କରାଯିବା ନିୟମ ରହିଛି। ହେଲେ ସଞ୍ଜୀବ ହାଇକୋର୍ଟରେ ମାତ୍ର ୪ଟି ମାମଲା ପରିଚାଳନା କରିବାର ଅଭିଜ୍ଞତା ରଖିଛନ୍ତି ବୋଲି ବାର୍ ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି। ସେ ନିୟମିତ ଭାବେ ହାଇକୋର୍ଟରେ ଆଇନ ଅଭ୍ୟାସ କରୁ ନ ଥିବାବେଳେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଆଇନ ବିରୋଧ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ଦାସ କହିଛନ୍ତି। ଆସନ୍ତା ବୁଧବାର ଅପରାହ୍ଣ ୧ଟା ୧୫ ମିନିଟ୍‌ରେ ପୁନର୍ବାର ବାର୍ ଆସୋସିଏଶନ ସାଧାରଣ ପରିଷଦ ବୈଠକ ହେବ ଓ ଏଥିରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ସେହିପରି ମଙ୍ଗଳବାର ଏହି ଘଟଣାକୁ ନେଇ ଏକ କମିଟି ଗଠନ କରାଯିବ। ଉକ୍ତ କମିଟିର ପରାମର୍ଶ ଅନୁଯାୟୀ ଆସୋସିଏଶନ ଏହି ଘଟଣା ସମ୍ପର୍କରେ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ସମ୍ପାଦକ ଦାସ କହିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍।
- କାର୍ଲାଇଲ



## ସଂକ୍ଷେପରେ

### ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲାବାସୀଙ୍କ ପାଇଁ ଟୋଲ ଫି' ମାଫ୍ ଦାବି
### ବିଜେଡି ପ୍ରତିନିଧି ଦଳର ଦାବିପତ୍ର ପ୍ରଦାନ

ବଲାଙ୍ଗୀର ଅଫିସ, ୧୪।୧୦: ବଲାଙ୍ଗୀର-ସୋନପୁର ୫୭ତମ ଜାତୀୟ ରାଜପଥର ଭଇଁଷାପାଲିଠାରେ ଏକ ନୂତନ ଟୋଲ ଗେଟ୍ ନିର୍ମାଣ କରାଯାଇଛି। ଏହି ଟୋଲ ଗେଟ୍‌ରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ଜନସାଧାରଣଙ୍କଠାରୁ କୌଣସି ଟୋଲ ଫି ଆଦାୟ ନ କରିବା ପାଇଁ ବଲାଙ୍ଗୀର ବିଜେଡିର ଏକ ପ୍ରତିନିଧି ଦଳ କେନ୍ଦ୍ର ଜାତୀୟ ସଡକ ଓ ରାଜପଥ ବିଭାଗ ମନ୍ତ୍ରୀ ନିତିନ୍ ଗଡକରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେଡିର ଏହି ପ୍ରତିନିଧି ଦଳ ଜିଲାପାଳ ଡାକୁଆଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉଭୟ ବଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲା କେବିକେ ଅଞ୍ଚଳ ଅନ୍ତର୍ଭୁକ୍ତ ଏବଂ ଏଠାକାର ଅଧିକାଂଶ ଲୋକ ଆର୍ଥିକ ଦିଗରୁ ଅନଗ୍ରସର। ଏଭଳି ସ୍ଥିତିରେ ଏଠାରେ ଲୋକଙ୍କ ପାଇଁ ଟୋଲଗେଟ୍ କରି ଟୋଲ ଫି ଆଦାୟ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡା ବୋଲି ଏହି ପ୍ରତିନିଧି ଦଳ ଜଣାଇଛନ୍ତି। ଏଠାରେ ଟୋଲ ଫି ଆଦାୟ ହେଲେ ଆଗକୁ ଜନଅସନ୍ତୋଷ ଦେଖାଦେବ ଓ ଏହା ପରବର୍ତ୍ତୀ ସମୟରେ ଜନଆନ୍ଦୋଳନର ରୂପ ନେବ ବୋଲି କୁହାଯାଇଛି। ଏଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବିଜେଡି ଉଭୟ ଜିଲାର ରେଜିଷ୍ଟ୍ରିଭୁକ୍ତ ଯାନବାହନକୁ ଦେୟମୁକ୍ତ ଘୋଷଣା କରିବାକୁ ଦାବି କରାଯାଇଛି। ପ୍ରତିନିଧି ଦଳରେ ଜିଲା ବିଜେଡି ଉପସଭାପତି ପ୍ରଦୀପ ଗୁରୁ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଶମ୍ଭୁ ନାଗ, ଉପେନ ଦୀପ, ଶିବ ବେହେରା, ଶାନ୍ତନୁ ଭୋଇ, ସନ୍ତୋଷ ରାଉତରାୟ, ଅକ୍ଷୟ ବନଛୋର, ଜିଲା ଆଇଟି ସେଲ ସଂଯୋଜକ ବିଭୂତି ଭୂଷଣ ମିଶ୍ର ଜିଲାପାଳ ଡାକୁଆଙ୍କୁ ଦାବିପତ୍ର ଦେଇଥିଲେ। ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୁଖ୍ୟ ଶାସନ ସଚିବଙ୍କୁ ମଧ ପଠାଯାଇଥିବା ଜଣାଇଛନ୍ତି।

### କବାଡ଼ି ପ୍ରଶିକ୍ଷଣ ଶିବିର

ବରଗଡ଼ ଅଫିସ୍,୧୪।୧୦: ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରିସରରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ ଓ ୧୪ବର୍ଷରୁ କମ ସ୍କୁଲ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବରଗଡ଼ ଜିଲା କବାଡ଼ି ଟିମ୍ ଗୁଡ଼ିକର ପ୍ରଶିକ୍ଷଣ ଶିବିର ରବିବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୭ରୁ ୨୨ତାରିଖ ମଧ୍ୟରେ ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମଠାରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବରଗଡ଼ ଜିଲାର ଉଭୟ ବାଳିକା, ବାଳକ କବାଡ଼ି ଟିମ୍ ଅଂଶଗ୍ରହଣ କରିବେ। ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠି ଏହି ୬ ଦିନିଆ ପ୍ରଶିକ୍ଷଣ ଶିବିରରେ ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାଏକ, ନିଶିକାନ୍ତ ମହାନ୍ତି, ନମିତା ସାହୁ, ରଶ୍ମିତା ଡନସନା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଉଛନ୍ତି। କେଶବ ପ୍ରଧାନ, ଧରମ ବେହେରା, ଗୀତା ବୀରା, ରଶ୍ମିରେଖା ଦାଶ, ଝରଣା ଦାଶ, ସୁବାଶିନୀ ତ୍ରିପାଠୀ, ଡାକ୍ତର ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି।

■ ସରକାରୀ ଜମି ହଡ଼ପକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

# ଗାଁ ମୁଖିଆ ମୃତ, ୭ ଆହତ

ବାଲିଆପାଳ, ୧୪।୧୦ (ସ୍ୱ.ପ୍ର/ଡି.ଏନ୍.ଏ)

ବାଲେଶ୍ୱର ଜିଲା ବାଲିଆପାଳ ଥାନା କଟ୍ରାମହଲ ଗ୍ରାମରେ ସୋମବାର ଏକ ସରକାରୀ ଜମି ହଡ଼ପକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ବିବାଦ ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଆକ୍ରମଣରେ ଗ୍ରାମର ମୁଖ୍ୟ ରାମଚନ୍ଦ୍ର ଗିରିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୭ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ୩ ଆକ୍ରମଣକାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ପରିସ୍ଥିତିକୁ ନିୟନ୍ତ୍ରଣ ଲାଗି ବାଲିଆପାଳ ଥାନା ପକ୍ଷରୁ ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ନୂଆଗାଁ ପଞ୍ଚାୟତ କଟ୍ରାମହଲ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ଜାଗାକୁ ସେହି ଗ୍ରାମର ଭାନୁ ଦଳାଇ ଓ ତାଙ୍କର ପରିବାର ସଦସ୍ୟମାନେ ଗତ ୩ଦିନ ତଳେ ଜବରଦଖଲ କରି ବାଡ଼ ବସାଇଥିଲେ। ସେଠାରେ ସେମାନେ ଘର କରିବାକୁ ଯୋଜନା କରିଥିବା ଜାଣିପାରି ଗ୍ରାମର ମୁଖିଆ ରାମଚନ୍ଦ୍ର ଗିରି ଏବଂ କେତେକ ଗ୍ରାମବାସୀ ପୂର୍ବାହ୍ନରେ ଏ ବିଷୟରେ ପଚରାଉଚୁରା ପାଇଁ ତାଙ୍କ ଘରକୁ ଯାଇଥିଲେ। ସେମାନେ କଥାବାର୍ତ୍ତା ହେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଭାନୁ ଦଳାଇ ଓ ତାଙ୍କ ପରିବାରର ୧୦ରୁ ୧୨ଜଣ ଲୋକ ବିଭିନ୍ନ ଧାରୁଆ ଅସ୍ତ୍ରରେ ଗ୍ରାମବାସୀଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗ୍ରାମର ମୁଖିଆ ରାମଚନ୍ଦ୍ର ଗିରି, ଲକ୍ଷ୍ମୀଧର ସ୍ୱାଇଁ, ରମେଶ ଦଳାଇ, ସଚିନ୍ଦ୍ର ଦଳାଇ, ଗେଡ଼ା ଦଳାଇ, ମଙ୍ଗଳି ପାତ୍ର, ଗେହ୍ଲମଣି ସ୍ୱାଇଁ, ସରସ୍ୱତୀ ପାତ୍ର, ପୂର୍ବତନ ସରପଞ୍ଚ ମନ୍ମଥ ଗିରି ଓ ଗଣେଶ ସ୍ୱାଇଁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ବସ୍ତା ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଗୁରୁତର ଆହତ ହୋଇଥିବା ରାମଚନ୍ଦ୍ରଙ୍କର ମୃତ୍ୟୁ ହୋଇଛି। ଆହତମାନଙ୍କ ମଧ୍ୟରୁ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ରାମଚନ୍ଦ୍ରଙ୍କ ପୁତୁରା ହେମନ୍ତ ଗିରି ଏନେଇ ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୨୨୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଆକ୍ରମଣକାରୀ ଭାନୁ ଦଳାଇ, ତାଙ୍କ ପୁଅ ଶାନ୍ତନୁ ଓ ଅନ୍ୟ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ଆକ୍ରମଣରେ ବ୍ୟବହୃତ କୋଦାଳ, ଶାବଳ, ଦାଉଲା, ପନିଖି ଓ କାତି ଜବତ କରିଛି।

### ମାରଣାସ୍ତ୍ର ଜବତ, ୩ ଅଟକ



ଉତ୍ତ୍ୟକ୍ତ ଲୋକଙ୍କ ସହ ପୋଲିସ ଆଲୋଚନା କରୁଛି।

### ୧୩୬ଚାଷୀଙ୍କୁ ମିଳିଲା ମରୁଡି ସହାୟତା

ଖପ୍ରାଖୋଲ, ୧୪।୧୦ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକରେ ୨୦୧୮ ମରୁଡି ସହାୟତା ଟଙ୍କା ବଣ୍ଟନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବନ୍ଦେପଦର ଗାଁର ୯୯ ଜଣ ଚାଷୀ ଓ ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ଗାଁର ୩୭ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପ୍ରଦାନ କରାଯାଇଛି। ବର୍ଷବର୍ଷ ଧରି ମରୁଡି ସହାୟତା ଚାଷୀଙ୍କୁ ଦିଆ ଯାଉ ନ ଥିବା ନେଇ ଧରିତ୍ରୀରେ ଖବର ପ୍ରସାରଣ ପରେ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା ଚାଲିଥିବା ରାଜସ୍ୱ ବିଭାଗ ତରଫରୁ କୁହାଯାଇଥିଲା। ତାର ଫଳ ସ୍ୱରୂପ ରାଜସ୍ୱ ବିଭାଗ ତତ୍ପରତା ପ୍ରକାଶ କରିବା ସହ ପ୍ରଥମ ପର୍ଯ୍ୟାୟରେ ୨ଟି ଗାଁକୁ ସହାୟତା ରାଶି ପ୍ରଦାନ କରିଛି। ଏ ନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ କର୍ମଚାରୀ ଅଭାବରୁ ସମସ୍ୟା ଦେଖାଦେଇଥିଲେ ବି ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ ୨୦୧୮ ମରୁଡି ସହାୟତା ସହ ପେଥେଇ ଓ ପୋକ ଜନିତ କ୍ଷୟକ୍ଷତି ସହାୟତା ଦେବା ପାଇଁ ପ୍ରୟାସ ଜାରି ରଖିଛୁ। ସପ୍ତାହକ ମଧ୍ୟରେ ଆହୁରି ୨୦ରୁ ଅଧିକ ଗାଁର ଚାଷୀ ସହାୟତା ପାଇବେ ବୋଲି ସେ କହିଛନ୍ତି।

### ଗଜଲକ୍ଷ୍ମୀ ପୂଜା: ଆରମ୍ଭ ହେଲା ଜଳନ୍ଧର ରାଜ୍



ରଙ୍ଗମଞ୍ଚରେ ଜଳନ୍ଧର ଦ୍ୱାରା ଶିବ ସ୍ତୋତ୍ର ପାଠ କରୁଛନ୍ତି।

ବିନିକା,୧୪।୧୦(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଜଳନ୍ଧର ରାଜ୍ ମୁକ୍ତାକାଶ ରଙ୍ଗମଞ୍ଚ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଯୁବ ଶିଳ୍ପଦ୍ୟୋଗୀ ପ୍ରତାପ ଭାରତୀ ଏବଂ ବଲାଙ୍ଗୀ ଏମପିଙ୍କ ନୋମିନୀ ବିଶ୍ୱମ୍ଭର ମିଶ୍ର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୩ଦିନ ଧରି କାର୍ଯ୍ୟକ୍ରମ ଅୟୋଜିତ ହେବ। ପ୍ରଥମ ରଜନୀରେ ଜଳନ୍ଧରଙ୍କ ସିଂହାସନ ଆରୋହଣ, ସ୍ୱର୍ଗପୁର ଆକ୍ରମଣ, ଜଳନ୍ଧର ଓ ବୃନ୍ଦାବତୀଙ୍କ ବିବାହ, ଜଳନ୍ଧରଙ୍କ ଯମପୁର ଆକ୍ରମଣ, ଯମଙ୍କୁ ପରାସ୍ତ କରି ମନ୍ତ୍ର ପ୍ରାପ୍ତି ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଜଳନ୍ଧର ଭୂମିକାରେ ଗୋପାଳ ଦାଶ, ଶୁକ୍ରାଚାର୍ଯ୍ୟ ସଦାନନ୍ଦ ଷାଣ୍ଡ, ରାହୁ ଦୈତାରୀ ଭୂଏ, ନାରଦ ଭୂମିକାରେ ଜଗନ୍ନାଥ ସାହୁଙ୍କ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା।



ରାଣାପ୍ରତାପ ହାଇସ୍କୁଲରେ ଚାଲିଥିବା କବାଡ଼ି ପ୍ରଶିକ୍ଷଣ।

### ଟ୍ରେନ୍ ଲୁଟେରା ଗ୍ୟାଙ୍ଗ୍‌ର ୯ ଗିରଫ

ଟିଟିଲାଗଡ଼, ୧୪।୧୦ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ଆରପିଏଫର ତତ୍ପରତା ପରେ ଜନୈକ ମହିଳା ଯାତ୍ରୀଙ୍କ ଲୁଟ୍ ସାମଗ୍ରୀ ଉଦ୍ଧାର ହୋଇଛି। ଏହି ଘଟଣାରେ ୯ ଆନ୍ତଃରାଜ୍ୟ ମହିଳା ଲୁଟେରା ଗ୍ୟାଙ୍ଗ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଛି। ଟିଟିଲାଗଡ ଆରପିଏଫ ପୋଷ୍ଟ କମାଣ୍ଡର ଏମ.ଏସ. କୁମାୱତଙ୍କ ସୂଚନା ମତେ, ରବିବାର ସମ୍ବଲପୁର-ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ଯୋଗେ ନିଜ ସ୍ୱାମୀଙ୍କ ସହ ଯାତ୍ରା କରୁଥିବା କଳ୍ପନା ମିଶ୍ର ନାମକ ଜଣେ ମହିଳା କେସିଙ୍ଗା ରେଳ ଷ୍ଟେସନର ତିନି ନମ୍ବର ପ୍ଲାଟଫର୍ମରେ ଓହ୍ଲାଇଥିଲେ। ଏହି ସମୟରେ ତାଙ୍କ ପର୍ସର ଚେନ ଖୋଲି ସୁନା ଗହଣା ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟ୍ ସମ୍ପର୍କରେ ସେ ପ୍ଲାଟଫର୍ମରେ ଥିବା ଆରପିଏଫ କନଷ୍ଟେବଲ ଏସ. ପୁଟେଲଙ୍କ ନିକଟରେ ଅଭିଯୋଗ କରିଥିଲେ। ପୁଟେଲ ତୁରନ୍ତ ପ୍ଲାଟଫର୍ମରେ ଥିବା ୯ ଜଣ ମହିଳାଙ୍କୁ ସନ୍ଦେହରେ ଅଟକ ରଖି କେସିଙ୍ଗା ଥାନାକୁ ଅବଗତ କରିଥିଲେ। ଖବର ପାଇ କେସିଙ୍ଗା ପୋଲିସ, ଟିଟିଲାଗଡ ଆରପିଏଫ ପୋଷ୍ଟ କମାଣ୍ଡର କୁମାୱତ ଘଟଣାସ୍ଥଳରେ ପହଞ୍ଚି ଅଟକ ମହିଳାମାନଙ୍କୁ ପଚରାଉଚରା କରିଥିଲେ। ଅଟକଙ୍କ ମଧ୍ୟରୁ ଜଣେ ମହିଳାଙ୍କ ନିକଟରୁ ଲୁଟ ସୁନା ଗହଣା ଜବତ କରାଯାଇଥିଲେ। ପରେ ତାଙ୍କ ସହଯୋଗୀ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା। ଟିଟିଲାଗଡ ଜିଆରପି ପକ୍ଷରୁ ଏ ନେଇ ସମସ୍ତ ୯ ଅଭିଯୁକ୍ତ ମହିଳାଙ୍କ ବିରୋଧରେ ଦଫା ୩୭୯, ୩୪ରେ ଏକ ମାମଲା (ନଂ. ୫୯/୧୯)ରୁଜୁ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି।



ପାଟକୁଲୁଣ୍ଡା ଅଞ୍ଚଳରେ ଅଶୋକ ବିଜେଡ଼ି ପ୍ରାର୍ଥିନୀ ରୀତାଙ୍କ ପାଇଁ ପ୍ରଚାର କରୁଛନ୍ତି।

## ରୀତାଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଲେ ଅଶୋକ

ବରଗଡ଼ ଅଫିସ୍/ବରପାଲି,୧୪।୧୦

ବିଜେପୁର ଉପନିର୍ବାଚନକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ଦୁଇଦିନ ତଳେ ଭାଜପା ଛାଡ଼ିଥିବା ଅଶୋକ ପାଣିଗ୍ରାହୀ ରବିବାର ବିଜେଡ଼ିକୁ ବାହ୍ୟ ସମର୍ଥନ ଦେବେ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ମାତ୍ର ଏହାର ୨୪ଘଣ୍ଟା ନ ପୂରୁଣୁ ଅଶୋକ ସୋମବାର ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ପାଟକୁଲୁଣ୍ଡା, ପ୍ରଧାନଟିକ୍ରା, ବିଶିପାଲି, କାଇଁଶିର ଅଞ୍ଚଳକୁ ତାଙ୍କ ସମର୍ଥକଙ୍କ ସହିତ ଯାଇ ବିଜେଡ଼ି ପ୍ରାର୍ଥିନୀ ରୀତା ସାହୁଙ୍କ ସପକ୍ଷରେ ପ୍ରଚାର କରିଥିଲେ। ପ୍ରଚାର ସମୟରେ ତାଙ୍କ ସହିତ ପୂର୍ବତନ ସରପଞ୍ଚ କୃଷ୍ଣ କୁମାର ସିଂ, ପୂର୍ବତନ ସମିତି ସଭ୍ୟ ବିରେନ୍ଦ୍ର ପ୍ରଧାନ, ସୁବାସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅଶୋକ ଏପର୍ଯ୍ୟନ୍ତ ବିଜେଡ଼ିରେ ମିଶି ନ ଥିଲେ ମଧ୍ୟ ରୀତାଙ୍କ ପାଇ ସିଧାସଳଖ ପ୍ରଚାର ମଇଦାନକୁ ଓହ୍ଲାଇବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏହାସହିତ ରାଜନୀତି ପାଣିପାଗକୁ ସରଗରମ କରି ପକାଇଛି।

## ଫୁଟବଲ: ପତ୍ରାପାଲି ଚାମ୍ପିୟନ

ଭଟଲି,୧୪।୧୦(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ହାଇସ୍କୁଲ ପଡ଼ିଆରେ ବାରପାହାଡ଼ କପ୍ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଛି। ଏଥିରେ ପତ୍ରାପାଲି ପ୍ରତିପକ୍ଷ ଭେଡ଼େକୁ ୩-୧ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ରଙ୍କମଣି କ୍ଷେତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ସମାଜସେବୀ ମଦନ ସାହୁ ମୁଖ୍ୟଅତିଥି, ଗୋବିନ୍ଦ ସାହୁ ସମ୍ମାନିତ ଅତିଥି, ଡଃ କାମଦେବ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ପ୍ରଶାନ୍ତ ଓରାମ ମ୍ୟାନ ଅଫ ଦି ମ୍ୟାଚ, ସୁଶାନ୍ତ ସେଠ ମ୍ୟାନ ଅଫ ଦି ସିରିଜ୍, ଅଭିନାଶ ରଣା ବେଷ୍ଟ ଭଲୁଣ୍ଟିୟର ଭାବେ ପୁରସ୍କୃତ ହୋଇଥିଲେ। ପ୍ରଦୀପ ଭୋଇ, ପ୍ରଦୀପ ଦାଶ, ଗୋପାଳ ନାଏକ, ଦେବାନନ୍ଦ ସାହୁ, ଦେବଦତ୍ତ ପ୍ରଧାନ, ପୁରୁ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳର ଖେଳାଳିମାନେ।

## ବଲାଙ୍ଗୀର ବନ୍ୟା କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ଅଣଦେଖା
### ୨୨ରେ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର ଅଫିସ, ୧୪।୧୦

ଗତ ଅଗଷ୍ଟ ମାସରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାକୁ ଇତିମଧ୍ୟରେ ଦୁଇମାସ ପୂରିଛି। ମାତ୍ର ଜିଲାର କୌଣସି ବନ୍ୟା କ୍ଷତିଗ୍ରସ୍ତ ଟଙ୍କାଟିଏ କ୍ଷତିପୂରଣ ପାଇନାହାନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୨ ତାରିଖ ଦିନ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳ ଅଫିସ ସମ୍ମୁଖରେ ବିରାଟ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ରାଧାରାଣୀପଡାସ୍ଥିତ ମାରୱାଡି ସେବାସଦନଠାରେ ସୋମବାର ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ। ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମନ୍ତ୍ରୀ ତଥା ଅଧିକାରୀମାନେ ବନ୍ୟା ପ୍ରପୀଡିତ ଅଞ୍ଚଳ ପରିଦର୍ଶନ କରି ସକାରାତ୍ମକ ମନ୍ତବ୍ୟ ରଖିଥିଲେ। ସେମାନଙ୍କ ସମ୍ମୁଖରେ ବନ୍ୟା ପୀଡିତଙ୍କ ଦୁର୍ଦ୍ଦଶାର ମୁକାବିଲା ପାଇଁ ୧ ହଜାର କୋଟି ଟଙ୍କା ଦାବି କରାଯାଇଥିଲା। ମାତ୍ର ସରକାର କେବଳ ୩୬କୋଟି ଟଙ୍କା ଦେଇ ଚୁପ ରହିଯାଇଛନ୍ତି। ଉଭୟ ସରକାରଙ୍କୁ ବାରମ୍ବାର ଅନୁରୋଧ କଲେ ସୁଦ୍ଧା ସରକାର କୌଣସି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ତେଣୁ ବଲାଙ୍ଗୀରବାସୀ ଉଚିତ୍ ବନ୍ୟା କ୍ଷତିପୂରଣ ନ ପାଇବା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ଧାରାବାହିକ ଆନ୍ଦୋଳନ କରାଯିବ। ପ୍ରଥମ ପଦକ୍ଷେପ ସ୍ୱରୂପ ଆସନ୍ତା ୨୨ ତାରିଖରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେ ଘୋଷଣା କରିଥିଲେ। ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଉଭୟ ସରକାରଙ୍କ ମନ୍ତ୍ରୀ ଆସିବା ସମୟରେ ସ୍ପଷ୍ଟ ଭାବେ ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ଯେତେ ଅଧିକ ସାହାଯ୍ୟ ଦିଆଯାଇ ପାରିବ ତାହା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଏହା ଏବେ ଫମ୍ପା ପ୍ରତିଶ୍ରୁତି ସାବ୍ୟସ୍ତ ହୋଇଛି। ସରକାରଙ୍କୁ ମଧ ବାରମ୍ବାର ଅନୁରୋଧ କରାଯାଇଛି। ବଲାଙ୍ଗୀର ସହର ଓ ଜିଲାରେ ବନ୍ୟା ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି। ଲୋକଙ୍କର ବ୍ୟକ୍ତିଗତ ଧନଜୀବନ ହାନୀ ହେବା ସହ ରାସ୍ତାଘାଟ, ଶିକ୍ଷାନୁଷ୍ଠାନ, ବିଜୁଳି ସରବରାହ, ଚାଷ ତଥା ଚାଷ ଜମିର ପ୍ରଭୂତ କ୍ଷତି ହୋଇଛି। କିନ୍ତୁ କେବଳ ଘରଭଙ୍ଗା ବାବଦରେ ସରକାର ୩୬ କୋଟି ଟଙ୍କା ଦେଇ ବାକି ସବୁ କ୍ଷୟକ୍ଷତି ଭରଣା ବାବଦରେ କୌଣସି ଉତ୍ତର ଦେଉନାହାନ୍ତି। ତେଣୁ ଆଉ ବେଶୀ ଦିନ ଚୁପ ରହିହେବ ନାହିଁ। ନିଜର ହକ୍ ପାଇଁ ଆମକୁ ରାସ୍ତାକୁ ଓହ୍ଲାଇବାକୁ ପଡିବ ବୋଲି ସେ କହିଥିଲେ। ଏହି ଅବସରରେ ବଲାଙ୍ଗୀର ସହର ଓ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି, ସ୍କୁଲ କଲେଜର ଶିକ୍ଷକ ଅଭାବ ସମସ୍ୟା, ନାରୀ ନିର୍ଯାତନା, ଶିଶୁ ଯୌନ ନିର୍ଯାତନା, ବେଆଇନ ନିଶା ଦ୍ରବ୍ୟ କାରବାର ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ବରିଷ୍ଠ କଂଗ୍ରେସ ନେତା ଅସୀମ ପଟ୍ଟନାୟକ, ଚାଷୀ ନେତା ଡା ସୁଧୀର କୁମାର ପରିଚ୍ଛା, ମହିଳା ସଭାନେତ୍ରୀ ମିଳନୀ ସାହୁ, ରାଜ୍ୟ ସମ୍ପାଦକ ସୁଦାମ ସାହୁ, ଉମାଶଙ୍କର ପଣ୍ଡା, ଅଜୟ ବାଲି, ଜିଲା ପରିଷଦ ସଭ୍ୟ ଶ୍ରୀଧର ଭୋଇ, ଲୋକନାଥ କୁମୁରା, ସରପଞ୍ଚ ଘାସିରାମ ବେହେରା, ରାଧାକାନ୍ତ ଭୋଇ, ଯୁବ ସଭାପତି ପ୍ରେମ ପ୍ରକାଶ ମିଶ୍ର, ଛାତ୍ର ସଭାପତି ଅଙ୍କିତ ସାହୁ ମଞ୍ଚାସୀନ ଥିଲେ।



ବଲାଙ୍ଗୀର ମାରୱାଡି ସେବାସଦନ ଠାରେ ଅନୁଷ୍ଠିତ ଜିଲା କଂଗ୍ରେସ କମିଟିର ବୈଠକ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ମସ୍ତିଷ୍କାଘାତରେ ଖବରଦାତାଙ୍କ ମୃତ୍ୟୁ

**ସୋନପୁର,୧୪।୧୦(ନି.ପ୍ର):** ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ମସ୍ତିଷ୍କାଘାତରେ ସୁବର୍ଣ୍ଣପୁରର ଖବରଦାତା ତଥା ଚନ୍ଦନ ଫଟୋ ଷ୍ଟୁଡିଓର ମାଲିକ ଗୋବିନ୍ଦ ଠାକୁର(୪୭)ଙ୍କ ମୃତ୍ୟୁ ହୋଇଛି। ଚିକିତ୍ସା ପାଇଁ ଭୁବନେଶ୍ୱର ଯାଉଥିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁ ଯୋଗୁଁ ସହରରେ ଶୋକର ଛାୟା ଖେଳିଯାଇଛି। ଗୋବିନ୍ଦଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛି। ରାମେଶ୍ୱର ଘାଟ ଶ୍ମଶାନରେ ସୋମବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜିଲା ସମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସାଧାରଣ ସମ୍ପାଦକ ବ୍ୟୋମକେଶ ଦାଶ, ସ୍ୱାଧୀନ ମେହେର, ବେଣୁଧର ପ୍ରଧାନ, ରବିନ୍ଦ୍ର କୁମାର ହୋତା, ମୃତ୍ୟୁଞ୍ଜୟ ଶତପଥୀ, ମନୋରଞ୍ଜନ ତ୍ରିପାଠୀ, ବିନୟ ରଞ୍ଜନ ପ୍ରଧାନ, ଶେଷଦେବ ବାରିକ୍, ସତ୍ୟବାନ ପୁରୋହିତ, ମହାଦେବ ମଲ୍ଲିକ, ସତ୍ୟବ୍ରତ ପ୍ରଧାନ, ସନ୍ତୋଷ କୁମାର ମିଶ୍ର, ନବ କୁମାର ମିଶ୍ର, ସୁଶାନ୍ତ ପଣ୍ଡା ଓ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ଗୋବିନ୍ଦ ଜଣେ ସ୍ପଷ୍ଟବାଦୀ ଓ ମେଳାପି ବ୍ୟକ୍ତି ଥିଲେ। ତାଙ୍କ ପରଲୋକ ଅପୂରଣୀୟ କ୍ଷତି ବୋଲି ଦର୍ଶାଇବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଅମଳ ସମୟରେ ଚକଡ଼ା ଦୁଃଖ

- କାମ କରୁନି କୀଟନାଶକ
- ଆଶଙ୍କାରେ ବିନିକା ଅଞ୍ଚଳର ଧାନଚାଷୀ
- କ୍ଷେତ୍ର ପରିଦର୍ଶନ ପରେ ପଦକ୍ଷେପ: କୃଷି ଅଧିକାରୀ

**ବିନିକା,୧୪।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ମୋଟ ୧୩ହଜାର ହେକ୍ଟର ଜମିରେ କେନାଲ ଓ ଉଠା ଜଳସେଚନ ମାଧ୍ୟମରେ ଚଳିତ ବର୍ଷ ଖରିଫ ଧାନ ଚାଷ କରାଯାଇଛି। ପାଗ ଅନୁକୂଳ ରହିଥିବାରୁ ଚାଷୀ ତା'ର ଚାଷକୁ ଯଥାସାଧ୍ୟ ଆଗେଇ ନେଇଛି। ହେଲେ ଗତ ଏକ ସପ୍ତାହ ହେଲା ଏକର ଏକର ଧାନ ଫସଲ ମାଟିଆଗୁଣ୍ଡି ପୋକ(ଚକଡ଼ା)ଦ୍ୱାରା ପ୍ରଭାବିତ ହୋଇଛି। ବାଙ୍କିଘିର୍ଡି, ବାବୁପାଲି, ଭଣ୍ଡାର ଓ ସିନ୍ଧୁରପୁର ପ୍ରଭୃତି ଗ୍ରାମ ପଞ୍ଚାୟତରେ ସେହି ପୋକର ପ୍ରାଦୁର୍ଭାବ ଦେଖାଦେଲାଣି। ବାବୁପାଲି ବାଗଡିଆ ଗ୍ରାମର ସୁବାସ ପାଣ୍ଡେ, ରୁବୁଲ ବାରିକ, ପଥଲୁ ବାଘ, କମ୍ବୁ ବାରିକ, ଉପେନ୍ଦ୍ର ନାୟକ, ଶମ୍ଭୁ ବାରିକ, ଦିଲୀପ ପୋଢ, ହାତୁବନ୍ଧୁ ପୋଢ ପ୍ରମୁଖ ଚାଷୀଙ୍କ ୧୦ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ମାଟିଆଗୁଣ୍ଡି ପୋକଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ବାଗଡିଆ ଗ୍ରାମର ଏହି ଚାଷୀମାନେ ଧାନ୍ୟା, ସିଙ୍କି, ଭୂ-୧୧,



ବାଗଡିଆ ଗ୍ରାମର ଚକଡା ପ୍ରଭାବିତ ଜଣେ ଚାଷୀଙ୍କ ଧାନ ଫସଲ।

ଯମୁନା, ମେଘନା ଓ ସ୍ୱର୍ଣ୍ଣ ଆଦି କିସମର ଧାନଚାଷ କରିଥିବା ବେଳେ ମାଟିଆଗୁଣ୍ଡି ପୋକ ଦମନ ପାଇଁ ଓଶୀନ, ଚେସ୍, କେପର, ଏରୋ, ପେକ୍ସାଲୋନ୍ ଆଦି କୀଟନାଶକ ପ୍ରୟୋଗ କରିସାରିଲାଣି। ମାତ୍ର ପୋକ ଦମନ ହେଉ ନ ଥିବାରୁ ଚାଷୀକୂଳ ଏବେ ଚିନ୍ତାରେ ପଡିଛନ୍ତି । ବ୍ଲକ ଅଞ୍ଚଳର ଏବେ ପ୍ରାୟ ୬୦ଭାଗ ଧାନ ପାଚି ଯାଇଥିବା ବେଳେ ୪୦ ଭାଗ ଗର୍ଭଣୀ ଅବସ୍ଥାରେ ରହିଛି। ଏଭଳି ଅବସ୍ଥାରେ ସୁନାର ଫସଲରେ ମାଟିଆଗୁଣ୍ଡି ପୋକ ବ୍ୟାପିବା ଚାଷୀକୁ ହତାଶ କରିଛି। ପରିସ୍ଥିତି ଏପରି ଅବସ୍ଥାରେ ଥିବା ବେଳେ ବିନିକା କୃଷି ବିଭାଗ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି। ବିନିକା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କୁ ଏ ସମ୍ପର୍କରେ ପଚାରିବାରୁ କହିଛନ୍ତି ଯେ, ବିଭାଗ ପକ୍ଷରୁ ଚାଷୀଙ୍କୁ ଚକଡାରୁ କିପରି ଫସଲକୁ ରକ୍ଷା କରାଯାଇ ପାରିବ ସେ ନେଇ ତାଲିମ୍ ପ୍ରଦାନ ସହ ଚାଷୀଙ୍କୁ ବିଭିନ୍ନ ସମୟରେ ସଚେତନ କରାଯାଉଛି। ତେଣୁ ଚାଷୀ ସଚେତନ ହେଲେ ଯାଇ ଏଥିରୁ ମୁକ୍ତି ମିଳିପାରିବ । ଏ ବିଷୟରେ ସ୍ଥାନୀୟ କୃଷି କର୍ମଚାରୀ ହେମନ୍ତ ଭୂଏଁଙ୍କୁ ପଚାରିବାରୁ କହିଛନ୍ତି ଯେ, ବାଗଡିଆ ଗାଁର ଚକଡା ପ୍ରଭାବିତ କ୍ଷେତ ପରିଦର୍ଶନ କଲା ପରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବି । ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରାଯିବ ।

### ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଉଲୁଣ୍ଡା, ୧୪।୧୦(ଡି.ଏନ.ଏ.)**

ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ଦେବୀପ୍ରସାଦ ଦାସ, ବିଡିଓ ନୀଳାମ୍ବର ମହାନନ୍ଦ, ବ୍ଲକ ଅଧ୍ୟକ୍ଷା ମିତାଲୀ ମହାକୁର, ଡେପୁଟି କଲେକ୍ଟର ଶ୍ରେୟାଂଶୁ ରୁଟ ପ୍ରମୁଖ ଯୋଗଦେଇଥିଲେ। ମୋଟ ୧୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୩୧ ବ୍ୟକ୍ତିଗତ, ୬ଟି ସାମୂହିକ ଅଭିଯୋଗ ଥିଲା। ୧୮ଟିର ତତ୍କାଳ ସମାଧାନ କରାଯାଇଥିଲା। ଆବାସ ଯୋଜନା, ଭତ୍ତା, ଜଳସେଚନ, ଏସିସିସି ତାଲିକାରୁ ବଞ୍ଚିତ ହେବା, ପଟ୍ଟା ମିଳୁ ନ ଥିବା, ଲଗାଣ ବର୍ଷାରେ ଘର ଭାଙ୍ଗିଥିଲେ ମଧ୍ୟ ପଲିଥିନ ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଶୁଣାଣି ପରେ ବିଭାଗୀୟ ଅଧିକାରୀଙ୍କ ଉପରେ ଜିଲାପାଳ ବିରକ୍ତ ପ୍ରକାଶ କରିଥିଲେ। ଆଗାମୀ ଦିନରେ କାମ ଠିକ ଭାବରେ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ।



ଦେଗୁଲ ପଡିଆରୁ ଛତ୍ରିଛତ୍ର, ଆଲମ ସହ ମା' ମାହେଶ୍ୱରୀଙ୍କୁ ମନ୍ଦିରକୁ ଅଣାଯାଉଛି ।

### କାନପୁର ଅଶିନ ପୁନି ଯାତ୍ରା ଉଦ୍‌ଯାପିତ
## ଗମ୍ଭୀରା ବିଜେ ହେଲେ ମା' ମାହେଶ୍ୱରୀ

**ଅମରପାଲି, ୧୪।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସର୍ବପୁରାତନ ଶକ୍ତିପୀଠ କାନପୁରଠାରେ ତିନିଦିନ ଧରି ଚାଲିଥିବା ପ୍ରସିଦ୍ଧ କୁମାରୋତ୍ସବ ଯାତ୍ରା (ଅଶିନ ପୁନି ଯାତ୍ରା) ସୋମବାର ଉଦ୍‌ଯାପିତ ହୋଇଯାଇଛି । ଶ୍ରଦ୍ଧାଳୁଙ୍କୁ ସାଧାରଣ ଦର୍ଶନ ଦେବା ପାଇଁ ମନ୍ଦିରରୁ ମା'ମାହେଶ୍ୱରୀ ବାହାରି ଦେଗୁଳ ପଡିଆକୁ ବର୍ଷକୁ ଥରେ ଯାଇଥାନ୍ତି । ରବିବାର ମଧ୍ୟରାତ୍ରିରେ ପୂର୍ଣ୍ଣିମା ଜହ୍ନରେ ଦେଗୁଳ ପଡିଆରେ ପୂଜା କରାଯାଇଥିଲା ମା'ମାହେଶ୍ୱରୀଙ୍କୁ। ସୋମବାର ପାହାନ୍ତା ପ୍ରହରରେ ମା' ମାହେଶ୍ୱରୀ ଗମ୍ଭୀରାକୁ ବାହୁଡି ଯାଇଛନ୍ତି। ଯାତ୍ରା ଅନ୍ତିମ ଦିବସରେ ଦେବୀଙ୍କ ପ୍ରତୀକ ରୂପେ ପୂଜା ହୋଇଥିବା କଳାଧଳା ଛତ୍ର, ଆଲମ, ବାଡି, ଖଣ୍ଡା ଓ ତରବାରୀକୁ ସକାଳୁ ଦେଗୁଳ ପଡିଆରୁ ଅଣାଯାଇ ଗ୍ରାମ୍ୟ ପରିକ୍ରମ କରାଯାଇଥିଲା । ପରେ ମନ୍ଦିର ସମ୍ମୁଖ ମଣ୍ଡପରେ ବିଜେ କରାଯାଇଥିଲା । ସନ୍ଧ୍ୟାରେ ପାରମ୍ପରିକ ରୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହିତ ଅନ୍ନଭୋଗ ଲାଗି ହୋଇଥିଲା । ପୂର୍ଣ୍ଣାହୁତି ହୋମକର୍ମ ଓ ମଙ୍ଗଳ ଆରତୀ ଅର୍ପଣ ପରେ ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳି ଧ୍ୱନୀ ମଧ୍ୟରେ ଦେବୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ପୀଠର ବିଧି ବ୍ୟବସ୍ଥାମତେ ବାଦ୍ୟକାର ସେବାୟତମାନେ ଢ଼ୋଲ, ମହୁରୀ, ନିଶାନ ଆଦି ଷୋଳ ଭରନୀ ବାଦ୍ୟ ବଜାଇ ଦେବୀଙ୍କୁ ବିଦାୟ ଜଣାଇଥିଲେ । ଘଣ୍ଟବାଦ୍ୟ ସହିତ ପାରମ୍ପରିକ ବାଡି ଖେଳରେ ସମରକଳ ପ୍ରଦର୍ଶନ କରାଯାଇଥିଲା। ଶେଷ ରାତ୍ରିରେ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ଯାତ୍ରା ପାଇଁ ବିପୁଳ ଜନଗହଳି ହୋଇଥିଲା। ଦୋକାନ ବଜାରରୁ ଭଳିକି ଭଳି ଜିନିଷ କିଣାବିକା ହୋଇଥିବା ବେଳେ ଚାଟ, ଚାମିନ୍, ଗୁପଚୁପ ଭଳି ଚଟପଟି ଖାଦ୍ୟର ମଜା ନେଇଥିଲେ ଦର୍ଶକ । ପୋଲିସ ପ୍ରଶାସନ ଓ ଯାତ୍ରା କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ଯାତ୍ରାରେ କୌଣସି ଅପ୍ରୀତିକର ପରିସ୍ଥିତି ଦେଖାଯାଇ ନ ଥିଲା ।

### ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ
## ସେମିରେ ଏମ୍‌ଏନ୍‌ସିସି ହିଲୁଙ୍ଗ

**ଅମରପାଲି, ୧୪।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆପାଲିଠାରେ ୧୦ମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି । ବୀରମହାରାଜପୁର ସବଜେଲର ମୁଖ୍ୟଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଏମଏନସିସି ହିଲୁଙ୍ଗ ଓ ନୂଆଁଗନିଆଁ ମଧ୍ୟରେ ହୋଇଥିଲା। ନୂଆଁଗନିଆଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୦ରନ କରିଥିଲେ। ଜବାବରେ ହିଲୁଙ୍ଗ ଦଳ ଆବଶ୍ୟକ ୭୧ରନକୁ ୫.୪ ଓଭରରେ ଗୋଟିଏ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଲାଲ ସ୍ପୋର୍ଟିଂ ସୋନପୁର ଓ ପାନସିଆଲି ମଧ୍ୟରେ ହୋଇଥିଲା। ପାନସିଆଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬ ଉଇକେଟ ହରାଇ ୮୬ ରନ କରିଥିବା ବେଳେ ସୋନପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୭୮ ରନ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ହିଲୁଙ୍ଗ ଓ ଦ୍ୱିତୀୟ ମ୍ୟାଚର ବିଜେତା ପାନସିଆଲି ମଧ୍ୟରେ ହୋଇଥିଲା। ପାନସିଆଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୭୯ ରନ କରିଥିଲା। ଜବାବରେ ହିଲୁଙ୍ଗ ଦଳ ୬.୪ ଓଭରରେ ୩ ଉଇକେଟ ହରାଇ ୮୧ ରନ କରି ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅପରାହ୍ନରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ ମୁଖ୍ୟଅତିଥି ଏବଂ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର, ଥାନା ଅଧିକାରିଣୀ ପ୍ରଭା ଧନ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳଗୁଡିକୁ ପ୍ରଫୁଲ୍ଲ ବେହେରା, ରାଜୀବ ପ୍ରଧାନ ଓ ପିଣ୍ଟୁ ବେହେରା ପରିଚାଳନା କରିଥିଲେ। ବିକାଶ ଭୋଇ ଓ ହିମାଂଶୁ ବେହେରା ସ୍କୋରିଂ ଏବଂ ବନମାଳୀ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ପୁରୁଷୋତ୍ତମପାଲିରେ ପରିଚ୍ଛନ୍ନତା ଦିବସ

**ଅମରପାଲି, ୧୪।୧୦ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ପଞ୍ଚାୟତର ପୁରୁଷୋତ୍ତମପାଲି ଗ୍ରାମରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ବିଶ୍ୱାସ କାର୍ଯ୍ୟକ୍ରମର ଷଷ୍ଠ ଅଭିଯାନର ବ୍ୟକ୍ତିଗତ ଓ ଗୃହ ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗାଁ ସ୍ୱାସ୍ଥ୍ୟ ସମୀକ୍ଷକ ରାଜକୁମାର ସାହୁ ଓ ପର୍ଯ୍ୟବେକ୍ଷିକା ବିଳାସିନୀ ମିଶ୍ର ଯୋଗଦେଇ ଉପସ୍ଥିତ ମହିଳା ଓ ପୁରୁଷଙ୍କୁ ପରିଚ୍ଛନ୍ନତା ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଶାକର୍ମୀ ଯଶୋବନ୍ତି ଚାନ୍ଦ ସହଯୋଗ କରିଥିଲେ। ଅଙ୍ଗନୱାଡି କର୍ମୀ ଆରତୀ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଓ ଅଧିକାରୀ ।



ଜିଲାପାଳ ମୋନିଷା ବାନାର୍ଜୀ ଉଲୁଣ୍ଡା ସିଏଚଏସିରେ ମେଡିସିନ ଷ୍ଟକ ଯାଞ୍ଚ କରୁଛନ୍ତି।

## ଉଲୁଣ୍ଡା ଡାକ୍ତରଖାନା ଅଚାନକ ପରିଦର୍ଶନ କଲେ ଜିଲାପାଳ

**ଉଲୁଣ୍ଡା, ୧୪।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ସୋମବାର ଅଚାନକ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରଥମେ ଡାକ୍ତରଖାନା ଅନ୍ତର୍ବିଭାଗରେ ଜିଲାପାଳ ପହଞ୍ଚିଥିଲେ। ପରେ ବର୍ହିବିଭାଗକୁ ଯାଇ ସେଠାରେ ଡାକ୍ତରଙ୍କ ସମସ୍ୟା ବୁଝିବା ସହ ନିରାମୟ କେନ୍ଦ୍ରକୁ ଯାଇ ଔଷଧ ଷ୍ଟକ ଯାଞ୍ଚ କରିଥିଲେ। ଡ୍ରେସିଙ୍ଗ ରୁମ ସଫାସୁତୁରା ନ ଥିବାରୁ ମେଡିକାଲ ଅଫିସର ଆଶୁତୋଷ ମିଶ୍ରଙ୍କ ଉପରେ ବିରକ୍ତ ପ୍ରକାଶ କରିଥିଲେ। ପରେ ରୋଗୀମାନଙ୍କ ପାଖକୁ ଯାଇ ଉପଯୁକ୍ତ ଚିକିତ୍ସା ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଷ୍ଟାପମାନଙ୍କର ଉପସ୍ଥାନ ଯାଞ୍ଚ କରିଥିଲେ। ଅନ୍ୟପକ୍ଷରେ ପୃଷ୍ଟିସାଧନା କେନ୍ଦ୍ରକୁ ଯାଇ ଅପପୃଷ୍ଟିର ଶିକାର ଶିଶୁଙ୍କ ଯତ୍ନ କିପରି ନିଆଯାଉଛି, ଖାଦ୍ୟ ଠିକ୍ ସମୟରେ ମିଳୁଛୁ କି ନାହିଁ ସେ ବିଷୟରେ ମା'ମାନଙ୍କୁ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ପରେ ଜିଲାପାଳ ବାନାର୍ଜୀ ମେଟାକାନୀ ପୀଠ ପରିଦର୍ଶନ କରିଥିବା ଜଣାପଡିଛି।

### ମୁର୍ଷୁଣ୍ଡୀ, ଖଣ୍ଡହତାରେ ଗଜଲକ୍ଷ୍ମୀ ପୂଜା
## ମୁରାସୁର ଦରବାରରେ ଜମୁଛି ନୃତ୍ୟଗୀତର ଆସର

**ଅମରପାଲି, ୧୪।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ପାଇଁ ବେଶ ସରଗରମ ହୋଇଉଠିଛି। ଅଞ୍ଚଳର ବୀରମହାରାଜପୁର ଦୋଳମଣ୍ଡପ, ବାଘମାରୀ, ପଥରଘାଟ, କମିରା, ଜନକପୁର ଓ ଖଣ୍ଡହତାରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ହେଉଛି। ଖଣ୍ଡହତାରେ ହେଉଥିବା ଗଜଲକ୍ଷ୍ମୀ ପୂଜା ପାଇଁ ଶନିବାର କଳସ ଯାତ୍ରା ହୋଇଥିବା ବେଳେ ମୁର୍ଷୁଣ୍ଡୀ, କମିରା, ବାଘମାରୀ, ବୀରମହାରାଜପୁର, ଜନକପୁର, ପଥରଘାଟରେ ରବିବାର କଳସ ଶୋଭାଯାତ୍ରା ହୋଇଯାଇଛି। ପୂଜା ପାଇଁ ଆକର୍ଷଣୀୟ ମେଢ଼ ଓ ସୁଉଚ୍ଚ ତୋରଣ ସାଙ୍ଗକୁ ଚିକମିକ ଆଲୋକରେ ପୂଜାମଣ୍ଡପ ଅଞ୍ଚଳ ସୁନ୍ଦର ଦେଖାଯାଉଛି। ଦିନବେଳା ପୂଜାର୍ଚ୍ଚନା, ପୁଷ୍ପାଞ୍ଜଳି ସହିତ ମଧ୍ୟାହ୍ନରେ ପ୍ରସାଦସେବନ କରାଯାଉଛି। ସନ୍ଧ୍ୟାରେ ସନ୍ଧ୍ୟା ପୁଷ୍ପାଞ୍ଜଳି ଓ ଆଳତି ସହିତ ଶ୍ରଦ୍ଧାଳୁଙ୍କ ସନ୍ଧ୍ୟା ଦର୍ଶନର ବ୍ୟବସ୍ଥା କରାଯାଉଛି। ଏହା ସହିତ ଭଳିକିଭଳି ସୌଖୀନ ଜିନିଷ କିଣାବିକା ସାଙ୍ଗକୁ ଚଟପଟି ଖାଦ୍ୟର ମଜା ନେଉଛନ୍ତି ଦର୍ଶକ। ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ୩୭ ବର୍ଷରେ ପ୍ରଦାର୍ପଣ ହୋଇଛି । ଏଠାକାରେ ପୂଜାରେ ଦିନବେଳା ରାମାୟଣ ପାରାୟଣ ହେଉଥିବା ବେଳେ ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଛି ମୁରାସୁର ରାଜ। ରବିବାର ରାତିରେ ମୁରାସୁର ଦରବାର ଉଦ୍‌ଘାଟନ ହୋଇଥିଲା। ସ୍ଥାନୀୟ ସରପଞ୍ଚ ରୀନା ପୁଟା ମୁଖ୍ୟଅତିଥି ଏବଂ ଗ୍ରାମର ବରିଷ୍ଠ ନାଗରିକ ବୈରାଗୀ ଚରଣ ସାହୁ, ବିପିନ ମିଶ୍ର, ଦର୍ଶନିଆଁ ସାହୁ, ଜୟଦେବ ଖେତୀ, ମାଗୁଣି ସାହୁ, ସିଦ୍ଧେଶ୍ୱର ସାହୁ ଓ ମୁକୁନ୍ଦ ଦେବ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପୂଜା କମିଟି ପକ୍ଷରୁ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ମୁରାସୁର ଦରବାରରେ ପୂଜା କମିଟି ସଭାପତି ଲବକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ଓ ଫରେଷ୍ଟର ପ୍ରସନ୍ନ ନାଏକ ଅତିଥିଭାବେ ଯୋଗଦେଇଥିଲେ। ଖଣ୍ଡହତାରେ ମଧ ଅନୁଷ୍ଠିତ ମୁରାସୁର ଦରବାରରେ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଅତିଥିଭାବେ ଯୋଗ ଦେଉଛନ୍ତି। ଖଣ୍ଡହତାରେ ମନରଞ୍ଜନ ଚିରଗୁନ ଓ ମୁର୍ଷୁଣ୍ଡୀରେ ଗୋପାଳ ପଣ୍ଡା ମୁରାସୁର ଭୂମିକାରେ ଅଭିନୟ କରୁଛନ୍ତି। ସେମାନଙ୍କ ଅଭିନୟ ଓ ଅଟ୍ଟହାସ୍ୟ ସହିତ ରଙ୍ଗମଞ୍ଚରେ ସମ୍ବଲପୁରୀ, ଡାଲଖାଇ, ଆଧୁନିକ ନୃତ୍ୟ ଗୀତ ପରିବେଷଣ ହେଉଛି ।



ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀରେ ହେଉଥିବା ମୁରାସୁର ରାଜ ଦରବାର।

## ମାଣିକେଶ୍ୱରୀଙ୍କ ବାର୍ଷିକ ମହାପୂଜା

**ଜୁଗାର ଯାତ୍ରାରେ ସାମିଲ ହେଲେ ଶତାଧିକ ଶ୍ରଦ୍ଧାଳୁ**

**ସୋନପୁର,୧୪।୧୦(ନି. ପ୍ର)**

ସୁବର୍ଣ୍ଣପୁର ଜିଲା କୈବର୍ତ୍ତ ସମାଜ ପକ୍ଷରୁ କାର୍ତ୍ତିକ କୃଷ୍ଣପକ୍ଷ ପ୍ରତିପଦା ଅବସରରେ ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ବାର୍ଷିକ ମହାପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଜୁଗାର ଯାତ୍ରା ଆୟୋଜିତ ହୋଇଥିଲା। ଶତାଧିକ ମହିଳା ଓ ପୁରୁଷ ଏଥିରେ ଅଂଶଗ୍ରହଣ କରିଥିଲେ। ରାଜାରାଜୁଡା ଅମଳରୁ ଶତାଧିକ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ପୂଜାରେ ସୁବର୍ଣ୍ଣପୁର ଜିଲାର ୪୦ଟି କେନ୍ଦ୍ରରୁ ହଜାର ହଜାର କୈବର୍ତ୍ତ ସାମିଲ ହୋଇଥିଲେ। ସକାଳେ ଘୋଡାଘାଟପଡାସ୍ଥିତ ପୁରୋହିତଙ୍କ ବାସଭବନରୁ ମା'ଙ୍କୁ ମନ୍ଦିରକୁ ଅଣାଯାଇଥିଲା। ମଧ୍ୟାହ୍ନରେ ଜୁଗାର ଯାତ୍ରା ସହରର ଟିକିରିପଡାରୁ ବାହାରିଥିଲା। ମହିଳା ଓ ପୁରୁଷମାନେ ଭୋଗ, ଦୀପ ଓ ନୈବେଦ୍ୟ ଦେଇ ନେଇ ଟିକିରିପଡାରୁ ଏକ ଶୋଭାଯାତ୍ରାରେ ଗୁଣ୍ଡିଚା ମନ୍ଦିର, ଦୁର୍ଗା ମଣ୍ଡପ, ବିଜୁ ପଟ୍ଟନାୟକ ଛକ, ନଳିନୀ ଛକ ଦେଇ ମାଣିକେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ଜୁଗାର ଯାତ୍ରା ମନ୍ଦିରରେ ପହଞ୍ଚିବା ପରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥିଲା। କୈବର୍ତ୍ତମାନେ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ପରେ ମନ୍ଦିର ପ୍ରାଙ୍ଗଣରେ କୈବର୍ତ୍ତ ସମାଜ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶୁକ୍ରୁ ଦଣ୍ଡସେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କୈବର୍ତ୍ତ ସମାଜର ଅନ୍ୟତମ ପ୍ରାକ୍ତନ ସଭାପତି ଝଗୁଡୁ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ।

ସମାଜର ସୁବର୍ଣ୍ଣପୁର ଜିଲା ସଭାପତି ଦେବରାଜ ମହାଲିକଙ୍କ କହିବା ଅନୁଯାୟୀ ଶତାଧିକ ବର୍ଷ ପୂର୍ବରୁ ସୋନପୁରର କୈବର୍ତ୍ତମାନେ ଡଙ୍ଗାନେଇ କଳାହାଣ୍ଡି ଯାଇଥିଲେ। ବେପାର ବାଣିଜ୍ୟ ସାରି ଫେରିବା ସମୟରେ କଳାହାଣ୍ଡିର ଇଷ୍ଟଦେବୀ ମାଁ ମାଣିକେଶ୍ୱରୀ ନାରୀ ବେଶରେ ଡଙ୍ଗାରେ ବସି ସୋନପୁର ଚାଲି ଆସିଥିଲେ । ମା' ଏ ସମ୍ପର୍କରେ ରାଜାଙ୍କୁ ସ୍ୱପ୍ନାଦେଶ ହେବା ପରେ ସେ ଏକ ମନ୍ଦିର ନିର୍ମାଣ କରି ପୂଜା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ । ସେହିଦିନଠାରୁ କୈବର୍ତ୍ତ ସମାଜ ମାଣିକେଶ୍ୱରୀଙ୍କୁ ଇଷ୍ଟଦେବୀ ଭାବେ ପୂଜା କରି ଆସୁଥିବା ମହାଲିକ କହିଛନ୍ତି । ସମାଜର ଜିଲା ଉପସଭାପତି ରାମଶଙ୍କର ସାହୁ, ସମ୍ପାଦକ ରବିନ୍ଦ୍ର ନାଥ ତରିଆ, ସହସମ୍ପାଦକ କେଶବ ସାହୁ, କୋଷାଧ୍ୟକ୍ଷ ରଘୁନାଥ ନାଏକ, ପ୍ରଦୀପ୍ତ ସେଠୀ, ମାର୍କଣ୍ଡ ତରିଆ, ପବିତ୍ର ସାହୁ, ବିଶିକେଶନ ସେଠୀ, ପବିତ୍ର ବେରିହା, ନରସିଂହ ତରିଆ, ସୁରୁବାବୁ ସାହୁ, ସୂର୍ଯ୍ୟ ବଡେଇ, ରଘୁନାଥ ସେଠୀ, ଭୁବନ ମହାଲିକ, ଚନ୍ଦ୍ରଶେଖର ଦଣ୍ଡସେନା, ଶିବ ପ୍ରସାଦ ସେଠୀ, ସୀତାରାମ ନାଏକ, ହିମାଂଶୁ ନାଏକ, ଗୋପିନାଥ ମହାଲିକ, ଗଣେଷ ମହାଲିକ ଓ ଲିଙ୍ଗରାଜ ତରିଆ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିପାଇଁ ସୋମବାର ଜିଲାର କୈବର୍ତ୍ତମାନେ ନଦୀରୁ ମାଛ ମାରି ନଥିଲେ ।





କୈବର୍ତ୍ତ ସମାଜ ପକ୍ଷରୁ ସୋମବାର ସୋନପୁରରେ ଅନୁଷ୍ଠିତ ଜୁଗାର ଯାତ୍ରା ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ହାତପଙ୍ଖା କାରିଗରଙ୍କ ପରୀକ୍ଷା ପ୍ରହସନ

**ଲୋଇସିଂହା, ୧୪।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ରାଜୀବ ସେବା କେନ୍ଦ୍ରଠାରେ ହାତପଙ୍ଖା କାରିଗର(ଏସଇଏମ)ମାନଙ୍କୁ ପ୍ରମାଣପତ୍ର ପ୍ରଦାନ ପାଇଁ ଏକ ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଯାଇଛି। ହେଲେ ପୂର୍ବ ସୂଚନା ନଥିବାରୁ ପରୀକ୍ଷା କେନ୍ଦ୍ରରେ କାର୍ଯ୍ୟରତ ଅଧିକାଂଶ ହାତପଙ୍ଖା କାରିଗର ଅନୁପସ୍ଥିତ ଥିଲେ। କେତେକଙ୍କ ନାମ ତାଲିକାରେ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶ ଯେ, ସ୍କିଲଇଣ୍ଡିଆ ତରଫରୁ ବାଙ୍ଗାଲୋରର ଲେବର ନେଟ ସର୍ଭିସ ଇଣ୍ଡିଆ ପ୍ରାଇଭେଟ ଲିମିଟି ପକ୍ଷରୁ କାର୍ଯ୍ୟରତ ହାତପଙ୍ଖା କାରିକରମାନଙ୍କୁ ପ୍ରମାଣପତ୍ର ଦେବା ପାଇଁ ଉକ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରମାଣପତ୍ର ହାସଲ ପାଇଁ କେନ୍ଦ୍ରରେ ୫୦ଜଣ କାରିଗର ପରୀକ୍ଷା ଦେଇଥାନ୍ତେ। ହେଲେ ପୂର୍ବ ସୂଚନା ନଥାଇ ଓ ଉକ୍ତସଂସ୍ଥା ପକ୍ଷରୁ ତରବରିଆ ଭାବେ ଅଧିକାଂଶ ଅନୁପସ୍ଥିତ ଥିଲେ। ପୂର୍ବରୁ ସଂସ୍ଥାକୁ ଆବଶ୍ୟକ ସମସ୍ତ କାଗଜାତ ଦାଖଲ କରିଥିଲେ ସୁଦ୍ଧା ୧୦ଜଣଙ୍କ ନାମ ତାଲିକାରେ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୧୫ ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାର ଜନୈକ କର୍ମଚାରୀ ରାଣାପ୍ରତାପ ସିଂ କହିଛନ୍ତି ଯେ, ୫୦ରୁ ୧୫ ଜଣ ପରୀକ୍ଷା ଦେଇଛନ୍ତି। ୧୦ ଜଣଙ୍କ ନାମ ଆଧାର ତ୍ରୁଟି ଯୋଗୁ ତାଲିକାରେ ନାମ ଆସି ନ ଥିବାରୁ ପରୀକ୍ଷା ଦେଇ ପାରି ନ ଥିବା କହିଛନ୍ତି।

### ଅଶୋକ ନନ୍ଦଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ବଲାଙ୍ଗୀର ଅଫିସ, ୧୪।୧୦:** ଗତ ୧୨ ତାରିଖ ରାତିରେ ଜିଲା ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ଅଶୋକ କୁମାର ନନ୍ଦଙ୍କ ହୃଦ୍‌ଘାତରେ ବିୟୋଗ ଘଟିଥିଲା। ତାଙ୍କ ଅକାଳ ବିୟୋଗରେ ସୋମବାର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଦିବଙ୍ଗତ୍ ଆତ୍ମାଙ୍କ ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସତ୍ୟନାରାୟଣ ବେହେରା, ଗୋପବନ୍ଧୁ ଶତପଥୀ, ସାଧାରଣ ସମ୍ପାଦକ ବଳରାମ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦୀପକ ପୁରୋହିତ, ଚନ୍ଦ୍ରଭାନୁ ମୋଲାନା, ରଘୁନନ୍ଦନ ସିଂ, ସତ୍ୟ ବନ୍‌ଛୋର, ଚିତ୍ତରଞ୍ଜନ ମିଶ୍ର, ସତ୍ୟସୁନ୍ଦର ଭଞ୍ଜ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବୀରେନ୍ଦ୍ର କୁମାର ଝାଙ୍କର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କୃଷି ସମବାୟ କର୍ମଚାରୀ ପ୍ରଶିକ୍ଷଣ ଶିବିର

# ଦକ୍ଷତା ଅଭିବୃଦ୍ଧି ପାଇଁ ନେଲେ ତାଲିମ

**ଦେଓଗାଁ, ୧୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ସୋମବାର ରାଜ୍ୟ ସମବାୟ ବ୍ୟାଙ୍କ ତରଫରୁ ଦୁଇଦିନିଆ କୃଷି ସମବାୟ କର୍ମଚାରୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ଅବସରପ୍ରାପ୍ତ ରାଜ୍ୟ ସମବାୟ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ପ୍ରସନ୍ନ କୁମାର ବେହେରା, ଅବସରପ୍ରାପ୍ତ ଇଣ୍ଡିଏନ ଓଭରସିଜ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ଦେବୀ ପ୍ରସନ୍ନ ମହାପାତ୍ର, ଜିଲା ମୁଖ୍ୟାଳୟର ରମାକାନ୍ତ ପଧାନ ପ୍ରମୁଖ ଯୋଗଦେଇ ପ୍ରାଥମିକ କୃଷିଋଣ ସମବାୟ ସମିତି ସଭାପତି, ଉପସଭାପତି ଏବଂ ସଦସ୍ୟଙ୍କ ଦକ୍ଷତା ଅଭିବୃଦ୍ଧି ପାଇଁ ତାଲିମ ପ୍ରଦାନ କରିଥିଲେ। ଓଡିଶା

**୩ପର୍ଯ୍ୟାୟରେ ତାଲିମ ନେବେ ୧୫୮ ପ୍ୟାକ୍ସ ସଭାପତି, ଉପସଭାପତି**



ଦେଓଗାଁ ବ୍ଲକ ସଭାଗୃହରେ କୃଷି ସମବାୟ କର୍ମଚାରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି।

ରାଜ୍ୟ ସମବାୟ ବ୍ୟାଙ୍କ ଓ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ପ୍ରାଥମିକ କୃଷି ସେବା ସମବାୟ ସମିତିମାନଙ୍କର ସଭାପତି ଓ ପରିଚାଳନା ପରିଷଦ ସଦସ୍ୟଙ୍କ ତାଲିମ ଶିବିର ୧୪ ତାରିଖରୁ ୧୯ ମଧ୍ୟରେ ଜିଲାର ୧୪ଟି ବ୍ଲକର ୧୫୮ଟି ପ୍ୟାକ୍ସ ସଭାପତି, ଉପସଭାପତିମାନଙ୍କୁ ନେଇ ଶିବିର ଆୟୋଜନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ପୁଇଁନ୍ତଲା, ଦେଓଗାଁ, ଗୁଡଭେଲା ଓ ସଇଁନ୍ତଲା ବ୍ଲକର ୪୨ଜଣ ସଭାପତି ଓ ଉପସଭାପତିଙ୍କୁ ନେଇ ଶିବିର ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ କଣ୍ଟାବାଞ୍ଜିଠାରେ ୧୬ ଓ ୧୭ ତାରିଖ ଟିଟିଲାଗଡ, ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା, ବେଲପଡା ଓ ଖପ୍ରାଖୋଲ ବ୍ଲକକୁ ନେଇ ଅନୁଷ୍ଠିତ ହେବ। ସେହିପରି ତୃତୀୟ ପର୍ଯ୍ୟାୟ ୧୮ ଓ ୧୯ ତାରିଖରେ ବଲାଙ୍ଗୀର, ପାଟଣାଗଡ, ଲୋଇସିଂହା ଓ ଆଗଲପୁର ବ୍ଲକର ପ୍ୟାକ୍ସ କର୍ମକର୍ତ୍ତାଙ୍କୁ ନେଇ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମେହେର ସୂଚନା ଦେଇଥିଲେ। ଏହି ଅବସରରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶିକା ତଥା ବ୍ଲକ ଅଧ୍ୟକ୍ଷା ରୀନା ମେହେର, ନିର୍ଦ୍ଦେଶକ ସୁରେଶ କୁମାର ମେହେର, ସୁଶୀଲ କୁମାର ଚାନ୍ଦ, ଅଶୋକ କୁମାର ଦୋରା, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦେଓଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର କଳଦାର ଚୌହାନ, ଜରାସିଂହା ମ୍ୟାନେଜର ଆନନ୍ଦ ବେହେରା, ସଇଁନ୍ତଲା ମ୍ୟାନେଜର ଜ୍ୟୋତିରଞ୍ଜନ ପଟେଲ ଓ ସଦର ବ୍ରାଞ୍ଚ ମ୍ୟାନେଜର ପ୍ରମୁଖ ସହଯୋଗ କରିଥିଲେ।



ଟିକ୍ରାପଡ଼ାର ହରିଜନ ପଡ଼ାଠାରେ ବିପଜ୍ଜନକ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ।

## ବିପଜ୍ଜନକ ଅବସ୍ଥାରେ ରହିଛି ବିଦ୍ୟୁତ୍ ଖୁଣ୍ଟ

**ଟିକ୍ରାପଡା, ୧୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ହରିଜନ ପଡାଠାରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦଜ୍ଜନକ ଅବସ୍ଥାରେ ରହିଛି। ଖୁଣ୍ଟର ତଳ ଅଂଶରେ ଥିବା ଲୁହାରଡରେ କଳଙ୍କି ଲାଗି ସିମେଣ୍ଟ ଖଣ୍ଡ ସବୁ ଝଡି ପଡିଛି। ଏଥିଯୋଗୁ ଏହା ଯେକୌଣସି ମୁହୂର୍ତ୍ତରେ ଭାଙ୍ଗି ପଡିବାର ଆଶଙ୍କା ପ୍ରକାଶ ପାଇଛି। ଜନଗହଳି ପୂର୍ଣ୍ଣ ରାସ୍ତା ଉପରେ ଖୁଣ୍ଟଟି ରହିଥିବାରୁ ଧନ ଜୀବନହାନୀ ଆଶଙ୍କାରେ ସ୍ଥାନୀୟ ଲୋକେ ଭୟର ଆଶଙ୍କା କରୁଛନ୍ତି। ଏହାର ଅପସାରଣ ସହ ନୂତନ ଖୁଣ୍ଟ ପୋତିବାକୁ ସାଧାରଣରେ ଦାବି ହେଉଛି।

## ପଡ଼ାରାସ୍ତା ଜବରଦଖଲ ନେଇ ପ୍ରଶାସନକୁ ଫେରାଦ

**ପାଟଣାଗଡ, ୧୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ଗଏଲପିଟା ଗ୍ରାମ ହରିଜନ ପଡା ବାସିନ୍ଦା ସୋମବାର ପାଟଣାଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ତଳସାହିରେ ପ୍ରାୟ ୨୫ଟି ହରିଜନ ପରିବାର ରହିଆସୁଛନ୍ତି। ସେଠାରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରିବାପାଇଁ କେବଳ ଗୋଟିଏ ମାତ୍ର ରାସ୍ତା ରହିଛି। ତେବେ ଗତ କିଛି ଦିନ ହେବ ଗ୍ରାମର ଜଣେ ବ୍ୟକ୍ତି ଏହାକୁ ଅବରୋଧ କର ଘର ନିର୍ମାଣ କରୁଛନ୍ତି। ଏହାକୁ ପଡାବାସୀ ବିରୋଧ କଲେ ମଧ୍ୟ ସେ ଶୁଣୁନାହାନ୍ତି। ଏ ନେଇ ପାଟଣାଗଡ ଥାନାରେ ଅଭିଯୋଗ କଲେ ମଧ୍ୟ ଫଳ କିଛି ମିଳୁନାହିଁ। ତେଣୁ ବାଧ୍ୟ ହୋଇ ସୋମବାର ସେମାନେ ଉପଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଉପଜିଲାପାଳ ସୋମନାଥ ପ୍ରଧାନ ସେମାନଙ୍କ ଅଭିଯୋଗ ଶୁଣି ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଉପଜିଲାପାଳଙ୍କୁ ଫେରାଦ ଦେବାକୁ ଆସିଥିବା ହରିଜନ ପଡା ବାସିନ୍ଦା।

## ଅସହାୟ ବୃଦ୍ଧାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ ସାମାଜିକ କର୍ମୀ

**ଲୋଇସିଂହା, ୧୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ରେଳ ଷ୍ଟେଶନରେ ଅସହାୟ ଭାବେ ପଡିଥିବା ଜନୈକା ବୃଦ୍ଧାଙ୍କୁ ଲୋଇସିଂହା ମାହେଶ୍ୱରୀ ସଂଗଠନ ପକ୍ଷରୁ ଉଦ୍ଧାର କରାଯାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ବୃଦ୍ଧାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ବଲାଙ୍ଗୀର ଜିଲା ସଲେଭଟା ଗ୍ରାମର ଅସହାୟ ବୃଦ୍ଧା କୌଶଲ୍ୟା ମହାରଣା ଲୋଇସିଂହା ଷ୍ଟେଶନରେ ରହିଆସୁଥିଲେ। ଜ୍ୱରରେ ପୀଡିତ ଥିବାରୁ ଗତ ୫ ଦିନ ଧରି ସେଠାରେ ସେ ଅସହାୟ ଭାବେ ପଡି ରହିଥିଲେ। ଖବର ପାଇ ସଂଗଠନର ଦେବାଶିଷ ବିଶୋଇ, ରାଜେଶ ମାହାଣା, ସୁଜିତ ତରିଆ, ଯଶୋବନ୍ତ ମାହାଣା ପ୍ରମୁଖ ରବିବାର ସନ୍ଧ୍ୟାରେ ରେଳ ଷ୍ଟେଶନରୁ ତାଙ୍କୁ ଉଦ୍ଧାର କରିଥିଲେ।

## ଲୋଇସିଂହା: ସମ୍ପନ୍ନ ହେଲା ସମଲେଇ ଯାତ୍ରା



ବନଛୋରପାଲି ସମଲେଇ ପୀଠରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

**ଲୋଇସିଂହା, ୧୪।୧୦(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଟେନପାଲି, ବୁଢ଼ୀପଦର ଓ ମାଣ୍ଡିଆପଦରଠାରେ ସମଲେଇ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ବୁଢ଼ୀପଦର ପଞ୍ଚାୟତସ୍ତରୀୟ ଯାଦବ ସମଲେଇ ପୂଜା କମିଟି ପକ୍ଷରୁ ବନଛୋରପାଲି ସମଲେଇ ପୀଠରେ ସମଲେଇ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାତ୍ରା ପାଇଁ ନୀଳାମ୍ବର ଦୀପଙ୍କ ଘରୁ ପାହୁର ବାହାରିଥିଲା। ପୀଠରେ ପୂଜକ ସର୍ଜନ ବନଛୋର ଇଷ୍ଟଦେବୀ ଓ ଗୌରବାଡିକୁ ପୂଜାସ୍ଥଳରେ ସ୍ଥାପନ କରି ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ। ପୂଜା ସମାପନ ପରେ ସମାଜର ଭାଇମାନଙ୍କ ଗୌରବାଡି ଖେଳ ବେଶ ଉପଭୋଗ୍ୟ ହୋଇଥିଲା। ଚଳିତ ବର୍ଷ ଏହି ଅବସରରେ ତୁଳସୀ ରାମାୟାଣର ସୁନ୍ଦରାକାଣ୍ଡକୁ ଗାୟିକା ରୀତାଞ୍ଜଳି ପଣ୍ଡା ପାଠ କରିଥିଲେ। ଏଠାରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ଓ ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ ଅତିଥିଭାବେ ଯୋଗଦେଇଥିଲେ। ଜଳନ୍ଧର କଠାର, ସହଦେବ ତେଜି, ଚତୁର୍ଭୁଜ ବନଛୋର, ସୁଦର୍ଶନ ବନଛୋର. ଚୈତନ୍ୟ ବିଶି, କୁଳମଣୀ ବନଛୋର ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସେହିପରି କୁଟେନପାଲି ସମଲେଇ ପୀଠରେ ପଞ୍ଚାୟତସ୍ତରୀୟ ସମଲେଇ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶନିବାର ଉପବାସ ପୂଜା ହୋଇଥିବାବେଳେ ରବିବାର ପୂର୍ବାହ୍ନରେ ମୁଖ୍ୟ ଦେହୁରୀ ଫାଲଗୁନୀ କାଲସାଏ ଛତରବଇରଗକୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଖେଳପଡିଆ ନିକଟସ୍ଥ ସମଲେଇ ପୀଠରେ ଯାତ୍ରା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ ଦର୍ଶକ।

## ଝଲସୁଛି ଗଜଲକ୍ଷ୍ମୀ ପୂଜା ମଣ୍ଡପ

**ଲୋଇସିଂହା, ୧୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା, ଯୋଗୀସର୍ଡା, ଭାଲିଆମୁଣ୍ଡା ଓ ଅଗଲାପାଲି ପ୍ରଭୃତି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ସୁସଜ୍ଜିତ ତୋରଣ ଓ ମନଲୋଭା ମେଢ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ଲୋଇସିଂହା ବଣିକ ସଂଘ ପକ୍ଷରୁ ଟ୍ୟାକ୍ସିଷ୍ଟାଣ୍ଡଠାରେ ୨ୟବର୍ଷ ପୂଜା ପାଳନ କରାଯାଉଛି। ଜୟରାମ ନାଏକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ହସ୍ପିଟାଲ ଛକରେ ଅନୁଷ୍ଠିତ ଗଜଲକ୍ଷ୍ମୀଙ୍କ ପୂଜାରେ କୁନା ବାରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଅନୁରପଭାବେ ଲୋଇସିଂହା ଗାନ୍ଧୀ ସ୍ମୃତି ପାଠାଗାର, ଭାଲିଆମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ଆଗଲାପାଲିଠାରେ ଧୁମଧାମରେ ପାଳିତ ହେଉଛି ମା'ଙ୍କ ପୂଜା। ପୂଜା ଉପଲକ୍ଷେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି।



ଲୋଇସିଂହା ବଣିକ ସଂଘ ପକ୍ଷରୁ ନିର୍ମିତ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

## ଚୋରାଚାଲାଣ ବେଳେ ବନ ବିଭାଗ ଚଢ଼ାଉ

### ବାଇକ୍ ସହ କାଠ ଜବତ, ଦୁଇ ଚାଲାଣକାରୀ ଫେରାର

**ସଇଁତଲା, ୧୪।୧୦ (ଡି.ଏନ.ଏ.)**

ଚୋରାଚାଲାଣ ବେଳେ ବଲାଙ୍ଗୀର ଜିଲା ସଇଁତଲା ବନଖଣ୍ଡ କର୍ମଚାରୀମାନେ ଚଢ଼ାଉ କରି ସଇଁତଲା କଅଁସରପଡା ରେଳ ଫାଟକ ନିକଟରୁ ବାଇକ ଓ ମୂଲ୍ୟବାନ କାଠ ଜବତ କରିଛନ୍ତି। ହେଲେ ଦୁଇ ଚାଲାଣକାରୀ ବାଇକ ଛାଡି ଘଟଣାସ୍ଥଳକରୁ ଖସି ପଳାଇ ଯାଇଛନ୍ତି। ବନ ବିଭାଗ କର୍ମଚାରୀମାନେ ବାଇକ ନଂ. ଜେଏଚ୦୫ବିଇ୩୩୬୨ ଓ ୧୨ଖଣ୍ଡ ପିଆଶାଳ ପଟ୍ଟା ଜବତ୍ କରିଛନ୍ତି। ଏ ନେଇ ବନ ବିଭାଗ ଏକ ମାମଲା (ନଂ.୬/୧୯) ରୁଜୁ କରି ତଦନ୍ତ ଚଳାଇଛି। ସଇଁତଲା ରେଞ୍ଜର ରାଜକିଶୋର ହରପାଲଙ୍କ ସୂଚନା ଅନୁସାରେ ଗତ ୧୨ତାରିଖ ବିଳମ୍ବିତ ରାତିରେ ଏକ ବାଇକ ଯୋଗେ କାଠ ଚାଲାଣ ହେଉଥିବା ସୂଚନା ମିଳିବା ପରେ ଚଢ଼ାଉ କରାଯାଇଥିଲା। କଅଁସରପଡ଼ା ରେଳଫାଟକ ନିକଟରେ କରାଯାଇଥିବା ଚଢାଉରେ ଫରେଷ୍ଟର ଅଶ୍ୱିନୀ ଥନାପତି, ବିମ୍ବାଧର ବେହେରା, ଫରେଷ୍ଟଗାର୍ଡ଼ ରଞ୍ଜନ କୁମ୍ଭାର ପ୍ରମୁଖ ସାମିଲ ଥିଲେ।




ଜବତ ବାଇକ୍ ଓ କାଠପଟ୍ଟା।

## ଜନମୋର୍ଚ୍ଚା ସଙ୍ଗଠନ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଦେଓଗାଁ, ୧୪।୧୦(ଡି.ଏନ.ଏ.)**

ବଲାଙ୍ଗୀରଠାରେ ଏକ କ୍ୟାନସର ହସପିଟାଲ ଖୋଲିବା ଦାବି କରି ଜିଲା ଜନମୋର୍ଚ୍ଚା ସଂଗଠନ ତରଫରୁ ସୋମବାର ବିଡିଓ ବେର୍ଣ୍ଣଦେତ ଲାକ୍ରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଆବାହକ ବଦ୍ରୀନାଥ ହୋତା, ସୁଶୀଲ ଦଲାଇ, ରଶ୍ମୀରଞ୍ଜନ ବାରିକ, କଳାକାହ୍ନୁ ପନୁଆଁ, କେଶବ ରଣା, ସଚି ରଣା, କୁଳ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ନିବାରଣ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**ପାଟଣାଗଡ, ୧୪।୧୦(ଡି.ଏନ.ଏ.)**

ପାଟଣାଗଡ ବ୍ଲକ ଓ ଏନଏସି ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଯେତେ ଅଭିଯୋଗ କଲେ ବି ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ କର୍ଣ୍ଣପାତ କରୁନାହିଁ। ଏହିକ୍ରମରେ ସୋମବାର ପାଟଣାଗଡସ୍ଥିତ ନିଶା ନିବାରଣ ଏବଂ ମହିଳା ସଶକ୍ତିକରଣ ସଂଘ ତରଫରୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି ଯେ, ଅବକାରୀ ଓ ପୋଲିସ ବିଭାଗର ନିଷ୍କ୍ରିୟତା ଯୋଗୁ ପାଟଣାଗଡ ସହରରେ ବେଧଡକ ଭାବେ ମଦ କାରବାର ଚାଲିଛି। ଏହାଦ୍ୱାରା ଯୁବଗୋଷ୍ଠୀ ନିଶାସକ୍ତ ହୋଇ ବିପଥଗାମୀ ହେଉଛନ୍ତି। ଏଣୁ ବେଆଇନ ମଦ ଦୋକାନ ଓ ନିଶା କାରବାର କରୁଥିବା ବେପାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି। ସଂଘର ସଭାନେତ୍ରୀ ଯଶୋବନ୍ତି ମେହେର, ସମ୍ପାଦକ ସେବତୀ ମେହେର, ଉପସଭାପତି ବନମାଳୀ କୁମ୍ଭାର, ସୁକାନ୍ତ ସାଙ୍କ ସମେତ ୨୦ଜଣ ସଭ୍ୟ ଉପଜିଲାପାଳ ସୋମନାଥ ପଧାନଙ୍କ ନିକଟରେ ଦାବି କରିଛନ୍ତି। ଉପଜିଲାପାଳ ପଧାନ ଏହି କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ନିଶା ନିବାରଣ ସଂଘ କର୍ମକର୍ତ୍ତା।

## ଏକଦିବସୀୟ ଫୁଟବଲ: ଶାନ୍ତିପଡ଼ା ଚାମ୍ପିୟନ

**ଲୋଇସିଂହା, ୧୪।୧୦(ଡି.ଏମ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ସାପ୍ତାହିକ ବଜାର ଖେଳପଡିଆରେ ୫୨ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଠଟି ଦଳ ଅଂଶଗ୍ରହଣ କରିଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୁର୍ଡା ଏକାଦଶ ଓ ବଲାଙ୍ଗୀର ଶାନ୍ତିପଡା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିଥିଲା। ଫଳରେ ରେଫରୀ ଟାଇବ୍ରେକରର ସହାୟ୍ୟ ନେଇଥିଲେ। ୪-୩ ଗୋଲରେ ଶାନ୍ତିପଡା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଲଗାତର ଦ୍ୱିତୀୟ ବର୍ଷ ପାଇଁ ଶାନ୍ତିପଡା ଏହି ଟୁର୍ନାମେଣ୍ଟ ହାସଲ କରିଛି। ସ୍ଥାନୀୟ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ, ସରପଞ୍ଚ ଉର୍କୁଲୀ ଧରୁଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩ ହଜାର ଓ ରନର୍ସ ଅପ ଦଳକୁ ଟ୍ରଫି ଓ ୨ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ମ୍ୟାନ ଅଫ ଦି ମ୍ୟାଚ, ଟୁର୍ନାମେଣ୍ଟ ଅଫ ଦି ପ୍ଲେୟାର ଓ ବେଷ୍ଟ ଗୋଲ କିପର ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ପୂଜା କମିଟିର କର୍ମକର୍ତ୍ତାମାନେ ଟୁର୍ନମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ନଦୀରେ ପଡ଼ି ଯୁବକଙ୍କ ମୃତ୍ୟୁ

**ନୂଆପଡ଼ା ଅଫିସ/କୋମନା, ୧୪।୧୦ (ଡି.ଏନ.ଏ.)**- ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଟିକ୍ରାପଡା ଗାଁର ଧବଳେଶ୍ୱର ଦଳପତି (୩୮) ନାମକ ଜଣେ ଯୁବକ ସୁନ୍ଦର ନଦୀ ବାଲି ପଠାରେ ପଡି ମୃତ୍ୟୁବରଣ କରିଛନ୍ତି । ମୃତଦେହକୁ ପୋଲିସ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (ନଂ.୭/୧୯)ରୁଜୁ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖବରରୁ ପ୍ରକାଶ ଯେ ରବିବାର ଧବଳେଶ୍ୱର ନିଜ ସାଥିଙ୍କ ସହ ସୁନାଦେଈ ଯାତ୍ରା ଦେଖିବାକୁ ଯାଇଥିଲେ। ସୋମବାର ଭୋରରୁ ସେଠାରୁ ଫେରି ଜାତୀୟ ରାଜପଥ କଡରେ ଥିବା ସୁନ୍ଦର ପୋଲରେ ଶୌଚ ପାଇଁ ଓହ୍ଲାଇଥିଲେ। ତାଙ୍କୁ ଛାଡି ତାଙ୍କର ସାଥୀ ଘର ଚାଲି ଯାଇଥିଲେ। କିଛି ସମୟ ପରେ ଧବଳେଶ୍ୱରଙ୍କ ମୃତଦେହ ସେଠାରେ ପଡିଥିବା ଦେଖାଯାଇଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି।

# ସିନାପାଲିରେ ଦାଦନ ଦଲାଲ ସକ୍ରିୟ

## ■ ବେଆଇନ ଚୋରା ଚାଲାଣ ପ୍ରକ୍ରିୟା ଆରମ୍ଭ

**ସିନାପାଲି,୧୪।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଥାନା ଅଞ୍ଚଳରେ ଦାଦନ ଶ୍ରମିକ ଦଲାଲ ସକ୍ରିୟ ଥିବା ବେଳେ ପ୍ରତ୍ୟହ ଏହି ଅଞ୍ଚଳରୁ ଦାଦନ ଶ୍ରମିକ ଚାଲାଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ପ୍ରତିବର୍ଷ ପରି ନୂଆଖାଇ ପୂର୍ବରୁ ଦଲାଲମାନେ ମୁଣ୍ଡପିଛା ଅଗ୍ରିମ ଦେଇ ପ୍ରସ୍ତୁତି ହୋଇଥିଲେ । ବର୍ତ୍ତମାନ ଚାଲାଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ସିନାପାଲି ଥାନା ଅଧୀନ ବିଭିନ୍ନ ଗ୍ରାମ ତଥା ପଡୋଶୀ ଛତିଶଗଡ ରାଜ୍ୟର ବିଭିନ୍ନ ଗ୍ରାମ ଓ ପଡୋଶୀ କଳାହାଣ୍ଡି ଜିଲାର ବିଭିନ୍ନ ଗ୍ରାମରୁ ଦଲାଲମାନେ ସକ୍ରିୟ ଥିବା ଖବର ମିଳିଛି । ଶ୍ରମ ଆଇନର ଉଲ୍ଲଂଘନ କରି ଦଲାଲମାନେ ବିନା ପଞ୍ଜୀକରଣରେ ଏ ଅଞ୍ଚଳରୁ ପ୍ରତିବର୍ଷ ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ କରିଥାନ୍ତି । ମୁଣ୍ଡପିଛା ୨୦ରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଅଗ୍ରୀମ ଦେଇ ପରିବାର ଶହ ଶ୍ରମିକ ଚାଲାଣ କରାଯାଇଥାଏ। ଏଠାରେ ବିନା ଲାଇସେନ୍ସ ପ୍ରାପ୍ତ ଅନେକ ଶ୍ରମିକ ଦଲାଲ ସକ୍ରିୟ ଅଛନ୍ତି। ଦୁଇଚାରିଜଣ ଦଲାଲଙ୍କ ଲାଇସେନ୍ସ ଥିଲେ ମଧ୍ୟ ସେମାନଙ୍କୁ ଦିଆଯାଇଥିବା ଅନୁମତି ଅପେକ୍ଷା ଶହ ଶହ ଦାଦନଙ୍କୁ ଚାଲାଣ କରୁଥିବା ଜଣାପଡ଼ିଛି। ଗତ ଶନିବାର ବଲାଙ୍ଗୀର ଓ ନୂଆପଡା ପୋଲିସ ପକ୍ଷରୁ ବେଆଇନ୍ ଦାଦନ ଶ୍ରମିକ ଚାଲାଣ କରୁଥିବା ଅଭିଯୋଗରେ କେତେକ ଦଲାଲଙ୍କୁ ପୋଲିସ ଗିରଫ କରିଛି । ଏଥିରେ ସିନାପାଲି ଅଞ୍ଚଳର ମଧ୍ୟ ଦୁଇଜଣ ଦଲାଲ ଗିରଫ ହୋଇଛନ୍ତି। ଆହୁରି ଅନେକ ଦଲାଲ ଗା ଗାଁରେ ସକ୍ରିୟ ଥିବା ସୂଚନା ମିଳିଛି । ଏମାନେ ସନ୍ଧ୍ୟାରେ ବିଭିନ୍ନ ଗ୍ରାମରୁ ଶ୍ରମିକମାନଙ୍କୁ ଆଣି ଏକ ସୁରକ୍ଷିତ ସ୍ଥାନରେ ରଖିଥାନ୍ତି। ପରେ ରାତ୍ରିରେ ବୋଲେରୋ ଓ ପିକ୍‌ଅପ୍ ଭ୍ୟାନରେ ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି। କଣ୍ଟାବାଞ୍ଜି ଓ ଟିଟିଲାଗଡ ରେଲୱେ ଷ୍ଟେଶନରୁ ଏହି ଶ୍ରମିକମାନଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଠାରେ ବେଆଇନ ଦାଦନ ଶ୍ରମିକ ଚାଲାଣ ହେଉଥିବା ବେଳେ ଦଲାଲମାନେ ବେଶ୍ ରୋଜଗାର କରି ଆରାମରେ ଥିବା ଜଣାପଡୁଛି। ଅଥଚ ଶ୍ରମିକମାନେ ସେଠାରେ ନିର୍ଯାତିତ ହେବା ସହିତ ସେମାନଙ୍କ ପ୍ରାପ୍ୟ ପାଉ ନ ଥିବା ବିଭିନ୍ନ ସମୟର ଅଭିଯୋଗ ହୋଇଆସୁଛି। ବର୍ତ୍ତମାନ ସିନାପାଲି ଥାନା ଅଞ୍ଚଳରେ ଧାନକଟା ସମୟ ଆରମ୍ଭ ହୋଇ ନ ଥିବା ବେଳେ କୌଣସି ସରକାରୀ ଶ୍ରମ ଭିତ୍ତିକ କାର୍ଯ୍ୟ ମଧ୍ୟ ଚାଲୁ ନ ଥିବା ଜଣାପଡିଛି। ଏହାର ସୁଯୋଗ ନେଇ ଦଲାଲମାନେ ସକ୍ରିୟ ହୋଇଉଠିଛନ୍ତି । ଧାନକଟା ସରିବା ପରେ ଏହି ଅଞ୍ଚଳରୁ ବ୍ୟାପକ ମାତ୍ରାରେ ଶ୍ରମିକ ଚାଲାଣ ହେବା ଆଶଙ୍କା ରହିଛି। ନୂଆପଡା ଜିଲା କୋମନା ବ୍ଲକ୍ ଟିକ୍ରାପଡା ଗ୍ରାମର ଚମାରୁ ପହରିଆ ନାମକ ଦାଦନ ଶ୍ରମିକଙ୍କ ହାତଗୋଡ କାଟି ଦେବା ଘଟଣାକୁ ନେଇ ପ୍ରଶାସନର ତତ୍ପରତା ଦେଖାଦେଇଥିବା ବେଳେ ହାତଗଣତି କିଛି ଦାଦନ ସର୍ଦ୍ଦାରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ଏ ସମ୍ପର୍କରେ କଳାହାଣ୍ଡି ଓ ନୂଆପଡ଼ା ଡିଭିଜନାଲ ଶ୍ରମ ଅଧିକାରୀ କେ. ଶତାପଥୀଙ୍କୁ ପଚାରିବାରୁ ଶ୍ରମିକ ଚାଲାଣ ରୋକିବା ପାଇଁ ପ୍ରତ୍ୟେକ ଥାନା ଅଧିକାରୀ ଏବଂ ବିଡିଓଙ୍କ ସହ ଆଲୋଚନା କରାଯାଇଛି। ଶ୍ରମିକ ଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବା ପାଇଁ ୨ଜଣ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ହେବ ନାହିଁ । ଯଦି କୌଣସି ଅଧିକାରୀ ଲାଞ୍ଚ ନେଇ ଶ୍ରମିକ ଦଲାଲଙ୍କୁ ପ୍ରଶୟ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଟି ବସି କିଏ ଝାଟିରେ ଛାଟିଲା,**
**ଝଡ଼ିପଡ଼ି ଅଛି ଖଣ୍ଡେ;**
**କାନ୍ତଙ୍କ କଥାରେ କରିଛି ମାନ,**
**ରହି ପାରିବି କି ଦଣ୍ଡେ ?**

ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଏକ ସାଧାରଣ କଥା। ବେଳେ ବେଳେ କିଛି ସାମାନ୍ୟ କଥା ପାଇଁ ପତି-ପତ୍ନୀଙ୍କ ମଧ୍ୟରେ ରାଗରୁଷା ଓ ମାନ ଅଭିମାନ ପ୍ରକାଶ ପାଇଥାଏ। ତେବେ ଏଭଳି ଅଭିମାନ ଯେ ଖୁବ୍ କ୍ଷଣସ୍ଥାୟୀ ତାହା ଏଠାରେ ବର୍ଣ୍ଣନା କରାଯାଇଛି।

**ମହତା ପାନ, ଚିତ୍ତ କରୁଥିଲୁ ଛନଛନ;**
**ଆଶା କରିଥେଲି ତତେ,**
**ପିଲାଙ୍କୁ ଯେମିତି ଭଣ୍ଡେଇ ଦିଅନ୍ତି,**
**ସେହିମିତି କହୁ ମତେ ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। ଛୋଟ ଛୋଟ ପିଲାଙ୍କୁ ଯାଡୁ ସାଡୁ କହି ଭଣ୍ଡେଇବା ଭଳି ପ୍ରେମ ମଧ୍ୟ ଅନେକ ସମୟରେ ଛଳନାପୂର୍ଣ୍ଣ ହୋଇଯାଇଥାଏ। ପ୍ରେମିକାର ଛଳନାପୂର୍ଣ୍ଣ ବ୍ୟବହାରରେ ମର୍ମାହତ ହୋଇପଡ଼ିଥିବା ପ୍ରେମୀ ଦୁଃଖରେ ଭାଙ୍ଗିପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



### ପଲ୍ୟୁଶନ ଯାଞ୍ଚ କ୍ୟାମ୍ପ

**କୋକସରା,୧୪।୧୦(ଡି.ଏନ.ଏ.)**- କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଫାଣ୍ଡି ପରିସରରେ କମିଶନର ଅନୁମତିକ୍ରମେ କଳାହାଣ୍ଡି ଆରଟିଓ ଦୀନବନ୍ଧୁ ଶୁଣ୍ଡିଙ୍କ ଆଦେଶକ୍ରମେ ରବିବାର ପଲ୍ୟୁଶନ ଯାଞ୍ଚ ଅସ୍ଥାୟୀ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ୨ ଚକିଆ ଯାନ ଓ ଚାରି ଚକିଆ ପେଟ୍ରୋଲ ଗାଡି ଯାଞ୍ଚ କରି ପଲ୍ୟୁଶନ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି। ଯାଞ୍ଚ କାର୍ଯ୍ୟକ୍ରମବେଳେ ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଚାଳକମାନେ ନିଜ ଅଞ୍ଚଳରେ କ୍ୟାମ୍ପ ହୋଇ ଥିବା ଓ ହଇରାଣରୁ ବଞ୍ଚିତ ହୋବା ଯୋଗୁ ଚାଳକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ସେହିପରି ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ଯଦି ଏଭଳି କ୍ୟାମ୍ପ ମାଧ୍ୟମରେ ଦିଆଯିବା ବ୍ୟବସ୍ଥା କରାଯାଆନ୍ତା ତାହା ହେଲେ ସୁବିଧା ହୁଅନ୍ତା ବୋଲି ଗାଡିଚାଳକମାନେ କହିଛନ୍ତି। କୋକସରା ବ୍ଲକରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବାବେଳେ ଆଗାମୀ ଦିନରେ କୋକସରା ଓ ଆମପାଣିରେ ମଧ୍ୟ ପଲ୍ୟୁଶନ ପରୀକ୍ଷା କେନ୍ଦ୍ର ହେବା ସୂଚନା ମିଳିଛି।

# ଜୁନାଗଡ଼ ସଂସ୍କାର ଭାରତୀ ସମିତିର ଜନ୍ମବାର୍ଷିକ

**ଜୁନାଗଡ,୧୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ସାଇନିଂ କିଡ୍ସ ୱାଲ୍ଡଠାରେ ଜୁନାଗଡ ସଂସ୍କାର ଭାରତୀ ସମିତିର ପ୍ରଥମ ଜନ୍ମବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଟଙ୍କଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ନବକିଶୋର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶାନ୍ତନୁ କୁମାର ମୁଣ୍ଡ, ପ୍ରହ୍ଲାଦ ଚନ୍ଦ୍ର ମିଶ୍ର, ହରେକୃଷ୍ଣ ଭୋଇ, ବେଦପ୍ରକାଶ ଗୋୟଲ ପ୍ରମୁଖ ଯୋଗଦେଇ ସଂସ୍କାର ଭାରତୀର ମହତ୍ତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ନାଗଙ୍କୁ ଲୋକକଳା ଓ ସାହିତ୍ୟ ସାଧକ ଭାବେ ମଞ୍ଚରେ ସମ୍ମାନିତ କରାଯାଇଥିଲା। ସଭା କାର୍ଯ୍ୟ ପରେ ସଙ୍ଗୀତ ଶିକ୍ଷକ ସାନ୍ତନୁ କୁମାର ନାଏକ ଓ ସାଥୀମାନଙ୍କ ଦ୍ୱାରା ଏକ ଭଜନ ସଂଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମିତିର ଉପଦେଷ୍ଟା ଶିଶିର କୁମାର ସାବତ ମଞ୍ଚ ପରିଚାଳନା କରିଥିଲେ। ସମିତିର ସହସମ୍ପାଦକ ଭୁବନେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି କାଳିନ୍ଦ୍ରୀ ଚରଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ନାଗଙ୍କୁ ସମ୍ମାନିତ କରାଯାଉଛି।

## ସିନାପାଲିରେ ସାହିତ୍ୟ ଏକାଡେମୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

**ସିନାପାଲି,୧୪।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲିଠାରେ ଆଗାମୀ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ସାହିତ୍ୟ ଏକାଡେମୀର ସାରସ୍ୱତ ସମାବେଶ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ସିନାପାଲି ଏନସିସି କକ୍ଷରେ ଅନୁଷ୍ଠିତ ହୋଇଛି । ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏକାଡେମୀର କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଷଦ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ସମିତି ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ସଭାପ୍ରାରମ୍ଭରେ ଲଳିତ କୁମାର ସୁନାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଲୋଚନାରେ ତରୁଣ କୁମାର ମେହେର, ପରେଶ ନାଥ ପାଣିଗ୍ରାହୀ, ବୈକୁଣ୍ଠ ମେହେର, ଅତୁଳ କୁମାର ପାତ୍ର, ମନୋରଞ୍ଜନ ମେହେର, ବଂଶୀଧର ଜଗତ, ପ୍ରେମାନନ୍ଦ ମେହେର, ନିକୁଞ୍ଜ ବିହାରୀ ସା, ଲୋଚନ ମେହେର, ଗୌତମ ମେହେର, ପ୍ରଦ୍ୟୁମ୍ନ ସିଂ ଚିନ୍ଦା, ସାନୁର୍ଯ୍ୟ ମେହେର, ବୁଦ୍ଧଦେବ ମେହେର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସମିତି କୋଷାଧ୍ୟକ୍ଷ ଶିବ ପ୍ରସାଦ ମେହେର ଧନ୍ୟବାଦ ଦେଇଥିଲେ ।

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ପାଳିତ

**ବୋଡେନ,୧୪।୧୦ (ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ବୋଡେନ ମାଝିପଡା, ବିନପୁର, ଦାବେରୀ ଗାଁଗୁଡିକରେ ଲକ୍ଷ୍ମୀପୂଜା ଆଡମ୍ବରେ ପାଳନ କରାଯାଇଛି। ବୋଡେନ ମାଝିପଡାଠାରେ ପୂଜା ଅବସରରେ ରବିବାର ସନ୍ଧ୍ୟାରେ ଡ୍ୟାନ୍ସ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅବିରାମ ପାଣ୍ଡେ, ନୃପରାଜ ତାଣ୍ଡି, ଗୟାଧର ମହାନ୍ତି, ଇମ୍ରାନ ମହମ୍ମଦ, ଗଜରାଜ ବୈଠାରୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ସିନିୟର ଗ୍ରୁପ ଓ ଜୁନିୟର ଗ୍ରୁପ ମାଧ୍ୟମରେ ଡ୍ୟାନ୍ସ ପ୍ରତିଯୋଗିତା ହୋଇଥିଲା । ଏଥିରେ ବିଜେତା ଛାତ୍ରୀଛାତ୍ରଙ୍କୁ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା । ବୋଡେନ ମାଝିପଡା ଜନତା ଯୁବକ ସଂଘ ଲକ୍ଷ୍ମୀ ପୂଜାରେ କର୍ତ୍ତା ଭାବେ ସୋମନାଥ ଦଣ୍ଡସେନା ଦାୟିତ୍ୱ ତୁଲାଇଥିଲେ।

ବେଣିମାଧବ ବେହେରା ଓ ତାଙ୍କ ସାଥି ସହଯୋଗ କରିଥିଲେ । ପୂଜା କମିଟି ସଭାପତି ଟଙ୍କଧର ମାଝି, ଉପସଭାପତି ରମେଶ ମାଝି, ସମ୍ପାଦକ ଚନ୍ଦ୍ର ମାଝି, ସହସମ୍ପାଦକ ହୃଦାନନ୍ଦ ମାଝି, କୋଷାଧ୍ୟକ୍ଷ ସୁବୋଧ ମାଝି, ଚରଣସିଂ ମାଝି, ହରି ମାଝି, ସୁନାଚରଣ ମାଝି, ଦୁଧିଆ ମାଝି, ଓଙ୍କାର ମାଝି, ଯୋଗେନ୍ଦ୍ର ମାଝି, ଇନ୍ଦ୍ର ମାଝି, ଦେବକୁ ଗୁଆଳ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବିନପୁର ଓ ଦାବରି ଗାଁଠାରେ ମଧ୍ୟ ମାଁ ଗଜଲକ୍ଷ୍ମୀ ପୂଜା ପାଳନ କରାଯାଇଥିଲା । ବିନପୁରଠାରେ କର୍ତ୍ତା ଭାବେ ତ୍ରିନାଥ ନିଆଲ ରହିଥିଲେ। ନିରଞ୍ଜନ ମୁଣ୍ଡ ଏବଂ ତାଙ୍କ ସାଥି ପୂଜାରେ ସହଯୋଗ କରିଥିଲେ। କମିଟି ସଭାପତି ଲୋକନାଥ ନିଆଲ, ସମ୍ପାଦକ ଦିବାନ ନିଆଲ, କନ୍ଦର୍ପ ନିଆଲ, ଇନ୍ଦ୍ର ନିଆଲ, କାଶିନାଥ ବେହେରା, ଟିକଚନ ନିଆଲ, ଅରୁଣ ମାଝି ପ୍ରମୁଖଙ୍କ ସହ ଗ୍ରାମବାସି ସହଯୋଗ କରିଥିଲେ। ପୂଜା ଅବସରରେ ଘୁମୁରା ନାଚ, ନାଟକ ରାତ୍ରିରେ ପରିବେଷଣ କରାଯାଇଥିଲା। ଦାବରିଠାରେ ପୂଜାରେ କର୍ତ୍ତା ଭାବେ କନକରାମ ହଂସ ଏବଂ ପୂର୍ଣ୍ଣମୀ ହଂସ ଦାୟିତ୍ୱରେ ଥିଲେ। ଏଠାରେ ପୂଜା କମିଟି ସଭାପତି ଟୁନାରାମ ସଲମା, ସମ୍ପାଦକ ତୁଲସିରାମ ନାଗ, କୋଷାଧକ୍ଷ ନୂତନ ନାଗ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ମନୋଜ କୁମାର ମିଶ୍ର, ଜିତେନ୍ଦ୍ରେ ଦାସ, ଚିତ୍ରସେନା ଦାସ ପୂଜକ ଭାବେ ରହିଥିଲେ। ପ୍ରତେକ ଦିନ ରାତିରେ ନାଟକ ପରିବେଷଣ କରାଯାଇଥିଲା ।



ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତି ।

# ପ୍ରଦୀପଙ୍କୁ ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**ଭବାନୀପାଟଣା,୧୪।୧୦ (ଡି.ଏନ.ଏ.)**

ଓଡିଶା ପ୍ରେସ ଏକାଡେମୀର ରୌପ୍ୟଜୟନ୍ତୀ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ କଳାହାଣ୍ଡି ଜିଲା ସଦର ବ୍ଲକ ଉଦେପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ରାଜ୍ୟ ସିଟି ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁଙ୍କୁ ତାଙ୍କ ବହୁବିଧ ପ୍ରତିଭା ନିମନ୍ତେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା କରାଯାଇଛି । ଏହି ପରିପେକ୍ଷୀରେ କଳାହାଣ୍ଡି ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗତ ରବିବାର ସ୍ଥାନୀୟ ଅର୍କାବାହାଲିପଡାସ୍ଥିତ ବାଲଗୋପାଲ ସଦନ ସଭାଗୃହଠାରେ ଜିଲା ପ୍ରାଥମିକ ସିଟି ଶିକ୍ଷକ ସଂଘ ପକ୍ଷରୁ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଜିଲାର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ରାଜପୁତ୍, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ମୋହନ ରାଓ ରଣା, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡି, ସ୍ୱାଧୀନ ପାତ୍ର, ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ ଓ ସାମ୍ବାଦିକ ଲଳିତ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିକ୍ଷକ ଧନଞ୍ଜୟ ସାହୁ ଏହାର ଉଦ୍ଦେଶ୍ୟ ଜ୍ଞାପନ ଓ ସଂଘର ସାଧାରଣ ସମ୍ପାଦକ ସୁଶୀଲ ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ରାଜ୍ୟ ଓଡିଶା ପ୍ରେସ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକ ସାହୁଙ୍କ ଶିକ୍ଷକତା ବୃତ୍ତିରେ ନିଷ୍ଠାପରତା, ସାଙ୍ଗଠନିକ ତତ୍ପରତା, ପରିବେଶ ସୁରକ୍ଷା ନିମନ୍ତେ ପ୍ରକୃତି ବନ୍ଧୁ ପୁରସ୍କାର ଲାଭ, ନିଜ ପ୍ରଚେଷ୍ଟା ବଳରେ କଳାହାଣ୍ଡି ଜିଲାକୁ ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମ୍‌ଙ୍କୁ ନିମନ୍ତ୍ରଣ କରି ଜିଲା ପ୍ରାଥମିକ ଶିକ୍ଷକ ଭବନ ଉଦ୍‌ଘାଟନ କରାଇଥିଲେ । ସର୍ବୋପରି କଳାହାଣ୍ଡି ଜିଲାରେ ଅବଦୁଲ୍ କଲାମ୍ ଫାଉଣ୍ଡେସନ୍ ଟ୍ରଷ୍ଟ ଗଠନ କରି ତାହାର ଦାୟିତ୍ୱ ତୁଲାଇବା ଓ ରାଜ୍ୟ ସିଟି ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଭଳି ସମ୍ମାନ ଜନକ ଆସନ ଗ୍ରହଣ କରିବା ଆଦି ବହୁମୁଖୀ ପ୍ରତିଭାର ଆଲୋଚନା କରି ସାହୁଙ୍କ ଭବିଷ୍ୟତର ମଙ୍ଗଳ କାମନା କରିଥିଲେ। ଶିକ୍ଷକ ଅଜିତ୍ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ଧନ୍ୟଞ୍ଜୟ ପାଣିଗ୍ରାହୀ, ବିଶ୍ୱଜିତ୍ ରାୟ ଓ ଭୃକୁଟୀ ଗଉଡ ପରିଚାଳନାରେ ସହଯୋଗ କରିଥିଲେ।




ଶିକ୍ଷକ ପ୍ରଦୀପ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।



ଯାଦବ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।



ଯୋଗ ଦେଇଥିବା କର୍ମକର୍ତ୍ତାଗଣ ।

# ତୃଣମୂଳସ୍ତରରେ ସଂସ୍କାର ଆବଶ୍ୟକତା ରହିଛି

## ଜିଲା ଯାଦବ ସମାଜର ସମୀକ୍ଷା

### ■ ଯୋଗଦେଲେ ବରିଷ୍ଠ କର୍ମକର୍ତ୍ତା

**ନୂଆପଡା ଅଫିସ,୧୪।୧୦**

ଯେ କୌଣସି ସମାଜ ଜାଗ୍ରତ ହେଲେ ତାହା ଦେଶର ପ୍ରଗତିରେ ସହାୟକ ହୋଇଥାଏ । ସମାଜରେ ଶିକ୍ଷା, ଅର୍ଥନୈତିକ ଏବଂ ସାମାଜିକ ପ୍ରଗତି ପାଇଁ ସମସ୍ତଙ୍କୁ ପ୍ରୟାସ କରିବା ଦରକାର । ତୃଣମୂଳସ୍ତରରେ ସଂସ୍କାରର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି । ନୂଆପଡ଼ା ଜିଲା କୋମନା ବ୍ଲକ ଗନିଆରୀ ଗାଁରେ ଅନୁଷ୍ଠିତ ଜିଲା ଯାଦବ ସମାଜର ଜିଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀରେ ବକ୍ତାମାନେ ଏହି ମତ ପୋଷଣ କରିଥିଲେ। ସୋମବାର ପୂର୍ବାହ୍ନରେ ଆୟୋଜିତ ବୈଠକରେ ଜିଲା ଯାଦବ ସମାଜ ସଭାପତି ହରେରାମ କଠାରଙ୍କ ସଭାପତିତ୍ୱ କରିଥିବାବେଳେ ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଭରତ ଲାଲ ରାଉତ, ଅକ୍ରୁର ନିଆଲ, ଜୋହନ ରାଉତ, ଗଦାଧର ଗହୀର, ମିଥୁନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ଜିଲାର ପାନଚୋଟି ବ୍ଲକରୁ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଚଞ୍ଚଳ ସଗରିଆ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲାରେ ଯାଦବ ସମାଜର ସ୍ଥିତି, ସାଙ୍ଗଠନିକ ସମସ୍ୟା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା। ଆଜକୁ ବହୁ ବର୍ଷ ଧରି ବରିଷ୍ଠ କର୍ମକର୍ତ୍ତାଙ୍କ ଅକୁଣ୍ଠ କାର୍ଯ୍ୟଦକ୍ଷତା ଯୋଗୁ ସମାଜ ବିଭିନ୍ନ କ୍ଷେତ୍ରରେ ଆଗକୁ ଯାଇପାରିଛ। ତଥାପି ଅର୍ଥନୈତିକ ଏବଂ ଶିକ୍ଷା କ୍ଷେତ୍ରରେ ଉନ୍ନତିର ଆବଶ୍ୟକତା ରହିଛି। ଯେଉଁ ସମାଜ ଏସବୁ କ୍ଷେତ୍ରରେ ଯେତିକି ଆଗକୁ ଯାଇଛି ସେ ଜାତି କିମ୍ବା ସମାଜ ସେତିକି ଉନ୍ନତ ହୋଇପାରିଛି ବୋଲି ବକ୍ତାମାନେ କହିଥିଲେ । ଆଗକୁ ସାଙ୍ଗଠନିକ ନିର୍ବାଚନ ଥିବାରୁ ସେଥିରେ କିପରି ଯୋଗ୍ୟତମ ସାମାଜିକ କର୍ମୀମାନଙ୍କୁ ସାମିଲ କରାଯିବ ସେଥି ପାଇଁ ମଧ୍ୟ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ସେହିଭଳି ପ୍ରତିବର୍ଷ ଭଳି ୨୦୧୯ବର୍ଷ ପାଇଁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରିବାକୁ ସ୍ଥିରିକୃତ ହୋଇଛି । ଆସନ୍ତା ୨୬ ତାରିଖରେ ଏହି କାର୍ଯ୍ୟକ୍ରମ କରାଯିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆସିଥିଲା। ଏହା ନୂଆପଡା ଜିଲା ହେଡକ୍ୱାର୍ଟରରେ ପାଳନ କରାଯିବାକୁସ୍ଥିର ହୋଇଛି । ଏହାର ଆୟୋଜନ ଏବଂ ପରିଚାଳନା ଦାୟିତ୍ୱ ନୂଆପଡା ବ୍ଲକ ଏବଂ ଏନଏସି କର୍ମକର୍ତ୍ତାଙ୍କୁ ନ୍ୟସ୍ତ କରାଯାଇଛି। ଏହାକୁ କିପରି ନିରାଡମ୍ବର କରାଯିବ ସେଥିପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସଭାଶେଷରେ କୋମନା ବ୍ଲକ ସମ୍ପାଦକ ବିରୋଟ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଶୋର କଠାର, ମହେଶ ନିଆଲ, ତ୍ରିଲୋଚନ ନାଗ, ଦୟା ଥପା ପ୍ରମୁଖ ଯୋଗଦେଇଥିଲେ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ



### ୬୦ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ

**ସେରଗଡ଼,୧୪।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡ ପଞ୍ଚାୟତ ଶ୍ରୀପାଲି ହରିଓଁ ଆଶ୍ରମରେ ନିଦାନ ୱେଲ୍ ଫେୟାର ଫାଉଣ୍ଡେସନ ନୁଆଦିଲ୍ଲୀ ଆନୁକୁଲ୍ୟରେ ରବିବାର ୬୦ ଜଣ ବୃଦ୍ଧାବୃଦ୍ଧଙ୍କୁ ସୁସ୍ୱାଦୁ ଭୋଜନ ସହ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁର୍ଗ ଛତିଶଗଡରୁ ଅସିତ କୁମାର ତିୱାରି, ଭଦ୍ରକରୁ ଶୁଭେନ୍ଦୁ ଭୂଷଣ ସାମନ୍ତ ଅତିଥି ଭାବେ ଯୋଗଦେଇଥିଲେ । କଳାହାଣ୍ଡି ମୁଖ୍ୟ ସ୍ୱେଚ୍ଛାସେବୀ ହେମନ୍ତ କୁମାର ସାହୁ, କୁବେର ବୁଡେକ, ମୃଗରାଜ ସାହୁ, ମାନସ ରଞ୍ଜନ ପ୍ରହରାଜ, ବିନୋଦ ସାହୁ, ଦିପକ କୁମାର ଅଗ୍ରୱାଲ, ଅଜିତ ପ୍ରଧାନ, ଉତ୍ସବ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



### ସତ୍ୟପୀରଙ୍କୁ କରମବୀର ଚକ୍ର ପୁରସ୍କାର

**ଭବାନୀପାଟଣା,୧୪।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ସଦର ବ୍ଲକ ଦେପୁର ଗାଁର ସତ୍ୟପାର ପଧାନ ଓଡିଶାର ପଞ୍ଚମ୍ୟାନ୍ ଭାବେ ପରିଚିତ । ସେ ଗତ ୧୩ ତାରିଖରେ ସମ୍ମାନଜନକ କରମବୀର ଚକ୍ର ପୁରସ୍କାର ଏବଂ ବିଶ୍ୱ ନେତୃତ୍ୱ ଫେଲୋଶିପ୍ ଆଇସିଓଏନ୍‌ଜି ଏବଂ ଜାତି ସଂଘ ଡୋଗ୍ରା ହଲ୍ ଆଇଆଇଟି ଦିଲ୍ଲୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ବ୍ୟକ୍ତିଗତ ଭାବେ ଦୁଇଟି ଗିନିଜ୍ ବୁକ୍ସ ଅଫ୍ ୱାର୍ଲଡ ରେକର୍ଡ ସହ ଦେଶରେ ଯୁବଗୋଷ୍ଠୀଙ୍କୁ ଏଭଳି କୀର୍ତ୍ତୀମାନ ଲାଗି ପ୍ରେରିତ କରିଥିବାରୁ ସତ୍ୟପୀରଙ୍କୁ ଏହି ପୁରସ୍କାର ଓ ଫେଲୋଶିପ୍ ଦିଆଯାଇଛି। ତାଙ୍କର ଏହି ସଫଳତାରେ କଳାହାଣ୍ଡି ଜିଲାର ବହୁ ବୁଦ୍ଧିଜୀବୀ ଓ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ଚୋରି ଘଟଣାରେ ଯୁବକ କୋର୍ଟଚାଲାଣ

**ଭବାନୀପାଟଣା,୧୪।୧୦ (ଡି.ଏନ.ଏ.)-** ଭବାନୀପାଟଣା ଟାଉନ ଥାନା କ୍ରିଷ୍ଣା ମେଡିକାଲ ଷ୍ଟୋରରୁ ମୋବାଇଲ ଓ ବାଇକ ଚୋରି ଘଟଣାରେ ପୋଲିସ ଗତ ୧୩ ତାରିଖରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପରମାନନ୍ଦପୁରର ଛନ୍ଦାଚରଣ ଓରଫ ଚମାର ରାଉତ । ତାଙ୍କଠାରୁ ପୋଲିସ ୩ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭବାନୀପାଟଣା ସହର ନକଟିଗୁଡା ନିକଟ କ୍ରିଷ୍ଣା ମେଡିକାଲ ଷ୍ଟୋରରୁ ଗତ ସେପ୍ଟେମ୍ବର ୨୦ ତାରିଖରେ ୨ଟି ମୋବାଇଲ ଓ ୪ ହଜାର ଟଙ୍କା ଚୋରି ହୋଇଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏସ୍ଆଇ ଶିବ ପ୍ରସାଦ ଭଦ୍ର ଘଟଣାର ତଦନ୍ତ କରିଥିଲେ।

## ବେଆଇନ ମଦ କୋଠି ବନ୍ଦ ଦାବି
# ଦୁର୍ନୀତି ବିରୋଧୀ ମହାସଂଘ ପକ୍ଷରୁ ଦାବିପତ୍ର

■ ୧୫ ଦିନରେ ସମାଧାନ ନ ହେଲେ ଦୃଢ଼ ପଦକ୍ଷେପ

**ଭବାନୀପାଟଣା,୧୪।୧୦ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଦିନକୁ ଦିନ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସଚେତନତା ଅଭାବରୁ ନିରୀହ ଜନସାଧାରଣ ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। ପ୍ରତିଗ୍ରାମରେ ଛତୁଫୁଟିଲା ଭଳି ମଦକୋଠିଗୁଡିକ ଗଢି ଉଠିଛି। ଏପଟେ ରାଜସ୍ୱ ବୃଦ୍ଧି ଓ ଅର୍ଥଲାଳସାରେ ଅବକାରୀ ବିଭାଗ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେଇ ଚୁପ୍ ରହିବା ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ସୋମବାର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଞ୍ଚଳର ମଦକୋଠିଗୁଡିକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଦୁର୍ନୀତି ବିରୋଧି ମହାସଂଘ ପକ୍ଷରୁ ଜିଲା ଅବକାରୀ ଅଧୀକ୍ଷକ ଉମ୍ବରୁଧର ଖଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଲକ୍ଷ୍ମୀ ନାରାୟଣ ମନମୋହନଲାଲ ନାମରେ ଲାଇସେନ୍ସପ୍ରାପ୍ତ ଗୋଲାମୁଣ୍ଡା ଥାନା ଅଧୀନରେ ଥିବା ହଲଦୀ, ଦଶପୁର, ବନ୍ଧାଗାଁ ଓ ଅମାଠୋଲା ଦେଶୀ ମଦଭାଟିରୁ ପ୍ରତିଦିନ ବେଆଇନ ଭାବେ ସ୍ଥାନୀୟ ୯ଟି ପଞ୍ଚାୟତର ପ୍ରାୟ ୫୦ଟି ଗ୍ରାମକୁ ଦେଶୀ ମଦ ଚାଲାଣ ହୋଇ ସେଠାକାର କୋଠିରେ ବିକ୍ରି ହୋଇଥାଏ। ସେଠାରୁ ମଦପିଇ ସ୍ଥାନୀୟ ଯୁବ ପିଢି ତଥା ଛାତ୍ରମାନେ ନିଜ ଭବିଷ୍ୟତକୁ ଉଜାଡିବାରେ ଲାଗିଛନ୍ତି। ସେହିପରି ମଦ ପିଇ ଗରୀବ, ନିରୀହ ଲୋକମାନେ ନିଜର କଷ୍ଟ ଉପାର୍ଜିତ ସବୁ ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେଉଛନ୍ତି। ଏଥିଯୋଗୁ ପରିବାର ମଧ୍ୟରେ ବିଭିନ୍ନ ସମୟରେ କଳିକଜିଆ ମଧ୍ୟ ଲାଗିରହୁଛି। ମଦ ଯୋଗୁ ଗ୍ରାମରେ ଅଶାନ୍ତି ବାତାବରଣ ସୃଷ୍ଟି ହେବା ସହ ଭାଇଚାରା କ୍ଷୁର୍ଣ୍ଣ ହେଉଛି। ମଦ୍ୟପଙ୍କ ଯୋଗୁ ମହିଳାମାନେ ରାସ୍ତାରେ ଯିବା ଆସିବା କରିବାବରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏପଟେ ଖୋଲା ମଦ ପାଉଚଗୁଡିକ ରାସ୍ତାରେ ଏଣେତେଣେ ପଡିଥିବାରୁ ଏହାକୁ ଖାଇ ଗାଇଗୋରୁ ମଧ୍ୟ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହିସବୁ ଦୃଷ୍ଟିରୁ ଗ୍ରାମରେ ଥିବା ମଦକୋଠିଗୁଡିକୁ ତୁରନ୍ତ ବନ୍ଦ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ଆସନ୍ତା ୧୫ ଦିନ ଭିତରେ ଉପରୋକ୍ତ ଭାଟିମାନଙ୍କରୁ ବେଆଇନ ଭାବେ ଗାଁ ଗାଁକୁ ମଦ ଚାଲାଣ ବନ୍ଦ କରା ନ ଗଲେ ଦୁର୍ନୀତି ବିରୋଧି ମହାସଂଘ ଓ ଏସସିଏସଟି ଓବିସି ମହିଳା ବିକାଶ ପରିଷଦ ପକ୍ଷରୁ ଦୃଢ ପଦକ୍ଷେପ ନିଆଯିବ। ମଦ ଚାଲାଣ ସମୟରେ ମଦକୁ ଧରି ଜୋର ଜବରଦସ୍ତି ଫିଙ୍ଗିବୁ ଓ ଏଥିପାଇଁ ମଦ ଚାଲାଣ କରୁଥିବା ବ୍ୟକ୍ତି ହିଁ ଦାୟୀ ରହିବା ସହିତ ଆରୋପ ଲଗେଇ ପାରିବେ ନାହିଁ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଉମ୍ବରୁଧର ଖଣ୍ଡା ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଦାବିପତ୍ର ଦେବା ସମୟରେ ସଂଘ ସଭାପତି ବିନ୍ଦୁ ମହାନନ୍ଦ, ସାଧାରଣ ସମ୍ପାଦକ ଦୁଷ୍ମନ୍ତ ସେନାପତି, କୋଷାଧ୍ୟକ୍ଷ ଉପେନ୍ଦ୍ର ସିପକା, ହିରୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ତେରେସିଂହା ଗଜଲକ୍ଷ୍ମୀ
# ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ

**ରିଷିଡା,୧୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାଠାରେ ଗଜଲକ୍ଷ୍ମୀ ପୂଜା ସମାରୋହରେ ପାଳନ କରାଯାଉଛି। ପୂଜାମଣ୍ଡପକୁ ଆକର୍ଷଣୀୟ କରାଯାଇଛି। ରାତିରେ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଛି । ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ୨୧ ବର୍ଷରେ ପଦାର୍ପଣ କରିଛି। ରାତିରେ ଅର୍କେଷ୍ଟ୍ରା, ଦଣ୍ଡନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା କମିଟିରେ ସଭାପତି ଯୁଗଳ କିଶୋର ନାଏକ, ଉପସଭାପତି ରଶ୍ମିରଞ୍ଜନ ରଣା, ସମ୍ପାଦକ କ୍ଷେତ୍ରମଣି ରଣା, ସହସମ୍ପାଦକ ବସନ୍ତ କୁମାର ସାହୁ ପରିଚାଳନା କରୁଥିବା ବେଳେ କର୍ତ୍ତା ଭାବେ ନାରାୟଣ ସରାଫ ଓ କଳ୍ପନ ସରାଫ ଦାୟିତ୍ୱ ତୁଲାଉଛନ୍ତି । ଏହି ପୂଜାରେ ଷତ ବୈଷ୍ଣବ ଭାବେ ବିଶ୍ୱମ୍ଭର ଭୋଇ, ସମ୍ପଦ ରଣା, ମୋତିଲାଲ ସାହୁ, ସିଦ୍ଧେଶ୍ୱର ରଣା, ନୀଳ ଭୋଇ, ଚତୁର୍ଭୁଜ ରଣା ପ୍ରମୁଖ ଦାୟିତ୍ୱ ବହନ କରିଛନ୍ତି ।



ତେରେସିଂହାରେ ପୂଜା ପାଉଥିବା ମୃଣ୍ମୟ ମୂର୍ତ୍ତି ।



ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ଲୋକଙ୍କ ଭିଡ଼ ।

# ମା' ମାଣିକେଶ୍ୱରୀଙ୍କ କଣ୍ଟାବାଡ଼ ଫିଟା ପର୍ବ

**ଭବାନୀପାଟଣା,୧୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଇଷ୍ଟଦେବୀ ମା' ମାଣୀକେଶ୍ୱରୀଙ୍କ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ (ମୂଳାଷ୍ଟମୀ) ତିଥିରେ ମୁଣ୍ଡବସା ପର୍ବ ସହ ଆରମ୍ଭ ହୋଇଥିବା ଶାରଦୀୟ ଉତ୍ସବ ଗତ ୧୩ ତାରିଖରେ କଣ୍ଟାବାଡ ଫିଟା ପର୍ବ ସହ ଉଦ୍‌ଯାପିତ ହୋଇଛି। ଗତ ଅକ୍ଟୋବର ୬ ତାରିଖରେ ମାଣିକେଶ୍ୱରୀଙ୍କର ପ୍ରସିଦ୍ଧ ଛତର ଯାତ୍ରା ଏବଂ ୭ ତାରିଖରେ ଲାଖମରା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶାରଦୀୟ ଉତ୍ସବରେ ବିଜୟା ଦଶମୀ ପର୍ଯ୍ୟନ୍ତ ଦେବୀ ରକ୍ତମୁଖା ହୋଇ ସହସ୍ରାଧିକ ବଳି ଖାଇଥିଲେ। ବିଜୟା ଦଶମୀ ଦିନ ଲାଖମରା ପର୍ବପରେ ରକ୍ତମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଗର୍ଭଗୃହ ସମ୍ମୁଖ ଦ୍ୱାରରେ କଣ୍ଟାବାଡ ଦିଆଯାଇଥିଲା। ପରମ୍ପରା ଅନୁଯାୟୀ ଗତ ୧୩ ତାରିଖ କୁମାର ପୂର୍ଣ୍ଣିମା ଅବସରରେ ଦେବୀଙ୍କ କଣ୍ଟାବାଡ ଫିଟା ପର୍ବ ଅନୁଷ୍ଠିତ ହୋଇଛି। ପୂଜକ ଓ ସେବାୟତମାନେ ସନ୍ଧ୍ୟା ଆଳତି ପରେ ବିଧିବିଧାନ ପୂର୍ବକ ପୂଜା ନୀତି ସମ୍ପନ୍ନ କରି ଦ୍ୱାରରୁ କଣ୍ଟାବାଡ ଖୋଲିଥିଲେ। ଏହାପରେ ମୂଳାଷ୍ଟମୀ ଦିନ ବସାଯାଇଥିବା କୁମ୍ଭ, କଳସକୁ ପୂଜକ ବାହାର କରି ଏକ କୁଲାରେ ଧାନ ଖଇ, କଉଡି ଓ ମୁଦ୍ରା ମନ୍ଦିର ଚାରିପାର୍ଶ୍ୱରେ ପକାଇଥିଲେ। ଦେବୀଙ୍କର କଉଡି, ଗୁଆ ଓ ମୁଦ୍ରା ପାଇବା ଅତି ଶୁଭଙ୍କର ଓ ଦେବୀଙ୍କର ପ୍ରସାଦ ଭାବରେ ଲୋକଙ୍କ ବିଶ୍ୱାସ ରହିଥିବାରୁ ଏହି ପର୍ବ ନିମନ୍ତେ ମନ୍ଦିରରେ ଶହ ଶହ ଭକ୍ତଙ୍କର ଭିଡ ହୋଇଥିଲା। ମା' ଙ୍କ କଉଡି, ଗୁଆ ଓ ମୁଦ୍ରା ପାଇବା ପାଇଁ ଶ୍ରଦ୍ଧାଳୁମାନେ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ଯେଉଁ ଶ୍ରଦ୍ଧାଳୁମାନେ ଦେବୀଙ୍କ ଏହି କଉଡି, ଗୁଆ ଓ ମୁଦ୍ରା ପାଇଥିଲେ ସେମାନେ ନିଜକୁ ଧନ୍ୟ ମନେ କରିଥିଲେ।

# ଜାତୀୟ ସମ୍ମିଳନୀରେ ରାଜ୍ୟ ଶକ୍ତିମନ୍ତ୍ରୀ ଯୋଗଦେଲେ

**ଭବାନୀପାଟଣା,୧୪।୧୦ (ଡି.ଏନ.ଏ.)**

ଭାରତ ସରକାରଙ୍କ ଶକ୍ତି ଓ ନୂତନ ନବୀକରଣ ଉର୍ଜା ମନ୍ତ୍ରଣାଳୟ ପକ୍ଷରୁ ୨ ଦିନ ଧରି ଗୁଜରାଟର ନର୍ମଦା ଟେଣ୍ଟସିଟିଠାରେ ଶକ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶା ସରକାରଙ୍କ ପକ୍ଷରୁ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇଥିଲେ। ଓଡିଶାର ଜନଜୀବନ ସମୃଦ୍ଧି କ୍ଷେତ୍ରରେ ବିଦ୍ୟୁତ୍ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ଏହାର କ୍ଷମତା ବୃଦ୍ଧି କରି ନିର୍ଭରଯୋଗ୍ୟ ଶକ୍ତି ଉତ୍ପାଦନ ଓ ଠିକ୍ ଭାବେ ବିତରଣ କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରି 'ସମସ୍ତଙ୍କୁ ଶକ୍ତି' କାର୍ଯ୍ୟ କରିବ ବୋଲି କହିଥିଲେ। ମନ୍ତ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୨୦୨୨ ସୁଦ୍ଧା ଓଡିଶାରେ ନୂତନ ପରିବେଶ ଅନୁକୂଳ ମାନଦଣ୍ଡ ସୃଷ୍ଟି ହୋଇପାରିବ। ଏହା ଦ୍ୱାରା ଓଡିଶାର ସମସ୍ତ ବାସଗୃହ ଓ ସଂସ୍ଥାକୁ ବିଦ୍ୟୁତ୍ ସଂଯୋଗ ହେବା ସହ ବିଦ୍ୟୁତ୍ ଉତ୍ପାଦନ ଏବଂ ଯୋଗାଣ କ୍ଷମତା ବୃଦ୍ଧି ପାଇପାରିବ। ଯନ୍ତ୍ରପାତିର କ୍ଷମତା ବୃଦ୍ଧି ପାଇପାରିବ। ଯନ୍ତ୍ରପାତିର ଉପଯୁକ୍ତ ପରିଚାଳନା କରି ସମସ୍ତଙ୍କୁ ନିରବଚ୍ଛିନ୍ନ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଅଧିକ ଉନ୍ନତି ଆସିପାରିବ। ବିଦ୍ୟୁତ୍ ଯୋଗାଣ ଟ୍ରାଫିକ୍ ନିୟନ୍ତ୍ରଣ କ୍ଷେତ୍ରରେ ଉପଯୁକ୍ତ ପରିଚାଳନା ସହ ରାଜ୍ୟ ବିଦ୍ୟୁତ୍ ପରିଚାଳନା କମିସନରେ ଖାଲି ପଡିଥିବା ପଦଗୁଡିକ ପୂରଣ କରାଯିବ ବୋଲି ସମ୍ମିଳନୀରେ ମନ୍ତ୍ରୀ ପ୍ରକାଶ କରିଥିଲେ। ଗତ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ଏହି ସମ୍ମିଳନୀରେ କେନ୍ଦ୍ର ଶକ୍ତି ଓ ନବୀକରଣ ଉର୍ଜା ମନ୍ତ୍ରୀ ଆର୍.କେ. ସିଂହ ଯୋଗଦେଇ ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ଛାତ ଉପରେ ସୌର ଶକ୍ତି ଯୋଜନା, ଅକ୍ଷୟ ଶକ୍ତିର ବିକାଶ କାର୍ଯ୍ୟକ୍ରମ ଓ ଅଲଟ୍ରା ମେଗା ଶକ୍ତିର ସ୍ଥାପନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବହୁମୁଖୀ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଏବଂ ଉପଭୋକ୍ତାଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ମିଳନୀରେ ବିଦ୍ୟୁତ୍ ବିତରଣ କମ୍ପାନିମାନେ ଶକ୍ତି ସଂରକ୍ଷଣ ଅଧିନିୟମ – ୨୦୦୧ ଏବଂ ଏହା ଅଧିନସ୍ଥ ନିୟମାବଳୀ ଅନୁପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ଶକ୍ତି ବିଭାଗ ସଚିବ, ଶକ୍ତି ଓ ନୂତନ ଏବଂ ନବୀକରଣ ଉର୍ଜା ସଚିବଙ୍କ ସମେତ ଓଡିଶା ସରକାରଙ୍କ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ବିଷ୍ଣୁପଦ ସେଠୀ ମଧ୍ୟ ଏହି ସମ୍ମିଳନୀରେ ଯୋଗଦାନ କରି ଓଡିଶାରେ ଶକ୍ତି ଏବଂ ନବୀକରଣ ଉର୍ଜା ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଗୁଜରାଟର ନର୍ମଦା ଟେଣ୍ଟସିଟିଠାରେ ଅନୁଷ୍ଠିତ ଜାତୀୟ ଶକ୍ତି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାରୁ ଯୋଗଦେଇଥିବା ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ।

# ପଲ୍ୟୁଶନ ଟେଷ୍ଟ କରି ନ ପାରି ଶତାଧିକ ଗାଡ଼ିଚାଳକ ନିରାଶ

**କୋକସରା,୧୪।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକଠାରେ ସୋମବାର ଏକ ପଲ୍ୟୁଶନ ଟେଷ୍ଟ କ୍ୟାମ୍ପ କରାଯାଇଛି। ଏଥିରେ ହଜାର ହଜାର ସଂଖ୍ୟାରେ ଦୁଇ ଚକିଆ ଗାଡି ଧରି ଲୋକମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ପଲ୍ୟୁଶନ ଟେଷ୍ଟ କରି ପ୍ରମାଣପତ୍ର ନେଇଛନ୍ତି। ତେବେ ଅତ୍ୟଧିକ ଭିଡକୁ ନିୟନ୍ତ୍ରଣ କରିବାକୁ ନାମକୁ ମାତ୍ର ଦୁଇ–ତିନି ଜଣ କନଷ୍ଟେବଳ ଓ ହୋମଗାର୍ଡ ନିୟୋଜିତ ରହିଥିଲେ। ଲୋକେ ଭିଡକୁ ନ ମାନି ହଟ୍ଟଗୋଳ ଆରମ୍ଭ କରିଦେବାରୁ ପଲ୍ୟୁଶନ ଟେଷ୍ଟ ଅଧାରୁ ବାତିଲ ହୋଇଯାଇଥିଲା ।

ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ବାଇକ ପଲ୍ୟୁଶନ ଟେଷ୍ଟ କରି ନ ପାରି ନିରାଶରେ ଫେରି ଯାଇଥିଲେ। ଏ ଦିଗରେ ପୋଲିସ ଆଗାମୀ କ୍ୟାମ୍ପରେ ଅଧିକ ସଂଖ୍ୟକ ପୋଲିସ ମୃତୟନ କରିବା ସହ ପ୍ରତି ପଞ୍ଚାୟତରେ କ୍ୟାମ୍ପ କରିବାକୁ ଲୋକମାନେ ଦାବି କରୁଛନ୍ତି ।

## ନିଜେ ଗରିବ୍, ନିଶା ଗରିବ୍‌ଦୁଖିଙ୍କୁ ଖାଏବାକେ ଦେବା
# ସମାଜ ଲାଗି ଉଦାହରନ୍ ପାଲଟିଛନ୍ ଅଜିତ

**ଭବାନୀପାଟଣା,୧୪।୧୦ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଶିବ ମନ୍ଦିର ପଡ଼ାର ଅଜିତ କଙ୍ଗା। ସେ ନିହାତି ଗରିବ୍, ପେସାରେ ଝନେ ସାଇକେଲ ମେକାନିକ୍। ହେଲେ ହୁରୁଦ୍ ତାକର ବିଶାଲ୍। ସେ ଅନେକ ଗରିବ୍‌ଦୁଖିଙ୍କୁ ସାହାଯ୍ କରି ନିଜେ ମାନ୍‌ସିକ ଶିଆଁତି ପାଏବାର ସଂଗେ ସମାଜ ଲାଗି ଗୁଟେ ଉଦାହରନ୍ ସୁରୁଷ୍ଟି କରିଛନ୍।

ସୂଚନା ଅନ୍‌ସାରେ ଭବାନୀପାଟଣା ସଦର ଶିବ ମନ୍ଦିର ପଡ଼ାର ଅଜିତ କଙ୍ଗାକଁର ପରିବାର କହେଲେ ମାଏକିନା ଭୂମିସୂତା ଆର ଦୁଇ ପୁଓଝି'କେ ନେଇ ତାକର ସୁଖର ସଁସାର। ପରିବାରଟା ନିହାତି ଗରିବ୍, ଗୁଟେ ଝୁପ୍‌ଡ଼ି ଘରେ ରହୁଛନ୍। ସେନ୍‌ତା ଅଜିତ ଭବାନୀପାଟଣା ଜଗନ୍ନାଥ ମନ୍ଦିର ରୋଡ଼ରେ ଗୁଟେ ଛୁଟିଆ ସାଇକେଲ ମରାମତି ଦୁକାନ ଦେଇଛନ୍। ଦୁକାନରୁ ସେ ଯାହା ରୁଜଗାର କରୁଛନ୍ ସେଥିରେ ତାକର ପରିବାର ଚଲବାର ସଂଗେ ଫିଦିନ କିଛି ଟଁକା ସଁଚୁଛନ୍। ସଁଚ୍‌ଲା ଟଁକାକେ ଅଜିତ ହପ୍‌ତାକ ଥରେ ଗରିବ୍ ଦୁଖିକର ସେବା କାଯ୍‌ରେ ଲଗଉଛନ୍। ଇ ସେବା କାଯ୍ ସେ ମାସେ କି ଦୁଇମାସ ନୁହେ ଗଲା ୨ ବଛର ହେଲା କରିଆସୁଛନ୍। ହପ୍‌ତାକ ଥରେ ସେ ଭିକାରିମାନକୁ ଖାଏବାକେ ଦେଇ ମାନ୍‌ସିକ ଶିଆଁତି ପାଉଥିବାର କହିଛନ୍। ଫିଦିନ ସଖାଲୁ ଦୁକାନ ଖୁଲି ସାଇକେଲ ମରାମତି କରୁଛନ୍। ମରାମତିକେ ନେଇ କାହାରି ସଂଗେ ମୁଲ୍‌ଚାଲ କି ରେଁଝେଁ ନାଇଁକରନ୍, ଯେ ଯାହା ଦେଲା ଖୁସିରେ ରଖୁଛନ୍। ଅଲପ୍ ଆଏରେ ବି ତାକର ପରିବାର ହସ୍‌ଖୁସିରେ ଚଲୁଛେ। ଇ ସେବା କାଯ୍ ବାବ୍‌ଦେ ଅଜିତଙ୍କୁ ପଚରାଲାରୁ ଆଗିଆଁ ମୁଇଁ ଝନେ ନିହାତି ଗରିବ୍ ପରିବାରର ପିଲା। ଛୁଆଦିନୁ ଅଭାବ୍ ଅନାଟନ ଭିତରେ ବଢ଼ିଛେଁ। ଗରିବୀକେ ବହୁତ୍ ପାସୁ ଦେଖିଛେଁ। ଭୁଖ୍ କାଣା ଯେ ନିଜେ ଅନୁଭବ କରିଛେଁ। ସେଥିରଲାଗି ମୁଇଁ ଯେତେ ଦୂର ସମ୍‌ଭବ ଇ ଗରିବ୍‌ଦୁଖି ଭିଖାରିମାନକୁ ହପ୍‌ତାକ ଥରେ ଖାଏବାକେ ଦେଉଛେଁ। ସେମାନକୁ ଖୁସିରେ ଖାଏବାର ଦେଖି ମୋର ହୁରୁଦ୍ ଶିତଲ ପଡ଼ିଯାଏସି। ଇ କାଯ୍‌ରେ ମୋତେ ମାନ୍‌ସିକ ଶିଆଁତି ମିଲୁଛେ ବଲି ସେ କହିଥିଲେ।



କଙ୍ଗା ଦମ୍ପତି ଗରିବ୍‌ଦୁଖିଙ୍କୁ ଖାଏବାକେ ଦେଉଛନ୍।

## ଭବାନୀପାଟଣା ଦ୍ୱିତୀୟ ଟାଉନ୍ ଫୁଟବଲ ଲିଗ୍
# ଗୁଡମର୍ନିଂ କ୍ଲବ ୧–୦ ଗୋଲରେ ବିଜୟୀ

**ଭବାନୀପାଟଣା,୧୪।୧୦ (ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୁଲ୍ୟରେ ଚାଲିଥିବା ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗର ଗତ ୧୩ ତାରିଖ ଖେଳରେ ଗୁଡମର୍ନିଂ କ୍ଲବ ବିଜୟୀ ହୋଇଛି। ରବିବାର ଗୁଡମର୍ନିଂ କ୍ଲବ ଓ ଷ୍ଟାର ଇଲେଭେନ୍ ମଧ୍ୟରରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଡମର୍ନିଂ କ୍ଲବ ୧–୦ ଗୋଲରେ ବିଜୟୀ ହୋଇଥିଲା। ସନ୍ତୋଷ ପ୍ରଧାନ, ମନୋଜ ବିଶ୍ୱାଳ, ପି.ଭି ରାଓ, ହର ପ୍ରସାଦ ପଟେଲ ଖେଳ ପରିଚାଳନା କରିଥିଲେ। ମ୍ୟାଚରେ ଅତିଥି ଭାବରେ ବାଳଗୋପାଳ ଅନୁଷ୍ଠନର ପ୍ରତିଷ୍ଠାତା ହେମନ୍ତ ମୁଣ୍ଡ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆଥଲେଟିକ ଆସୋସିଏଶନର ସଭାପତି ଜଗମୋହନ ପଟ୍ଟନାୟକ, ଜିଲା କ୍ରୀଡା ସଂସ୍ଥା ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦର, ଆଥଲେଟିକ ସମ୍ପାଦକ ଶମ୍ଭୁ ରାଉତ, ଭିକାରୀ ମିଶ୍ର, ସୁନିଲ ବେହେରା, ଜଗଦୀଶ ପ୍ରଧାନ, ଜଳେଶ୍ୱର ଗଉଡ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ବିଶ୍ରାମ ଦିବସ ଥିବାବେଳେ ମଙ୍ଗଳବାର ଗୁଡମର୍ନିଂ କ୍ଲବ ବନାମ ଗୋଲଡେନ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଟାଉନ୍ ଫୁଟବଲ ଲିଗ୍ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟ ପାଚେରି ଡେଇଁ ପଳାଉଥିବା ଛାତ୍ର ଉଦ୍ଧାର

**ସଇଁତଲା, ୧୪।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଭିନ୍ନକ୍ଷମ ବିଦ୍ୟାଳୟ ପାଚେରି ଡେଇଁ ଶନିବାର ବିଳମ୍ବିତ ରାତ୍ରରେ ପଳାଉଥିବା ଛାତ୍ରଙ୍କୁ ପାଟ୍ରୋଲିଂ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ଭିନ୍ନକ୍ଷମ ୧୨ବର୍ଷୀୟ ଛାତ୍ର ଜଣକ କଣ୍ଟାବାଞ୍ଜି ଅଞ୍ଚଳର। କୌଣସି କାରଣରୁ ସ୍କୁଲ ପାଚେରି ଡେଇଁ ଚାଲିଚାଲି ସେ ବ୍ଲକ ଛକ ପର୍ଯ୍ୟନ୍ତ ଆସିଥିଲେ। ସୁରକ୍ଷା ପାଇଁ ପାଟ୍ରୋଲିଂ ଦାୟିତ୍ୱରେ ଥିବା ହୋମଗାର୍ଡ଼ମାନେ ନିକଟରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ଏକୁଟିଆ ଯାଉଥିବା ଛାତ୍ରଙ୍କୁ ଅଟକାଇଥିଲେ। କିଛି ସମୟପରେ ପାଟ୍ରୋଲିଂ ଦାୟିତ୍ୱରେ ଥିବା ସଇଁତଲା ଥାନା ଏସଆଇ ସଙ୍ଗୀତା ବେକ ସେଠାରେ ପହଞ୍ଚି ସମ୍ପୃକ୍ତ ଛାତ୍ରଙ୍କୁ ଆଣି ସ୍କୁଲରେ ଛାଡିଥିଲେ । ସ୍କୁଲ କର୍ତ୍ତୃପକ୍ଷ ରବିବାର ସମ୍ପୃକ୍ତ ଛାତ୍ରଙ୍କୁ ତାଙ୍କ ଘରେ ଛାଡ଼ିଦେଇଥିବା ଜଣା ପଡିଛି।

### ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଉଲୁଣ୍ଡା, ୧୪।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଏସ୍‌ପି ଦେବୀପ୍ରସାଦ ଦାସ, ବିଡିଓ ନୀଳାମ୍ବର ମହାନନ୍ଦ, ବ୍ଲକ ଅଧ୍ୟକ୍ଷା ମିତାଲୀ ମହାକୁର, ଡେପୁଟି କଲେକ୍ଟର ଶ୍ରେୟାଂଶୁ ରୁଟ ପ୍ରମୁଖ ଯୋଗଦେଇ ଜନ ଅଭିଯୋଗର ଶୁଣାଣୀ କରିଥିଲେ। ଏଥିରେ ମୋଟ ୧୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

# ଅମଳ ସମୟରେ ଚକଡ଼ା ଦୁଃଖ

- କାମ କରୁନି କୀଟନାଶକ
- ଆଶଙ୍କାରେ ବିନିକା ଅଞ୍ଚଳର ଧାନଚାଷୀ
- କ୍ଷେତ୍ର ପରିଦର୍ଶନ ପରେ ପଦକ୍ଷେପ: କୃଷି ଅଧିକାରୀ

**ବିନିକା,୧୪।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ମୋଟ ୧୩ହଜାର ହେକ୍ଟର ଜମିରେ କେନାଲ ଓ ଉଠା ଜଳସେଚନ ମାଧ୍ୟମରେ ଚଳିତ ବର୍ଷ ଖରିଫ ଧାନ ଚାଷ କରାଯାଇଛି। ପାଗ ଅନୁକୂଳ ରହିଥିବାରୁ ଚାଷୀ ତା'ର ଚାଷକୁ ଯଥାସାଧ୍ୟ ଆଗେଇ ନେଇଛି। ହେଲେ ଗତ ଏକ ସପ୍ତାହ ହେଲା ଏକର ଏକର ଧାନ ଫସଲ ମାଟିଆଗୁଣ୍ଡି ପୋକ(ଚକଡ଼ା)ଦ୍ୱାରା ପ୍ରଭାବିତ ହୋଇଛି। ବାଙ୍କିଘିର୍ଡି, ବାବୁପାଲି, ଭଣ୍ଡାର ଓ ସିନ୍ଦୁରପୁର ପ୍ରଭୃତି ଗ୍ରାମ ପଞ୍ଚାୟତରେ ସେହି ପୋକର ପ୍ରାଦୁର୍ଭାବ ଦେଖାଦେଲାଣି। ବାବୁପାଲି ବାଗଡିଆ ଗ୍ରାମର ସୁବାସ ପାଣ୍ଡେ, ରୁବୁଲ ବାରିକ, ପଥଲୁ ବାଘ, କମ୍ପୁ ବାରିକ, ଉପେନ୍ଦ୍ର ନାୟକ, ଶମ୍ଭୁ ବାରିକ, ଦିଲୀପ ପୋଢ, ହାଡୁବନ୍ଧୁ ପୋଢ ପ୍ରମୁଖ ଚାଷୀଙ୍କ ୧୦ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ମାଟିଆଗୁଣ୍ଡି ପୋକଦ୍ୱାରା କ୍ଷତିଗସ୍ତ ହୋଇଛି। ବାଗଡିଆ ଗ୍ରାମର ଏହି ଚାଷୀମାନେ ଧାନ୍ୟା, ସିଙ୍କି, ଭୂ-୧୧, ଯମୁନା, ମେଘନା ଓ ସ୍ୱର୍ଣ୍ଣ ଆଦି କିସମର ଧାନଚାଷ କରିଥିବା ବେଳେ ମାଟିଆଗୁଣ୍ଡି ପୋକ ଦମନ ପାଇଁ ଓଶୀନ, ଚେସ୍, କେପର, ଏରୋ, ପେକ୍ସାଲୋନ୍ ଆଦି କୀଟନାଶକ ପ୍ରୟୋଗ କରିସାରିଲାଣି। ମାତ୍ର ପୋକ ଦମନ ହେଉ ନ ଥିବାରୁ ଚାଷୀକୂଳ ଏବେ ଚିନ୍ତାରେ ପଡିଛନ୍ତି । ବ୍ଲକ ଅଞ୍ଚଳର ଏବେ ପ୍ରାୟ ୬୦ଭାଗ ଧାନ ପାଚି ଯାଇଥିବା ବେଳେ ୪୦ ଭାଗ ଗର୍ଭଣୀ ଅବସ୍ଥାରେ ରହିଛି। ଏଭଳି ଅବସ୍ଥାରେ ସୁନାର ଫସଲରେ ମାଟିଆଗୁଣ୍ଡି ପୋକ ବ୍ୟାପିବା ଚାଷୀଙ୍କୁ ହତାଶ କରିଛି। ପରିସ୍ଥିତି ଏପରି ଅବସ୍ଥାରେ ଥିବା ବେଳେ ବିନିକା କୃଷି ବିଭାଗ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି। ବିନିକା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କୁ ଏ ସମ୍ପର୍କରେ ପଚାରିବାରୁ କହିଛନ୍ତି ଯେ, ବିଭାଗ ପକ୍ଷରୁ ଚାଷୀଙ୍କୁ ଚକଡାରୁ କିପରି ଫସଲକୁ ରକ୍ଷା କରାଯାଇ ପାରିବ ସେ ନେଇ ତାଲିମ୍ ପ୍ରଦାନ ସହ ଚାଷୀଙ୍କୁ ବିଭିନ୍ନ ସମୟରେ ସଚେତନ କରାଯାଉଛି। ତେଣୁ ଚାଷୀ ସଚେତନ ହେଲେ ଯାଇ ଏଥିରୁ ମୁକ୍ତି ମିଳିପାରିବ । ଏ ବିଷୟରେ ସ୍ଥାନୀୟ କୃଷି କର୍ମଚାରୀ ହେମନ୍ତ ଭୂଏଁଙ୍କୁ ପଚାରିବାରୁ କହିଛନ୍ତି ଯେ, ବାଗଡିଆ ଗାଁର ଚକଡା ପ୍ରଭାବିତ କ୍ଷେତ ପରିଦର୍ଶନ କଲା ପରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବି । ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରାଯିବ ।



ବାଗଡିଆ ଗ୍ରାମର ଚକଡା ପ୍ରଭାବିତ ଜଣେ ଚାଷୀଙ୍କ ଧାନ ଫସଲ।

### ୧୩୬ଚାଷୀଙ୍କୁ ମିଳିଲା ମରୁଡି ସହାୟତା

**ଖପ୍ରାଖୋଲ, ୧୪।୧୦ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକରେ ୨୦୧୮ ମରୁଡି ସହାୟତା ଟଙ୍କା ବଣ୍ଟନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବନ୍ଦେପଦର ଗାଁର ୯୯ ଜଣ ଚାଷୀ ଓ ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ଗାଁର ୩୭ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପ୍ରଦାନ କରାଯାଇଛି । ବର୍ଷବର୍ଷ ଧରି ମରୁଡି ସହାୟତା ଚାଷୀଙ୍କୁ ଦିଆ ଯାଉ ନ ଥିବା ନେଇ ଧରିତ୍ରୀରେ ଖବର ପ୍ରସାରଣ ପରେ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା ଚାଲିଥିବା ରାଜସ୍ୱ ବିଭାଗ ତରଫରୁ କୁହାଯାଇଥିଲା । ତାର ଫଳ ସ୍ୱରୂପ ରାଜସ୍ୱ ବିଭାଗ ତତ୍ପରତା ପ୍ରକାଶ କରିବା ସହ ପ୍ରଥମ ପର୍ଯ୍ୟାୟରେ ୨ଟି ଗାଁକୁ ସହାୟତା ରାଶି ପ୍ରଦାନ କରିଛି। ଏ ନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ କର୍ମଚାରୀ ଅଭାବରୁ ସମସ୍ୟା ଦେଖାଦେଇଥିଲେ ବି ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ ୨୦୧୮ ମରୁଡି ସହାୟତା ସହ ପେଥେଇ ଓ ପୋକ ଜନିତ କ୍ଷୟକ୍ଷତି ସହାୟତା ଦେବା ପାଇଁ ପ୍ରୟାସ ଜାରି ରଖିଛୁ। ସପ୍ତାହକ ମଧ୍ୟରେ ଆହୁରି ୨୦ରୁ ଅଧିକ ଗାଁର ଚାଷୀ ସହାୟତା ପାଇବେ ବୋଲି ସେ କହିଛନ୍ତି।



ବଲାଙ୍ଗୀର ସହର ସାଲେପାଲି ମଝିପଡାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ।

### ଟ୍ରେନ୍ ଲୁଟେରା ଗ୍ୟାଙ୍ଗ୍‌ର ୯ ଗିରଫ

**ଟିଟିଲାଗଡ଼, ୧୪ ।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ଆରପିଏଫର ତତ୍ପରତା ପରେ ଜନୈକ ମହିଳା ଯାତ୍ରୀଙ୍କ ଲୁଟ୍ ସାମଗ୍ରୀ ଉଦ୍ଧାର ହୋଇଛି। ଏହି ଘଟଣାରେ ୯ ଆନ୍ତଃରାଜ୍ୟ ମହିଳା ଲୁଟେରା ଗ୍ୟାଙ୍ଗ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଛି। ଟିଟିଲାଗଡ ଆରପିଏଫ ପୋଷ୍ଟ କମାଣ୍ଡର ଏମ.ଏସ. କୁମାୱତଙ୍କ ସୂଚନା ମତେ, ରବିବାର ସମ୍ବଲପୁର-ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ଯୋଗେ ନିଜ ସ୍ୱାମୀଙ୍କ ସହ ଯାତ୍ରା କରୁଥିବା କଳ୍ପନା ମିଶ୍ର ନାମକ ଜଣେ ମହିଳା କେସିଙ୍ଗା ରେଳ ଷ୍ଟେଶନର ତିନି ନମ୍ବର ପ୍ଲାଟଫର୍ମରେ ଓହ୍ଲାଇଥିଲେ। ଏହି ସମୟରେ ତାଙ୍କ ପର୍ସର ଚେନ ଖୋଲି ସୁନା ଗହଣା ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟ୍ ସମ୍ପର୍କରେ ସେ ପ୍ଲାଟଫର୍ମରେ ଥିବା ଆରପିଏଫ କନଷ୍ଟେବଲ ଏସ. ପୁଟେଲଙ୍କ ନିକଟରେ ଅଭିଯୋଗ କରିଥିଲେ। ପୁଟେଲ ତୁରନ୍ତ ପ୍ଲାଟଫର୍ମରେ ଥିବା ୯ ଜଣ ମହିଳାଙ୍କୁ ସନ୍ଦେହରେ ଅଟକ ରଖି କେସିଙ୍ଗା ଥାନାକୁ ଅବଗତ କରିଥିଲେ। ଖବର ପାଇ କେସିଙ୍ଗା ପୋଲିସ, ଟିଟିଲାଗଡ ଆରପିଏଫ ପୋଷ୍ଟ କମାଣ୍ଡର କୁମାୱତ ଘଟଣାସ୍ଥଳରେ ପହଞ୍ଚି ଅଟକ ମହିଳାମାନଙ୍କୁ ପଚରାଉଚରା କରିଥିଲେ। ଅଟକଙ୍କ ମଧ୍ୟରୁ ଜଣେ ମହିଳାଙ୍କ ନିକଟରୁ ଲୁଟ ସୁନା ଗହଣା ଜବତ କରାଯାଇଥିଲେ। ପରେ ତାଙ୍କ ସହଯୋଗୀ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା। ଟିଟିଲାଗଡ ଜିଆରପି ପକ୍ଷରୁ ଏ ନେଇ ସମସ୍ତ ୯ ଅଭିଯୁକ୍ତ ମହିଳାଙ୍କ ବିରୋଧରେ ଦଫା ୩୭୯, ୩୪ରେ ଏକ ମାମଲା (ନଂ. ୫୯/୧୯)ରୁଜୁ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି।

## ବୁଡ଼ି ଅଞ୍ଚଳବାସୀଙ୍କୁ କ୍ଷତିପୂରଣ, ଥଇଥାନ ଦାବି

### ଲୋୟର ସୁକ୍‌ତେଲ ବୁଡିଅଞ୍ଚଳ ଅଗ୍ରଗାମୀ ସଂଘର ଖବରଦାତା ସମ୍ମିଳନୀ

**ବଲାଙ୍ଗୀର ଅଫିସ, ୧୪।୧୦**

ବଲାଙ୍ଗୀର ଜିଲାରେ କାର୍ଯ୍ୟକାରୀ ହେଉଥିବା ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ଦ ରହିଛି। ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ ଅନୁଯାୟୀ ପ୍ରକଳ୍ପ କ୍ଷତିଗ୍ରସ୍ତ ଲୋକଙ୍କୁ ଉଚିତ୍ କ୍ଷତିପୂରଣ ଓ ଥଇଥାନ କରାଯିବାକୁ ଦାବି କରି ବୁଡି ଅଞ୍ଚଳବାସୀ ଡ୍ୟାମ୍ ନିର୍ମାଣ କାମ ବନ୍ଦ କରିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ସୋମବାର ବୁଡିଅଞ୍ଚଳ ଅଗ୍ରଗାମୀ ସଂଘ ବ୍ୟାନରରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଲୋକଙ୍କୁ ତୁରନ୍ତ ଉଚିତ୍ କ୍ଷତିପୂରଣ ଓ ଥଇଥାନ କରାଯିବାକୁ ଦାବି କରାଯାଇଛି। ସଂଘ ସମ୍ପାଦକ କୈଳାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସରକାର ବୁଡି ଅଞ୍ଚଳବାସୀଙ୍କୁ ଦୀର୍ଘ ୨୦ବର୍ଷ ହେଲା ଅନ୍ଧାରରେ ରଖିଥିବା ଅଭିଯୋଗ କରିଥିଲେ । ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ହେବା ପରେ ଏହି ପ୍ରକଳ୍ପରେ ଏହା ତୁରନ୍ତ କାର୍ଯ୍ୟକାରୀ ହେବା କଥା । ମାତ୍ର ସରକାର ଏହା ଲାଗୁ ନ କରି ଏକ୍ସଗ୍ରାସିଆ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଏହି ଘୋଷଣାର ଇତିମଧ୍ୟରେ ପ୍ରାୟ ୨ ବର୍ଷ ବିତିଯାଇଥିଲେ ମଧ୍ୟ ସରକାର ଜଣେ ପ୍ରକଳ୍ପ ପ୍ରଭାବିତଙ୍କୁ ଏକ୍ସଗ୍ରାସିଆ ମଧ୍ୟ ଦେଇନାହାନ୍ତି ବୋଲି ସମ୍ପାଦକ ପ୍ରଧାନ କରିଥିଲେ । ବାସ୍ତବରେ ଲୋକଙ୍କୁ ଏକ୍ସଗ୍ରାସିଆ ଦିଆ ନ ଯାଇ ଡିଫରେନ୍‌ସିଆଲ ଆମାଉଣ୍ଟ ଦିଆଯାଉଛି ବୋଲି ସେ କହିଥିଲେ । ଯେଉଁ ୧୫ ଖଣ୍ଡ ଗାଁର ଜମି ଅଧିଗ୍ରହଣ କରାଯାଇଥିବା କୁହାଯାଉଛି ସେହି ଗାଁର ଲୋକଙ୍କୁ ଏକକାଳୀନ କାହିଁକି କ୍ଷତିପୂରଣ ପ୍ରଦାନ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ । ଅଗ୍ରଗାମୀ ସଂଘ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ସମର୍ଥନ କରି ଭିଟାମାଟି ଛାଡିବାକୁ ଆଗେଇ ଆସିଥିଲା । ମାତ୍ର ସରକାର ଏହି ପ୍ରକଳ୍ପ ସମର୍ଥକଙ୍କ ଦାବି ଓ ଅଧିକାର ପ୍ରତି ଗୁରୁତ୍ୱ ଦେଲେନାହିଁ ଓ ଗତ ପ୍ରାୟ ୨୦ ବର୍ଷ ହେଲା ପ୍ରକଳ୍ପକୁ ଝୁଲାଇ ରଖିଛନ୍ତି ବୋଲି ସେ କହିଥିଲେ । ଏହି ସମ୍ମିଳନୀରେ ଉପସ୍ଥିତ ଥିବା ଦୀନବନ୍ଧୁ ଖୁଆସ ରାଜ୍ୟ ସରକାର ବୁଡିଅଞ୍ଚଳବାସୀଙ୍କୁ ଏପର୍ଯ୍ୟନ୍ତ ଭୁଆଁ ବୁଲାଉଥିବା ଅଭିଯୋଗ କରିଥିଲେ ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ କାର୍ଯ୍ୟକାରୀ ହୋଇଥିବା କହୁଥିଲେ ମଧ୍ୟ ଲୋକଙ୍କୁ କାହିଁକି ଏପର୍ଯ୍ୟନ୍ତ କ୍ଷତିପୂରଣ ଓ ଥଇଥାନ କରିନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ । ଏଣୁ ରାଜ୍ୟ ସରକାର ଜାଣିଶୁଣି ଏହି ପ୍ରକଳ୍ପକୁ ଏବେ ବନ୍ଦ କରିଦେଇ ଲୋକଙ୍କ ଉପରକୁ ଦୋଷ ଦେଉଛନ୍ତି ବୋଲି କହିଥିଲେ । ଏହି ସମ୍ମିଳନୀରେ ଘୁଲେଲୁ ବିଶି, ଗଣେଶ୍ୱର ବେହେରା, ସୁରେନ୍ଦ୍ର ଗଡତ୍ୟା, ଭକ୍ତ ମଲ୍ଲିକ, କୃଷ୍ଣଚନ୍ଦ୍ର ରଣା, ଶିବ ପ୍ରସାଦ ବେଶ୍ରା, ଅନୀଲ ପଶାୟତ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ତୁରନ୍ତ ଉଚିତ୍ କ୍ଷତିପୂରଣ ଓ ଥଇଥାନ ପ୍ରଦାନ ନ କଲେ ବୁଡିଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଥିଲେ ।





ବୁଡିଅଞ୍ଚଳବାସୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲାବାସୀଙ୍କ ପାଇଁ ଟୋଲ ଫି' ମାଫ୍ ଦାବି

## ବିଜେଡି ପ୍ରତିନିଧି ଦଳର ଦାବିପତ୍ର ପ୍ରଦାନ

**ବଲାଙ୍ଗୀର ଅଫିସ, ୧୪।୧୦**

ବଲାଙ୍ଗୀର-ସୋନପୁର ୫୭ତମ ଜାତୀୟ ରାଜପଥର ଭଇଁଷାପାଲିଠାରେ ଏକ ନୂତନ ଟୋଲ ଗେଟ୍ ନିର୍ମାଣ କରାଯାଇଛି । ଏହି ଟୋଲ ଗେଟ୍‌ରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ଜନସାଧାରଣଙ୍କଠାରୁ କୌଣସି ଟୋଲ ଫି ଆଦାୟ ନ କରିବା ପାଇଁ ବଲାଙ୍ଗୀର ବିଜେଡିର ଏକ ପ୍ରତିନିଧି ଦଳ କେନ୍ଦ୍ର ଜାତୀୟ ସଡକ ଓ ରାଜପଥ ବିଭାଗ ମନ୍ତ୍ରୀ ନିତିନ୍ ଗଡକରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେଡିର ଏହି ପ୍ରତିନିଧି ଦଳ ଜିଲାପାଳ ଡାକୁଆଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଉଭୟ ବଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲା କେବିକେ ଅଞ୍ଚଳ ଅନ୍ତର୍ଭୁକ୍ତ ଏବଂ ଏଠାକାର ଅଧିକାଂଶ ଲୋକ ଆର୍ଥିକ ଦିଗରୁ ଅନଗ୍ରସର । ଏଭଳି ସ୍ଥିତିରେ ଏଠାରେ ଲୋକଙ୍କ ପାଇଁ ଟୋଲଗେଟ୍ କରି ଟୋଲ ଫି ଆଦାୟ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡା ବୋଲି ଏହି ପ୍ରତିନିଧି ଦଳ ଜଣାଇଛନ୍ତି । ଏଠାରେ ଟୋଲ ଫି ଆଦାୟ ହେଲେ ଆଗକୁ ଜନଅସନ୍ତୋଷ ଦେଖାଦେବ ଓ ଏହା ପରବର୍ତ୍ତୀ ସମୟରେ ଜନଆନ୍ଦୋଳନର ରୂପ ନେବ ବୋଲି କୁହାଯାଇଛି । ଏଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବିଜେଡି ଉଭୟ ଜିଲାର ରେଜିଷ୍ଟ୍ରିଭୁକ୍ତ ଯାନବାହନକୁ ଦେୟମୁକ୍ତ ଘୋଷଣା କରିବାକୁ ଦାବି କରାଯାଇଛି । ପ୍ରତିନିଧି ଦଳରେ ଜିଲା ବିଜେଡି ଉପସଭାପତି ପ୍ରଦୀପ ଗୁରୁ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଶମ୍ଭୁ ନାଗ, ଉପେନ ଦୀପ, ଶିବ ବେହେରା, ଶାନ୍ତନୁ ଭୋଇ, ସନ୍ତୋଷ ରାଉତରାୟ, ଅକ୍ଷୟ ବନଛୋର, ଜିଲା ଆଇଟି ସେଲ ସଂଯୋଜକ ବିଭୂତି ଭୂଷଣ ମିଶ୍ର ଜିଲାପାଳ ଡାକୁଆଙ୍କୁ ଦାବିପତ୍ର ଦେଇଥିଲେ । ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ପଠାଯାଇଥିବା ଜଣାଇଛନ୍ତି ।



ବିଜେଡି ପ୍ରତିନିଧି ଦଳ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଚିକିତ୍ସା ଲାଗି ଟଁକା ଅଭାବ୍

## ଅଜନା ରୋଗ୍‌ରେ ଖଟେ ପଡ଼ିଛନ୍ ପଙ୍କଜ

**ଲୋଇସିଂହା, ୧୪।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ଗାଁର ପଙ୍କଜ ମାଝି(୩୦) । ଭେଁଡ଼ା ବଏସେ ସେ କେହେନ୍‌ସି ଗୁଟେ ଅଜନା ରୋଗ୍ ପରଭାରେ ଖଟେ ପଡ଼ିରହିଛନ୍। ହେଲେ ଅଭାବ ଅନାଟନ ଲାଗି ଉଚ ଚିକିତ୍ସା କରେଇ ନାଇଁ ପାରବାର। ଇଆଡ଼େ ବୁଢ଼ି ମା' ମୁଢ଼ି ବିକି କୁଟୁମ ପୁଷୁଥିଲାବେଳେ ପୁଓର ଚିକିତ୍ସା ଚିନ୍‌ତାରେ ହରମେଶା ଘାରି ହେଉଛନ୍।

ସୂଚନାମତେ,ଝରଣୀପାଲି ପଞ୍ଚାୟତ ସଦର ଗାଁର ଅର୍ଜୁନ ମାଝି ଆର ସୁରୁନନୀ ମାଝିଙ୍କର ଦୁଇ ପୁଓ ପଙ୍କଜ ଆର ରଞ୍ଜିତ। ପରିବାରଟା ନିହାତି ଗରିବ୍। କୁଟୁମଟା ମୁଢ଼ି ବିକି ଯାହା ରୁଜଗାର କରୁଛନ୍ ସେଥିରେ ତାକର ପରିବାର ଚଲୁଛେ। ଏନ୍‌ତା ଅଭାବ ଅନାଟନ ଲାଗି ବଡ଼ପୁଓ ପଙ୍କଜ ଦାଦନ ଖଟି ଯାଇଥିଲେ। ହେଲେ ସେଠାନେ କେହେନ୍‌ସି ଅଜନା ରୋଗ୍‌ରେ ପଡ଼ଲାରୁ ସେ ଘରକେ ପଲେଇ ଆଏଲେ। ଗରିବ୍ ମା'ବାପ୍ ପୁଓର ଅବସ୍‌ତା ଦେଖି ଧାରଉଧାର କରି ବଲାଙ୍ଗୀର, ସମ୍ବଲପୁରକେ ଚିକିତ୍ସା ଲାଗି ନେଇଥିଲେ। ହେଲେ କିଛି ଲାଭ ନାଇଁ ହେଲା। ପଙ୍କଜର ଅଁଟାରୁ ଗୋଡ଼୍ ତକ୍ ଅଚଲ ହେଇଗଲା। ଏହେଦେ ସେ ଘରେ ଗଛ୍ ଲେଖେଁ ଖଟେ ପଡ଼ି ରହିଛନ୍, ହଲ୍‌ଚଲ ବି ହେଇ ନାଇଁପାରବାର। ଇଆଡ଼େ ଉଚ ଚିକିତ୍ସା ଅଭାବୁ ଦିନୁଦିନ୍‌କେ ପଙ୍କଜର ଅବସ୍‌ତା ଆହୁରି ବିଗିଡ଼ତେଇ ଯାଉଛେ। ଘଟନା ବାବ୍‌ଦେ ଖବର ପାଇ ଥାନୀଅ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନର ମେମର ଅଜିତ ବେହେରା ଆର ଅମିତ ମେହେର ପଙ୍କଜଙ୍କର ଘରକେ ଯାଇ ପରିବାର ଲୁକ୍‌କର ସଂଗେ ଆଲୋଚନା କରିଛନ୍। ଫାଉଣ୍ଡେଶନର ସଭାପତିଙ୍କୁ ଘଟନା ବାବ୍‌ଦେ ଜନେଇ ଜିଲା ପରଶାସନ ଆର ସୁଆସ୍‌ତିଅ ବିଭାଗକେ କହି ପଙ୍କଜଙ୍କର ଚିକିତ୍ସା ସୁବିଧା କରାଯିବା ବଲି ସେମାନେ ପରିବାର ଲୁକ୍‌କୁ କହିଛନ୍। ଇ ଦିଗେ ଜିଲାପାଳ ଦୁରୁଷ୍ଟି ଦେଇ ପଙ୍କଜଙ୍କର ଉଚ ଚିକିତ୍ସା ବେବସ୍‌ତା କରବାକେ ଗାଁବାସୀ ଦାବି କରିଛନ୍।



ପଙ୍କଜଙ୍କର ପାସେ ମା'ବାପ୍ ଆର ଦୁଇ ସାମାଜିକ କରମୀ।

## ବଲାଙ୍ଗୀର ବନ୍ୟା କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ଅଣଦେଖା

### ୨୨ରେ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୧୪।୧୦**

ଗତ ଅଗଷ୍ଟ ମାସରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାକୁ ଇତିମଧ୍ୟରେ ଦୁଇମାସ ପୂରିଛି । ମାତ୍ର ଜିଲାର କୌଣସି ବନ୍ୟା କ୍ଷତିଗ୍ରସ୍ତ ଟଙ୍କାଟିଏ କ୍ଷତିପୂରଣ ପାଇନାହାନ୍ତି । ଏହାର ପ୍ରତିବାଦରେ ଆସନ୍ତା ୨୨ ତାରିଖ ଦିନ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳ ଅଫିସ ସମ୍ମୁଖରେ ବିରାଟ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ହୋଇଛି । ସ୍ଥାନୀୟ ରାଧାରାଣୀପଡାସ୍ଥିତ ମାରୱାଡି ସେବାସଦନଠାରେ ସୋମବାର ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ । ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମନ୍ତ୍ରୀ ତଥା ଅଧିକାରୀମାନେ ବନ୍ୟା ପ୍ରପୀଡିତ ଅଞ୍ଚଳ ପରିଦର୍ଶନ କରି ସକାରାତ୍ମକ ମନ୍ତବ୍ୟ ରଖିଥିଲେ। ସେମାନଙ୍କ ସମ୍ମୁଖରେ ବନ୍ୟା ପୀଡିତଙ୍କ ଦୁର୍ଦ୍ଦଶାର ମୁକାବିଲା ପାଇଁ ୧ ହଜାର କୋଟି ଟଙ୍କା ଦାବି କରାଯାଇଥିଲା। ମାତ୍ର ସରକାର କେବଳ ୩୬କୋଟି ଟଙ୍କା ଦେଇ ଚୁପ ରହିଯାଇଛନ୍ତି । ଉଭୟ ସରକାରଙ୍କୁ ବାରମ୍ବାର ଅନୁରୋଧ କଲେ ସୁଦ୍ଧା ସରକାର କୌଣସି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ତେଣୁ ବଲାଙ୍ଗୀରବାସୀ ଉଚିତ୍ ବନ୍ୟା କ୍ଷତିପୂରଣ ନ ପାଇବା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ଧାରାବାହିକ ଆନ୍ଦୋଳନ କରାଯିବ। ପ୍ରଥମ ପଦକ୍ଷେପ ସ୍ୱରୂପ ଆସନ୍ତା ୨୨ ତାରିଖରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେ ଘୋଷଣା କରିଥିଲେ । ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଉଭୟ ସରକାରଙ୍କ ମନ୍ତ୍ରୀ ଆସିବା ସମୟରେ ସ୍ପଷ୍ଟ ଭାବେ ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ଯେତେ ଅଧିକ ସାହାଯ୍ୟ ଦିଆଯାଇ ପାରିବ ତାହା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ । ମାତ୍ର ଏହା ଏବେ ଫମ୍ପା ପ୍ରତିଶ୍ରୁତି ସାବ୍ୟସ୍ତ ହୋଇଛି । ସରକାରଙ୍କୁ ମଧ୍ୟ ବାରମ୍ବାର ଅନୁରୋଧ କରାଯାଇଛି । ବଲାଙ୍ଗୀର ସହର ଓ ଜିଲାରେ ବନ୍ୟା ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି । ଲୋକଙ୍କର ବ୍ୟକ୍ତିଗତ ଧନଜୀବନ ହାନୀ ହେବା ସହ ରାସ୍ତାଘାଟ, ଶିକ୍ଷାନୁଷ୍ଠାନ, ବିଜୁଳି ସରବରାହ, ଚାଷ ତଥା ଚାଷ ଜମିର ପ୍ରଭୃତ କ୍ଷତି ହୋଇଛି। କିନ୍ତୁ କେବଳ ଘରଭଙ୍ଗା ବାବଦରେ ସରକାର ୩୬ କୋଟି ଟଙ୍କା ଦେଇ ବାକି ସବୁ କ୍ଷୟକ୍ଷତି ଭରଣା ବାବଦରେ କୌଣସି ଉତ୍ତର ଦେଉନାହାନ୍ତି । ତେଣୁ ଆଉ ବେଶୀ ଦିନ ଚୁପ ରହିହେବ ନାହିଁ। ନିଜର ହକ୍ ପାଇଁ ଆମକୁ ରାସ୍ତାକୁ ଓହ୍ଲାଇବାକୁ ପଡିବ ବୋଲି ସେ କହିଥିଲେ। ଏହି ଅବସରରେ ବଲାଙ୍ଗୀର ସହର ଓ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି, ସ୍କୁଲ କଲେଜର ଶିକ୍ଷକ ଅଭାବ ସମସ୍ୟା, ନାରୀ ନିର୍ଯାତନା, ଶିଶୁ ଯୌନ ନିର୍ଯାତନା, ବେଆଇନ ନିଶା ଦ୍ରବ୍ୟ କାରବାର ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ବରିଷ୍ଠ କଂଗ୍ରେସ ନେତା ଅସୀମ ପଟ୍ଟନାୟକ, ଚାଷୀ ନେତା ଡା ସୁଧୀର କୁମାର ପରିଚ୍ଛା, ମହିଳା ସଭାନେତ୍ରୀ ମିଲନୀ ସାହୁ, ରାଜ୍ୟ ସମ୍ପାଦକ ସୁଦାମ ସାହୁ, ଉମାଶଙ୍କର ପଣ୍ଡା, ଅଜୟ ବାଲି, ଜିଲା ପରିଷଦ ସଭ୍ୟ ଶ୍ରୀଧର ଭୋଇ, ଲୋକନାଥ କୁମୁରା, ସରପଞ୍ଚ ଘାସିରାମ ବେହେରା, ରାଧାକାନ୍ତ ଭୋଇ, ଯୁବ ସଭାପତି ପ୍ରେମ ପ୍ରକାଶ ମିଶ୍ର, ଛାତ୍ର ସଭାପତି ଅଙ୍କିତ ସାହୁ ମଞ୍ଚାସୀନ ଥିଲେ ।



ବଲାଙ୍ଗୀର ମାରୱାଡି ସେବାସଦନ ଠାରେ ଅନୁଷ୍ଠିତ ଜିଲା କଂଗ୍ରେସ କମିଟିର ବୈଠକ ।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ମିଶନ ସଣ୍ଡେ ପକ୍ଷରୁ ବୈକୁଣ୍ଠଘାଟ ସଫେଇ

ରାଉରକେଲା ଅଫିସ, ୧୪। ୧୦- ସାମାଜିକ ଅନୁଷ୍ଠାନ ମିଶନ ସଣ୍ଡେ ପକ୍ଷରୁ ପ୍ରତି ରବିବାର ସହରର ବିଭିନ୍ନ ସ୍ଥାନରେ ସଫେଇ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଅନୁଷ୍ଠାନର ୪୦ ସଦସ୍ୟ ସେକ୍ଟର- ୨୦ ନିକଟସ୍ଥ ବୈକୁଣ୍ଠ ଘାଟକୁ ସଫେଇ କରିଛନ୍ତି। ଏଠାରେ କୁଢ କୁଢ ବର୍ଜ୍ୟ ପଦାର୍ଥ ଜମାହୋଇ ନଦୀକୂଳକୁ ଅପରିଚ୍ଛନ୍ନ ତଥା ଅସ୍ୱାସ୍ଥ୍ୟକର କରିଥିଲା। ମାଳ ମାଳ ପଲିଥିନ ଓ ଥର୍ମୋକୁଲକୁ ନଦୀରୁ ଛାଣି ଅନୁଷ୍ଠାନର ସଦସ୍ୟମାନେ ନଷ୍ଟ କରିଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦାଙ୍କୁ ସ୍ୱଚ୍ଛତା ସଂକ୍ରାନ୍ତରେ ସଚେତନ କରାଯାଇଥିଲା। ଆଗାମୀ ଦିନରେ ସହରର ଏଭଳି କେତେକ ସ୍ଥାନରେ ମିଶନ ସଣ୍ଡେ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ସଫେଇ କରାଯିବ ବୋଲି ଏଠାରେ ଉପସ୍ଥିତ କର୍ମକର୍ତ୍ତା ସୂଚନା ପ୍ରଦାନ କରିଥିଲେ।

### ଡିସେମ୍ବର ୧୫ରେ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

ରାଉରକେଲା ଅଫିସ, ୧୪।୧୦ ରାଉରକେଲା ସାନ୍ଧ୍ୟ ମହାବିଦ୍ୟାଳୟର ୧୯୮୧ ମସିହା ଛାତ୍ରଙ୍କ ବନ୍ଧୁ ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡ ଭିଏସ୍‌ଏସ୍ ମାର୍କେଟଠାରେ ଭଗବାନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗତବର୍ଷ ହୋଇଥିବା ବନ୍ଧୁ ମିଳନ ନେଇ ଆଲୋଚନା ହେବା ସହ ଚଳିତବର୍ଷ ପାଇଁ ବନ୍ଧୁମାନଙ୍କ ମତ ନିଆଯାଇଥିଲା। ସର୍ବସମ୍ମତି କ୍ରମେ ଆସନ୍ତା ଡିସେମ୍ବର ୧୫ ତାରିଖରେ ବନ୍ଧୁ ମିଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ସମସ୍ତ ବନ୍ଧୁଙ୍କୁ ଏ ନେଇ ସୂଚନା ଦେବାକୁ ହିମାଂଶୁ ମହାପାତ୍ରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଅନୁଷ୍ଠିତ ବୈଠକରେ ଦୀପକ ଦାସ, ପ୍ରଦୀପ ସିଂ ରୋପରା, ଆଲୋକ ବୋଷ, ସୁରେନ୍ଦ୍ର ମହାନ୍ତି, ବିକ୍ରମ ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଗଜଲକ୍ଷ୍ମୀ ପୂଜାରେ ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ରାଉରକେଲା ଅଫିସ,୧୪।୧୦- ମା'ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାମାଜିକ ସଙ୍ଗଠନ ହୋପ ଅଫ୍ ଲାଇଫ୍ ପକ୍ଷରୁ ଅସହାୟ ଲୋକଙ୍କୁ ମାଗଣା ଖାଦ୍ୟ ବିତରଣ କରାଯାଇଥିଲା। ଏଥିରେ ସାମିଲ ଅନୁଷ୍ଠାନର କର୍ମକର୍ତ୍ତା ପାନପୋଷ ଛକଠାରୁ ରାଉରକେଲା ମୁଖ୍ୟ ସହର ଅନ୍ତର୍ଗତ ପଥପାର୍ଶ୍ୱରେ ଥିବା ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଅନେକ ବୃଦ୍ଧା,ବୃଦ୍ଧ ଓ ମାନସିକ ଭିନ୍ନକ୍ଷମ ଉପକୃତ ହୋଇଥିଲେ। ହାରାହାରି ୫ଶହ ଲୋକଙ୍କୁ ୨ ଦିନ ଧରି ଏହି ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିସହିତ ବେଦବ୍ୟାସରେ ୧ଶହ ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଥିବା ବେଳେ ଅନ୍ୟ ଶହେ ପୁଡିଆ ଦେଓଗାଁ କୁଷ୍ଠ କଲୋନୀରେ ବିତରଣ କରାଯାଇଥିଲା। ଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ଥିବା ଅସହାୟଙ୍କୁ ମଧ୍ୟ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ କର୍ମକର୍ତ୍ତା ଦିଲୀପ ବାରିକ ଏଥିପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି ।









ରାଉରକେଲା ଲୋକନାଥ ମାର୍କେଟ, ମା' ମଙ୍ଗଳା ଛକ, ସେକ୍ଟର-୨ ଓ ପୂର୍ଣ୍ଣାନନ୍ଦ ମାର୍କେଟ ପାଣିଟାଙ୍କିଠାରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ।

■ ଡେଲିଭରି ବୟ, ମେକାନିକ ସଂଘର ଆନ୍ଦୋଳନ ଡାକରା

## ଏଜେନ୍ସି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବରଦାସ୍ତ କରାଯିବନି



ସୁବାସ ପାର୍କରେ ଆୟୋଜିତ ବୈଠକରେ ଉପସ୍ଥିତ ଡେଲିଭରିବୟ ଓ ମେକାନିକମାନେ ।

ରାଉରକେଲା ଅଫିସ,୧୪। ୧୦

ଷ୍ଟିଲ୍‌ସିଟିରେ ବିଭିନ୍ନ ଘରୋଇ ଜାଳେଣି ଗ୍ୟାସ୍ ଏଜେନ୍ସି କର୍ତ୍ତୃପକ୍ଷଙ୍କ ଅଧୀନରେ କାମ କରୁଥିବା ତଥା ସିଲିଣ୍ଡର ବିତରଣ କରୁଥିବା ଶ୍ରମିକ ଓ ମେକାନିକଙ୍କୁ ନେଇ ଉଦିତନଗର ସୁବାସ ପାର୍କଠାରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରିଙ୍କ ବୋନସ ନେଇ ଆଲୋଚନା କରାଯାଇଥିଲା। ଜିଲାଶ୍ରମ ଅଧିକାରୀଙ୍କୁ ଏ ନେଇ ବହୁ ପୂର୍ବରୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ କର୍ମଚାରୀଙ୍କୁ ୮.୩୩ ପ୍ରତିଶତ ବୋନସ ଦାବି ସତ୍ତ୍ୱେ ଏଜେନ୍ସି ମାଲିକମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରାଯାଇଥିଲା। କର୍ମଚାରୀଙ୍କୁ ୩ ହଜାର ଲେଖାଏ ବୋନସ ପ୍ରଦାନ କରାଯିବା ଏଜେନ୍ସି ମାଲିକଙ୍କ ଏକତରଫା ନିଷ୍ପତ୍ତି ବୋଲି ସଂଘ ନେତା ତଥା ଆଇନଜୀବୀ ରମେଶ ବଳ ଅଭିଯୋଗ କରିଥିଲେ। ଏମିତି ଅବସ୍ଥାରେ କର୍ତ୍ତୃପକ୍ଷଙ୍କ ମନମାନିକୁ ଆଉ ବରଦାସ୍ତ କରାଯିବନି। ସଂଘ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସେ କହିଥିଲେ।

ଜିଲା ଶ୍ରମ ଅଧିକାରୀ ଗତ ୩୦।୯।୨୦୧୯ରେ ଏକ ତ୍ରିପାକ୍ଷିକ ବୈଠକ ଆହ୍ୱାନ କରିଥିଲେ। ଏନେଇ ନିଷ୍ପତ୍ତି ମଧ୍ୟ ସରିଥିଲା। ପରବର୍ତ୍ତୀ ସମୟରେ ଡିଏଲଓ ଛୁଟିରେ ରହିବାରୁ ଏଜେନ୍ସି ମାଲିକ ଏହାକୁ ସୁଯୋଗ ମନେକରି ମାତ୍ର ୩ ହଜାର ଟଙ୍କା ବୋନସ ଦେବାକୁ କହି ଏହି ବିବାଦର ସମାଧାନ କରିବାକୁ ଯୋଜନା କରିଛନ୍ତି। ଯାହାକୁ ବୈଠକରେ ନିନ୍ଦା କରାଯାଇଥିଲା। ବବଲୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ଅନ୍ୟ କର୍ମକର୍ତ୍ତା ପୂର୍ବ ଦାବିକୁ ଦୋହରାଇଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଗ୍ୟାସ ଏଜେନ୍ସି ମାଲିକ ଶ୍ରମିକଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ କରାଯାଇଥିଲା। ଏନେଇ ଆଗାମୀ ଦିନରେ ଆନ୍ଦୋଳନ ଗଢି ତୋଳିବାକୁ ଉପସ୍ଥିତ କର୍ମକର୍ତ୍ତା ଆହ୍ୱାନ କରିଥିଲେ। ଏଥିରେ ସଙ୍ଗଠନ ସମ୍ପାଦକ ସାମୁଏଲ ହରିପାଲ କହିଥିଲେ, ଶ୍ରମିକଙ୍କୁ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ ନିଆ ନ ଗଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବ। ସହରରେ ଗ୍ୟାସ୍ ବିତରଣ ବ୍ୟବସ୍ଥାକୁ ଦରକାର ପଡିଲେ ସଂଘ ଅଚଳ କରିବାକୁ ବାଧ୍ୟ ହେବ ବୋଲି ହରିପାଲ ଚେତାବନୀ ଦେଇଥିଲେ। ଏଥିରେ ଶତାଧିକ ଡେଲିଭରିବୟ ଓ ମେକାନିକ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଝଲସୁଛି ଷ୍ଟିଲ୍‌ସିଟି

ରାଉରକେଲା ଅଫିସ, ୧୪।୧୦

■୯୨ ମଣ୍ଡପରେ ଚାଲିଛି ପୂଜାର୍ଚ୍ଚନା

■୨୦ରେ ଭସାଣି

ମା'ଗଜଲକ୍ଷ୍ମୀଙ୍କ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ରାଉରକେଲା ସହର ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି । ଷ୍ଟିଲ ସିଟି ଉତ୍ସବ ମୁଖର ହୋଇଛି। ବିଭିନ୍ନ ସେକ୍ଟରରେ ୩୮ ପୂଜା ମଣ୍ଡପରେ ମା'ଲକ୍ଷ୍ମୀ ପୂଜା ପାଉଛନ୍ତି । ସହରାଞ୍ଚଳରେ ୨୮ଟି ଏବଂ ସାରନଗରୀ ବୋଲାଉଥିବା ଫର୍ଟିଲାଇଜର ଅଞ୍ଚଳରେ ୨୧ଟି ପୂଜା ମଣ୍ଡପ ସହ ସମୁଦାୟ ୯୨ଟି ମଣ୍ଡପରେ ମା'ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ୨୦ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ରାଜୀବ ପ୍ରତିହାରୀ କହିଛନ୍ତି। ତେବେ ସେକ୍ଟର-୧୭, ସେକ୍ଟର-୬ ଏବଂ ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ପକ୍ଷରୁ ଅନୁଷ୍ଠିତ ପୂଜା ମୁଖ୍ୟ ଆକର୍ଷଣ ହୋଇଛି। ସାରନଗରୀର ପୂର୍ଣ୍ଣାନନ୍ଦ ମାର୍କେଟ ପାଣିଟାଙ୍କି, ଲୋକନାଥ ମାର୍କେଟ ପୂଜା କମିଟି (ସି) ଏବଂ ନାରାୟଣ ମାର୍କେଟ ନୂଆ ଓ ପୁରୁଣା କମିଟି ସହ ମା'ମଙ୍ଗଳା ଛକ ପୂଜା କମିଟି ପକ୍ଷରୁ ଏଥିପାଇଁ ପୂଜାର୍ଚ୍ଚନାର ଆୟୋଜନ କରାଯାଇଛି। ଗଜଲକ୍ଷ୍ମୀ ପୂଜା ପାଇଁ ସହର ସାରା ଆଲୋକମାଳାରେ ସଜ୍ଜିତ ହୋଇଥିବା ବେଳେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ମଣ୍ଡପଗୁଡ଼ିକରେ ମିନାବଜାର ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ସେହିପରି ସେକ୍ଟର-୬ ଜି ବ୍ଲକ ଲକ୍ଷ୍ମୀପୂଜା କମିଟି ଚଳିତବର୍ଷ ୫୦ବର୍ଷରେ ପଦାର୍ପଣ କରିଛି। ଏହି ଉପଲକ୍ଷେ କମିଟିର ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ୬ଦିନ ବ୍ୟାପୀ ହେବାକୁ ଥିବା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆକର୍ଷଣ ସାଜିଛି । ସୋମବାର ଅପରାହ୍ନରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ସିଦ୍ଧେଶ୍ୱର କଳା ପରିଷଦ ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ୧୬ ତାରିଖରେ ଇସ୍ପାତ୍ କଳା ପରିଷଦ ଏବଂ ବିଜୟ ନୃତ୍ୟ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ଓଡିଆ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ କଟକର ସାଇ ସଙ୍ଗମ ଅର୍କେଷ୍ଟ୍ରା ପକ୍ଷରୁ ମେଲୋଡି ପରିବେଷଣ କରାଯିବ। ଏହାସହ ୧୫ ତାରିଖରେ ହିନ୍ଦୀ ଚଳଚ୍ଚିତ୍ରର ପ୍ରସିଦ୍ଧ ଗାୟକ କିଶୋର କୁମାର, ମହମ୍ମଦ ରଫି, ଲତା ମଙ୍ଗେସକର ଓ ଆଶା ଭୋସଲେଙ୍କ କାଳଜୟୀ ସଙ୍ଗୀତ ରାଜ୍ୟର ଶ୍ରେଷ୍ଠ ଗାୟିକା ଓ ଗାୟକଙ୍କ ଦ୍ୱାରା ପରିବେଷଣ କରାଯିବ। ୧୮ ତାରିଖରେ ନୃତ୍ୟ ସଙ୍ଗଠନ ସୁରତାଳ ଓ ଜଗନ୍ନାଥ କଳା ପରିଷଦ ଦ୍ୱାରା ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ରହିଛି।

■ ରିଭରସାଇଡ ରୋଟାରି କ୍ଲବ ପକ୍ଷରୁ ଆଲୋଚନା ଚକ୍ର

## ଚକ୍ଷୁଜନିତ ରୋଗ ପ୍ରତି ସମସ୍ତେ ସଚେତନ ରହିବା ଆବଶ୍ୟକ

ରାଉରକେଲା ଅଫିସ,୧୪।୧୦



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି ।

ଛେଣ୍ଡ କଲୋନୀ ଅନ୍ତର୍ଗତ ଗୋପବନ୍ଧୁ ପାଠାଗାର ସଭା ଗୃହରେ ରିଭରସାଇଡ ରୋଟାରି କ୍ଲବ ଆନୁକୂଲ୍ୟରେ ଚକ୍ଷୁ ରୋଗ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଆମେ ନିଜ ଚକ୍ଷୁର ଯତ୍ନ ନେଲେ ଏହା ଆମର ସର୍ବଦା ଅମୂଲ୍ୟ ସଂପଦ ହୋଇ ରହିଥିବା ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଜ୍ଞାତ ଅଜ୍ଞାତରେ ଆମେ ନିଜ ଚକ୍ଷୁ ପ୍ରତି ଅନ୍ୟାୟ କରିଥାଉ। ଏହା ଥରେ ଖରାପ ହେଲେ ଆମେ ଏହାର ମହତ୍ତ୍ୱ ଉପଲବ୍ଧି କରିଥାଉ ବୋଲି ବକ୍ତାମାନେ କହିଥିଲେ ।

ଆଲୋଚନା ଆରମ୍ଭ କରି ରୋଟାରିଆନ ଡା ଆର.ସି.ମେହେର କହିଲେ, ଚକ୍ଷୁ ହେଉଛି ମଣିଷର ଅମୂଲ୍ୟ ଅଙ୍ଗ। ଏହା ବିନା ଆମେ ଏହି ସୁନ୍ଦର ସଂସାରକୁ ଅବଲୋକନ କରି ପାରିବାନି। ଚକ୍ଷୁ ବିନା ଏ ସଂସାର ଅଲୋଡା। ଏଣୁ ଚକ୍ଷୁର ଉପଯୁକ୍ତ ଯତ୍ନ ସହ ଏହାର ଚିକିତ୍ସା ଅପରିହାର୍ଯ୍ୟ ବୋଲି ସେ କହିଥିଲେ। ଚକ୍ଷୁଜନିତ ରୋଗ ପ୍ରତି ସମସ୍ତେ ସଚେତନ ରହିବା ଆବଶ୍ୟକ। ଏଥିମଧ୍ୟରୁ କେତେକ ସାର୍ବଜନୀନ ରୋଗ ଭାବେ ଆମେ ଅବଗତ ଥାଇ ସୁଦ୍ଧା ଏଥିପ୍ରତି ଅବହେଳା କରିବା ଅକ୍ଷମଣୀୟ। ଏହି ଅବସରରେ ଡାକ୍ତର ମେହେର ଉପସ୍ଥିତ ଲୋକଙ୍କୁ ଚକ୍ଷୁ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। କଟକରୁ ଆସିଥିବା ଡାକ୍ତର ଅନୀଲ ପାତ୍ର କହିଲେ, ଚିକିତ୍ସା ବିଜ୍ଞାନର ଅତ୍ୟାଧୁନିକ ଜ୍ଞାନ କୌଶଳରେ ରୋବଟିକ ସର୍ଜରି ଉପରେ ଆଲୋଚନା କରିଥିଲେ। ସଭାପତି ଦୀପକ ଦାସଙ୍କ ଅଭିଭାଷଣ ପରେ ରୋଟାରିଆନ ପ୍ରଫୁଲ୍ଲ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂ. ନବଘନ ସାହୁ ଏହି ଅବସରରେ ରୋଟାରି କ୍ଲବ ପକ୍ଷରୁ ବିଭିନ୍ନ ସମୟରେ ଅନୁଷ୍ଠିତ କଲ୍ୟାଣମୂଳକ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଉକ୍ତ ସଭା ପରିଚାଳନାରେ ଆଦିତ୍ୟ ମହାପାତ୍ର, ଜେ.ପି.ସା, ଅର୍ଚ୍ଚନା ଦେବତା, ଏସ୍.ଏନ୍. ଜ୍ୟୋତିଷୀ, ଅଶ୍ୱିନୀ ପାତ୍ର, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାଠାଗାର ପକ୍ଷରୁ ଲକ୍ଷ୍ମଣନାଥ ଦାସ, ହରିହର ନାୟକ, ଜି.କେ. ରାୟ, ସଚ୍ଚିଦାନନ୍ଦ ବିଶ୍ୱାଳ, ରାଧାମୋହନ ନାୟକ, ଗୁରୁଚରଣ ପଟ୍ଟନାୟକ, ଗଜେନ୍ଦ୍ର ବାରିକ, ଉମେଶ ଦାସ, ସୁରେନ୍ଦ୍ର ପଣ୍ଡା, ନରେଶ ପଣ୍ଡା, ଅଜୟ ମହାନ୍ତି, କୈଳାସ ସାମଲ, ଶରତ ମହାନ୍ତି, ପି.ରାଉତ,ଗଙ୍ଗାଧର ନାୟକ, ପ୍ରତିମା ମହାପାତ୍ର, ହିମାଂଶୁ ସାହୁ, ପ୍ରଭାକର ସାହୁ, ଚନ୍ଦ୍ରମଣି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫସଲ ଉଜାଡ଼ି, ଘର ଭାଙ୍ଗିଲେ ହାତୀ

ଝୁମ୍ପୁରା ୧୪।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା, ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାଲିବନ୍ଧ ଫରେଷ୍ଟ ସେକସନର ଗ୍ରାମାଞ୍ଚଳରେ ରବିବାର ବିଳମ୍ବିତ ରାତିରେ ପୁଣି ହାତୀପଲ ପଶି ଆସିଛନ୍ତି। ହାତୀପଲ ୨ଟି ଦଳରେ ବିଭକ୍ତ ହୋଇଥିବାବେଳେ, ବନ ବିଭାଗର ସୂଚନା ଅନୁଯାୟୀ ଗୋଟିଏ ଦଳରେ ୨୩ହାତୀ ଏବଂ ଅନ୍ୟ ଦଳରେ ୧୮ହାତୀ ରହିଛନ୍ତି। ସୂଚନା ଅନୁଯାୟୀ ୧୮ସଂଖ୍ୟା ଥିବା ହାତୀପଲ ନୟାଗଡ ପଞ୍ଚାୟତର ବାମନଡିହା ଜଙ୍ଗଲରେ ରହିଥିବାବେଳେ, ୨୩ଟିକିଆ ହାତୀପଲ ଚଉଠିଆ ପଞ୍ଚାୟତର ମଣନ୍ଦା ଜଙ୍ଗଲରେ ରହିଛନ୍ତି। ହାତୀପଲ ପଶି ଆସିଥିବାରୁ ଗ୍ରାମବାସୀ ତଥା ଚାଷୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀପଲ ଫସଲ ଉଜାଡିବା ସହିତ ଘର ଭଙ୍ଗୁଛନ୍ତି। ୧୮ସଂଖ୍ୟା ଥିବା ହାତୀପଲର କ୍ଷୟକ୍ଷତି ସମ୍ପର୍କରେ ଜଣା ପଡିନାହିଁ। ଏହି ୨୩ଟିକିଆ ହାତୀ ପଲ ବ୍ୟାପକ ଫସଲ କ୍ଷୟକ୍ଷତି କରିବା ସହିତ ମଣନ୍ଦା ଗ୍ରାମ ଜାମୁଡି ସାହିରେ ପୂର୍ଣ୍ଣଚନ୍ଦ୍ର ମୁଣ୍ଡା, ଲଗେନ ମୁଣ୍ଡା, କଇଁ ବେଣ୍ଟକାର, ରତ୍ନା ବେଣ୍ଟକାରଙ୍କର ଘର ଭାଙ୍ଗିଛନ୍ତି। ଘର ଭାଙ୍ଗି ହାତୀପଲ ଧାନ, ଚାଉଳ ଖାଇଛନ୍ତି। ହାତୀ ଆକ୍ରମଣରୁ ଉକ୍ତ ୪ଟି ପରିବାରର ସଦସ୍ୟ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଜଙ୍ଗଲ ପାର୍ଶ୍ୱରେ ବନ କର୍ମଚାରୀ ହାତୀ ପଲକୁ ଜଗି ରହିଛନ୍ତି। ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ କହିଲେ, କ୍ଷୟକ୍ଷତିର ରିପୋର୍ଟ ଖୁବ ଶୀଘ୍ର ରେଞ୍ଜ ଅଫିସକୁ ଦିଆଯିବ।

■ ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ନେସ-୫

## ଉତ୍ତପ୍ତ ଧାତୁ ଉତ୍ପାଦନ ୧୪ ନିୟୁତ ଟନ୍ ଅତିକ୍ରମ କଲା



ଆର୍‌ଏସ୍‌ପି ସିଇଓଙ୍କ ସହ ବ୍ଲାଷ୍ଟ ଫର୍ନେସ-୫ର କର୍ମଚାରୀମାନେ ।

ରାଉରକେଲା ଅଫିସ, ୧୪।୧୦

ରାଉରକେଲା ଇସ୍ପାତ୍ କାରଖାନାର ବ୍ଲାଷ୍ଟ ଫର୍ନେସ-୫ରୁ ୧୩ ତାରିଖ ପର୍ଯ୍ୟନ୍ତ ୧୪ ନିୟୁତ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଏକ ବୃହତ୍ ମାଇଲଖୁଣ୍ଟ ଅତିକ୍ରମ କରିଛି। ନବୀକୃତ ବ୍ଲାଷ୍ଟ ଫର୍ନେସ-୧ ମଧ୍ୟ ୨୦୧୮ ମେ' ମାସରେ ପୁନଃ କମିଶନିଂ ପରଠାରୁ ଆଜି ପର୍ଯ୍ୟନ୍ତ ୧ ନିୟୁତ ଟନ୍ ଧାତୁ ଉତ୍ପାଦନ କରିଛି। ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ୧୪ ତାରିଖରେ ବ୍ଲାଷ୍ଟଫର୍ନେସ ପରିଦର୍ଶନ କରି ବିଭାଗୀୟ କର୍ମଚାରୀଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଥିଲେ। ସିଇଓ ଚଟ୍ଟରାଜଙ୍କ ସହିତ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ,ପ୍ରକଳ୍ପ ବିଭାଗର ଅତନୁ ଭୌମିକଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହା ଏକ ବୃହତ୍ ମାଇଲଖୁଣ୍ଟ ଏବଂ ମୋ ପାଇଁ ଏହା ଗୌରବର ବିଷୟ ବୋଲି ସିଇଓ ଚଟ୍ଟରାଜ କହିଥିଲେ। ଏହି ଅବସରରେ ଏକ କେକ୍ କଟାଯାଇଥିଲା। ସୂଚନାଯୋଗ୍ୟ, ଦେଶର ଅନ୍ୟତମ ବୃହତ୍ ଅପରେଟିଂ ବ୍ଲାଷ୍ଟ ଫର୍ନେସ-୫ ଦୁର୍ଗା ୨୦୧୩ ମସିହାରେ ଉତ୍ତପ୍ତ ଧାତୁ ଉତ୍ପାଦନ ଆରମ୍ଭ କରିଥିଲା। ସେଇଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଧୀନ ଦେଶର ପ୍ରଥମ ବ୍ଲାଷ୍ଟ ଫର୍ନେସ ପାର୍ବତୀ ୨୦୧୮ ମେ'ମାସରେ କ୍ଷମତା ବୃଦ୍ଧି ପାଇଁ ପୁନଃ ନିର୍ମିତ ଓ ବ୍ଲୋନ ଇନ୍ ହୋଇଥିଲା। ଆର୍‌ଏସ୍‌ପି ସିଇଓଙ୍କ ସହ ବ୍ଲାଷ୍ଟ ଫର୍ନେସ-୫ର କର୍ମଚାରୀମାନେ ।

■ ତେଲେଙ୍ଗାନା ପରିବହନ ଶ୍ରମିକଙ୍କ ଦାବି ଯଥାର୍ଥ

## ରାଉରକେଲାରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା ଅଫିସ,୧୪। ୧୦

ତେଲେଙ୍ଗାନା ରାଜ୍ୟ ସଡ଼କ ପରିବହନ ସଂସ୍ଥାର ପ୍ରାୟ ୪୮ ହଜାର କର୍ମଚାରୀ ବିଭିନ୍ନ ଦାବି ନେଇ ୧୦ ଦିନ ହେବ ଆନ୍ଦୋଳନ ଚଳାଇ ଆସୁଛନ୍ତି। ରାଜ୍ୟ ସରକାର ନିଦା ବିଷ୍ଣୁ ସାଜିଛନ୍ତି। କେବଳ ଏତିକି ନୁହେଁ ଦାବି ପୂରଣ ନେଇ ଅନୁକମ୍ପା ଦେଖାଇବା ପରିବର୍ତ୍ତେ ସେମାନଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ସମ୍ପୂର୍ଣ୍ଣ ସାମନ୍ତବାଦୀ ଚିନ୍ତାଧାରା ବୋଲି ସିଆଇଟିୟୁ (ସିଟୁ) ନେତାମାନେ ଅଭିଯୋଗ କରିଛନ୍ତି। ଏଭଳି ଦମନମୂଳକ ପଦକ୍ଷେପ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡଠାରେ ସୋମବାର ଆୟୋଜିତ ପ୍ରତିବାଦ ସଭାରେ ସଙ୍ଗଠନ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି।

ଶ୍ରମିକଙ୍କ ଜୀବନ ଜୀବିକା ଉପରେ ଉଠିଥିବା ପ୍ରଶ୍ନ ଓ ଏହାର ସମାଧାନ ନେଇ ସରକାର ଚିନ୍ତିତ ନୁହଁନ୍ତି। ଏମିତି ଅବସ୍ଥାରେ ତେଲେଙ୍ଗାନାରେ କର ବା ମର ସ୍ଥିତି ସୃଷ୍ଟି ହୋଇଛି । ଇତି ମଧ୍ୟରେ ଆନ୍ଦୋଳନକାରୀ ଶ୍ରମିକଙ୍କ ମଧ୍ୟରୁ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଆତ୍ମାହୁତି ଉଦ୍ୟମ କରି ଗୁରୁତର ହୋଇଛନ୍ତି। ଶ୍ରମିକ ବିରୋଧୀ ତେଲେଙ୍ଗାନା ସରକାରଙ୍କ ଏଭଳି ଆଭିମୁଖ୍ୟକୁ ଓଡ଼ିଶା ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେଶନ ଆହ୍ୱାନକ୍ରମେ ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦାର୍ଶନ କରାଯାଇ ଥିଲା। ଏଥିରେ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ପରିବହନ କର୍ମଚାରୀ ଯୋଗ ଦେଇ ତେଲେଙ୍ଗାନା ଶ୍ରମିକଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରମିକ ନେତା ବିମାନ ମାଇତି, ଉପଦେଷ୍ଟା ରାଜକିଶୋର ପ୍ରଧାନ, ଅକ୍ଷୟ ମହାନ୍ତ, ଜୁବେର ଖାଁ, ବଜରଙ୍ଗୀ ଚୌଧୁରୀ, ଅରୁଣ ମହାରଣା, ବୀରେନ୍ଦ୍ର ସିଂ, ସୁବ୍ରତ ରାଉତ, ଅଜୟ ବିଶ୍ୱାଳ, ଭଞ୍ଜହରି ଜେନା, ରଙ୍ଗ୍ ରେଡି ପ୍ରମୁଖ ଯୋଗ ଦେଇ ତେଲେଙ୍ଗାନା ସରକାର ତୁରନ୍ତ ଆନ୍ଦୋଳନକାରୀଙ୍କ ଦାବି ମାନି ନେବାକୁ ଜୋର ଦେଇଥିଲେ।




ପ୍ରତିବାଦ ସଭାରେ ସଙ୍ଗଠନ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ବ୍ରଜରାଜନଗର, ୧୪।୧୦ (ଡି.ଏନ୍.ଏ.)-** ସ୍ଥାନୀୟ ରେମଜା ଛକରେ ସନ୍ଧ୍ୟା ସାଢ଼େ ୭ଟା ସମୟରେ ଏକ ଅଜଣା ଗାଡ଼ି ଦ୍ରୁତ ଗତିରେ ଜଣେ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଆହତ ବାଇକ ଆରୋହୀଙ୍କୁ ଉଦ୍ଧାର କରି କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ବାଇକର ନମ୍ବର ଓଡି ୨୩-୯୧୬୬ ବୋଲି ଜଣାପଡ଼ିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଆହତ ଯୁବକଙ୍କର ପରିଚୟ ମିଳିପାରିନାହିଁ।

### ରୀତାଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଲେ ଅଶୋକ

**ବରଗଡ଼ ଅଫିସ୍/ବରପାଲି,୧୪।୧୦** ବିଜେପୁର ଉପନିର୍ବାଚନକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି । ଦୁଇଦିନ ତଳେ ଭାଜପା ଛାଡ଼ିଥିବା ଅଶୋକ ପାଣିଗ୍ରାହୀ ରବିବାର ବିଜେଡ଼ିକୁ ବାହ୍ୟ ସମର୍ଥନ ଦେବେ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ମାତ୍ର ଏହାର ୨୪ଘଣ୍ଟା ନ ପୂରୁଣୁ ଅଶୋକ ସୋମବାର ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ପାଟକୁଲୁଣ୍ଡା, ପ୍ରଧାନଟିକ୍ରା, ବିଶିପାଲି, କାଇଁଶିର ଅଞ୍ଚଳକୁ ତାଙ୍କ ସମର୍ଥକଙ୍କ ସହିତ ଯାଇ ବିଜେଡ଼ି ପ୍ରାର୍ଥିନୀ ରୀତା ସାହୁଙ୍କ ସପକ୍ଷରେ ପ୍ରଚାର କରିଥିଲେ । ପ୍ରଚାର ସମୟରେ ତାଙ୍କ ସହିତ ପୂର୍ବତନ ସରପଞ୍ଚ କୃଷ୍ଣ କୁମାର ସିଂ, ପୂର୍ବତନ ସମିତି ସଭ୍ୟ ବିରେନ୍ଦ୍ର ପ୍ରଧାନ, ସୁବାସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅଶୋକ ଏପର୍ଯ୍ୟନ୍ତ ବିଜେଡ଼ିରେ ମିଶି ନ ଥିଲେ ମଧ୍ୟ ରୀତାଙ୍କ ପାଇ ସିଧାସଳଖ ପ୍ରଚାର ମଇଦାନକୁ ଓହ୍ଲାଇବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏହାସହିତ ରାଜନୀତି ପାଣିପାଗକୁ ସରଗରମ କରି ପକାଇଛି ।

### କବାଡ଼ି ପାଇଁ ପ୍ରଶିକ୍ଷଣ ଶିବିର

**ବରଗଡ଼ ଅଫିସ୍,୧୪।୧୦-** ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରିସରରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ ଓ ୧୪ବର୍ଷରୁ କମ ସ୍କୁଲ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବରଗଡ଼ ଜିଲା କବାଡ଼ି ଟିମ୍ ଗୁଡ଼ିକର ପ୍ରଶିକ୍ଷଣ ଶିବିର ରବିବାରଠାରୁ ଆରମ୍ଭ ହୋଇଛି । ଆସନ୍ତା ୧୭ରୁ ୨୨ତାରିଖ ମଧ୍ୟରେ ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମଠାରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବରଗଡ଼ ଜିଲାର ଉଭୟ ବାଳିକା, ବାଳକ କବାଡ଼ି ଟିମ୍ ଅଂଶଗ୍ରହଣ କରିବେ । ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠି ଏହି ୬ ଦିନିଆ ପ୍ରଶିକ୍ଷଣ ଶିବିରରେ ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାଏକ, ନିଶିକାନ୍ତ ମହାନ୍ତି, ନମିତା ସାହୁ, ରଶ୍ମିତା ତନସନା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଉଛନ୍ତି । କେଶବ ପ୍ରଧାନ, ଧରମ ବେହେରା, ଗୀତା ବୀରା, ରଶ୍ମିରେଖା ଦାଶ, ଝରଣା ଦାଶ, ସୁବାଶିନୀ ତ୍ରିପାଠୀ, ଡାକ୍ତର ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି ।

### ପ୍ରତିଶ୍ରୁତିରେ ସୀମିତ ସରକାରୀ ଯୋଜନା

# ରାଶନ କାର୍ଡରୁ ବଞ୍ଚିତ ଦିନମଜୁରିଆ କୃଷ୍ଣ

**ବେଲପାହାଡ଼,୧୪।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦରେ ବହୁ ବ୍ୟବସାୟୀ ଓ ସ୍ୱଚ୍ଛଳବର୍ଗ ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ତାଲିକାଭୁକ୍ତ ହୋଇ ରିହାତି ମୂଲ୍ୟରେ ଚାଉଳ ପାଉଥିବା ବାରମ୍ବାର ଅଭିଯୋଗ ହେଉଛି। ଅଭିଯୋଗ ଉପରେ କିଛିଟା କାର୍ଯ୍ୟାନୁଷ୍ଠାନ ହୋଇଛି। ହେଲେ ପୌରାଞ୍ଚଳରେ ଏବେ ବି ଅନେକ ଅସହାୟ ଗରିବ ଶ୍ରେଣୀୟ ଲୋକ ରାଶନ କାର୍ଡ ନ ପାଇ ସରକାରୀ ଚାଉଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ସୂଚନାନୁସାରେ ବେଲପାହାଡ଼ ପୌରପରିଷଦ ଅଧୀନ ଜୁନାଡ଼ିହିରେ ଏକ କୁଡ଼ିଆଘରେ ରହୁଛନ୍ତି କୃଷ୍ଣ ମେହେର (୪୫)। ପରିବାର କହିଲେ ସ୍ତ୍ରୀ ଓ ପୁଅ। ହେଲେ ସେମାନେ



ଦିନମଜୁରିଆ କୃଷ୍ଣ ମେହେର।

ଗାଁରେ ରହୁଛନ୍ତି। କୃଷ୍ଣ ପରିବାର ପ୍ରତିପୋଷଣ ପାଇଁ ପ୍ରତ୍ୟହ କୁଲିମଜୁରି କରିବା ସହ ଅଞ୍ଚଳର କିଛି ହୋଟେଲକୁ ପାଣି ଭାର ଯୋଗାଇଥାନ୍ତି। ଏଥିରୁ ଯାହା ଅର୍ଥ ଉପାର୍ଜନ ହେଉଛି ସେଥିରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି କୃଷ୍ଣ କହିଛନ୍ତି। କୃଷ୍ଣଙ୍କ କହିବା ହେଲା ପୂର୍ବରୁ ତାଙ୍କ ପାଖରେ ଏକ ବିପିଏଲ କାର୍ଡ ଥିଲା। କାର୍ଡରେ ମାସକୁ ୨୫ କେ.ଜି ଚାଉଳ ମିଳୁଥିଲା। ମାତ୍ର ୮ ବର୍ଷ ହେଲା ବିପିଏଲ କାର୍ଡ ଅଚଳ ହେଲା ପରେ ତାଙ୍କୁ ଆଉ ନୂଆ ରାଶନ କାର୍ଡ ଦିଆଯାଇନାହିଁ। ଫଳରେ ତାଙ୍କ ପରିବାର ସରକାରୀ ଯୋଜନାରେ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଶନ କାର୍ଡ ପାଇଁ କୃଷ୍ଣ ବାରମ୍ବାର ପୌର ଅଫିସକୁ ଯାଇଛନ୍ତି, ପୌରାଧ୍ୟକ୍ଷ ଓ ୱାର୍ଡ କାଉନସିଲରଙ୍କ ନିକଟରେ ସେ ନେହୁରା ହୋଇ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି। ସବୁବେଳେ ପ୍ରତିଶ୍ରୁତି ମିଳୁଛି, ହେଲେ ଏପର୍ଯ୍ୟନ୍ତ ରାଶନ କାର୍ଡ ମିଳିନାହିଁ ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବେଲପାହାଡ଼ ପୌର ପରିଷଦ ଅଧୀନରେ ୫୦୩୩ ରାଶନ କାର୍ଡଧାରୀ ଅଛନ୍ତି। ଏମାନଙ୍କ କାର୍ଡ ଜରିଆରେ ପରିବାରର ୧୮,୧୯୯ ଜଣ ସଦସ୍ୟ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଲାଭାନ୍ୱିତ ହେଉଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ କିଏ ଯୋଗ୍ୟ ଓ ଅଯୋଗ୍ୟ ଏହାର ଠିକ୍ ଯାଞ୍ଚ ହୋଇପାରୁନାହିଁ। ପୂର୍ବରୁ ଜରିମାନା ଭୟରେ ଅନେକ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ସ୍ୱଇଚ୍ଛାରେ ଫେରାଇ ଦେଇଥିଲେ। ଏବେ ସେମାନେ ପୁନର୍ବାର କାର୍ଡ ପାଇଁ ପୌର ଅଫିସକୁ ଧାଉଁଛନ୍ତି। ସେହିଭଳି କେତେ ହିତାଧିକାରୀ ଆଧାର କାର୍ଡରେ ତ୍ରୁଟି ଯୋଗୁ ରାଶନ କାର୍ଡ ପାଉ ନ ଥିବା ଅଭିଯୋଗ ହେଉଛି। ଯୋଗ୍ୟ ହିତାଧିକାରୀ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେଉଥିବା ସମ୍ପର୍କରେ ଯୋଗାଣ ଅଧିକାରୀ ଆର୍.କେ.ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଖୁବ୍ ଶୀଘ୍ର ଅଭିଯୋଗକାରୀଙ୍କ ନଥିପତ୍ର ଯାଞ୍ଚ କରାଯାଇ ଯୋଜନାରେ ସାମିଲ କରାଯିବ ବୋଲି ସେ କହିଥିଲେ।



ଗୁମାଡ଼େରା ଦୈନିକ ବଜାରରେ ଚାଲିଥିବା ମା'ଗଜଲକ୍ଷ୍ମୀଙ୍କ ପୂଜା।

# ଗୁମାଡ଼େରାରେ ଗଜଲକ୍ଷ୍ମୀ ପୂଜା

**ବେଲପାହାଡ଼,୧୪।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଗୁମାଡ଼େରା ଦୈନିକ ବଜାରରେ ରବିବାରଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଉକ୍ତ ପୂଜା ଏକ ସପ୍ତାହ ଧରି ଚାଲିବ। ପୂଜାରେ କମିଟିର ବରିଷ୍ଠ ସଦସ୍ୟ ମହେନ୍ଦ୍ର ନାୟକ ଓ ତାଙ୍କ ସହଧର୍ମିଣୀ ପୂର୍ଣ୍ଣବାସୀ ନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପଣ୍ଡିତ ମହେନ୍ଦ୍ର ପଣ୍ଡା ଓ ସୁରେଶ ସାହୁ ପୂଜକ ଦାୟିତ୍ୱ ତୁଲାଉଛନ୍ତି। ଗତ ୧୮ ବର୍ଷ ହେଲା ବ୍ୟବସାୟୀମାନଙ୍କ ଉଦ୍ୟମରେ ଦୈନିକ ବଜାରରେ ଗଜଲକ୍ଷ୍ମୀ ପୂଜା ଆୟୋଜନ ହୋଇଆସୁଛି। ଚଳିତ ବର୍ଷ ପୂଜା କମିଟିରେ ବିଦ୍ୟାଧର ମହାନ୍ତି ସଭାପତି, ତ୍ରିଲୋଚନ ପଣ୍ଡା ସମ୍ପାଦକ ଓ ଜସବିନ ଆଲମ କୋଷାଧ୍ୟକ୍ଷ ରହିଛନ୍ତି। ପୂଜା ପାଇଁ ବଜାରରେ ଏକ ଆକର୍ଷଣୀୟ ମଣ୍ଡପ ନିର୍ମାଣ କରାଯାଇଛି। ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ସହିତ କାର୍ତ୍ତିକ ଓ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇଛି। ରବିବାର ସନ୍ଧ୍ୟାରେ କଳସ ସ୍ଥାପନ ପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବ। ପୂର୍ବ ବର୍ଷ ଭଳି ପୂଜା ଅବସରରେ ପାଲା ଓ ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପୂଜା କମିଟିର ସମ୍ପାଦକ ତ୍ରିଲୋଚନ ପଣ୍ଡା ପ୍ରକାଶ କରିଛନ୍ତି।

# ମାଲକାନଗିରି, କୋରାପୁଟ, ନବରଙ୍ଗପୁର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ପଦକ୍ଷେପ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

- ମୋ ସରକାର ଟିମ୍‌ର ପ୍ରଥମ ଗସ୍ତ ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ବେଡ୍ ସଂଖ୍ୟା ୭୦୦କୁ ବୃଦ୍ଧି ପାଇବ
- ୪ ରୋଗୀକଲ୍ୟାଣ ସମିତିକୁ ମିଳିବ ୬୦ ଲକ୍ଷ

କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ସଦର ମହକୁମା ଚିକିତ୍ସାଳୟ ଏବଂ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ୪ଟି ରୋଗୀ କଲ୍ୟାଣ ସମିତିକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଏହି ୩ଟି ଜିଲାର ଏସପିମାନଙ୍କୁ ରକ୍ତଦାନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ମୋ ସରକାର କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନଙ୍କ ପ୍ରଥମ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ସୋମବାର ଏହି ଘୋଷଣା କରିଛନ୍ତି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜରେ ୫୦୦ ଶଯ୍ୟା ବିଶିଷ୍ଟ ଏକ କମ୍ପୋଜିଟ ହସ୍ପିଟାଲ ନିର୍ମାଣ କରାଯିବ। ଦୁଇ ବର୍ଷ ମଧ୍ୟରେ ଏହାର ଶଯ୍ୟା ସଂଖ୍ୟା ୭୦୦କୁ ବୃଦ୍ଧି କରାଯିବ। ରୋଗୀମାନଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ମେଡିକାଲ କ୍ୟାମ୍ପସରେ ଏକ ବିଶ୍ରାମାଗାର ନିର୍ମାଣ କରାଯିବ। ନୂତନ କମ୍ପୋଜିଟ କ୍ୟାମ୍ପସରେ କର୍ମଚାରୀମାନଙ୍କ ପାଇଁ ବାସଗୃହ ବ୍ୟବସ୍ଥା ଓ ଟ୍ରାନଜିଟ୍ ହୋମ ନିର୍ମାଣ ହେବ। ମେଡିକାଲ କଲେଜ ପାଇଁ ୫ଟି ଆମ୍ବୁଲାନ୍ସ ଓ ୩ଟି ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ। କୋରାପୁଟ ସଦର ମହକୁମା ହସ୍ପିଟାଲରେ ବେଡ୍ ସଂଖ୍ୟା ୨୫୦କୁ ବୃଦ୍ଧି କରାଯିବା ସହିତ ବର୍ତ୍ତମାନର ବିଲ୍ଡିଂ ଉପରେ ଏକ ନୂଆ ୱାର୍ଡ ନିର୍ମାଣ କରାଯିବ। କର୍ମଚାରୀମାନଙ୍କ ପାଇଁ ସରକାରୀ ବାସଗୃହ ଏବଂ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ୨ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯିବ। ସେହିପରି ମାଲକାନଗିରି ସଦର ମହକୁମା ହସ୍ପିଟାଲରେ ଡାକ୍ତରମାନଙ୍କ ପାଇଁ ବାସଗୃହ ଓ ଟ୍ରାନଜିଟ୍ ହୋମ ନିର୍ମାଣ ହେବ। ଶଯ୍ୟା ସଂଖ୍ୟା ୨୦୦କୁ ମଧ୍ୟ ବୃଦ୍ଧି କରାଯିବ। ମୋଟୁଠାରୁ ମାଲକାନଗିରି ପର୍ଯ୍ୟନ୍ତ ସବୁଦିନିଆ ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ। ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ସେହିପରି ନବରଙ୍ଗପୁର ସଦର ମହକୁମା ହସ୍ପିଟାଲର ଶଯ୍ୟା ସଂଖ୍ୟା ୨୦୦କୁ ବୃଦ୍ଧି କରାଯିବା ସହିତ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ୩ଟି ଆମ୍ବୁଲାନ୍ସ ଓ ୩ଟି ମହାପ୍ରୟାଣ ଯାନ ଯୋଗାଇ ଦିଆଯିବ। ୨୦୦ ବେଡ୍ ବିଶିଷ୍ଟ ନୂତନ ହସ୍ପିଟାଲ ବିଲ୍ଡିଂ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସୋମବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋ ସରକାର କାର୍ଯ୍ୟକ୍ରମକୁ ଅଧିକ ଦକ୍ଷ ଓ ଉତ୍ତରଦାୟୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ଟି ଜିଲା ପାଇଁ କେତେକ ଘୋଷଣା କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାୟ ୧୦ ଦିନ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ମୋ ସରକାର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପୋଲିସ ଓ ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ଦୃଷ୍ଟି ନିବେଶ କରାଯାଇଥିଲା। ନିଜେ ୧୨୦ ଟି କଲ କରିଛି । ଲୋକମାନଙ୍କ ପ୍ରତିକ୍ରିୟା ବହୁତ ଉତ୍ସାହଜନକ ଥିଲା। ଯୋଜନା ଅନୁଯାୟୀ ପ୍ରଥମେ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ଅତି କମ୍‌ରେ ୧୫ଟି ଜିଲା ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଟୋଲ ଟ୍ୟାକ୍ସକୁ ନେଇ ଟ୍ରକ ମାଲିକଙ୍କ ଆନ୍ଦୋଳନ

**ବ୍ରଜରାଜନଗର, ୧୪।୧୦ (ଡି.ଏନ୍.ଏ.)**

ବ୍ରଜରାଜନଗର ଟ୍ରକ୍ ଆସୋସିଏଶନ ତରଫରୁ ଟୋଲ୍ ଟ୍ୟାକ୍ସ ଆଦାୟକୁ ନେଇ ଟୋଲ୍ ଗେଟଠାରେ ଆନ୍ଦୋଳନ କରିଛନ୍ତି। ଦିନତମାମ ଜାତୀୟ ରାଜପଥ ପଦାଧିକାରୀଙ୍କ ସହିତ ଚାଲିଥିବା ଆଲୋଚନା ବିଫଳ ହେବା ପରେ ସନ୍ଧ୍ୟା ୬ଟାରେ ଟ୍ରକ୍ ଆସୋସିଏଶନର କର୍ମକର୍ତ୍ତା ଟୋଲ୍‌ଗେଟ ସମ୍ମୁଖରେ ଧାରଣା ଦେବା ସହ ଟ୍ରକ୍‌ଗୁଡ଼ିକୁ ଅବରୋଧ କରି ରାସ୍ତାଜାମ କରିଥିଲେ। ବ୍ରଜରାଜନଗର ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱମିତ୍ର ହରପାଲ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷ ସହିତ ଆଲୋଚନା କରିଥିଲେ। ପରେ ସେ ଜିଲା ପ୍ରଶାସନ, ଜାତୀୟ ରାଜପଥ ପଦାଧିକାରୀ ଓ ଟ୍ରକ୍ ଆସୋସିଏଶନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟା ସମୟ ମାଗିଥିଲେ। ପରେ ଆସୋସିଏଶନର କର୍ମକର୍ତ୍ତା ଆନ୍ଦୋଳନରୁ ଓହରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଟୋଲ୍ ଟ୍ୟାକ୍ସ ଆଦାୟ ପୂର୍ବରୁ ସ୍ଥାନୀୟ ମାଲିକମାନଙ୍କ ସୁବିଧା ପ୍ରତି ଗୁରୁତ୍ୱ ଦେବା ପାଇଁ ଜିଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଥିଲା। ସେଥିରେ ଟ୍ରକ୍ ମାଲିକମାନେ ରାଜି ହୋଇଥିଲେ। ହେଲେ ଟୋଲ୍ ଗେଟ ଖୋଲିବା ପରେ କେବଳ ଓଡି ୨୩ ନମ୍ବର ଥିବା ଗାଡ଼ିରୁ ଅଧା ଟୋଲ୍ ଟ୍ୟାକ୍ସ ଆଦାୟ କରାଯାଉଛି। ଅନ୍ୟ ନମ୍ବର ଗାଡ଼ିରୁ ପୂରା ଟୋଲ୍ ଟ୍ୟାକ୍ସ ଆଦାୟ କରାଯାଉଛି। ବ୍ରଜରାଜନଗର ଲୋକାଲ ଆଧାର କାର୍ଡ ଓ ଗାଡ଼ି ନମ୍ବର ଥିବା ମାଲିକମାନଙ୍କୁ ଅଧା ରେଟରେ ଟୋଲ୍ ଟ୍ୟାକ୍ସ ଆଦାୟ କରିବାକୁ ମାଲିକମାନେ ଦାବି କରିଥିଲେ। ହେଲେ ଟୋଲ୍ ଗେଟ କର୍ତ୍ତୃପକ୍ଷ ଏହା ଶୁଣି ନ ଥିଲେ। ଫଳରେ ସୋମବାର ବ୍ରଜରାଜନଗର ଟ୍ରକ୍ ଆସୋସିଏଶନର ସଦସ୍ୟମାନେ ସନ୍ଧ୍ୟାରେ ରାସ୍ତା ଅବରୋଧ କରିଥିଲେ।



ଟୋଲ୍ ଟ୍ୟାକ୍ସ ଆଦାୟକୁ ନେଇ ସ୍ଥାନୀୟ ଟ୍ରକ୍ ଆସୋସିଏଶନର କର୍ମକର୍ତ୍ତା ପ୍ରତିବାଦ କରୁଛନ୍ତି।

### ସରକାରୀ ଜମି ହଡ଼ପକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

# ଗାଁ ମୁଖିଆ ମୃତ, ୭ ଆହତ

**ବାଲିଆପାଳ, ୧୪।୧୦ (ସ୍ୱ.ପ୍ର/ଡି.ଏନ୍.ଏ)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା କଣ୍ଟ୍ରାମହଲ ଗ୍ରାମରେ ସୋମବାର ଏକ ସରକାରୀ ଜମି ହଡ଼ପକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ବିବାଦ ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଆକ୍ରମଣରେ ଗ୍ରାମର ମୁଖ୍ୟ ରାମଚନ୍ଦ୍ର ଗିରିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୭ଜଣ ଗୁରୁତର ଆହତ ହୋଇଛନ୍ତି । ପୋଲିସ ୩ ଆକ୍ରମଣକାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ପରିସ୍ଥିତିକୁ ନିୟନ୍ତ୍ରଣ ଲାଗି ବାଲିଆପାଳ ଥାନା ପକ୍ଷରୁ ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ନୂଆଗାଁ ପଞ୍ଚାୟତ କଣ୍ଟ୍ରାମହଲ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ଜାଗାକୁ ସେହି ଗ୍ରାମର ଭାନୁ ଦଳାଇ ଓ ତାଙ୍କର ପରିବାର ସଦସ୍ୟମାନେ ଗତ ୩ଦିନ ତଳେ ଜବରଦଖଲ କରି ବାଡ଼ ବସାଇଥିଲେ। ସେଠାରେ ସେମାନେ ଘର କରିବାକୁ ଯୋଜନା କରିଥିବା ଜାଣିପାରି ଗ୍ରାମର ମୁଖିଆ ରାମଚନ୍ଦ୍ର ଗିରି ଏବଂ କେତେକ ଗ୍ରାମବାସୀ ପୂର୍ବାହ୍ନରେ ଏ ବିଷୟରେ ପଚରାଉଚୁରା ପାଇଁ ତାଙ୍କ ଘରକୁ ଯାଇଥିଲେ। ସେମାନେ କଥାବାର୍ତ୍ତା ହେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଭାନୁ ଦଳାଇ ଓ ତାଙ୍କ ପରିବାରର ୧୦ରୁ ୧୨ଜଣ ଲୋକ ବିଭିନ୍ନ ଧାରୁଆ ଅସ୍ତ୍ରରେ ଗ୍ରାମବାସୀଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗ୍ରାମର ମୁଖିଆ ରାମଚନ୍ଦ୍ର ଗିରି, ଲକ୍ଷ୍ମୀଧର ସ୍ୱାଇଁ, ରମେଶ ଦଳାଇ, ସଚିନ୍ଦ୍ର ଦଳାଇ, ଗେଡ଼ା ଦଳାଇ, ମଙ୍ଗଳି ପାତ୍ର, ଗେହ୍ଲିମଣି ସ୍ୱାଇଁ, ସରସ୍ୱତୀ ପାତ୍ର, ପୂର୍ବତନ ସରପଞ୍ଚ ମନ୍ମଥ ଗିରି ଓ ଗଣେଶ ସ୍ୱାଇଁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ବସ୍ତା ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଗୁରୁତର ଆହତ ହୋଇଥିବା ରାମଚନ୍ଦ୍ରଙ୍କର ମୃତ୍ୟୁ ହୋଇଛି। ଆହତମାନଙ୍କ ମଧ୍ୟରୁ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ରାମଚନ୍ଦ୍ରଙ୍କ ପୁତୁରା ହେମନ୍ତ ଗିରି ଏନେଇ ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୨୨୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଆକ୍ରମଣକାରୀ ଭାନୁ ଦଳାଇ, ତାଙ୍କ ପୁଅ ଶାନ୍ତନୁ ଓ ଅନ୍ୟ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ଆକ୍ରମଣରେ ବ୍ୟବହୃତ କୋଦାଳ, ଶାବଳ, ଦାଉଲା, ପନିଖି ଓ କାତି ଜବତ କରିଛି।

# ଦ୍ୱିପାକ୍ଷିକ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

**ଲଖନପୁର,୧୪।୧୦(ଡି.ଏନ୍.ଏ.)**

**ବିସ୍ଥାପିତ ସଂଗ୍ରାମ ସମିତି ପ୍ରସଙ୍ଗ**

ଏମ୍‌ସିଏଲ୍ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ବହୁବିଧିସମସ୍ୟାକୁ ନେଇ ଲଖନପୁର କୋଇଲାଖଣି ସଂଗ୍ରାମ ସମିତି ଲଢ଼େଇ ଜାରି ରଖିଛି। ଏଭଳି ସ୍ଥିତିରେ ସମିତି ତରଫରୁ ଗତ ୧ ତାରିଖରେ ଖଣିକର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯଦି ଖଣି କର୍ତ୍ତୃପକ୍ଷ ୨ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ନ କଲେ ୧୪ତାରିଖରୁ ସଂଗ୍ରାମ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲା। ଏନେଇ ଖଣି କର୍ତ୍ତୃପକ୍ଷ ସଂଗ୍ରାମ ସମିତିର କେତେକ ଦାବିକୁ ସମାଧାନ ପାଇଁ ପତ୍ର ମାଧ୍ୟମରେ ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନ ନ କରିବା ପାଇଁ ଅନୁରୋଧ କରିଥିଲା। ଖଣି କର୍ତ୍ତୃପକ୍ଷ ସମିତିର ମୁଖ୍ୟଦାବି ନିଯୁକ୍ତି, ଥଇଥାନ ଓ ଉପଯୁକ୍ତ କ୍ଷତିପୂରଣ ଆଦି ସମ୍ପର୍କରେ ଗୁରୁତ୍ୱ ଦେଇ ନ ଥିଲା। ଫଳରେ ସମିତି ଅସନ୍ତୋଷ ବ୍ୟକ୍ତ କରି ଡାକରା ଦେଇଥିବା ଆନ୍ଦୋଳନରୁ ଓହରିବ ନାହିଁ ବୋଲି କହିଥିଲା। ଯାହା ଖଣି କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ହୋଇଥିଲା। ଏନେଇ ସଂଗ୍ରାମ ସମିତି ପୂର୍ବସୂଚନା ଅନୁସାରେ ସୋମବାର ଆନ୍ଦୋଳନ ପାଇଁ ସଜବାଜ ହେଉଥିବାବେଳେ ଖଣି କର୍ତ୍ତୃପକ୍ଷ ପୁନର୍ବାର ସଂଗ୍ରାମ ସମିତିକୁ ଅନୁରୋଧ କରି ଆଲୋଚନା ପାଇଁ ଆହ୍ୱାନ କରିଥିଲା। ଖଣି କର୍ତ୍ତୃପକ୍ଷଙ୍କ ଅନୁରୋଧକୁ ରକ୍ଷାକରି ଲଖନପୁର କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଖଣି କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରବନ୍ଧକ ଅନିଲ କୁମାର ସିଂ, ଆର୍ ଆଣ୍ଡ ଆର୍ ଅଧିକାରୀ ମିତ୍ରଭାନୁ ବଡ଼େଇ, ଅରୁଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଂଗ୍ରାମ ସମିତି ତରଫରୁ ସଭାପତି ବିରଞ୍ଚି ସାହୁ, ଉପସଭାପତି ଗଙ୍ଗାପ୍ରସାଦ ଦୀପ, ସମ୍ପାଦକ ଲୋକନାଥ ବୁଢ଼ିଆ, କୋଷାଧକ୍ଷ ସରୋଜ ଛଞ୍ଚାଣ, ଉପଦେଷ୍ଟା ଗୋପୀନାଥ ମାଝି, ସାଧୁ ଚରଣ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପ୍ରଥମେ ସଂଗ୍ରାମ ସମିତି ନିଜର ଦାବି ସମ୍ପର୍କରେ ନିଜ ପକ୍ଷ ରଖିଥିଲା। ସଂଗ୍ରାମ ସମିତିର କେତେକ ଦାବିକୁ ଖଣି କର୍ତ୍ତୃପକ୍ଷ ଅଣଦେଖା କରିଥିଲେ। ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସ୍ୱାର୍ଥକୁ ଅଣଦେଖା କଲାଭଳି କେତେକ ନୀତିନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ସଂଗ୍ରାମ ସମିତି ବିରୋଧକରି ବୈଠକରେ ନିଜର ଯୁକ୍ତିଯୁକ୍ତ ଦାବି ରଖିଥିଲା। ସଂଗ୍ରାମ ସମିତିର ଦାବି ସମ୍ପର୍କରେ ଖଣି କର୍ତ୍ତୃପକ୍ଷ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ଦିଗରେ ଚେଷ୍ଟାକରିବେ ବୋଲି କହିଛନ୍ତି।



ବୈଠକରେ ଉପସ୍ଥିତ ଖଣି କର୍ତ୍ତୃପକ୍ଷ ଓ ସଂଗ୍ରାମ ସମିତି କର୍ମକର୍ତ୍ତା।



ସ୍ଥାନୀୟ ଯୁବକମାନେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଲଖନପୁର,୧୪।୧୦(ଡି.ଏନ୍.ଏ.)**

ପଶ୍ଚିମବଙ୍ଗର ମୁର୍ଶିଦାବାଦରରେ କିଛିଦିନ ତଳେ ଏକ ପରିବାର ୩ ଜଣଙ୍କୁ ଦୁର୍ବୃତ୍ତମାନେ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏ ଘଟଣାକୁ ନେଇ ସାରାଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ବନ୍ଧବାହାଲ ହିନ୍ଦୁ ସମାଜ ତରଫରୁ ବନ୍ଧବାହାଲ ଜଗନ୍ନାଥ ମନ୍ଦିର ସମ୍ମୁଖରେ ମୃତକମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଘଟଣାକୁ ନିନ୍ଦା କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନଦେଇ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ହିନ୍ଦୁ ସମାଜର ଅଜୟ ବିଶ୍ୱାଳ, ବିଷ୍ଣୁ ମହାନ୍ତି, ପ୍ରଶାନ୍ତ ଖମାରୀ, ବିଶ୍ୱଜିତ ଷଡଙ୍ଗୀ, ସରୋଜ ପ୍ରଧାନ, ରମେଶ ସିଂ ପ୍ରମୁଖ ଉପସ୍ଥିତଥିଲେ।



ରାଜସ୍ଥାନ ଏକ ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ରାଜ୍ୟ। ଏହାର ମରୁଭୂମିରେ ପର୍ଯ୍ୟଟନ ଏକ ଆର୍ଥିକ ସମ୍ପତ୍ତି, ଯାହା ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ବହୁ ସମ୍ଭାବନା ବହନ କରେ।

-କଲରାଜ ମିଶ୍ର, ରାଜସ୍ଥାନ ରାଜ୍ୟପାଳ



## ସଂକ୍ଷେପରେ

### ଆଜି ରାଜ୍ୟପାଳଙ୍କ ୨ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ

ସୁନ୍ଦରଗଡ, ୧୪।୧୦ (ଡି.ଏନ୍.ଏ.) ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ୨ ଦିନିଆ ସୁନ୍ଦରଗଡ ଜିଲା ଗସ୍ତରେ ଆସୁଛନ୍ତି। ରାଜ୍ୟପାଳ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ମଙ୍ଗଳବାର ସକାଳ ୮ଟାରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରିବେ। ପୂର୍ବାହ୍ନ ୧୦ଟାରେ ରାଉରକେଲାରେ ପହଞ୍ଚିବେ। ରାଉରକେଲା ହାଉସରେ ପହଞ୍ଚି ସେଠାରୁ ଦିନ ୧୧ଟାରେ କାଂଶବାହାଲ ଲାଇଙ୍ଗସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବେ। ସେଠାରୁ ସାଢେ ୧୨ଟାରୁ ବାହାରି ମଧ୍ୟାହ୍ନ ସାଢେ ୧ଟାରେ ସୁନ୍ଦରଗଡ ସର୍କିଟ ହାଉସରେ ପହଞ୍ଚି ମଧ୍ୟାହ୍ନ ଭୋଜନ ସାରିବେ। ଅପରାହ୍ନ ୩ଟାରେ କିରେଇ ଭବାନିପୁରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କର ରାଉରକେଲା ପ୍ରତ୍ୟାବର୍ତ୍ତନ କରିବେ। ସେଠାରେ ରାତ୍ରି ଯାପନ ପରେ ବୁଧବାର ସକାଳ ୮ଟାରୁ ବାହାରି ୯ଟା ୩୦ରେ ଲହୁଣୀପଡା ଏକଲବ୍ୟ ବିଦ୍ୟାଳୟ ପରିଦର୍ଶନ କରିବେ। ସେଠାରୁ ପ୍ରତ୍ୟାବର୍ତ୍ତନ କରି ରାଉରକେଲା ହାଉସରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୨ଟ ୩୦ରେ କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବେ। ରାଉରକେଲାରୁ ସନ୍ଧ୍ୟା ସାଢେ ୬ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

■ ଏଆଇସିସି ସାଧାରଣ ସମ୍ପାଦକ ଶେଖ ମସ୍ତାନ ଅଲୀଙ୍କ ସୁନ୍ଦରଗଡ଼ ଗସ୍ତ

# ତେଜିଲା ହେମାନନ୍ଦ ହଟାଅ ସ୍ୱର

**ସୁନ୍ଦରଗଡ, ୧୪।୧୦ (ଡି.ଏନ .ଏ.)**

୨୦୧୯ ସାଧାରଣ ନିର୍ବାଚନ ପରେ ଏଆଇସିସି ସାଧାରଣ ସମ୍ପାଦକ ଶେଖ ମସ୍ତାନ ଅଲୀ ରବିବାର ସୁନ୍ଦରଗଡ ଜିଲା ଗସ୍ତରେ ଆସିଛନ୍ତି। ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ସହ ସାଂଗଠନିକ ସ୍ଥିତି ସମ୍ପର୍କରେ ସେ ଆଲୋଚନା କରିଛନ୍ତି। ହେଲେ ସୁନ୍ଦରଗଡ ଜିଲାର ପୂର୍ବତନ ଏମ୍‌ପି ତଥା ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ ଅନୁପସ୍ଥିତି ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବହୁ କର୍ମକର୍ତ୍ତା ଓ କର୍ମୀ ହେମାନନ୍ଦଙ୍କ ବିରୋଧରେ ଖୋଲାଖୋଲି ମନ୍ତବ୍ୟ ଦେଇଥିଲେ । ଅତୀତରେ ହେମାନନ୍ଦଙ୍କ କାର୍ଯ୍ୟକଳାପ ନେଇ ତୃଣମୂଳସ୍ତରର କର୍ମୀଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି ହୋଇଥିବା ନେଇ ବୈଠକରେ ଖୋଲାଖୋଲି ଅଭିଯୋଗ ଉଠିଥିଲା। ଗତ ନିର୍ବାଚନ ସମୟରେ ନିଜର ୨ ଝିଅଙ୍କୁ ନିର୍ବାଚନ ରଣାଙ୍ଗନରେ ଛିଡା କରାଇବା ସହ ଦଳ ବିରୋଧୀ କାର୍ଯ୍ୟକୁ ନେଇ କର୍ମୀମାନେ ହେମାନନ୍ଦଙ୍କୁ କଟୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଶତାଧିକ ଦଳୀୟ କର୍ମୀ ବୈଠକରେ ହେମାନନ୍ଦ ହଟାଅ, କଂଗ୍ରେସ ବଞ୍ଚାଅ ନାରା ଦେବାକୁ ପଛାଇ ନ ଥିଲେ। ଏ ନେଇ ହେମାନନ୍ଦଙ୍କୁ ପଚାରିବାରୁ ସେ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି ଯେ, କଂଗ୍ରେସରେ ଥିବା କେତେକ କୁଚକ୍ରୀ ଗୋଷ୍ଠୀ ତାଙ୍କ ବିରୋଧରେ ଏଭଳି ଷଡଯନ୍ତ୍ର କରି ତାଙ୍କୁ ବଦନାମ କରିବା ପାଇଁ ଉଦ୍ୟମ କରୁଛନ୍ତି। ଯେଉଁମାନେ ଏଭଳି କରୁଛନ୍ତି ସେମାନେ ପ୍ରକୃତରେ କଂଗ୍ରେସ ପ୍ରେମୀ ବୋଲି ଧରାଯିବ ନାହିଁ। ଦଳପ୍ରତି ତାଙ୍କର ଅନେକ ଅବଦାନ ଅଛି। ସେ କୌଣସି ଦଳବିରୋଧୀ କାର୍ଯ୍ୟ କେବେ ବି କରି ନାହାନ୍ତି କି କରିବାକୁ ସାହସ ମଧ କରିବେ ନାହିଁ। ଦଳର ସେ ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା। ଗତ ସାଧାରଣ ନିର୍ବାଚନ ସମୟରେ ସେ ଅସୁସ୍ଥତା ହେତୁ ପ୍ରଚାର ପାଇଁ ବାହାରି ପାରି ନ ଥିଲେ ବୋଲି ରୋକ୍‌ଠୋକ୍ କହିଛନ୍ତି। କେବଳ ସାନ ଝିଅ ଅମିତା ବିଶ୍ୱାଳଙ୍କ ସପକ୍ଷରେ ପ୍ରଚାର କରିଥିଲେ।

ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବୈଠକ ବସିଥିଲା। ଜିଲା ସଭାପତି ବେଣୁମାଧବ ତ୍ରିପାଠୀ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲା ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ତଳସରାର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝୀ, ରାଜଗାଙ୍ଗପୁର ବିଧାୟକ ଡାଃ ସିଏସ ରାଜେନ ଏକ୍କା ଓ ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ରାଉରକେଲା ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲା ସଭାପତି ବୀରେନ ସେନାପତି, ରଘୁନାଥପାଲି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ସୁନ୍ଦରଗଡ ବିଧାୟକ ପ୍ରାର୍ଥିନୀ ଅମିତା ବିଶ୍ୱାଳ, ପିସିସି ସାଧାରଣ ସଂପାଦକ ରାଜକିଶୋର ଷଡଙ୍ଗୀଙ୍କ ସମେତ ସୁନ୍ଦରଗଡ ଜିଲାର ୭ଟି ବିଧାନସଭା କ୍ଷେତ୍ରର ଦଳୀୟ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଦଳୀୟ ସାଂଗଠନିକ ସ୍ଥିତି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥଲା। ଦଳକୁ ସଂଗଠିତ କରିବାକୁ ଦଳୀୟ ନେତୃବୃନ୍ଦ ବିଭିନ୍ନ ଗଠନମୂଳକ ପ୍ରସ୍ତାବମାନ ଦେଇଥିଲେ। କୈଳାଶ ସାହୁ, ସାବିର ହୁସେନ, ଇନ୍ଦ୍ର ମୋହନ ପଣ୍ଡା, ନିମାଇଁ ନାଏକ, ରବି ରାୟ, ପ୍ରଫୁଲ୍ଲ ସୁନାନୀ, ରାଉରକେଲାର ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଇକବାଲ ମଲ୍ଲିକ, ଅଜିତ ପ୍ରସାଦ, ଇଫତିଜାର ଅହମ୍ମଦ, ବିକ୍ରମ ପଟ୍ଟନାୟକ, ସରୋଜିନୀ ବାଙ୍କୁରା, ଅରୁଣ ସାମଲ, ପ୍ରମୋଦ ପ୍ରଧାନ, ଜୋତି ଡୁଙ୍ଗଡୁଙ୍ଗ, ଦେବବ୍ରତ ବିହାରୀ, ପ୍ରଫୁଲ୍ଲ ପ୍ରଧାନ, ବିକ୍ରମ ପଟ୍ଟନାୟକ, ଯୁବ କଂଗ୍ରେସ ରଭାପତି ମଣ୍ଟି ରକ୍ସା, ପ୍ରବୋଧ ଦାସ, ସୁନୀଲ ପଟ୍ଟନାୟକ, ଜ୍ଞାନେନ୍ଦ୍ର ଦାସ, ସୁଧାକର ମଲ୍ଲିକ, ଛାତ୍ରନେତା ସୂଯକାନ୍ତ ନାଏକ, ସତାଫ ଅହମ୍ମଦ, ସରୋଜ ଜେନା, ପ୍ରସନ୍ନ ବଳିୟାର ସିଂ, ମାତା ପ୍ରସାଦ ଜୟସ୍ୱାଲ, ମହମ୍ମଦ ଫୟିମ ପ୍ରମୁଖ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଉଦ୍‌ବୋଧନ ଦେଉଛନ୍ତି।

### ଜୁଆ ଆଡ୍ଡାରୁ ୪ ଅଭିଯୁକ୍ତ ଗିରଫ

**ବେଦବ୍ୟାସ, ୧୪।୧୦ (ଡି.ଏନ.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡି ଅଧୀନ ମିଳନ ଗଳି ଅଞ୍ଚଳରେ ରବିବାର ରାତିରେ କଲୁଙ୍ଗା ଫାଣ୍ଡି ପୋଲିସ ଚଢ଼ାଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଲୁଙ୍ଗା ଅଞ୍ଚଳର ସୁମିତ ଠାକୁର (୩୦), ରୋଶନ ଠାକୁର (୨୬), ମହମ୍ମଦ କଲିମ (୪୨) ଓ ଲାଠିକଟା ଅଞ୍ଚଳର ମହମ୍ମଦ ସର୍ଫରାଜ ଅନସାରୀ (୨୯)। ସେମାନଙ୍କ ନିକଟରୁ ୫୩୫୦ ଟଙ୍କା, ୪ଟି ବାଇକ୍ ଓ ୩ଟି ମୋବାଇଲକୁ ପୋଲିସ ଜବତ କରିଛି।

### ୨୦ରେ ବହୁଭାଷୀ କବିତା ପାଠୋତ୍ସବ

**ସମ୍ବଲପୁର, ୧୪।୧୦ (ବ୍ୟୁରୋ)**

ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଚଳିତ ମାସ ୨୦ ତାରିଖ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଏଥିରେ କବିମାନେ କବିତା ପାଠ କରିବା ସହ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ। ଏଥିସହ କବିତା, ସାହିତ୍ୟ, ସମାଜସେବା ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ସୋମବାର କୁଲୁଥକାନୀଠାରେ ସମ୍ବଲ ଭୂମି ଅନୁଷ୍ଠାନର ଏକ ପ୍ରସ୍ତୁତି ବୈଠକରେ ଶିଶୁ ସାହିତ୍ୟିକ ପ୍ରହଲ୍ଲାଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହା ସ୍ଥିର କରାଯାଇଛି।

# ସିଡିଏମ୍‌ଓଙ୍କୁ ସମର୍ଥନ କରି ସୁନ୍ଦରଗଡ଼ ବନ୍ଦ

**ସୁନ୍ଦରଗଡ, ୧୪।୧୦ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସିଡିଏମ୍‌ଓ ଡାକ୍ତର ପଙ୍କଜ କୁମାର ପଟେଲଙ୍କୁ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିୟାନ ରବିବାର ନିଲମ୍ବିତ କରିଛନ୍ତି। ହେଲେ ସିଡିଏମ୍‌ଓଙ୍କୁ ସମର୍ଥନ କରି ତଥା ତାଙ୍କ ନିଲମ୍ବନର ପ୍ରତିବାଦରେ ସୋମବାର ଭାଜପା ପକ୍ଷରୁ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟିଆ ସୁନ୍ଦରଗଡ ସହର ବନ୍ଦ କରାଯାଇଛି। ଅବଶ୍ୟ ଏହି ବନ୍ଦ ଯୋଗୁ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ ପ୍ରଭାବିତ ହୋଇ ନ ଥିଲା। ହେଲେ ଦୋକାନ ବଜାର ବନ୍ଦ ରହିଥିଲା । ବିଭିନ୍ନ ସ୍କୁଲକଲେଜ ଓ ଶିକ୍ଷାନୁଷ୍ଠାନ ଗୁଡିକ ଖୋଲା ଥିଲା। ହେଲେ ଭାଜପା କର୍ମୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରି ବନ୍ଦ କରିଥିଲେ । ଏହି ବନ୍ଦକୁ ଜିଲା ଓକିଲ ସଂଘ ସମର୍ଥନ ଦେଇଥିଲା । ଫଳରେ କୋର୍ଟ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ଅଚଳ ରହିଥିଲା । ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର, ଅଜୟ ପଟେଲ, ଯଶୋବନ୍ତ ନାଏକ, ଯୁବ ମୋର୍ଚ୍ଚା ସଭାପତି ଆଶିଷ ପଟେଲ, ଆଡଭୋକେଟ ପ୍ରଦୀପ ମହାନ୍ତି, ଉମାଶଙ୍କର ପଟେଲ, ଶୋଭନ ହୋତା, ଶ୍ରୀକାନ୍ତ ଭଞ୍ଜ, ସଂଯୁକ୍ତା ନାଏକ, ଲତିକା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ବିଭିନ୍ନ ଦୋକାନ ବଜାର ଓ ସରକରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରି ବନ୍ଦ କରିଥିଲେ। ଜଣେ କର୍ତ୍ତବ୍ୟନଷ୍ଠ ଡାକ୍ତରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ନିଲମ୍ବନ କରାଯିବା ଭାଜପା ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ତାଙ୍କ ନିଲମ୍ବନ ଆଦେଶକୁ ନିଃସର୍ତ୍ତ ଭାବେ ପ୍ରତ୍ୟାହାର କରାଯିବା ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ, ରବିବାର ୫-ଟି ସଚବି ପାଣ୍ଡିଆନ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ହେଲେ ଡାକ୍ତରଖାନାରେ ରୋଗୀ ସେବା କ୍ଷେତ୍ରରେ ବିଭିନ୍ନ ଅବ୍ୟବସ୍ଥା ନେଇ ଅଭିଯୋଗ ପରେ ସେ ସିଡିଏମଓଙ୍କୁ ନିଲମ୍ବନ କରି ଜିଲା ସ୍ୱାସ୍ଥ୍ୟ ସମିତିର ସଭାପତି ତଥା ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।


ସୁନ୍ଦରଗଡ଼ ବନ୍ଦ ଅବସରରେ ସୋମବାର ଦୋକାନବଜାର ବନ୍ଦ ରହିଥିବାବେଳେ ରାସ୍ତା ମଧ ଫାଙ୍କା ପଡ଼ିଛି।

- ■ ନିଲମ୍ବନ ଆଦେଶକୁ ପ୍ରତିବାଦ କଲା ଭାଜପା
- ■ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସହର ବନ୍ଦ
- ■ ପ୍ରଭାବିତ ହେଲାନି ଗାଡିମୋଟର, ଶିକ୍ଷାନୁଷ୍ଠାନ
- ■ ଦୋକାନବଜାର ଖୋଲିଲା ନାହିଁ, ସ୍ୱତଃପ୍ରବୃତ୍ତ ବନ୍ଦ
- ■ ସମର୍ଥନ ଦେଲେ ଓକିଲ, କୋର୍ଟ କାମ ବନ୍ଦ

# ସର୍ବସାଧାରଣ ସମ୍ପଦ ରକ୍ଷଣାବେକ୍ଷଣ ସଚେତନତା ସଭା

**ବଡଗାଁ, ୧୪।୧୦ (ଡି.ଏନ.ଏ.)**

ବଡଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗ୍ରାମରେ ସେବକ ସଂଗଠନ ପକ୍ଷରୁ ସର୍ବସାଧାରଣ ସମ୍ପଦର ରକ୍ଷଣାବେକ୍ଷଣ ଓ ବିକାଶକୁ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ଅହଲ୍ୟା ଲାକ୍ରା, ଗ୍ରାମର ବୟୋଜ୍ୟେଷ୍ଠ ରୁଦ୍ର ପୃଷେଟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ସଭାରେ ଚକ୍ରଧର ପୃଷେଟ ଅଞ୍ଚଳର ସର୍ବସାଧାରଣ ସମ୍ପଦ ଯଥା ଜଙ୍ଗଲ, ବଣ୍ୟପ୍ରାଣୀ, ଅନାବାଦୀ, ଗୋଚର, ଜଳାଶୟ, ନଈ, ନାଳ, ଗ୍ରାମଦେବୀ (ଦେମୁଲ) ସ୍ଥଳ, ସ୍ମଶାନ ଇତ୍ୟାଦିର ରକ୍ଷଣାବେକ୍ଷଣ ଗ୍ରାମବାସୀଙ୍କ ଦ୍ୱାରା କରାଯିବା ଓ ଗୋଷ୍ଠୀ ଗତଭାବେ ଏହାର ବିକାଶ ପ୍ରତି ଯତ୍ନବାନ ହେବାକୁ ବୁଝାଇଥିଲେ। ଗ୍ରାମବାସୀ ଏହାକୁ ସ୍ୱାଗତ କରି ସମ୍ମତି ଜଣାଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରୁ ଏଥିପାଇଁ ଗ୍ରାମବାସୀ ଦୀର୍ଘ ମିଆଦି ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା।



କୁରେଇବଗାରେ ଅନୁଷ୍ଠିତ ସଚେତନତା ସଭାରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟମାନେ।

# ସବ୍‌ଡେଗା ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ସବଡେଗା, ୧୪।୧୦ (ଡି.ଏନ.ଏ.)**

ସବଡେଗା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ନିଖିଳ ପବନ କଲ୍ୟାଣ ଯୋଗଦେଇ ଲୋକଙ୍କର ଅଭିଯୋଗ ଶୁଣିଛନ୍ତି। ଯଥାଶୀଘ୍ର ସମାଧାନ କରିବାକୁ ସେ ବିଭାଗୀୟ କର୍ମଚାରୀମାନଙ୍କୁ ଆଦେଶ ଦେଇଥିଲେ । ଅନ୍ୟପକ୍ଷେ ୭ ଦିନ ଭିତରେ ସମସ୍ୟା ସମାଧାନ ନ ହେଲେ ପୁଣି ଅଭିଯୋଗ କଲେ ସେ ବ୍ୟବସ୍ଥା କରିବେ ବୋଲି କେତେକ ଅଭିଯୋଗକାରୀଙ୍କୁ କହିଛନ୍ତି। ତେବେ ବ୍ଲକର ଜଣେ ମହିଳା କର୍ମଚାରୀ ଲୋକଙ୍କୁ ହଇରାଣ କରୁଥିବା ଅନେକ ଅଭିଯୋଗ କରିଥିଲେ। ଉକ୍ତ କର୍ମଚାରୀଙ୍କୁ ଠିକ୍ ଭାବେ କାର୍ଯ୍ୟ ତୁଲାଇବାକୁ ଜିଲାପାଳ ତାଗିଦ କରିଥିଲେ। ସବଡେଗା ବ୍ଲକ ଅଧ୍ୟକ୍ଷ ମନୋଜ ବାରୁଆ, ବିଡିଓ ଲମ୍ବୋଦର ଧରୁଆ ଉପସ୍ଥିତ ଥିଲେ।



ସବଡେଗା ବ୍ଲକ କାର୍ଯ୍ୟାଳୟରେ ସୋମବାର ଲୋକେ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରୁଛନ୍ତି।

### ଭୋଟର ତାଲିକା ସଂଶୋଧନ ନେଇ ବୈଠକ

ସୁନ୍ଦରଗଡ, ୧୪ ।୧୦ (ଡି.ଏନ୍.ଏ.) – ସୁନ୍ଦରଗଡ଼ରେ ମତଦାତା ଯାଞ୍ଚ ଏବଂ ମତଦାତା ତାଲିକା ସଂଶୋଧନ ନେଇ ଏକ ପ୍ରଶାସନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, କଂଗ୍ରେସର ବେଣୁଧର ତ୍ରିପାଠୀ, ପର୍ଶୁରାମ ସରାଫ, ବିଜେଡିର ଜୟ ନାରାୟଣ ତ୍ରିପାଠୀ, ଭାଜପାର ସୁରେନ୍ଦ୍ର ସ୍ୱର୍ଣ୍ଣକାର, ବସନ୍ତ ବେହେରା, ଡେପୁଟି କଲେକ୍ଟର ଲୀନା କୁମାରୀ ଖେସ, ଲୀଳାଧର କାଲୋ, ସୁଦାମ ପଟେଲ, ଅରବିନ୍ଦ ଭିତ୍ରିଆ, ଚନ୍ଦ୍ରମଣି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଲହୁଣୀପଡା ଅଞ୍ଚଳରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ



**ଲହୁଣୀପଡା, ୧୪।୧୦ (ଡି.ଏନ.ଏ.)**

ଲହୁଣୀପଡା ବ୍ଲକର ବିଭିନ୍ନ ଗାଁ ମାଁ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି । ପ୍ରତ୍ୟେକ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ସହିତ ରଙ୍ଗୀନ ଆଲୋକମାଳାରେ ଝଲସି ଉଠିଛି। ଲହୁଣୀପଡା ପଞ୍ଚାୟତ ଗମାରଡିହି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଧୁମଧାମରେ ପୂଜା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ପ୍ରଫୁଲ୍ଲ ମାହାନ୍ତ, ଘାସିରାମ ପାତ୍ର, ଉପନ୍ଦ୍ରେ ରାୟ, ଅବିନିଶ ରାୟ, ପରମାନନ୍ଦ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହେଉଛି। ଅର୍କେଇକଳା, ତୁମକଳା, ଗମଲେଇ, ଗୁଡ଼ିଆଲି, ରାଜାମୁଣ୍ଡା, ଶରଧାପୁର, କେନାପାଲି, ବୁଢ଼ିପାଲି, ଠାକୁରପାଲି, କଲେଇପୋଷ, ଶୁକପାଲି, ଯାତ୍ରା ପଡିଆ, ଖୁଣ୍ଟଗାଁ, ସୁଆରପାଲି, ଉଲସୁରେଇ, ଟାଙ୍କଯୋଡା, ନୂଆପଡା, ବାସୁବାହାଲ ସମେତ ବିଭିନ୍ନ ଗ୍ରାମରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ହେବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି।

# ୩୧କୁ ୮୧ ଲେଖି ୫୦ ହଜାର ଟଙ୍କା ହଡ଼ପ

**ବଡଗାଁ,୧୪।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ଥିବା ସମବାୟ ସମିତି (ଲ୍ୟାମ୍ପ୍ସ)ରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ଗତ ୧୦ବର୍ଷ ମଧ୍ୟରେ ହୋଇଆସିଛି । ଜାଲିଆତି କରି ଋଣ ଉଠାଣ, ଅଜଣା ବ୍ୟକ୍ତିଙ୍କ ନାଁରେ ଋଣ ପ୍ରଦାନ, ଅନ୍ୟ ଜିଲାର ଜମି ପଟ୍ଟାରେ ଧାନ କିଣା, ଭୂତ କର୍ମଚାରୀ ନାମରେ ୫ଲକ୍ଷ ଟଙ୍କା ଆତ୍ମସାତ, କ୍ଷମତା ବ୍ୟବହାର କରି ବେନିୟମ ଭାବେ ଦୀର୍ଘବର୍ଷ ଭତ୍ତା ଟଙ୍କା ଉଠାଣ, ୪୮୦ ବସ୍ତା ୟୁରିଆ ସାର ହଡପ ହୋଇଥିବା ଅତୀତରେ ଜଣାପଡିଥିଲା। ବର୍ତ୍ତମାନ ଧାନ କିଣା ବାବଦ ୩୧ହଜାର ଟଙ୍କାକୁ ସଞ୍ଚୟ ଜମା ଖାତାରେ ଜମା କଲାବେଳେ ୩୧ହଜାକୁ ୮୧ହଜାର ଲେଖି ୫୦ ହଜାର ଟଙ୍କା ହଡପ କରାଯାଇଥିବା ଜଣାପଡିଛି। ମିଳିଥିବା ତଥ୍ୟାନୁଯାୟୀ, ୨୦୧୦ ମାର୍ଚ୍ଚ ୩୧ ତାରିଖ ପାମରା ଟେମନେପଡାର ସୁଶୀଲ କେର୍କେଟା ନାମକ ଜଣେ ନାବାଳକଙ୍କ ନାମରେ ଲ୍ୟାମ୍ପ୍ସରେ ୩୧ ହଜାର ଟଙ୍କାର ଧାନ ବିକ୍ରି ହୋଇଥିଲା। ଧାନ ବାବଦରେ ୩୧ ହଜାର ଟଙ୍କାର ଚେକ୍ କଟାଗଲା ପରେ ତାକୁ ସଞ୍ଚୟ ଜମା ଖାତାରେ ୩୧ର ଏକକ ସଂଖ୍ୟା ଇଂରାଜୀରେ ୩କୁ ଓଭର ରାଇଟିଂ କରି ୮ କରାଯାଇ ଟଙ୍କା ଉଠାଣ କରାଯାଇଥିଲା । ୨୦୧୦ ମସିହା ମରର୍ଚ୍ଚ ୩୧ରୁ ୨୦୧୬ ଜୁନ ୭ ତାରିଖ ମଧ୍ୟରେ ୮୧ ହଜାର ଟଙ୍କା ଉଠାଣ କରିନିଆଯାଇଥିଲା । ତେବେ ଦୀର୍ଘ ୯ବର୍ଷ ମଧ୍ୟରେ ଅନେକ ଥର ଅଡିଟ୍ ହୋଇଥିଲେ ମଧ୍ୟ ଓଭରରାଇଟିଂ ଅଡିଟରଙ୍କ ଦୃଷ୍ଟିରେ ନ ପଡିବା କିମ୍ବା ଜିଲାର କେହିଜଣେ ବିଭାଗୀୟ ଅଧିକାରୀ ଦୀର୍ଘ ୯ବର୍ଷ ପର୍ଯ୍ୟନ୍ତ ଜାଣି ନ ପାରିବା ସନ୍ଦେହ ଘେରକୁ ଆସୁଛି । ବିଡମ୍ବନାର କଥା ହେଲା ଅଡିଟରେ ଅନେକ ଦୁର୍ନୀତି ଜଣାପଡିଥିଲେ ମଧ୍ୟ କେବଳ ଜଣେ କର୍ମଚାରୀଙ୍କୁ ନିଲମ୍ବିତ କରି ବିଭାଗୀୟ ଅଧିକାରୀମାନେ ହାତବାନ୍ଧି ବସିଛନ୍ତି। ଦୁର୍ନୀତିରେ ସଂପୃକ୍ତ ଅନ୍ୟ କର୍ମଚାରୀଙ୍କ ପ୍ରତି ଅଧିକାରୀମାନଙ୍କ ଅନୁକମ୍ପା ପଛରେ ମଧ ଦୁର୍ନୀତି ଗନ୍ଧ ବାରି ହେଉଛି । ଜିଲା ଓ ଲ୍ୟାମ୍ପ୍ସର ପଦାଧିକରୀମାନଙ୍କ ଅଜାଣତରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହେବା କଦାପି ସମ୍ଭବ ନୁହେଁ । ତେଣୁ ଏହି ସବୁ ଦୁର୍ନୀତି ଓ ଅନିୟମିତତାରେ ଜିଲାର କେଉଁ ବିଭାଗୀୟ ଅଧିକାରୀମାନେ ଜଡିତ ଓ ଏହାକୁ ପରୋକ୍ଷ, ପ୍ରତ୍ୟକ୍ଷ ଭାବେ ସହଯୋଗ କରିଥିଲେ ତାହା ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ଜଣାପଡିବ । କାରଣ ସାହାଜବାହାଲ ଲ୍ୟାମ୍ପ୍ସର ଦୁର୍ନୀତି ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ଲ୍ୟାମ୍ପ୍ସକୁ ଆସି ପ୍ରାଥମିକ ତଦନ୍ତ କରିଥିଲେ। ଏହାପରେ ସେମାନେ ମଧ୍ୟ ତଦନ୍ତକୁ ନ ଆଗେଇ ଚୁପ୍ ବସି ରହିବା ଦ୍ୱାରା ସନ୍ଦେହ ପ୍ରକଟ କରାଯାଉଛି । ଜିଲାପାଳ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଲ୍ୟାମ୍ପ୍ସ ଏବଂ ଜିଲା ବିଭାଗୀୟ ଅଧିକାରୀମାନଙ୍କ ଅସଲ ଚେହେରା ପଦାକୁ ଆସିବ ବୋଲି ଚାଷୀ ଦାବି କରୁଛନ୍ତି। ତେବେ ଏହି ଦୁର୍ନୀତି ନେଇ ସାହାଜବାହାଲ ଲ୍ୟାମ୍ପ୍ସର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବେର୍ନେଦ କେର୍କେଟା କହିଛନ୍ତି ଯେ, ଭୁଲ୍‌ରେ ଏଭଳି ହୋଇଥିବ।

**ସାହାଜବାହାଲ ଲ୍ୟାମ୍ପ୍ସ**